ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ସେପ୍ଟେମ୍ବର ୨୦୨୩ ସଂଖ୍ୟା

କଥା ଓ କାହାଣୀ
ପଦ୍ୟ ଓ କବିତା
ହାସ୍ୟ ଓ ବ୍ୟଙ୍ଗ
ଇତିହାସ ଓ ପ୍ରବଂଧ
ଅନୁବାଦ ସାହିତ୍ୟ
ସମ୍ବଲପୁରୀ ଲେଖା
ଶିଶୁ କଥା
ଏବଂ
ଆହୁରି ଅନେକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା



 Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା

ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ଗଣେଷ ଚତୁର୍ଥୀ ଉପଲକ୍ଷେ ଆହ୍ୱାନ ଓଡ଼ିଆ ପରିବାରର ସଦସ୍ୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା...**

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସଂପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୦ |
| **ଗଳ୍ପ ବିଭାଗ** | | **୨୩** |
| ଅନେକ କଳାଛାଇ - ୬ | ଅଶୋକ ବିଶ୍ୱାଳ | ୨୪ |
| ବିଜୟ ଧନୁଷ | ଆର୍ଯ୍ୟକୁମାରୀ ପ୍ରଜ୍ଞା ପାରମିତା | ୩୮ |
| ବସ୍‌ଷ୍ଟାଣ୍ଡ | ରୁଦ୍ରକାନ୍ତ ରାଉତରାୟ | ୪୨ |
| ଲକ୍ଷ୍ମୀ ପ୍ରତିମା | ସସ୍ମିତା ସ୍ୱାଇଁ | ୪୭ |
| ସିଗାରେଟ୍ | ସୁଶୀଲ କୁମାର ଛାଟୋଇ | ୪୯ |
| ରୁଦ୍ରାକ୍ଷ | ସୁନନ୍ଦା ମହାନ୍ତି | ୫୨ |
| **କବିତା ବିଭାଗ** | | **୫୪** |
| ଗାଁ ମନ୍ଦିର | ଶିବ ନାରାୟଣ ଦାଶ | ୫୫ |
| ଆମ ଗାଁ (୨) | ସ୍ୱର୍ଗତ ମାୟାଧର ଦାଶ | ୬୦ |
| ମୋ ଗାଆଁ | ସୁହଂସ ଭୋଇ | ୬୬ |
| ବୃକ୍ଷର ଯଦି ଆଖି ଥା'ନ୍ତା | ବିଶ୍ୱରଞ୍ଜନ ମହାନ୍ତି | ୬୭ |
| ଦୁର୍ଗା ଦୁର୍ଗତିନାଶିନୀ | ଅମୃତନାରାୟଣ ଶତପଥୀ | ୬୯ |
| ଆଜିର ଦୁନିଆରେ | ଜ୍ୟୋତିର୍ମୟୀ ଜେନା | ୭୦ |
| ମହଲତ | ଡଃ ମନୋରଞ୍ଜନ ବିଷୋୟୀ | ୭୧ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ସମାଲୋଚନା | ଦଣ୍ଡାସି ପ୍ରଧାନ | ୭୨ |
| ସ୍ୱୟଂସିଦ୍ଧା | ପାର୍ଥ ଶବର | ୭୪ |
| ପିଣ୍ଡରୁ ଉର୍ଦ୍ଧ୍ୱରେ ତୁ... | ପ୍ରଭାସ କୁମାର ମହାପାତ୍ର | ୭୯ |
| ଜୀବନର ମାନେ ନାହିଁ | ଶିଶିର କୁମାର ସାମଲ | ୮୦ |
| ମୁକ୍ତିପଥେ ଗୁରୁ ଆଲୋକବର୍ତ୍ତିକା | ଅନୁପମା ବିଶ୍ୱାଳ | ୮୧ |
| ହୀରାମଣି | ସଞ୍ଜୟ ଖେମୁଣ୍ଡୁ | ୮୨ |
| ଗୋଟିଏ ନିଷ୍ପତ୍ତି | ପଙ୍କଜ କୁମାର ମଙ୍ଗଳ | ୮୪ |
| ଖୁଦୁରୁକୁଣୀ ଯେ ସାର | ପ୍ରଦୀପ୍ତ କୁମାର ଦାସ | ୮୫ |
| ପ୍ରେମ ଠିକଣା | ତ୍ରିନାଥ ନନ୍ଦୀ | ୮୭ |
| ଜୀବନ ଯାତ୍ରା | ଭବାନୀ ଶଙ୍କର ଦାଶ | ୮୮ |
| କୁମ୍ଭକର୍ଣ୍ଣର ପ୍ରଶ୍ନ | ବିନୟାନନ୍ଦ ବସ୍ତିଆ | ୮୯ |
| ମାରିବାକୁ ଇଚ୍ଛା ପଚୁଆ ନାତ | ଶିଶିର କୁମାର ପଣ୍ଡା | ୯୧ |
| ରକ୍ଷା ବନ୍ଧନ | ସରୋଜ ସାହୁ | ୯୨ |
| ସାହିତ୍ୟ ଆକାଶେ ଧ୍ରୁବତାରା | ପ୍ରଶାନ୍ତ କୁମାର ନାଥ | ୯୩ |
| ଏଠି କେହି ନୁହେଁ କାହାର | ରଞ୍ଜିତା ଦାଶ | ୯୪ |
| ହେ ଗୁରୁ ତୁମେ ମଙ୍ଗଳମୟ | ମହେନ୍ଦ୍ର ପ୍ରସାଦ ଦାସ | ୯୭ |
| ହେ ଗୁରୁ ତୁମେ ମଙ୍ଗଳମୟ | ସତ୍ୟ ନାରାୟଣ ସାହୁ | ୯୯ |
| ଜହ୍ନରେ ଆମରି ନାଁ | ପ୍ରଫୁଲ୍ଲ କୁମାର ହୋତା | ୧୦୦ |
| ମୋ ଭାଇ ହୃଦୟ ରାଜା | ଶୁଭଲକ୍ଷ୍ମୀ ସେଠୀ | ୧୦୨ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଭୁଲିନି ଆକାଶ ଧରିତ୍ରୀ ପ୍ରୀତି | ଶାନ୍ତିଲତା ପଣ୍ଡା | ୧୦୪ |
| ଭୁଲିନି ଆକାଶ ଧରିତ୍ରୀ ପ୍ରୀତି | ସ୍ୱପ୍ନା ମହାନ୍ତି | ୧୦୬ |
| ଭୁଲିନି ଆକାଶ ଧରିତ୍ରୀ ପ୍ରେମ | ଅରୁନ୍ଧତୀ ଲେଙ୍କା | ୧୦୮ |
| ଭୁଲିନି ଆକାଶ ଧରିତ୍ରୀ ପ୍ରେମ | ରାଧାଶ୍ୟାମ ମହାନ୍ତି | ୧୦୯ |
| ଭୁଲିନି ଆକାଶ ଧରିତ୍ରୀ ପ୍ରେମ | ସ୍ୱାଗତିକା ସାହୁ | ୧୧୦ |
| ଜହ୍ନରେ ଜୟହିନ୍ଦ୍ | ବିବାସିନୀ ପଟ୍ଟନାୟକ | ୧୧୨ |
| ଗୁରୁ ଦିବସ | ସଂଯୁକ୍ତା ସାହୁ | ୧୧୪ |
| ମୁଁ ସୁବିଧାବାଦୀ ନା ସ୍ୱାର୍ଥପର | ନାରାୟଣ ଚନ୍ଦ୍ର ସେନାପତି | ୧୧୬ |
| ମୁଁ ସୁବିଧାବାଦୀ ନା ସ୍ୱାର୍ଥପର | ବିନୋଦିନୀ ଦାଶ | ୧୨୦ |
| କହ ଜହ୍ନ ତୋ ବୟସ କେତେ | ସରିତା ମହାନ୍ତି | ୧୨୨ |
| ମାଆ ସେ ତ ସବୁମାପର ଊର୍ଦ୍ଧ୍ୱରେ | ପ୍ରତାପ କିଶୋର ରାଉତ | ୧୨୪ |
| ଜହ୍ନ ତୁମେ | ବିଷ୍ଣୁ ପ୍ରସାଦ ମିଶ୍ର | ୧୨୬ |
| ତ୍ୟାଗ ଆଜି କାନ୍ଦୁଛି ସନ୍ଦେହ ଧକ୍କାରେ | ସନ୍ତୋଷ କୁମାର ସାହୁ | ୧୨୮ |
| ତ୍ୟାଗ ଆଜି କାନ୍ଦୁଛି ସନ୍ଦେହ ଧକ୍କାରେ | ଗୀତାଞ୍ଜଳି ଭୂୟାଁ | ୧୨୯ |
| ତ୍ୟାଗ ଆଜି କାନ୍ଦୁଛି ସନ୍ଦେହ ଧକ୍କାରେ | ଜନରଞ୍ଜନ ପ୍ରଧାନ | ୧୩୧ |
| ତ୍ୟାଗ ଆଜି କାନ୍ଦୁଛି ସନ୍ଦେହ ଧକ୍କାରେ | ନଳିନୀପ୍ରଭା ମିଶ୍ର | ୧୩୨ |
| ଅପୂର୍ବ ରକ୍ଷା ବନ୍ଧନ | ଭରତବନ୍ଧୁ ବିଶ୍ୱାଳ | ୧୩୩ |
| ରାକ୍ଷୀ କହେ ହସି ହସି | ନୂତନ କୁମାର ବେହେରା | ୧୩୪ |
| ଅତୁଟ ବନ୍ଧନ | ନଳିନୀ ଦାଶ | ୧୩୬ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ବାତ୍ସଲ୍ୟ ପ୍ରେମ | ତାନଶ୍ରୀ ପାଣିଗ୍ରାହୀ | ୧୩୮ |
| ବାତ୍ସଲ୍ୟ ପ୍ରେମ | ବିଦ୍ୟୁତପ୍ରଭା ମିଶ୍ର | ୧୩୯ |
| ବାତ୍ସଲ୍ୟ ପ୍ରେମ | ଭାସ୍କର ରାଉତ | ୧୪୦ |
| ଶରତ ଶେଫାଳି | ଶିବ ପ୍ରସାଦ ଚାନ୍ଦ | ୧୪୧ |
| ସ୍ୱପ୍ନ ଥିଲା ପ୍ରିୟା ପାଇଁ | ସୁପ୍ରିୟା ମହାନ୍ତି | ୧୪୨ |
| ଦେବକୀର କୃଷ୍ଣ ନା ଯଶୋଦାର | ରମେଶ ଟାକ୍ରୀ | ୧୪୪ |
| ଭୋକର ଭୂଗୋଳ | ପ୍ରାଣବନ୍ଧୁ ରାଉତ | ୧୪୫ |
| ଶାସ୍ତି ସତ ସ୍ୱସ୍ତିର ସଙ୍ଘାତ | ସୀମାଞ୍ଚଳ ପଣ୍ଡା | ୧୪୭ |
| କର୍ମର ଫଳ | ପ୍ରଲିପ୍ତା ଶତପଥୀ | ୧୪୮ |
| ମାଟି ବର୍ଷାର ପ୍ରେମ | ବୈଦ୍ୟନାଥ ପଣ୍ଡା | ୧୪୯ |
| ପ୍ରଥମ ପ୍ରେମ | ଦେବାର୍ଚ୍ଚନ ମେହେର | ୧୫୧ |
| କଳଙ୍କିତ ଅଧ୍ୟାୟ | ଅରୁଣ ଡାକୁଆ | ୧୫୩ |
| ବାପା | କୀର୍ତ୍ତନ ସାହୁ | ୧୫୫ |
| ମହୁମାଛି | ହରେରାମ ପଣ୍ଡା | ୧୫୭ |
| ଶୂନ୍ୟ ନୀଡ଼ | ବିନୟ ମହାପାତ୍ର | ୧୫୮ |
| ହସ | ଜୟନ୍ତ କୁମାର ମଲ୍ଲିକ | ୧୬୦ |
| ଆସୁଛି ନିର୍ବାଚନ | ସୁଶୀଲ କୁମାର ଛାଟୋଇ | ୧୬୧ |
| ନିଅ ମୋ ପ୍ରଣତି ନିଅ | ନୀଳମଣି ଚାନ୍ଦ | ୧୬୨ |
| ମନକୁ କରିଛ ବଶ | ତାରା ପ୍ରସାଦ ଜେନା | ୧୬୩ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଜୀବନର ପଥ | ପ୍ରଶାନ୍ତ ବ୍ରହ୍ମା | ୧୬୫ |
| ସ୍ମୃତିର ଯାତ୍ରା | ଆଶୁତୋଷ ମେହେର | ୧୬୬ |
| ପେନ୍ଥାଏ ଫୁଲରୁ | ମନୋରଞ୍ଜନ ସୁରୁଜାଳ | ୧୬୮ |
| ବଦଳାଅ ଥରେ | ଅଲେଖ ମେହେର | ୧୬୯ |
| ଜୟ ଜଗନ୍ନାଥ ସ୍ୱାମୀ | କଳ୍ପନା ମିଶ୍ର | ୧୭୦ |
| କବିତା ଖାତା ଖୋଜିଲା ବେଳେ | ବିଶ୍ୱନାଥ କର | ୧୭୧ |
| ନିଃଶ୍ୱାସକୁ ନାହିଁ ଭରସା | ବାସନ୍ତୀ ଲତା ଜେନା | ୧୭୩ |
| ଇନ୍‌ଷ୍ଟାଗ୍ରାମ୍ ରିଲ୍ସ | ବିକାଶ କୁମାର ହୋତା | ୧୭୫ |
| ସଂଖ୍ୟା କ୍ରମରେ ଶିଖିବା | ଅମରନାଥ ବାରିକ | ୧୭୬ |
| **ଲୋକଭାଷା ବିଭାଗ** | | **୧୭୮** |
| ଲକ୍ଷ୍ମୀ ପୁରାନ୍ | ସତ୍ୟ ନାରାୟଣ ମିଶ୍ର | ୧୭୯ |
| ନୂଆଁଖାଇ | ସାଇ ପ୍ରସାଦ ସାହୁ | ୧୮୨ |
| ମୁଠେ ଫୁଲ୍ | କିରନ୍ ସ୍ୱାଇଁ | ୧୮୬ |
| ମୁଁହୁଁ ବହି | ସୁନୀଲ କୁମାର ଅଗସ୍ତି | ୧୮୯ |
| **ପ୍ରବନ୍ଧ ବିଭାଗ** | | **୧୯୧** |
| ନନ୍ଦକିଶୋରଙ୍କ କବିତାରେ ନୀତିଶିକ୍ଷା | କିରନ୍ ସ୍ୱାଇଁ | ୧୯୨ |
| ରାବଣ ରାମଙ୍କ ସାମାନ୍ୟ ଶତ୍ରୁ ନଥିଲା | ବିଜୟ କୁମାର ସାହୁ | ୧୯୯ |
| ଡଃ ଶଙ୍କର ଦୟାଲ ଶର୍ମା | ଅକ୍ଷୟ କୁମାର ରାଉତ | ୨୦୬ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ସହିଦ୍ ଭଗତ ସିଂ'ଙ୍କ ସ୍ୱପ୍ନର ଭାରତ | ଆଶୁତୋଷ ନାୟକ | ୨୧୨ |
| କେ ନୁହେଁ ସାହା ବିପ୍ରବର | ପଙ୍କଜ କୁମାର ପାଣିଗ୍ରାହୀ | ୨୨୧ |
| ଶ୍ରୀକୃଷ୍ଣ ଗୋବିନ୍ଦ ହରେ ମୁରାରେ | ସଞ୍ଜୀବ କୁମାର ଦାସ | ୨୩୭ |
| ମମତାମୟୀ ମାଆ | ରାମଚନ୍ଦ୍ର ପ୍ରଧାନ | ୨୪୦ |
| ନାରୀ ସମାନତା ଦିବସ | ରଶ୍ମିତା ପାତ୍ର | ୨୪୨ |
| ପାରିବେଶିକ ଅପଚୟ, ଚିନ୍ତାର କାରଣ | ଶଙ୍କର ବିଶ୍ୱାଳ | ୨୪୪ |
| ଗୀତାରେ ଧର୍ମର ସଂଜ୍ଞା | ଅମରନାଥ ବାରିକ | ୨୫୦ |
| ସମୟ ହାତରେ ଡୋରୀ | ଆଲୋକ ମେହେର | ୨୫୭ |
| ବିଶେଷ ସୂଚନା | | ୨୫୯ |


ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ୟୁଟ୍ୟୁବ୍ ଚ୍ୟାନେଲ୍ ଆଜି ହିଁ ସବସ୍କ୍ରାଇବ୍ କରନ୍ତୁ । ଏବଂ ଆହ୍ୱାନ ଇ-ପତ୍ରିକାରେ ପ୍ରକାଶିତ ସୁନିର୍ବାଚିତ କଥା କାହାଣୀ ସବୁ ଶୁଣିବାକୁ ପାଆନ୍ତୁ ।

**https://www.youtube.com/@aahwaan**

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ସମସ୍ତ ପାଠିକା ପାଠକ, ସାହିତ୍ୟିକ, ସମର୍ଥକ ଓ ଶୁଭେଚ୍ଛୁ ମାନଙ୍କୁ ପବିତ୍ର ଗଣେଷ ପୂଜାର ହାର୍ଦ୍ଦିକ ଅଭିନନ୍ଦନ । ଭଗବାନ ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ । ଛାତ୍ରଛାତ୍ରୀ ମାନେ ଅଧିକ ଧୀମାନ ହୁଅନ୍ତୁ । ସମସ୍ତ କାର୍ଯ୍ୟାରମ୍ଭ ଶୁଭମୟ ହେଉ ।

ସେପ୍ଟେମ୍ବର ମାସର ଆହ୍ୱାନ ଇ-ପତ୍ରିକା ସହ ମୁଁ ଉପସ୍ଥିତ । ଏହି ସଂସ୍କରଣରେ ଉପସ୍ଥାପିତ ଅନେକ ଆଲେଖ୍ୟ ଆପଣଙ୍କୁ ଆମୋଦିତ କରିବ ବୋଲି ଆଶା । ଏହି ସଂସ୍କରଣରେ ମଧ୍ୟ ପୂର୍ବ ସଂସ୍କରଣ ଭଳି ନୂତନ / ନବୀନ ଓ ପ୍ରବୀଣ ସାହିତ୍ୟିକ ମାନଙ୍କର ଆଲେଖ୍ୟ ପତ୍ରିକାରେ ସ୍ଥାନ ପାଇଛି । ନବୀନ ଲେଖକ ମାନଙ୍କୁ ପ୍ରୋତ୍ସାହନ ଦିଅନ୍ତୁ । ଆହ୍ୱାନ ଇ-ପତ୍ରିକା ସର୍ବଦା ନୂତନ ସାହିତ୍ୟିକଙ୍କୁ ସହାୟତା କରିବା ଉଦ୍ଦେଶ୍ୟରେ କାର୍ଯ୍ୟ କରି ଆସିଛି । ସେଇଥିପାଇଁ ଏହି ପତ୍ରିକାର କଳେବର ବୃହତ । ଅନେକ ବନ୍ଧୁ ମତ ଦେଇଛନ୍ତି ଯେ ପତ୍ରିକାରେ ଆବଶ୍ୟକ ଠାରୁ ଅଧିକ ସଂଖ୍ୟକ ଆଲେଖ୍ୟ ସ୍ଥାନ ପାଉଛି । ବିଶେଷତଃ କବିତା । ତେଣୁ କିଛି ବନ୍ଧୁ ମତ ଦେଇଛନ୍ତି ଯେ, ଯଦି ସମ୍ଭବ କବିତା ଗୁଡ଼ିକୁ ନେଇ ଯଦି ଏକ ଭିନ୍ନ ପତ୍ରିକା କିମ୍ବା ଆହ୍ୱାନର କେବଳ ଏକ କବିତା ସଂସ୍କରଣ ପ୍ରକାଶିତ ହୋଇ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାରନ୍ତା ତା ହେଲେ ଆହ୍ୱାନ ଇ-ପତ୍ରିକାର କଳେବର ଛୋଟ ହୋଇ ପାରନ୍ତା ଏବଂ ଲେଖା ଗୁଡ଼ିକରେ ରହୁଥିବା ଅନେକ ତ୍ରୁଟି ଠିକ୍ କରି ହୁଅନ୍ତା ।

ଆହ୍ୱାନ ଇ-ପତ୍ରିକାର ପ୍ରତ୍ୟେକ ସଂସ୍କରଣରେ ଅଗଣିତ ବ୍ୟାକରଣଗତ ତ୍ରୁଟି ରହୁଛି, ଏହା ସଂପାଦକ ଭାବରେ ମୁଁ ନିଜେ ସ୍ୱୀକାର କରୁଛି । ଯେତେଦୂର ସମ୍ଭବ ତ୍ରୁଟି ଗୁଡ଼ିକୁ ସମାର୍ଜନ କରିବା ପାଇଁ ଚେଷ୍ଟା କରୁଛି । ତଥାପି ଅନେକ ତ୍ରୁଟି ରହୁଛି । ଲେଖକ ମାନଙ୍କୁ ଅନେକ ନିବେଦନ କରିବା ସତ୍ତ୍ୱେ ସେମାନେ ନିଜ ଲେଖାରେ ଥିବା ତ୍ରୁଟି ପ୍ରତି ସଚେତନ ହୁଅନ୍ତି ନାହିଁ । ଜାଣେନି କାହିଁକି, କିଛି ସାହିତ୍ୟିକ ବନ୍ଧୁ ନିଜ ଆଲେଖ୍ୟକୁ ସୁନ୍ଦର ଦେଖାଯିବା ଉଦ୍ଦେଶ୍ୟରେ ସେଥିରେ ଅନେକ ଛବି / ଆଇକନ୍ ଯୋଡ଼ି ଦେଉଛନ୍ତି । ବାକ୍ୟରେ ଅନାବଶ୍ୟକ ଭାବରେ ଶବ୍ଦ ଶବ୍ଦ ଭିତରେ ଅଧିକ ଖାଲିସ୍ଥାନ / ସ୍ପେସ୍ ଦେଉଛନ୍ତି । ଗୋଟିଏ ସ୍ଥାନରେ ଦୁଇ ତିନି କିମ୍ବା ଅଧିକ କମା, ପୂର୍ଣ୍ଣଚ୍ଛେଦ ଇତ୍ୟାଦି ଦେଉଛନ୍ତି । ଏହା ଫଳରେ ଗୋଟିଏ ଗୋଟିଏ କବିତା କିମ୍ବା କାହାଣୀ ବା ପ୍ରବନ୍ଧକୁ ସଜାଡ଼ିବା ପାଇଁ ଅଧିକ ସମୟ ଲାଗୁଛି । ଅନେକ ବନ୍ଧୁ ଭାବୁଥିବେ ଯେ ଲେଖକମାନେ ତ ଲେଖାକୁ ଟାଇପ୍ କରି ପଠାଉଛନ୍ତି ତା ହେଲେ ସମ୍ପାଦନା ପାଇଁ କାହିଁକି ଅଧିକ ସମୟ ଲାଗୁଛି ? କାରଣ, ସେମାନେ ପଠାଉଥିବା ଲେଖାରେ ଅଗଣିତ ତ୍ରୁଟି ରହୁଛି । ସେସବୁକୁ ଠିକ୍ କରିବା ପାଇଁ ସମୟ ଲାଗୁଛି । ତେଣୁ ସମସ୍ତଙ୍କୁ ଅନୁରୋଧ, ନିଜ ଲେଖାକୁ ଯେତେ ସମ୍ଭବ ସରଳ / ସିମ୍ପଲ୍ ରଖନ୍ତୁ । ସଜାଇବାକୁ ଚେଷ୍ଟା କରନ୍ତୁ ନାହିଁ । ଅନାବଶ୍ୟକ କମା, ପୂର୍ଣ୍ଣଚ୍ଛେଦ, ପ୍ରଶ୍ନ ଚିହ୍ନ ବ୍ୟବହାର କରନ୍ତୁ ନାହିଁ । କବିତାରେ ଆଇକନ୍ କିମ୍ବା ଧାଡ଼ି ପୂର୍ବରୁ ଖାଲି ସ୍ଥାନ ଦିଅନ୍ତୁ ନାହିଁ । ଥାକ ଥାକ କରି ସଜାଡ଼ିବା ପାଇଁ ଚେଷ୍ଟା କରନ୍ତୁ ନାହିଁ । ଯଦି ସମ୍ଭବ ହେଉଛି ନିଜର ଆଲେଖ୍ୟକୁ କୌଣସି ବନ୍ଧୁ କିମ୍ବା ଓଡ଼ିଆ ଭାଷାକୁ ଜାଣିଥିବା ବ୍ୟକ୍ତିଙ୍କ ଦ୍ୱାରା ଦେଖାଇ ଭୁଲଭଟକା ସବୁ ଠିକ୍ କରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଠାନ୍ତୁ । ଏହା ଆମର କାର୍ଯ୍ୟକୁ ସରଳ କରିବ । ଆଶା କରୁଛି, ଆମର ଲେଖିକା ଲେଖକମାନେ ଏହି ବିଷୟ ପ୍ରତି ବିଶେଷ ସଚେତନ ରହିବେ ।

ଦ୍ୱିତୀୟ ବିଷୟ ଯାହା ମୁଁ ଜଣାଇବାକୁ ଚାହେଁ, ତାହା ହେଉଛି ଆହ୍ୱାନ ଇ-ପତ୍ରିକା ସବୁବେଳେ ନବୀନ ଲେଖକମାନଙ୍କୁ ପ୍ରୋତ୍ସାହନ ଦେଇଛି । ତେଣୁ ପ୍ରତ୍ୟେକ ମାସରେ ବହୁତ ଲେଖା ପ୍ରକାଶ ହେଉଛି । ଓଡ଼ିଶାରେ ଅନେକ ପତ୍ରପତ୍ରିକା ଏବଂ ସମ୍ବାଦ ପତ୍ରରେ ମଧ୍ୟ ସାହିତ୍ୟ ପୃଷ୍ଠା ଥିବା ସତ୍ତ୍ୱେ ସେଥିରେ ପ୍ରକାଶନ ହେତୁ ସ୍ଥାନର ଅଭାବ ରହିଥାଏ । ଏବଂ ପ୍ରତ୍ୟେକ ସମ୍ବାଦପତ୍ରର ଏକ ନିର୍ଦ୍ଦିଷ୍ଟ ସାହିତ୍ୟିକ ଗୋଷ୍ଠୀ ରହିଥାଆନ୍ତି । ପ୍ରାୟ ପ୍ରତ୍ୟେକ ସପ୍ତାହରେ କେବଳ ସେହି କିଛି ଲେଖକ ବା ସାହିତ୍ୟିକଙ୍କ ଲେଖା ହିଁ ପ୍ରକାଶିତ ହୁଏ । ତେଣୁ ଓଡ଼ିଆ ସାହିତ୍ୟରେ କିଛି ନୂତନତ୍ୱ ଆଣିବା ଉଦ୍ଦେଶ୍ୟରେ ସ୍ୱେଚ୍ଛାକୃତ ଭାବରେ ଲେଖାଲେଖି କରିବା ପାଇଁ ଆଗଭର ହୋଇଥିବା ବ୍ୟକ୍ତି ଜଣେ ଏହି ସବୁ ସମ୍ବାଦପତ୍ରରେ ନିଜର ଲେଖା ପ୍ରକାଶିତ ନ ହୋଇପାରିବା ଦୁଃଖରେ ମ୍ରିୟମାଣ ହୋଇ ଲେଖା ଛାଡ଼ି ଦେବାପାଇଁ ମନସ୍ଥ ହୋଇଥିବା କଥା ବି ଆମକୁ ଅନେକ ଜଣାଇଛନ୍ତି । ଏହିଭଳି ସମୟରେ ଯଦି ସେହି ନବୀନ ଲେଖକ ଲେଖିକାଙ୍କୁ ଏକ ପତ୍ରିକାରେ ନିଜ ଲେଖା ପ୍ରକାଶିତ ହେବାର ସୁଯୋଗ ମିଳେ, ସେମାନେ ଅଧିକ ଉତ୍ସାହର ସହ ଅଧିକ ଅଧିକ ସାହିତ୍ୟ ସର୍ଜନାରେ ବ୍ରତୀ ହୁଅନ୍ତି । ତେଣୁ ଆମେ ପ୍ରତ୍ୟେକ ମାସରେ ପାଇଥିବା ସମସ୍ତ ଆଲେଖ୍ୟକୁ ପତ୍ରିକାରେ ପ୍ରକାଶିତ କରିଥାଉ ।

ଅନେକ ବନ୍ଧୁଙ୍କୁ ଲାଗେ ଯେମିତି ଅଧିକ ବଡ଼ କଳେବର ହୋଇଗଲେ ପତ୍ରିକାର ଆଦର କମ ହୋଇପାରେ । ସେମାନେ କାହିଁକି ସେମିତି ଭାବନ୍ତି ତାହା ମୁଁ ବୁଝି ପାରେନାହିଁ । କାରଣ ଯଦି ଜଣେ ନବୀନ ଲେଖକଙ୍କ ଲେଖା ପ୍ରକାଶିତ ହୁଏ, ସେ ସ୍ୱୟଂ ପତ୍ରିକାକୁ ସମସ୍ତଙ୍କୁ ଦେଖାଇବାକୁ ଚେଷ୍ଟା କରିବ ହିଁ । ଏହା ଦ୍ୱାରା ପତ୍ରିକା ଅଧିକ ଜନପ୍ରିୟ ହୋଇପାରିବ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏବଂ ଯଦି ଆଜି ଆହ୍ୱାନ ଅଠର ବର୍ଷରେ ମଧ୍ୟ ପ୍ରକାଶିତ ହୋଇ ଆସୁଛି, ଏହାର ମୂଳ କାରଣ ହେଉଛି ଏହି ପତ୍ରିକାରେ ଲେଖା ପ୍ରକାଶିତ କରୁଥିବା ସାହିତ୍ୟିକ ମାନଙ୍କ ପତ୍ରିକା ପ୍ରତି ସ୍ନେହ, ଶ୍ରଦ୍ଧା ଓ ସମ୍ମାନ । ସେମାନଙ୍କ ପାଇଁ ହିଁ ଏହି ପତ୍ରିକା ବଞ୍ଚି ରହିଛି । ଆମେ ସବୁବେଳେ ଏହି ମନ୍ତ୍ରରେ ଅଭିମନ୍ତ୍ରିତ ହୋଇ ପତ୍ରିକାର ପ୍ରକାଶନରେ ବ୍ରତୀ ହୋଇଥିବୁ ।

ବର୍ତ୍ତମାନ ପୂଜାପର୍ବ ପର୍ବାଣୀର ସମୟ ଆସି ପହଞ୍ଚିଛି । ଗଣେଶ ପୂଜା ଠାରୁ କାଳୀ ପୂଜା ପର୍ଯ୍ୟନ୍ତ ଦୀର୍ଘ ତିନି ମାସର ପାର୍ବଣ ଋତୁ ପହଞ୍ଚିଛି । ସମୁଦାୟ ରାଜ୍ୟ ଓ ଦେଶ ଏବେ ଉତ୍ସବମୁଖର ହୋଇ ଉଠିବ । ଗଣେଶ ପୂଜା, ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, ଲକ୍ଷ୍ମୀ ପୂଜା, କାଳୀ ପୂଜା, ଦଶହରା, ଦିପାବଳୀ ଭଳି ଅନେକ ପବିତ୍ର ଉତ୍ସବ ଏହି ସମୟରେ ପାଳିତ ହେବ । ହେଲେ ଆମେ କେବେ ଚିନ୍ତା କରି ଦେଖିଛେ କି ଏହି ସବୁ ପୂଜା ଏଇ ଅଳ୍ପ ସମୟରେ ହିଁ କାହିଁକି ପାଳିତ ହୁଏ ? ସ୍ୱାଭାବିକ ଭାବରେ ଅନେକ ବନ୍ଧୁ କହିବେ ଏହା ଆମ ଧର୍ମ ଶାସ୍ତ୍ର ମାନଙ୍କରେ ଉଲ୍ଲେଖ ହୋଇଛି । ନିଶ୍ଚୟ ହୋଇଛି, ହେଲେ ସେମାନେ ଏମିତି କାହିଁକି କରିଛନ୍ତି ? ଏହା ପଛରେ କେବଳ ଧାର୍ମିକ କାରଣ ନାହିଁ, ବରଂ ରହିଛି ଅନେକ ବୈଜ୍ଞାନିକ ଏବଂ ସାମାଜିକ କାରଣ । ଆସନ୍ତୁ ଜାଣିବା ଓଡ଼ିଶାର ପର୍ବପର୍ବାଣୀ ବିଷୟରେ ।

ଆମେ ସବୁବେଳେ ଶୁଣି ଆସୁଛେ ଯେ ଓଡ଼ିଶାରେ ବାରମାସରେ ତେର ପର୍ବ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ହିଁ ଓଡିଆ ସମାଜ ଓ ଜାତିର ସମସ୍ତ ଉତ୍ସବ ପର୍ବପର୍ବାଣୀ ପାଳିତ ହୁଏ । ଇଂରାଜୀ କ୍ୟାଲେଣ୍ଡର ଜାନୁଆରୀ ମାସରୁ ଆରମ୍ଭ ହୁଏ, କିନ୍ତୁ ଆମ ଓଡ଼ିଆ କ୍ୟାଲେଣ୍ଡର ଆରମ୍ଭ ହୁଏ ବୈଶାଖ ମାସରୁ । ବର୍ଷକ ବାରମାସ, ଛଅ ଋତୁ । ଗ୍ରୀଷ୍ମ ଋତୁ ସମୟ ତେଣୁ ନିଦାଘର ଜ୍ୱାଳାରେ ଜର୍ଜରିତ ଓଡ଼ିଶାବାସୀ କୌଣସି ପ୍ରକାର ପର୍ବପର୍ବାଣୀ ପାଳନ କରନ୍ତି ନାହିଁ, ବରଂ ପଣା ସଂକ୍ରାନ୍ତି ଭଳି ଉତ୍ସବ ପାଳନ କରନ୍ତି । ଏବଂ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏହି ସମୟରେ କେବଳ ସେହି ସବୁ ପର୍ବ ପାଳିତ ହୁଏ ଯେଉଁଠି ବ୍ୟକ୍ତିଗତ ଓ ସାମାଜିକ ଧୈର୍ଯ୍ୟ ସାହାସ ଇତ୍ୟାଦି ପ୍ରଦର୍ଶନର ସୁଯୋଗ ଥାଏ । ଏହି ସମୟରେ ରାଜ୍ୟର ଅନେକ ଅଞ୍ଚଳରେ ଠାକୁରାଣୀ ଯାତ୍ରା, ଦଣ୍ଡ ନାଟ, ଝାମୁ ଯାତ୍ରା ଇତ୍ୟାଦି ପାଳିତ ହୁଏ । ଏହା ପରେ ପରେ ବର୍ଷାଋତୁ ଆସୁ ଆସୁ ପାଳନ ହୁଏ ରଜ ପର୍ବ, ଯେତେବେଳେ ରାଜ୍ୟର କୃଷକ ସମାଜ ନିଜକୁ ଚାଷବାସ ପାଇଁ ପ୍ରସ୍ତୁତ କରୁଥାଏ । ରଜପର୍ବ ପରେ ପରେ ବିଲରେ ଚାଷ କାର୍ଯ୍ୟ ଆରମ୍ଭ ହେଉ ହେଉ ଆସିଯାଏ, ଅକ୍ଷୟ ତୃତୀୟା । ଧାନ ବିଲରେ ବୁଣିଦେଇ କିଛି ଦିନ ବିଶ୍ରାମ ନେବା ସମୟରେ ଆସେ ରଥଯାତ୍ରା । ରଥଯାତ୍ରା ପରେ ସମସ୍ତେ ପ୍ରାୟ ନିଜ ଚାଷବାସକୁ ନେଇ ଚିନ୍ତିତ ହୋଇ ଯାଆନ୍ତି ସେଇଥିପାଇଁ ଆଗାମୀ କିଛି ମାସ ପର୍ଯ୍ୟନ୍ତ କୌଣସି ଉଲ୍ଲେଖନୀୟ ଉତ୍ସବ ପାଳନ ହୁଏ ନାହିଁ । ବିଲରେ ଧାନ ପବନରେ ଲହରି ଖାଇ ହଲଚଲ ହେଉଥିବା ବେଳେ ଆସେ ଜନ୍ମାଷ୍ଟମୀ, ଗହ୍ମା ପୂର୍ଣ୍ଣିମୀ, ଗଣେଶପୂଜା ଇତ୍ୟାଦି । ବିଲରେ ଧାନ ପାଚି ଆସୁଥିବା ବେଳେ ଆସେ ଶରତ ଋତୁ । ଏହି ସମୟରେ ପ୍ରାୟ ନିଷ୍ଫୁଚିରେ ବସିଥିବା ଓଡ଼ିଆ ସମାଜ ପାର୍ବଣ ପର୍ବ ପାଇଁ ନିଜକୁ ପ୍ରସ୍ତୁତ କରେ । ଏବଂ ପରେ ପରେ ଆସେ ଦୁର୍ଗାପୂଜା, ଲକ୍ଷ୍ମୀ ପୂଜା ଓ କାଳୀ ପୂଜା । ଏହି ସବୁ ଉତ୍ସବମୁଖର ଦିନ ସରିବା ବେଳକୁ ଧାନ କଟା ଆରମ୍ଭ ହୋଇଯାଏ । ପୁଣିଥରେ ଲୋକ ନିଜ ବେଉସାରେ ବ୍ୟସ୍ତ ହୋଇଯାଆନ୍ତି । ଶୀତ ଋତୁ ସରି ବସନ୍ତ ଋତୁ ଆସି ପହଞ୍ଚିଯାଏ । ବୀଣାପାଣି ସରସ୍ୱତୀଙ୍କ ପୂଜା ସହ ପିଲାଙ୍କ ପାଠ ପଢ଼ା ଚାଲେ । ପୁଣିଥରେ ଅମଳ ସମୟ ଆସେ । ଏଭଳି ବର୍ଷ ପରେ ବର୍ଷ ବିତେ । ଆମ ଜୀବନ ଜୀବିକା, ଚାଷ ବାସକୁ ଆଧାର କରି ଏହି ସବୁ ପର୍ବପର୍ବାଣୀର ଉପସ୍ଥିତି ତାହା ସହଜରେ ବୁଝିହୁଏ । ଚାଷବାସ ସମୟରେ ଲୋକମାନେ ଏତେ ମାତ୍ରାରେ ବ୍ୟସ୍ତ ରହନ୍ତି ଯେ ସେଇ ଚାରିମାସ କୌଣସି ଅନୁଷ୍ଠାନ ଯେମିତି ବିବାହ, ବ୍ରତ, ଗୃହପ୍ରତିଷ୍ଠା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଦି କରନ୍ତି ନାହିଁ । ଆମ ଭଗବାନ ମଧ୍ୟ ଆମ ଭଳି ଜୀବନଯାପନ କରନ୍ତି । ସେ ବି ଖରାଦିନରେ ନରେନ୍ଦ୍ରରେ ଯାଇ ଚାପ ଖେଳନ୍ତି, ଅଣାୟତ ସ୍ନାନ କରି ଜ୍ୱରରେ ପୀଡ଼ିତ ହୁଅନ୍ତି । ଅଣସର ଘରେ ରହନ୍ତି । ଦେହ ସୁସ୍ଥ ହେବାପରେ ମାଉସୀ ଘରକୁ ବୁଲି ଯାଆନ୍ତି । ସତରେ ଆମ ସମାଜ, ଆମ ପ୍ରଥା ଓ ପରମ୍ପରା କେତେ ପ୍ରାକୃତିକ ଏବଂ ଆମ ସହ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ଏବେ ବର୍ଷର ସେଇ ସମୟ ଉପନୀତ ଯେତେବେଳେ ପୂଜା ପର୍ବପର୍ବାଣୀ ସମଗ୍ର ଜନମାନସକୁ ଆମୋଦିତ କରେ ।

ଆମେ ଆମର ଧର୍ମ, ପରମ୍ପରାକୁ ନେଇ ଗର୍ବ ଅନୁଭବ କରୁଥିବା ବେଳେ, କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି, ଗୋଷ୍ଠୀ ଓ ରାଜନୈତିକ ଦଳ କିନ୍ତୁ ସନାତନ ହିନ୍ଦୁ ଧର୍ମକୁ ବଦନାମ କରିବାର କୁଚେଷ୍ଟା କରୁଛନ୍ତି । ବିଗତ ମାସରେ ଏଭଳି ଅନେକ ଘଟଣା ଘଟିଛି ଯାହା ବୁଦ୍ଧିଜୀବିଙ୍କୁ ଚିନ୍ତା କରିବା ପାଇଁ ବାଧ୍ୟ କରିଛି ।

ବିଗତ ସପ୍ତାହରେ ଭାରତରେ ଆୟୋଜିତ ହୋଇଥିଲା ବିଶାଳ ଜି୨୦ ସମ୍ମିଳନୀ । ବିଶ୍ୱର କୋଡ଼ିଏଟି ବିଶାଳ ଗଣତନ୍ତ୍ରର ମୁଖିଆମାନଙ୍କ ଉପସ୍ଥିତିରେ ଭାରତକୁ ଏହି ଗୋଷ୍ଠୀର ପୌରହିତ୍ୟ କରିବା ତଥା ଦିଗଦର୍ଶକ ହେବାର ସୁଯୋଗ ମିଳିଲା । ଏହି କାର୍ଯ୍ୟକ୍ରମ ପାଇଁ ସମଗ୍ର ଦିଲ୍ଲୀ ସହରକୁ ସୁନ୍ଦର ଭାବରେ ସଜ୍ଜିତ କରି ଦିଆଯାଇଥିଲା । ବିଭିନ୍ନ ଦେଶର ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଏଥିରେ ଯୋଗ ଦେବାପାଇଁ ଆସିଥିଲେ । ସେପ୍ଟେମ୍ବର ୯ ଏବଂ ୧୦ ତାରିଖରେ ଆୟୋଜିତ ଏହି ସମାବେଶ ସମଗ୍ର ବିଶ୍ୱପଟଳରେ ଏକ ଅନନ୍ୟ ଛବି ଆଙ୍କି ଦେଇଥିଲା । ଆସିଥିବା ଅତିଥିମାନେ ଏହି ସମ୍ମିଳନୀର ସନ୍ଦେଶ ଏବଂ ଅନୁଭବକୁ ନିଜ ସହ ନେଇ ନିଜ ନିଜ ଦେଶକୁ ଫେରି ଯାଇଥିଲେ । ଏତେବଡ଼ ଆୟୋଜନ କରିବା ଆମ ଦେଶ ପାଇଁ ଏକ ଗର୍ବ ଓ ଗୌରବର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଷୟ । ହେଲେ ଏହିଭଳି ସମୟରେ ବି ଭାରତର ବିପକ୍ଷ ଦଳ ସରକାରଙ୍କୁ ନିନ୍ଦା କରିବାକୁ ପଛାଇ ନଥିଲେ । ଦେଶର ଛବି ବିଦେଶରେ ଧୁମିଳ ନ ହେଉ, ଏଥିପାଇଁ ସଚେତନ ହେବା ସ୍ଥାନରେ ସେମାନେ ନିଜ ଦେଶର ଛବିକୁ ଅଧିକ ଖରାପ ଭାବରେ ଉପସ୍ଥାପନ କରିବାର ଅପଚେଷ୍ଟା କରିଥିଲେ ।

ଜି୨୦ ଶିଖର ସମ୍ମିଳନୀରେ ଯୋଗ ଦେବାପାଇଁ ଆସିଥିବା ପ୍ରାୟ ଅଧିକାଂଶ ଅତିଥି ଭାରତର ଆତିଥ୍ୟରେ କେତେ ଖୁସିଥିଲେ ତାହା ସମସ୍ତେ ଦେଖିବାକୁ ପାଇଥିଲେ । ବିଶ୍ୱବ୍ୟାଙ୍କର ନିର୍ଦ୍ଦେଶିକା ଭାରତରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରାଯାଉଥିବା ମଞ୍ଚ ନିକଟରେ ହେଉଥିବା ଭାରତୀୟ ଲୋକନୃତ୍ୟ ଦେଖି ବିଭୋର ହୋଇ ଯାଇଥିଲେ । ସେଇ ସମୟରେ ମଞ୍ଚରେ ଓଡ଼ିଶାରୁ ସମ୍ବଲପୁରୀ ନୃତ୍ୟ କରିବା ପାଇଁ ଯାଇଥିବା ଦଳ ନିଜ ପ୍ରତିଭାର ପ୍ରଦର୍ଶନ କରୁଥିଲେ । ଏହାକୁ ଦେଖି ସେ ଏତେ ଖୁସି ହୋଇ ଯାଇଥିଲେ ଯେ ନିଜେ ବି ନୃତ୍ୟ କରିବା ଭଳି ଅଭିନୟ କରିବାରୁ ନିଜକୁ ବାରଣ କରି ପାରିନଥିଲେ । ଆମ ଲୋକ ନୃତ୍ୟ ଏତେ ସୁନ୍ଦର ଯେ ଯେକେହି ବି ଏହାକୁ ଦେଖିଲେ ନିଜେ ଏଥିରେ ସାମିଲ ହୋଇଯିବ, ଏଥିରେ ସନ୍ଦେହ ନାହିଁ ।

ଚଳିତ ସଂସ୍କରଣ ଜି୨୦ ସମୁହର ଅଠରତମ ସମ୍ମିଳନୀ ଥିଲା ଏବଂ ଏଥିରେ ଭାରତ ପୌରହିତ୍ୟ କରିଥିଲା । ଏହାପରେ ନଭେମ୍ବର ୩୦ ତାରିଖ ପରେ ବ୍ରାଜିଲ ଏହାର ପୌରହିତ୍ୟ ଦାୟିତ୍ୱ ନେବ । ଏହି ସମ୍ମିଳନୀରେ ଅନେକ ବିଷୟରେ ଚର୍ଚ୍ଚା ହୋଇଥିଲା । ଭାରତର ସମର୍ଥନରେ ଚଳିତ ବର୍ଷ ଆଫ୍ରିକିୟ ଦେଶ ସମୁହ ମଧ୍ୟ ଜି୨୦ ଗୋଷ୍ଠୀର ସଦସ୍ୟତା ପାଇଥିଲେ । ବସୁଦେବ କୁଟୁମ୍ବକମ୍ ମନ୍ତ୍ରରେ ସମର୍ପିତ ଏହି ସମ୍ମିଳନୀ ଆଗାମୀ ଅନେକ ବର୍ଷ ପର୍ଯ୍ୟନ୍ତ ସମଗ୍ର ବିଶ୍ୱପାଇଁ ଏକ ନିଦର୍ଶନ ହୋଇ ରହିବ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରିବେଶ ପ୍ରଦୁଷଣ, ସାମଗ୍ରିକ ଉନ୍ନତି, ବୈଷୟିକ ଜ୍ଞାନକୌଶଳର ହସ୍ତାନ୍ତରଣ, ମହିଳାଙ୍କ ସହଭାଗିତା ଇତ୍ୟାଦି ଅନେକ ବିଷୟରେ ଏହି ସମୟରେ ଚର୍ଚ୍ଚା ହୋଇଥିଲା । ଭାରତର ପୌରହିତ୍ୟକୁ ସମସ୍ତେ ଅକୁଣ୍ଠ ଚିତ୍ତରେ ସମର୍ଥନ କରିଥିଲେ । କୁହାଯାଏ ଯେ ଖେଳ ଜଗତରେ ଅଲିମ୍ପିକ ଭଳି ଜି୨୦ ଗୋଷ୍ଠୀର ସମ୍ମିଳନୀ ମଧ୍ୟ ବିଶ୍ୱର ଅନ୍ୟତମ ବିଶାଳ ଆୟୋଜନ । ଯାହା ଭାରତ ଅତ୍ୟନ୍ତ ସୁନ୍ଦର ଭାବରେ କରି ଦେଖାଇ ଦେଇଥିଲା । ବିଶ୍ୱରେ ଭାରତର କ୍ରମବର୍ଦ୍ଧିଷ୍ଣୁ ଭାଗିଦାରିତା ଏବଂ ପ୍ରାଧାନ୍ୟ ସମସ୍ତଙ୍କୁ ଦେଖାଯାଇଛି ।

ଆଗାମୀ ବର୍ଷ ଭାରତରେ ସର୍ବସାଧାରଣ ନିର୍ବାଚନ ହେବାକୁ ନେଇ ବିଭିନ୍ନ ରାଜନୈତିକ ଦଳ ତରଫରୁ ତତ୍ପରତା ଦେଖାଦେଇଛି । ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଭାଜପା ସମର୍ଥିତ କେନ୍ଦ୍ର ସରକାରଙ୍କୁ ହରାଇବା ଉଦ୍ଦେଶ୍ୟ ନେଇ ଛବିଶିଟି ରାଜନୈତିକ ଦଳ ଇଣ୍ଡି ଗଠବନ୍ଧନ ସୃଷ୍ଟି କରିଛନ୍ତି । ହେଲେ ଏହି ଗୋଷ୍ଠୀ ବାରମ୍ବାର ଭିନ୍ନ ଭିନ୍ନ ସ୍ଥାନରେ ଏକତ୍ରିତ ହୋଇ ଆଲୋଚନା କରିବା ସତ୍ତ୍ୱେ ଆସନ ବଣ୍ଟନରେ ବୁଝାମଣା କରି ପାରୁନାହାନ୍ତି । ମୋଦୀଙ୍କୁ ଗାଦିଚ୍ୟୁତ କରିବା କଥା ସେମାନେ ଖୋଲାଖୋଲି କହିବା ସହ ଏହି ମେଣ୍ଟ ଗଠନର ଉଦ୍ଦେଶ୍ୟ ସମସ୍ତଙ୍କୁ ଜଣାଇବା ସତ୍ତ୍ୱେ ନିଜ ନିଜ ଭିତରେ ବୁଝାମଣା କରି ପାରୁନାହାନ୍ତି । ତେଣେ ଏହି ଗଠବନ୍ଧନର ଅନେକ ସଦସ୍ୟ ଦଳର ସଦସ୍ୟମାନେ ପରସ୍ପର ବିରୋଧୀ ମନ୍ତବ୍ୟମାନ ଦେଇ ଏହି ସମୁହର ମୁଳଦୁଆକୁ ପ୍ରଶ୍ନବାଚୀ କରି ଦେଉଛନ୍ତି । ଅବଶ୍ୟ ବୁଦ୍ଧିମାନ ଲୋକମାନେ ସରଳ ଭାବରେ ବୁଝି ପାରୁଛନ୍ତି, ଯେ ଏହି ଗୋଷ୍ଠୀ କେବଳ ମୋଦୀଙ୍କୁ ହରାଇବା ଉଦ୍ଦେଶ୍ୟରେ ସମୁଦାୟ ଦେଶର ବିପରୀତପନ୍ଥୀ ମନ୍ତବ୍ୟ ଦେଇ ଆସୁଛନ୍ତି । ମୋଦୀ ବିରୋଧ କରୁ କରୁ ସେମାନେ କେତେବେଳେ ଦେଶ ବିରୋଧୀ ହୋଇ ଯାଉଛନ୍ତି ତାହା ସେମାନେ ଜାଣି ପାରୁନାହାନ୍ତି କିମ୍ବା ଜାଣି ଜାଣି ସେଭଳି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରୁଛନ୍ତି ତାହା କିନ୍ତୁ ବୁଝିବା ସମ୍ଭବ ନାହିଁ ।

ବିଗତ ସପ୍ତାହରେ ଚେନ୍ନାଇରେ ଏହି ମେଣ୍ଟର ସଦସ୍ୟ ଡିଏମକେ ଦଳର ନେତା ଉଦୟନାଥ ଷ୍ଟାଲିନ୍ ଏକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ଯାହାର ବିଷୟ ଥିଲା, ସନାତନ ଧର୍ମକୁ ନଷ୍ଟ କରିବା । ଏହି ସମାରୋହରେ ସେ ଭାଷଣ ଆଳରେ ସନାତନ ହିନ୍ଦୁ ଧର୍ମକୁ ଘୃଣିତ ମନ୍ତବ୍ୟ ଦେବା ସହ ଏହାକୁ ଅନେକ ଦୁରାରୋଗ୍ୟ ବ୍ୟାଧି ସହ ସମାନ ବୋଲି ମନ୍ତବ୍ୟ ଦେଇଥିଲେ । ଏହି ମନ୍ତବ୍ୟ ଦେବାପରେ ଏହାକୁ ନେଇ ଦେଶବ୍ୟାପୀ ଅସନ୍ତୋଷ ବ୍ୟାପି ଯାଇଥିଲା । ଟ୍ୱିଟର୍ ସମେତ ପ୍ରାୟ ଅଧିକାଂଶ ଗଣମାଧ୍ୟମରେ ଲୋକମାନେ ଏହାକୁ ନେଇ ନିଜ ବିରୋଧ ବ୍ୟକ୍ତ କରିଥିଲେ । ଇଣ୍ଡି ଗଠବନ୍ଧନ ବସ୍ତୁତଃ ମୋଦୀ ବିରୋଧ କରି ବର୍ତ୍ତମାନ ସନାତନ ବିରୋଧୀ ହୋଇଗଲେ ବୋଲି ମଧ୍ୟ କିଛି କିଛି ବିବେଚନା କରିଥିଲେ । ଏଭଳି ପରିସ୍ଥିତିରେ ଇଣ୍ଡି ଗଠବନ୍ଧନ ନିଜକୁ ଏହି ମନ୍ତବ୍ୟରୁ ଦୂରେଇବା ଯଥାର୍ଥ ହୋଇଥାଆନ୍ତା, କିନ୍ତୁ ଦେଖାଗଲା ଅନେକ ଦଳ ଏହି ମନ୍ତବ୍ୟକୁ ସମର୍ଥନ ଦେଇ ମାମଲାକୁ ଆହୁରି ଅଧିକ ଗମ୍ଭୀର କରିଦେଲେ । ଏହା ଫଳରେ ମେଣ୍ଟର ହିନ୍ଦୁ ବିରୋଧୀ ମାନସିକତା ଭଲଭାବରେ ଦେଖା ପଡ଼ିଲା । ଏହି ସମୟରେ ମେଣ୍ଟର ପ୍ରମୁଖ ଦଳମାନଙ୍କର ନିରବତା ମାମଲାକୁ ଆହୁରି ଜଟିଳ କରିବା ସହ ଭାଜପା ତରଫରୁ ଏଥିପାଇଁ ଇଣ୍ଡି ମେଣ୍ଟକୁ ଉତ୍ତରଦାୟୀ କରାଗଲା । କଂଗ୍ରେସ ଦଳ ଏହି ମାମଲାରେ କୌଣସି କୈଫିୟତ ନ ଦେଇଥିବା ହେତୁ ଏହି ମନ୍ତବ୍ୟକୁ ସେମାନେ ମଧ୍ୟ ସମର୍ଥନ ଦେଇଛନ୍ତି ବୋଲି କୁହାଗଲା । ଅବଶ୍ୟ ବର୍ତ୍ତମାନ ସୁଦ୍ଧା କଂଗ୍ରେସ ତରଫରୁ କୌଣସି ସ୍ପଷ୍ଟୀକରଣ ଦିଆଯାଇନାହିଁ ।

ଜି୨୦ ସମ୍ମିଳନୀ ସମୟରେ ଆୟୋଜିତ ରାତ୍ରିଭୋଜ ସମୟରେ ମଧ୍ୟ କଂଗ୍ରେସ ଦଳ ରାଜନୀତି କରି ନିଜକୁ ନିଜେ ଅପମାନିତ କରିଥିଲା । ସୂଚନାଯୋଗ୍ୟ ଯେ ଜି୨୦ ସମ୍ମିଳନୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୟରେ ଏକତ୍ରିତ ବିଭିନ୍ନ ଦେଶର ରାଷ୍ଟ୍ରପ୍ରମୁଖଙ୍କ ସମ୍ମାନରେ ଭାରତର ମହାମହିମ ରାଷ୍ଟ୍ରପତି ଏକ ରାତ୍ରିଭୋଜର ଆୟୋଜନ କରିଥିଲେ ଏବଂ ଏଥିରେ ସମସ୍ତ ଅତିଥି ସମେତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ନିମନ୍ତ୍ରଣ ଦିଆଯାଇଥିଲା । ହେଲେ କଂଗ୍ରେସ ଦଳ ତରଫରୁ ଅଭିଯୋଗ କରାଯାଇଥିଲା ଯେ ଏହି ରାତ୍ରିଭୋଜ କାର୍ଯ୍ୟକ୍ରମକୁ କଂଗ୍ରେସ ଦଳର ପ୍ରମୁଖ ମଲ୍ଲିକାର୍ଜୁନ ଖଡ଼ଗେ ଏବଂ ସୋନିଆ ଗାନ୍ଧୀଙ୍କୁ ଜାଣିଶୁଣି ନିମନ୍ତ୍ରଣ ଦିଆଯାଇ ନାହିଁ । ଅବଶ୍ୟ ସରକାରଙ୍କ ତରଫରୁ ତୁରନ୍ତ ସ୍ପଷ୍ଟୀକରଣ ଦିଆଯାଇ କୁହାଯାଇଥିଲା ଯେ ଏଥିରେ କେବଳ ରାଜ୍ୟର ମୁଖ୍ୟମନ୍ତ୍ରୀ ତଥା ନିମନ୍ତ୍ରିତ ଅତିଥିମାନେ ହିଁ ଅଂଶ ଗ୍ରହଣ କରିବେ, ତଥାପି କଂଗ୍ରେସ ଦଳର ମୁଖପାତ୍ରମାନେ ବିଭିନ୍ନ ଖବର ଚାନେଲରେ ବସି ଏହି ବାବଦରେ ବାରମ୍ବାର ମନ୍ତବ୍ୟ ଦେଇ ନିଜକୁ ହିଁ ଅପମାନିତ କରାଇଥିଲେ । ସେପାଖେ ସୋନିଆ ଗାନ୍ଧୀଙ୍କୁ ନିମନ୍ତ୍ରଣ ଦିଆଯାଇନାହିଁ କହି ରାଜସ୍ଥାନ, କର୍ଣ୍ଣାଟକ ଓ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ମଧ୍ୟ ବିଭିନ୍ନ ଆଳରେ ସେଇ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଲେ ନାହିଁ ।

ଯେତେବେଳେ ଦେଶର ସମ୍ମାନର କଥା ଆସିଥିଲା, ସେତେବେଳେ ଦଳଗତ ବିରୋଧକୁ ଭୁଲି ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ଏବଂ ଦେଶର ସମ୍ମାନ ରକ୍ଷା କରିବା ଭଳି ଦାୟିତ୍ୱକୁ ମୁଖ୍ୟମନ୍ତ୍ରୀମାନେ ରକ୍ଷା କରି ପାରିଲେ ନାହିଁ । ସେହିଭଳି ବ୍ୟକ୍ତି ଏବଂ ଦଳକୁ ଦେଶର ହିତାକାଂକ୍ଷୀ ବୋଲି ଆମେ କେମିତି ଧରିନେବା । ସେମାନେ ଶାସନରେ ଆସିଲେ, କେଉଁଭଳି ଶାସନ ମିଳିବ ତାହା ବୁଝିବା ଅସମ୍ଭବ ନାହିଁ ।

ଠିକ୍ ଜି୨୦ ଶିଖର ସମ୍ମିଳନୀ ପୂର୍ବରୁ ରାହୁଲ ଗାନ୍ଧୀ ବିଦେଶ ଗସ୍ତରେ ଯାଇ ପୁଣିଥରେ ଭାରତ ବିରୋଧୀ ମନ୍ତବ୍ୟ ମାନ ବିଭିନ୍ନ ଗୋଷ୍ଠୀ ଓ ସମାବେଶରେ ଦେବା ସହ ଭାରତର ଗଣତନ୍ତ୍ରକୁ ତଳିତିଳାନ୍ତ କରିବାକୁ ପଛାଇ ନଥିଲେ । ରାହୁଲ ଗାନ୍ଧୀଙ୍କ ବକ୍ତବ୍ୟକୁ ନେଇ ବିଶ୍ୱ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦରବାରରେ ଭାରତକୁ ଅପନିନ୍ଦିତ କରିବା ପାଇଁ ଅନେକ ବିଶ୍ୱସ୍ତରୀୟ ଗଣମାଧ୍ୟମରେ ଯେଉଁ ଭଳି ତତ୍ପରତା ଦେଖାଯାଉଛି, ସେଥିରୁ ସ୍ପଷ୍ଟ ଯେ, ଉଭୟ ଦେଶ ଓ ବିଦେଶରେ ଅନେକ ବ୍ୟକ୍ତି, ସଂସ୍ଥା ଭାରତର କ୍ରମବର୍ଦ୍ଧିଷ୍ଣୁ ପ୍ରାଧାନ୍ୟକୁ ନେଇ ସନ୍ଦୀହାନ ଓ ଇର୍ଷ୍ୟାନ୍ୱିତ । ସେମିତିରେ ବି ଅନେକ ଗଣମାଧ୍ୟମ ଭାରତକୁ ଉନ୍ନତ ଗଣତନ୍ତ୍ର ଭାବରେ ଦେଖାଇବାକୁ ଅନିଚ୍ଛୁକ, ତେଣୁ ସେମାନେ ଆମ ଦେଶକୁ ନିନ୍ଦିତ କରିବାକୁ ସବୁ କରନ୍ତି ।

ଜି୨୦ ସମ୍ମିଳନୀ ସମୟରେ ଏକ ଅପ୍ରତ୍ୟାଶିତ ଘଟଣା ଘଟିଲା ଯାହାକୁ ନେଇ ଚର୍ଚ୍ଚା ବର୍ତ୍ତମାନ ବି ବନ୍ଦ ହୋଇ ନାହିଁ । ଏହି ସମ୍ମିଳନୀ ପାଇଁ ପ୍ରକାଶିତ ରାଷ୍ଟ୍ରପତିଙ୍କ ନିମନ୍ତ୍ରଣ ପତ୍ରରେ ଇଣ୍ଡିଆ ସ୍ଥାନରେ ଭାରତ ବୋଲି ଉଲ୍ଲେଖ କରାଯାଇଥିଲା । ଏହାକୁ ବିପକ୍ଷ ଦଳ ବିରୋଧ କରିଥିବା ବେଳେ କିନ୍ତୁ ସମୁଦାୟ ଦେଶରେ ଏହାର ବ୍ୟାପକ ସମର୍ଥନ ଦେଖିବାକୁ ମିଳିଥିଲା । ଆଗରୁ ବି ଆମ ଦେଶ ଭାରତ ଥିଲା ଏବଂ ସେଇଥିପାଇଁ ଆମ ଦେଶ ପାଇଁ ଭାରତ ନାମ ହିଁ ପ୍ରଯୁଜ୍ୟ ବୋଲି ଅନେକ ମତ ଦେଇଥିଲେ । ସରକାରଙ୍କ ତରଫରୁ ବି ମତ ଦିଆଯାଇଥିଲା ଯେ ଆଗାମୀ ସଂସଦ ସମୟରେ ଏହି ବାବଦରେ ବିଲ୍ ଉପସ୍ଥାପନ କରାଯିବ । ହେଲେ ବିପକ୍ଷ ଦଳମାନେ ନିକଟ ଅତୀତରେ ଯେଉଁ ମେଣ୍ଟ ଗଠନ କରିଛନ୍ତି, ତାହାର ସୂକ୍ଷ୍ମ ନାମ ଇଣ୍ଡିଆ ଥିବା ହେତୁ ଶାସକ ଭାଜପା ଏଥିରେ ବିଚଳିତ ହୋଇ ଦେଶର ନାମକୁ ହିଁ ବଦଳାଇବାକୁ ମସୁଧା କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି । ବିଦେଶରେ ବକ୍ତବ୍ୟ ଦେଇ ରାହୁଲ ଗାନ୍ଧୀ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଛନ୍ତି । ଇଣ୍ଡିଆ ମେଣ୍ଟକୁ ଦେଖି ଶାସକ ଦଳ ଡରିଯାଇ ଦେଶକୁ ଭାରତ ବୋଲି ନାମକରଣ କରିବାକୁ ମସୁଧା କରୁଛନ୍ତି ବୋଲି ସେ ମଧ୍ୟ ଆକ୍ଷେପ କରିଛନ୍ତି । ଆପଣ କଣ ଭାବୁଛନ୍ତି, ଭାରତ ନାମକରଣ କରିଲେ ଭଲ ହେବ ନା ଏହାଦ୍ୱାରା କିଛି ଅସୁବିଧା ହେବ । ଉଭୟ ନାମ ବ୍ୟବହାର ହୋଇ ପାରିବ,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏବେ ବି ତ ଅନେକ ସ୍ଥାନରେ ଆମେ ଭାରତ ବୋଲି ବ୍ୟବହାର କରୁଛୁ । ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନକୁ ଭାରତ ରତ୍ନ ବୋଲି କୁହାଯାଉଛି । ତେଣୁ ଆମ ମତରେ ଉଭୟ ନାମ ବ୍ୟବହାର୍ଯ୍ୟ ।

ସଦ୍ୟ ସମାପିତ ଏସିଆ କପ କ୍ରିକେଟ ଆଜି ସନ୍ଧ୍ୟାରେ ଭାରତ ଏକ ସହଜ ଟୁର୍ଣ୍ଣାମେଣ୍ଟରେ ଶ୍ରୀଲଙ୍କାକୁ ହରାଇ ଚମ୍ପିୟାନ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟ୍ ପାକିସ୍ତାନରେ ଆୟୋଜିତ ହେବାର ଥିଲା, କିନ୍ତୁ କ୍ରିକେଟ୍ ଖେଳାଳୀ ମାନଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ଅନେକ ଦେଶ ନିଜ ଦଳକୁ ସେଠାକୁ ପଠାଇବାକୁ ମନା କରିବା ପରେ ଏହା ଶ୍ରୀଲଙ୍କାରେ ଆୟୋଜିତ ହୋଇଥିଲା । ଏଥିରେ ଆୟୋଜିତ ଦୁଇଟି ଖେଳରେ ଭାରତ ଆଗରୁ ପାକିସ୍ତାନକୁ ହରାଇ ସାରିଥିଲା । ଆଜିର ମ୍ୟାଚ୍ ପରେ ଭାରତ ଏସିଆର ସର୍ବୋତ୍ତମ ଦଳ ଭାବରେ ପୁନଃପ୍ରମାଣିତ ହୋଇଛି ।

ଆଶା କରୁଛି ବିଗତ ସଂସ୍କରଣ ମାନଙ୍କ ଭଳି ଚଳିତ ସଂସ୍କରଣ ମଧ୍ୟ ଆପଣମାନଙ୍କୁ ଭଲ ଲାଗିବ । ଯଦି ଆପଣ ଓଡ଼ିଆରେ ଲେଖାଲେଖି କରୁଥାନ୍ତି ଏବଂ ନିଜ ଲେଖା ଏହି ପତ୍ରିକାରେ ପ୍ରକାଶନ ହେତୁ ଇଚ୍ଛୁକ, ତେବେ ଆମକୁ ନିଜ ଲେଖାର ଓଡ଼ିଆରେ ଟାଇପ୍ ହୋଇଥିବା ଆଲେଖ୍ୟ ଇମେଲ୍ ଦ୍ୱାରା ପଠାନ୍ତୁ ।

ପବିତ୍ର ଗଣେଶ ଚତୁର୍ଥୀ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଧନ୍ୟବାଦ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ବାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍













## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କାହାଣୀ ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଅନେକ କଳାଛାଇ - ୬



ଅଶୋକ ବିଶ୍ୱାଳ

ଚାଥାମ ଦ୍ୱୀପର ଫୁସଫୁସ କରୁଥିବା ଶେଡମାନ-୩

ଅବିନାଶ ଜାଣିବା ହିସାବରେ ଡିସେମ୍ବର ୧୮୫୭ ମସିହା । ଯେତେବେଳେ ଡକ୍ଟର ଫ୍ରେଡରିକ ଜେମସ ମାଉଟ ନିଜ ଦଳସହ ଆଣ୍ଡାମାନ ଦ୍ୱୀପରେ ପାଦ ଦେବାକୁ ଯାଉଥିଲେ ସେତେବେଳେ ସେମାନଙ୍କୁ ସ୍ୱାଗତ କରିବାକୁ ବହୁତ ତୀର ଜଙ୍ଗଲ ଭିତରୁ ଛୁଟି ଆସିଥିଲା । ଅଭ୍ୟର୍ଥନା । ଏକ ଜନଜାତିର ଆକ୍ରୋଶ ଆଉ ଅଭ୍ୟର୍ଥନା ଆଗନ୍ତୁକଙ୍କୁ ଏମିତି ଥିଲା । ଏମାନେ ପ୍ରତିବଦଳରେ ଗୁଳି ଚଳାଇଲେ, ବନ୍ଧୁକର ଶବ୍ଦ ଆଉ ଗୁଳିର ଶକ୍ତି ଆଗରେ ତୀର ଠିଆ ହୋଇପାରିଲା ନାହିଁ । ସେମାନେ ଛତ୍ରଭଙ୍ଗ ଦେଲେ । ଗ୍ରେଟ ଆଣ୍ଡାମାନିଜଙ୍କର ଏହାଥିଲା ପ୍ରଥମ ସାମୁହିକ ତୀରବର୍ଷା, ପ୍ରଥମ ବିଦ୍ରୋହ, କିଛି ଲଖିତ ଦସ୍ତାବିଜ ହିସାବରେ । ଆଗରୁ ସେମାନେ ଅନେକବାର ନିଜର ଅସନ୍ତୋଷ ଦେଖାଇଛନ୍ତି ଆଉ ଆକ୍ରମଣ କରିଛନ୍ତି ।

କ୍ୟାପଟେନ ଏଚ. ମାନ ଏକ୍‌ଜୁଟିଭ ଇଂଜିନିଅର ଆଉ କଇଦୀଙ୍କ ସୁପରିଟେନଡେଣ୍ଟ ଭାବରେ ନିଯୁକ୍ତି ପାଇଲେ । ଏହା ପୋର୍ଟ ବ୍ଲେଆରଟାରେ ଆରମ୍ଭ ହେବ । ୨୨ ଫେବୃୟାରୀ ୧୮୫୮ ମସିହାରେ କ୍ୟାପଟେନ ହେନେରୀ ମ୍ୟାନ ଆଣ୍ଡାମାନ ପହଞ୍ଚିଲେ ଆଉ ହର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମ୍ୟାଜେଷ୍ଟି (ରାଣୀଙ୍କ ନାମରେ) ବ୍ରିଟିଶ ପତାକା ଆଣ୍ଡାମାନରେ ପ୍ରଥମଥର ପାଇଁ ଉତ୍ତୋଳନ କଲେ ଆଉ ଏହା ଆଣ୍ଡାମାନ ବ୍ରିଟିଶ ସାମ୍ରାଜ୍ୟର ଅଧିକାରରେ ଆସିଲା ।

ବେଶି ଅତୀତକୁ ମନ ଚାଲିଗଲେ ଆପେ ଆଖି ଥକିଯାଏ । ଅବିନାଶ ବାହାରକୁ ଅନାଇଲା । ସମୁଦ୍ରରେ କେତେ ଜାହାଜ ଯାଉଥିଲା । ସବୁ ବଡ଼ ଜାହାଜମାନଙ୍କରେ ପତାକା ଲାଗିଥିଲା । ସେପଟେ ସାଉଥ ଆଣ୍ଡାମାନର ସବୁଜିମା ଦିଶୁଥିଲା ଆଉ ମଝିରେ ଥିଲା ଏ ନୀଳ ଗଭୀର ଉପସାଗର । ପାଣିରେ ଯାଉଥିବା ସବୁ ଜାହାଜର ଚାରିପାଖେ ବେଶ ଫେଣ ତିଆରି ହେଉଥିଲା । ଏ ଭିତରେ ଗୋଟାଏ ଜାହାଜ ଅନ୍ୟ ଅପେକ୍ଷା ବେଶ ଅଧିକ ଗତିରେ ଯାଉଥିଲା । ସେହି ଜାହାଜର ଡେକରୁ ତଳ ଆଡକୁ କଳା, ମଝି ଅଂଶ ଧଳା ଡେକ ଉପରେ ଦିଆସିଲି ଖୋଳ ଭଳି ଥାକ ଥାକ ହୋଇ ପ୍ରାୟ ଗମ୍ବୁଜ ଆକରର ତିନିଟା ଫ୍ଲୋର ଥିଲା । ପ୍ରଥମ ଫ୍ଲୋର ଆଉ ଡେକ ଉପରେ ବହୁ ଯନ୍ତ୍ରପାତି ଦିଶୁଥିଲା । ଏକ ମୋଟା ମାଷ୍ଟରେ ଅନେକ ଗୋଲ ଗୋଲ କ'ଣ ସବୁ ଲାଗିଥିଲା । କିଛି କମ୍ୟୁନିକେସନ ବା ରାଡାର ଭଳି ଉପକରଣ । ସବା ଉପର ଆଡକୁ ଏକ ବଡ଼ ଲାଲ ପତାକା ଥିଲା । ସେହି ପତାକାର ଉପର ଆଡକୁ ବନ୍ଧା ଥିବା ଅଂଶରେ ଭାରତୀୟ ତ୍ରିରଙ୍ଗା ଜାତୀୟ ପତାକା ଥିଲା । ଭାରତୀୟ ଜାହାଜ ତାହା ହେଲେ । ଅବିନାଶ ଜୋରରେ ଯାଉଥିବା ଜାହାଜାକୁ ଦେଖି ଭାବୁଥିଲା ଯିଏ ଏକ ନୂଆ ଜାଗାରେ ଜଲଦି ପହଞ୍ଚିଗଲା ସେ ଜାଗାଟା ତା'ର । ଆଉ ଅଧିକାର ଦର୍ଶାଉଛି ଏକ ପତାକା । ଏକ ସାଙ୍କେତିକ ଚିହ୍ନ ।

ଆଣ୍ଡାମାନ ଭଳି ନୂଆ ଅଞ୍ଚଳକୁ ତାହାହେଲେ ଇଂରେଜମାନେ ନିଜ ଜାତୀୟ ପତାକା ଉଡାଇ ଏମିତି ଅଧିକାର କରି ନେଉଥିଲେ । ସେଠାକାର ଅଧିବାସୀମାନେ ଏକ କେଉଁ ଅଜଣା ଦେଶର ରାଣୀଙ୍କ ଅଧିନକୁ ଆସି ଯାଉଥିଲେ । ସେମାନଙ୍କୁ କିଛି ପଚରା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯାଉନଥିଲା । ସେମାନଙ୍କ ମତାମତର ମୂଲ୍ୟ ନଥିଲା ଆଉ ନୂଆ ଦେଶର ସବୁ ପ୍ରାକୃତିକ ସମ୍ପଦ ଉପରେ ରାଣୀଙ୍କର ଅଧିକାର ମନକୁ ମନ ସାବ୍ୟସ୍ତ ହୋଇଯାଉଥିଲା । ଶକ୍ତିର ବିଜୟ, କଳ କୌଶଳର ବିଜୟ ।

ସେ ଭାବୁଥିଲା ବିଜୟ ଏକ ସଙ୍କେତ, ଦେଶ ଏକ ଚିହ୍ନ । ସମସ୍ତେ ନିଜ ନିଜ ହିସାବରେ କିଛି ନା କିଛି ଚିହ୍ନ ଛାଡି ଯାଇଛନ୍ତି । ଆଉ ୟୁନିଅନ ଜ୍ୟାକ ପତାକା ଫରଫର ହୋଇ ଉଡୁଥିବା ଅର୍ଥ ଇଂରେଜମାନଙ୍କର ପ୍ରଭୁତ୍ୱ । ଏମିତି ସବୁ ପାଣି ଜାହାଜରେ ନିଜ ଦେଶର ପତାକା ଫରଫର ହୋଇ ଉଡେ । ସେ ଜାହାଜରେ ସେଇ ଦେଶର ନିୟମ ଚାଲେ । ଆଉ ଜଳଦସ୍ୟୁମାନଙ୍କ ପତାକାରେ ଦୁଇଟା କପାଳ । କାହା ରାଜୁତି ଚାଲେନା । ମୃତ୍ୟୁର ଦେଶରେ ତାହାହେଲେ କାହା ରାଜୁତି ଚାଲେ ?

ଏ ଭିତରେ ବୁଢାଙ୍କ ଦେହରେ ଯେମିତି କିଛି ଶକ୍ତି ଆସିଯାଇଥିଲା । ସେ ଉଠି ପାଣି ପାଖକୁ ଚାଲିଗଲେ । ତା'ପରେ ସହଜରେ ଏକ ପାଚେରୀ ଉପରେ ଚଢ଼ିଗଲେ । ସେପଟକୁ ସିଧା ସମୁଦ୍ର । ପାଗଳ ନା କ'ଣ ? ସେ ଖସିପଡିବେ ବୋଲି ଅବିନାଶ ଡରୁଥିଲା । ଗଭୀର ପାଣି । କିନ୍ତୁ କିଛି ହେଲାନି । ସେପଟ ଟିକିଏ ବୁଲିଆସି ଅବିନାଶ ପାଖରେ ଠିଆ ହୋଇଗଲେ । ନିଜର ବଳ ବଞ୍ଚିଛି ବୋଲି ଅବିନାଶକୁ ଦେଖାଇବାକୁ ଚାହୁଁଥିଲେ । ବୁଢାମାନଙ୍କ ଦେହରେ ବଳ ଧକେଇ ଧକେଇ ଆସେ । ନିଜ ବୟସରେ ଜାହାଜରେ ସହଜରେ ସେ ଯିବା ଆସିବା କରିପାରୁଥିବେ । କିନ୍ତୁ ଆଖି ଖୋଲି ବନ୍ଦ କରି ବଡ଼ ନିଃଶ୍ୱାସ ନେଉଥିବା ବୁଢାଙ୍କର ଏ ବ୍ୟବହାରରେ ଅବିନାଶ ଆଶ୍ଚର୍ଯ୍ୟ ହେଉଥିଲା ।

ଆଣ୍ଡାମାନଟା ଏମିତି । ତୁମେ ଅଟକି, ଟିକେ ନିଃଶ୍ୱାସ ନେଇ ପୁଣି ଦୌଡିଯାଅ । ନୂଆ ଲଗେ । ମୋତେ ଏ ପାଚେରୀ ଚଢ଼ିବାକୁ ଭଲଲାଗେ । ନୂଆ ଲୋକେ ଜାହାଜରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଖାଯାଆନ୍ତି । ସେମାନଙ୍କ ଉତ୍ସୁକ ମୁହଁ ସବୁ ଜାହାଜ ବାଡାରୁ ତଳକୁ ଝୁଲିଯାଇଥାଏ ।- ବୁଢା କହିଲେ ।

ନୂଆ ଲୋକମାନଙ୍କୁ ସବୁବେଳେ କିଛି ନା କିଛି ନୂଆ ଦିଶେ । ଏମିତି ଜାହାଜରେ କିଛି ନୂଆ ଲୋକ ଆସିଯାଉଥିବେ ।- ପୁଣି ବୁଢା କହିଲେ । ତାଙ୍କର ଆଖି ଗୋଟାଏ ମାଛରଙ୍କା ଉପରେ ଲାଗିଗଲା । ପକ୍ଷୀଟା ଲଗ ପଣ୍ଡର ବାମପାଖ ପାଚେରୀ ଉପରେ ସେମିତି ବସି ରହିଥିଲା । ଆଗକୁ ସମୁଦ୍ର, ପଛକୁ ଏକ ଛୋଟ ଗଛ । ପକ୍ଷୀଟାର ପିଠି ଆଡକୁ ସୁନ୍ଦର ପ୍ରୁସିଆନ ନୀଳ ରଙ୍ଗର ପର, କର ଆଡକୁ ଗାଢ ବାଦାମୀ ହୋଇଯାଇଛି । ବଢିଆ କଣ୍ଟ୍ରାଷ୍ଟ । ବେଶ ମୋଟା ଥଣ୍ଡ ଆଉ ତା'ର କଳା କଳା ଆଖି । ପକ୍ଷୀଟି ଅପରାହ୍ନରେ ପଛର ପାଣି ଆଗରେ ବେଶ ଉଜ୍ଜ୍ୱଳ ଲାଗୁଥିଲା ।

ସେମାନଙ୍କ ମୁହଁରେ ହସ ଭରିଥିବ ।- ପକ୍ଷୀଟିକୁ ଦେଖି ଅବିନାଶ ଭାବିଲା । ନୂଆ ଲୋକମାନେ ଏମିତି ହଠାତ୍ ଆସି କିଛି ନୂଆ ତିଆରି କରି ଦିଅନ୍ତି । ଆଣ୍ଡାମାନଟା ଏମିତି ବଦଳି ଯାଉଥିଲା । ତା' ମନେ ପଡୁଥିବା ଇତିହାସ ହିସାବରେ ଜେମସ ପାଟିସନ ଓ୍ୟାକର ଜେଲ ସୁପରିଟେନଡେଣ୍ଟର ଦାୟିତ୍ୱ ଗ୍ରହଣ କଲେ । ୧୦ ମାର୍ଚ୍ଚ ୧୮୫୮ ମସିହାରେ କମ୍ପାନୀର ବାଷ୍ପୀୟ ଫ୍ରୀଗେଟ ସେମିରାମିସ ଜାହାଜ ଚାଥାମ ପହଞ୍ଚିଲା ଆଉ ସେଇ ତାରିଖ ହେଲା ଆଣ୍ଡାମାନ ଆଗମନର ଦିବସ । ଜାହାଜରେ ଥିଲେ ଦୁଇଶହ ସିପାହୀ ବିଦ୍ରୋହର କଇଦୀ, ଏକ ଭାରତୀୟ ଓଭରସିଅର, ଦୁଇ ଭାରତୀୟ ଡାକ୍ତର, ଆଉ ପଚାଶ ଜଣ ନାଭାଲ ବ୍ରିଜସମ୍ୟାନ ଗାର୍ଡ । ପେନାଲ ସେଟଲମେଣ୍ଟ ଜୋରସୋରରେ କାମ ଆରମ୍ଭ ହୋଇଗଲା । ଚାଥାମ ଏକ ଛୋଟ ଦ୍ୱୀପ, ଚାରିପାଖେ ପାଣି ଆଉ କିଛି ଦୂରରେ ପୋର୍ଟବ୍ଲେଆରର ମୁଖ୍ୟ ଭୂମି । ଏହା କାଇଦୀମାନଙ୍କ ପାଇଁ ଏକ ଉପଯୁକ୍ତ ଜାଗା ବୋଲି ଓ୍ୟାକର ଭାବିଲେ । ଏ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦ୍ୱୀପର ଜଙ୍ଗଲରେ କେଉଁଠାରେ ଧନୁତୀର ଧରି ଆଦିମ ଅଧିବାସୀ ଦେଖାଯାଉ ନଥିଲେ ।

ତା'ପରେ କଇଦୀମାନଙ୍କୁ ଦ୍ୱୀପ ସଫା କରିବାର କାମ ଦିଆଗଲା । ଓ୍ୟାକର ଏହାକୁ ସେଟଲମେଣ୍ଟର ମୁଖ୍ୟାଳୟ କରିବାକୁ ଚାହିଁଲେ । ବହୁତ ଜଲଦି ଏତେ ଲୋକଙ୍କ ପାଇଁ ପାଣିର ଅଭାବ ଦେଖାଗଲା । ତେଣୁ ମୁଖ୍ୟାଳୟକୁ ରସ ଦ୍ୱୀପକୁ ସ୍ଥାନାନ୍ତରିତ କରାଗଲା । ୨୫ଜଣିଆ ହିସାବରେ ତିନିଟା ଗ୍ୟାଙ୍ଗକୁ ରସ ଦ୍ୱୀପ ସଫା କରିବାକୁ ପଠାଇ ଦିଆଗଲା । କିନ୍ତୁ ଉଭୟ ଚାଥାମ ଆଉ ରସ ଦ୍ୱୀପକୁ ସଫା କରିବା ପାଇଁ ଅଧିକ କଇଦୀ ଦରକାର । ତା'ପରେ ପଞ୍ଜାବରୁ ସିପାହୀ ବିଦ୍ରୋହର ୨୧୭ ଜଣ କ୍ରାନ୍ତିକାରୀଙ୍କୁ କରାଚୀରୁ ଆଣ୍ଡାମାନକୁ ନିର୍ବାସିତ କରାଗଲା ।

ଅବିନାଶ ବାହାରକୁ ଅନାଇଲା । ସେପଟେ ସାଉଥ ଆଣ୍ଡାମାନର ମାଉଣ୍ଟ ହାରିଏଟ ତଳ ପାହାଡ ଦିଶୁଥିଲା । ଉପର ଆଡକୁ ବେଶ ଘନ ଲାଗୁଛି । ମାଉଣ୍ଟ ହାରିଏଟ ନ୍ୟାସନାଲ ପାର୍କର ଅଂଶ ତଳର ଜଙ୍ଗଲ । ତେଣୁ ଗଛ ବୃକ୍ଷ କାଟିବା ମନା । ତଥାପି ତଳ ଆଡକୁ ଗଛ ପତଳା ଲାଗୁଛି । ଧିରେ ଗଛ କାଟି ହୋଇଯାଇଛି । ଆଗରୁ ସମୁଦ୍ର କୂଳରେ ନଡିଆ ବଗିଚା କେଉଁ କାଳରୁ ତିଆରି ହୋଇଛି । ସୁନ୍ଦର ଲାଗୁଛି ତ ନିଶ୍ଚୟ କିନ୍ତୁ ଉପର ଜଙ୍ଗଲର ଘନ ସବୁଜିମା ନାହିଁ । ସେ ଦିନମାନଙ୍କରେ ସମୁଦ୍ରକୂଳରୁ ଗଛ କଟା ହୋଇଯଇ ନଡିଆ ଭଳି କିଛି ଗଛ ଲାଗୁଥିବ । ଆଉ ଏ ପାହାଡରୁ ଗଛ କାଟିବା ଅତି କଷ୍ଟ ହେଉଥିବ । କିନ୍ତୁ ଗଛଗୁଡା ଶେଷରେ କାଠଗରରେ ପରିଣତ ହୋଇଯାଉଥିବେ ।

ତା'ପରେ ଅବିନାଶର ଆଖି ଲଗପଣ୍ଡ ପାଖରେ ଥିବା କାଠଗରମାନଙ୍କ ଉପରେ ବୁଲିଗଲା । ଏମତି କାଠଗରସବୁ ନେଇ ଚାଥାମରେ କଇଦୀମାନଙ୍କପାଇଁ କାଠ ବ୍ୟାରାକମାନ ତିଆରି ଚାଲିଥିଲା । ସେଥିପାଇଁ ଉପଯୁକ୍ତ ଓଭରସିଅରମାନେ ନିଯୁକ୍ତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରାଗଲେ । ୧୦ ମାର୍ଚ୍ଚ ୧୮୫୮ ରୁ ଅପ୍ରେଲ ୧୮୬୦ ମସିହା ଭିତରେ ୨୮୯୯ ଜଣ କଇଦୀଙ୍କୁ ଆଣ୍ଡାମାନ ଅଣାଗଲା । ବାହରେ ଖରା ବର୍ଷାରେ ପଡିରହୁଥିବା ହେତୁ ବହୁ କଇଦୀ ନିମୋନିଆରେ ମରିଯାଉଥିଲେ । କିଛି ଲୁଚି ପଳାଇ ଜଙ୍ଗଲରେ ବୋଧେ ମରିଗଲେ, କିଛି ଆତ୍ମହତ୍ୟା କଲେ ଆଉ କିଛିଙ୍କୁ ଅନ୍ୟ ଜାଗାକୁ ପଠାଇ ଦିଆଗଲା । ସେ ଚାଥାମର ଭୂମିର ରୂପ କଥା ଭାବୁଥିଲା । ଚାଥାମ ଦ୍ୱୀପରେ ଦୁଇଟା ବଡ଼ କୁଦ ଅଛି । ଏକକୁ ଇଷ୍ଟ ହିଲ ଆଉ ଅନ୍ୟକୁ ୱେଷ୍ଟ ହିଲ କୁହାଯାଏ । ଥରେ ଇଷ୍ଟ ହିଲକୁ ଖୋଳିବାବେଳେ କିଛି ହାଡ ମିଳିଥିଲା । ମଣିଷ ହାଡ ପରି ଲାଗୁଥିଲା । ଏଗୁଡା କ'ଣ ସେଇ ମରିଯାଇଥିବା କଇଦୀମାନଙ୍କର କି ? ବଞ୍ଚିଥିବା କଇଦୀମାନଙ୍କୁ ପୋର୍ଟବ୍ଲେଆରର ଆବରଦ୍ଦୀନ ଇତ୍ୟାଦି ଅଞ୍ଚଳକୁ ସଫା କରାଇବାରେ ନିଯୋଜିତ କରାଗଲା । କେତେ କେତେ ଭାରତୀୟ ପ୍ରଥମ ସ୍ୱାଧିନତା ସଂଗ୍ରାମୀଙ୍କ ଶ୍ରମ ଆଉ ଜୀବନ ବଦଳରେ ଏଇ ଚାଥାମ ଗଢିଉଠିଛି । ତା' ଆଖି ସେମାନଙ୍କ ସମ୍ମାନରେ ଟିକେ ନଇଁଗଲା ।

ଅବିନାଶ ଏବେ ସିଧା ଠିଆ ହୋଇପଡିଲା । କିନ୍ତୁ ତା'କୁ କେମିତି ଅଶକ୍ତ ଲାଗୁଥିଲା । ତା'ର ନିଜର କ'ଣ ହେଉଛି ସେ ବୁଝିପାରିଲାନି । ହଠାତ୍ ତା'କୁ ଗରମ ଲାଗିବାକୁ ଆରମ୍ଭ କଲା । ଯେମିତି ଗମଗମ ଝାଳ ବୋହି ପଡ଼ିବ । ତା'କୁ ଅଣନିଃଶ୍ୱାସ ଲାଗୁଥିଲା, ପୁରା ବାତାବରଣରେ କେମିତି ଝାଳୁଆ ଗନ୍ଧ ଭରିଗଲା । ପକ୍ଷୀମାନେ କାହିଁ କୁହୁ ନଥିଲେ । ସବୁଆଡେ ଯେମିତି ଦୀର୍ଘଶ୍ୱାସ ଭରିଯାଇଛି, ବେଶ ଓଦାଳିଆ ଶ୍ୱାସମାନ, କୋହମାନ । କେଉଁଠୁ ଯେମିତି ବୋହିଆସୁଛି ।

ଓଃ ! ତୁମ ଆଡକୁ ବୋଧେ ଏ ପୁରୁଣା କାଠଗର ଗୁଡାକ ଦେଇ ପବନ ବୋହିଗଲା । କାଠଗରରେ କେତେ ଲୋକର ଝାଳ ମିଶୁଥିବ । ମଣିଷ ଝାଳ ବହୁ ସମୟ ରହିଗଲେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗମ୍ଭୁରିଆ ହୋଇଯାଏ ଆଉ ଆପେ ବାମ୍ଫ ବାହାରିଲା ଭଳି ଲାଗେ । ଜାଣିଛ କାଠ କାଟିବା କେତେ କଷ୍ଟ, ତୁମ ଅଣ୍ଟା ପିଠି ଲାଗିଯିବ । ଆଉ ଝାଳ ଥପ୍ ଥପ୍ ହୋଇ କଳପାଣି ଭଳି ବୋହିଆସିବ ।– ବୁଢା ଅବିନାଶର ଅଶ୍ୱସ୍ତି ଦେଖି କହିଲେ । ଅବିନାଶ କିଛି ଜବାବ ଦେଇ ପାରିଲା ନାହିଁ ।

ଅବିନାଶ ତୁମେ ଗଛମାନଙ୍କର ଡକାଡକି ଶୁଣିପାରୁଛ ?- ସେ ପୁଣି କହିଲେ । ଅବିନାଶ ନିଜକୁ ମଧ୍ୟ ଏବେର ଦୁନିଆକୁ ନେଇଆସିଲା ।

ଏମିତି ଶବ୍ଦ ତ କାହିଁ କାନ ଭିତରକୁ ଆସୁନି ।

ଦେଖ ସେମାନେ ନିଜ ଭିତରେ ଡକାଡକି ହେଉଛନ୍ତି । ନିଜର ଆଖିକୁ ବଡ଼ କରିଦିଅ ଆଉ ଅନୁଭବ କର ।

ଆଖିକୁ ବଡ଼ କରି ଅନୁଭବ କରିବା କଥା ବୁଢା କେତେଥର କହିଛନ୍ତି । ଅବିନାଶ ନିଜକୁ ସ୍ଥିର କରିଦେଇ ନିଜ ଭିତରକୁ ବଢାଇବାକୁ ଚେଷ୍ଟା କଲା । ତା’ ନିଜ ଭିତରେ ଏକ ପରିବର୍ତ୍ତନ ଅନୁଭବ କଲା, ସେ ମନକୁ ମନ ବହୁ କଥା ଯେମିତି ବୁଝିପାରୁଛି । ତା’କୁ ଲାଗିଲା ଯେମିତି ଗଛମାନେ କିଛି ବିପଦର ଆଶଙ୍କା କରୁଛନ୍ତି । ବଡବଡ ଗଛଡାଳ ସବୁ ନଇଁ ଯାଉଛି । ପବନ ଯେମିତି ଜୋରରେ ବୋହୁଛି । ଏକ ତୀବ୍ର ପ୍ରବାହ । ଚାଥାମ ଉପରେ ଯେମିତି ସବୁ ଥରୁଛି ।

ସେମାନେ ନିଜ ଭିତରେ ବହୁ ଅଭିନୟ ଆଗୁଆ କରିଦେଉଛନ୍ତି । ତୁମେ ବହୁ ଦୌଡୁଥିବା ପାଦଶବ୍ଦ ଶୁଣିବ, ମଡ୍ମାଡ୍ ଶବ୍ଦ ଶୁଣିବ. ପକ୍ଷୀମାନେ ପଳାଇଯାଉଥିବା ଶବ୍ଦ ଶୁଣିବ, ଲହଡିର ଆକାର ଛୋଟ ହୋଇଯାଉଥିବା ଦେଖିବ । ତୁମ ଆଗରେ ସେମାନେ ସବୁ ବର୍ଣ୍ଣନା କରିବେ ।- ଅବିନାଶ ଭିତରେ ଯେମିତି କିଏ କହୁଥିଲା । ସେ ଏବେ ଜୋରରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଣିର ବାଡେଇହେବା ଶବ୍ଦ ଶୁଣୁଥିଲା । ଏକ ଗଛକୁ ସେମାନେ କାଟି କାଗଜରେ ପରିଣତ କରିଦେଉଛନ୍ତି । ଅନେକ କଇଦୀ ଲୁଚି ପଳାଇ ଯାଉଥିଲେ । ଅଧିକାଂଶ କଇଦୀ ଜଙ୍ଗଲରେ ଆଦିମ ଅଧିବାସୀଙ୍କ ତୀର ଆଘାତରେ ପ୍ରାଣ ହରାଉଥିଲେ । ଯେଉଁମାନେ ଧରାପଡୁଥିଲେ ସେମାନଙ୍କୁ ଅକଥନୀୟ ଯାତନା ଦିଆଯାଉଥିଲା ଆଉ କିଛିଙ୍କୁ ଫାଶୀ ଦିଆଯାଉଥିଲା । ତା' ନିଜ ଭିତରେ ଏକ ଅଭାନୀୟ ଅନୁଭବ ଆସୁଥିଲା । ତା' ନିଃଶ୍ୱାସ ବନ୍ଦ ହୋଇଗଲା ପରି ଲାଗୁଥିଲା ଯେମିତି କିଏ ତା'ର ତଣ୍ଟି ଚିପି ଦେଉଛି ।

ଆଣ୍ଡାମାନରେ, ଏଇ ଚାଥାମରେ ପ୍ରଥମ ସ୍ୱାଧିନତା ସଂଗ୍ରାମୀଙ୍କୁ ଫାଶୀ ଦିଆଯାଇଥିଲା । ଏହା ଏକ ମୁକ୍ତି ତୀର୍ଥ ।- ସେ ବୁଢା କହିଲେ ଆଉ ହାତ ଯୋଡି ପାଣିକୁ ଅନାଇ ଜୁହାର ହେଲେ । ମୃତ ଲୋକର ସ୍ମୃତିରେ ସେ ଲୋକକୁ ମନେ ରଖିଥିବା ବ୍ୟକ୍ତି ଜୁହାର ହୁଅନ୍ତି । ଅବିନାଶ ନିଜର ଆଖି ବନ୍ଦ କରି, ଶ୍ୱାସକୁ ରୋକି ମନେମନେ ମୃତକମାନଙ୍କ ପାଇଁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କଲା ।

ତା'ପରେ ଅବିନାଶ ଏକ ଜୋର ଲହଡିର ଶବ୍ଦ ଶୁଣିଲା, ତା'କୁ ଲାଗିଲା ସେ ଶବ୍ଦ ସଂମ୍ପୂର୍ଣ୍ଣ ଆଣ୍ଡାମାନ ଉପରେ ବୋହି ଚାଲିଯାଉଛି । ଆଉ ତା' କାନ ପାଖରେ କିଛି ଅଜଣା ଶବ୍ଦମାନ ଶୁଣିଲା । ଆଉ ତା' ମୁହଁରୁ ହଠାତ୍ ବାହାରି ଅସିଲା ।-"ଫାଶୀ ମିଳିଲା ! କ'ଣ କହୁଛନ୍ତି ?" ଏ ତଥ୍ୟ ତା' ପାଖରେ ଆଗରୁ ଥିଲା, କିନ୍ତୁ ହଠାତ୍ ମନେ ପଡୁନଥିଲା ।

ତା'ପରେ ସେ ନିଜ ଭିତରେ କାରଣ ଖୋଜିନେଲା । ଏକ ଅତି ପୁରୁଣା ଜାଗାକୁ ଆସିଲେ, ଅତି ବୁଢା ଲୋକଙ୍କ ସହ ଦେଖାସାକ୍ଷାତ ହେଲେ ବହୁ ପୁରୁଣା ପଢିଥିବା କଥା ମନେ ପଡିଯାଏ । ତା'ପରେ ମନ ଭିତରେ ପ୍ରଶ୍ନ ଉତ୍ତର ଚାଲେ । ପ୍ରଶ୍ନ ଯେମିତି ଏକ ତରୁଣ ପଚାରୁଛି ଆଉ ଉତ୍ତର ଯେମିତି ଏକ ବୁଢା ଦେଉଛି । ତା'ର ପଢା ହିସାବରେ ସିପାହୀ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଦ୍ରୋହର ଏକ ସିପାହୀ ନାରାୟଣଙ୍କୁ ନିର୍ବାସନ ଦଣ୍ଡ ମିଳିଲା ଆଉ ସେ ଆଣ୍ଡାମାନକୁ ନିର୍ବାସିତ ହେଲା । ଶେଷରେ ତା'କୁ ଫାଶୀ ହେଲା ।

ନାରାୟଣ କ'ଣ ଏକ ଅସାଧାରଣ ସିପାହୀର ନାଁ ? କାହିଁ ସେ ନାଁ ଅବିନାଶ ଇତିହାସର ଆଉ କେଉଁ ଫର୍ଦ୍ଦରେ ଲେଖାଥିଲା ଭଳି ଜାଣିନି । ଅବିନାଶ ଭାବିଲା ଏହା କେଉଁ ଏକ ସାଧାରଣ, ଭୁଲିଗଲା ଭଳି ନାଁ ହୋଇଥିବ । ଆଉ ସେ ଘଟଣାମାନରେ ଥିବ କେବଳ ନିର୍ବାସନ ପାଇଁ ବିଳାପ । ସେଥିରେ କିଛି ଥ୍ରୀଲ ନଥିବ । ତେଣୁ ମୁଖ୍ୟ ଇତିହାସକାରମାନେ ଏ ନାଁକୁ ବଡ଼ ପୃଷ୍ଠାକୁ ଆଣିନାହାନ୍ତି । କିଏ କେମିତି କେଉଁ କଡରେ ବା ଫୁଟନୋଟରେ ଛାପିଦେଇଛି ବୋଧେ । ଏଠାକୁ ଆସିବାରୁ ସେ ନାଁ ଟା ମନେ ପଡିଗଲା ।

ବଡ ଦେଶର ସିପାହୀ, ତେଣୁ ନିର୍ବାସନରୁ ମୁକ୍ତି ଚାହୁଁଥିଲା ।- ତା' ଭିତରେ କିଏ କହିହେଲା । ସବୁ ଅଜଣା, ତଥାପି ମୁକ୍ତିର ଇଚ୍ଛା । ଆଗକୁ ରାସ୍ତା ମିଳିଯିବ, ଏଇଟା ଆଶା ଥିବ ବୋଲି ସେ ନିଶ୍ଚିତ ହେଉଥିଲା ।

ଲେଖା ହିସାବରେ କଇଦୀ ନମ୍ବର ୭୧ ନାରାୟଣ ବିହାରର ଦାନପୁର କ୍ୟାଣ୍ଟନମେଣ୍ଟ ବିଦ୍ରୋହରେ ଧରାହୋଇ ଆଣ୍ଡାମାନ ଆସିଥିଲା । ବିହାରର ନିଜ କ୍ୟାଣ୍ଟନମେଣ୍ଟରେ ସେ ସିପାହୀମାନଙ୍କୁ ବ୍ରିଟିଶ ଶାସନ ବିରୁଦ୍ଧରେ ମତଇଲା, କିନ୍ତୁ ସଫଳ ହେଲାନି । ଅଧିକାରୀମାନେ ତା'କୁ ଧରିନେଲେ । ନିର୍ବାସନ ଦଣ୍ଡ ମିଳିଲା । ଚାଥାମରେ ପହଞ୍ଚିଲା ପରେ ମଧ୍ୟ ତା' ଭିତରେ ବିଦ୍ରୋହର ଛାୟା ଥିଲା । ପହଁଚିବାର ଚତୁର୍ଥ ଦିନ ସେ ଖସି ପଳାଉଥିଲା ।

ମୋଟେ ଚାରିଦିନରେ କିଛି ନୂଆ ଜାଗା କଥା ନଜାଣି ଖସି ପଳାଉଥିଲା ।- ସେଇଟା ଅବଶ୍ୟ ସେ ଜାଣିଥିଲା । କିନ୍ତୁ ଏବେ ଚାଥାମର ଚାରିପାଖେ ପାଣିର ବଳୟ ଦେଖି, ଆଉ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେପଟେ ଘଞ୍ଚ ଜଙ୍ଗଲକୁ ଅନାଇ ଅବିନାଶ ନିଜ ଭିତରେ ବିସ୍ମୟ ପ୍ରକାଶ କରୁଥିଲା । ସେ ନିଜେ ଯଦି ହୋଇଥାନ୍ତା ସେ ବୋଧହୁଏ ଏମିତି କାମ କରିନଥାନ୍ତା । କିଛି ନଜାଣି ନଶୁଣି ଜଙ୍ଗଲକୁ ମୋଟେ ଦୌଡ଼ି ପଳାନ୍ତାନି । ଏତେ ଘଞ୍ଚ ଜଙ୍ଗଲ ।

ନାରାୟଣ ସିଂହ ଚାଥାମରୁ ପହଁରି ପଳାଉଥିଲା । ସେପଟେ ହଡୋ । ପୋର୍ଟବ୍ଲେଆରର ମୁଖ୍ୟ ଭୂମି । ଦୂରତା ବା କେତେ, ଏଇ ୧୦୦-୨୦୦ ମିଟର ହେବ । ତେଣୁ ଖସି ପଳାଇବା ସହଜ ହେବ ବୋଲି ସେ ଭାବିଲା । ତା'ପରେ ବଡ଼ ଭୂଖଣ୍ଡ ଅଛି ବୋଲି କଳିଥିବ ଆଉ ନିଜ ଦେଶର ନଦୀ ପରେ ପାହାଡ ହିସାବରେ ଭାବିଥିବ । ନାଭାଲ ଗାର୍ଡମାନେ ତା'କୁ ଦେଖି ଗୁଳି ମାରିଲେ, କିନ୍ତୁ ଗୁଳି ବାଜିଲା ନାହିଁ । ତା' ପଛେ ପଛେ ଏକ ବୋଟରେ ସୈନ୍ୟମାନେ ଗୋଡାଇ ତା'କୁ ଧରିନେଲେ ।

ଏହାକୁ କଣ କହିବା ? ସାହାସ ନା ମୂର୍ଖତା ?- ଅବିନାଶ ମୁହଁରେ ପ୍ରଶ୍ନ ଆଉ ବିସ୍ମୟ ଦୁଇଟା ଥିଲା । ଉଭୟ ବୋଧହୁଏ । ଆଣ୍ଡାମାନରେ ଆଗକୁ କଳାପାଣିର ଘଟଣାମାନ ଶୁଣିଲେ ଏହାକୁ ନିଶ୍ଚିତ ମୂର୍ଖାମୀ କୁହାଯିବ । ଖସି ପଳାଇବା ଅର୍ଥ ମଧ୍ୟ ସନ୍ତାପିତ ମୃତ୍ୟୁ, ବୋଧହୁଏ ନିର୍ଯ୍ୟାତିତ ମୃତ୍ୟୁ ନୁହେଁ । ଏତିକି ଫରକ ତା'କୁ ମିଳିଥାନ୍ତା । କିନ୍ତୁ ସେ ସମୟରେ ସେ ତାହା ଜାଣିନଥିଲା । ତା'କୁ ବିଚାରରେ ଫାଶୀ ମିଳିଲା । ସେ ଥିଲା ଖସି ପଳାଉଥିବା ପ୍ରଥମ କଇଦୀ ଆଉ ତାହା ଥିଲା ପେନାଲ ସେଟଲମେଣ୍ଟର ପ୍ରଥମ ଫାଶୀ ।

ଆଣ୍ଡାମାନର ପ୍ରଥମ ଫାଶୀ ତ ନାରାୟଣର । ତା' ବିଷୟରେ କିଛି ମନେଅଛି ?- ଅବିନାଶ ବୁଢାଙ୍କୁ ପଚାରିଲା । ଅବିନାଶ ନାରାୟଣର ଫଟୋ କେଉଁଠି ଦେଖିନଥିଲା । ଅତି ସାଧାରଣ କଇଦୀଙ୍କ ଫଟୋ କେଉଁଠି ରଖାଯାଏ ? ଯଦି ଚାଥାମରେ କେଉଁଠି ତା' ଫଟୋ ଲଗାଯାଇଥିବ ସେ ଯାଇ ଟିକେ ମୁଣ୍ଡିଆ ମାରନ୍ତା । ଏଇ ପ୍ରଥମ ଫାଶୀ ସହ ଆଣ୍ଡାମାନରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ୱାଧିନତା ସଂଗ୍ରାମୀଙ୍କ ବଳୀଦାନର ଆରମ୍ଭ ହୋଇଛି ।

କିଛି ସମୟ ନୀରବରେ କଟିଗଲା । ଲହଡି ଶବ୍ଦ ଭାସିଆସୁଥିଲା ।

କେଉଁଠି ଦେଖିଲା ଭଳିଆ ମନ ପଡୁନି । ହୁଏତ ଲମ୍ବା ଲୋକଟାଏ । ନାକତଳେ ହଳେ ମୋଟା ନିଶ ଥିବ ଆଉ କଥା ଘଡଘଡି ପରି ଲାଗୁଥିବ । ସିଧା ଚାଲୁଥିବ ।– ବୁଢା କହୁଥିଲେ । ବୁଢାଙ୍କ ହିସାବରେ ସିଧା ଚାଲୁଥିବା ଲୋକେ ଖସି ପଳାଇବାକୁ ସାହାସ କରନ୍ତି ।

ଅବିନାଶ ଏକ ଦୃଢ ଲୋକର କଳ୍ପନା କଲା । ଅତି ଦୃଢ ଲୋକ ନହେଲେ ଏମିତିଆ ଜଙ୍ଗଲକୁ ଖସି ପଳାଇବାକୁ ଭାବିନଥାନ୍ତା । ସେ ମନେମନେ ଏକ ଚିତ୍ରକାର ଭଳି କେତେବେଳେ ମୁହଁରେ ରେଖା କଳ୍ପନା କରୁଥିଲା ତ କେତେବେଳେ ଲମ୍ବା ନିଶ ଖୋଜୁଥିଲା । ଶେଷରେ ସେ ଭାବିନେଲା ନିଶଟା ଶେଷଆଡକୁ ମୁନିଆ ହୋଇ ମୋଡି ହୋଇଯାଇଥିବ ଆଉ ବାହୁରେ ମାଂସପେଶୀ ଫୁଟିଉଠୁଥିବା ଲୋକଟା ମଧ୍ୟମ ଆକାରର ହୋଇଥିବ । ସାଧାରଣ ଲୋକପରି ଲାଗୁଥିବ, କିନ୍ତୁ ଅନ୍ୟମାନଙ୍କ ଠାରୁ ଟିକିଏ ବଳିଷ୍ଠ । ସାଧାରଣ ହୋଇଥିଲେ ! ନା ଲୋକଟା ଲୋକଟା ଅସାଧାରଣ ହେଉ । ଲମ୍ବା ହେଉ । ବାଳସବୁ କାନ୍ଧ ପର୍ଯ୍ୟନ୍ତ ଝୁଲିଆସିଥାଉ ଆଉ ମୁଣ୍ଡରେ ଏକ ଲମ୍ବା ତିଳକ ଥାଉ ।

ଆଉ ଫାଶୀ କେଉଁଠି ଦିଆଗଲା ?

ଏଇଠି କେଉଁଠି ଦିଆହୋଇଥିବ । ହୋଇପାରେ ତୁମେ ଯେଉଁଠି ଠିଆ ହୋଇଛ ସେଇଠି । ତୁମେ ତ ସମୁଦ୍ରକୁଳରେ ଠିଆ ହୋଇଛ । ସେଦିନରେ ସମୁଦ୍ରକୂଳରେ ଏପଟେ ବଡ଼ ବଡ ଗଛ ଭରିଥିଲା । ଗଛରେ ଏକ ଦଉଡି ବାନ୍ଧି ଏକ ଲୋକକୁ ଝୁଲାଇ ଦେବାକଥା । ଲୋକଟାର ବେକ ଭାଙ୍ଗିଯିବ ଆଉ ମୃତ୍ୟୁ । ଗଛଟାରେ କଇଦୀ ପୋଷାକ ପିନ୍ଧି ଲୋକଟାଏ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଟଙ୍ଗା ହୋଇଥିବ । ଲୋକ ଦେଖିଲେ ଡରିବେ ।– ବୁଢା କହି ଉପର ଆଡର ଖୋଲା ଜାଗାକୁ ଚାହିଁଲେ । ତା'ପରେ ଆଖିକୁ ବନ୍ଦ କରି ମୁହଁକୁ ପୋଛି ପକାଇଲେ । ନାକ ସୁଁ ସୁଁ କଲେ ।

ଫାଶୀ ପାଇବା ଲୋକପାଇଁ କାନ୍ଦିବା ମୋଟେ ଉଚିତ ହେବନି । ସାହାସୀ ଲୋକଟାଏ । ଏକ ଆତ୍ମଗର୍ବୀ ସିପାହୀ ହେତୁ ସେ ଖସି ପଳାଇବା ପାଇଁ ଚାହୁଁଥିଲା । ଏକ ସୈନ୍ୟ ଚେଷ୍ଟା କରୁଥିଲା । ସଫଳ ହେଲାନି ଆଉ ପରିଣାମରେ ମୃତ୍ୟୁ ଭୋଗିଲା । ଏକ କ୍ରାନ୍ତିକାରୀର ମୃତ୍ୟୁ । ତା' ପାଇଁ ମନରେ ଗର୍ବ ଆସିବା ଉଚିତ ।- ଅବିନାଶ କହିଲା ।

ଅବିନାଶ ମନେମନେ ସମୁଦ୍ର କୂଳରେ ଏକ ବଡଗଛକୁ ଯେମିତି ଦେଖିଲା । ଗଛ ଉପର ଆକାଶରେ ହ୍ୱାଇଟ ବେଲିଡ ସି ଇଗଲ ଘୁରି ବୁଲୁଥିଲା । ପକ୍ଷୀଙ୍କର ଡାକ ଶୁଣାଯାଉଥିଲା । ଆଉ ଭାଙ୍ଗି ପଡୁଥିବା ଢେଉର ଶବ୍ଦ ତା' କାନ ପାଖକୁ ଯେମିତି ଭାସି ଆସୁଥିଲା ।

ମୁଁ ଟିକିଏ କାନ୍ଦିନିଏ ।- ବୁଢା ତଥାପି କହିଲେ ।

ଏ କି ପ୍ରକାର ନୀତି । କିଛି କାରଣ ନାହିଁ ବୁଢା କାନ୍ଦିବାକୁ କହୁଛନ୍ତି । ଅବିନାଶ କିଛି ବୁଝିପାରିଲା ନାହିଁ । ବୁଢା ଏକ କାଠଗର ସନ୍ଧିରେ ଜାକିଜୁକି ହୋଇ ବସିପଡିଲେ ଆଉ ମୁଣ୍ଡକୁ ଦୁଇ ଆଣ୍ଠୁ ମଝିରେ ରଖିଦେଲେ । ମୁଣ୍ଡଟା ଏକ ଠେକି ଭଳି କୁଜ ଦେହରୁ ଉପରକୁ ଦେଖାଯାଉଥିଲା । ତା'ପରେ ସେ ସୁଁ-ସୁଁ କରି ଭେରାଏ କାନ୍ଦିଲେ । ସେ ମଝିରେ ମଝିରେ ଆଖି ପୋଛୁଥିଲେ । ଅବିନାଶକୁ ବଡ଼ ଅପ୍ରସ୍ତୁତ ଲାଗୁଥିଲା । ତା'କୁ କ'ଣ କରିବାକୁ ପଡ଼ିବ ସେ ଜାଣି ପାରୁନଥିଲା । ତୁନି କରିବା ଦରକାର କି ନାହିଁ ବୁଝି ପାରୁନଥିଲା । ତେଣୁ ସେ କିଛି ନକରି ଚୁପଚାପ ଠିଆହେଲା । ବୁଢା ଭେରାଏ କାନ୍ଦନ୍ତ ।

ମୋର ଗୋଟାଏ ଲୋକ କଥା ମନେ ପଡିଗଲା । ଲୋକଟା ସବୁବେଳେ କାନ୍ଦୁଥିଲା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନା । ପାଖରେ ତା' ନିଜର କେହି କୁଆଡେ ନଥିଲେ ତ । ସେଇଥିପାଇଁ ମନକୁ ମନ କାନ୍ଦ ଆସିଗଲା ।- ସେ କହିଲେ ।

ନାରାୟଣ ପାଇଁ ଯଦି କାନ୍ଦୁଛନ୍ତି, ଆପଣ ଲୁହ ନଝରାଇ ନିଜ ଆଖିରେ ଗର୍ବ ଆଣିବା ଉଚିତ ।- ଅବିନାଶ ଜୋରରେ କହିଲା ।

ତା ପାଇଁ କାନ୍ଦୁନି ମ । ସେଇ ସମୟରେ ୧୪ ମାର୍ଚ୍ଚ ୧୮୫୮ ମସିହାରେ କଇଦୀ ନ୍ୱମ୍ବର ୪୭ ସିପାହୀ ନିରଞ୍ଜନ ସିଂ କାନ୍ଦିକାନ୍ଦି ରସ ଦ୍ୱୀପରେ ଆତ୍ମହତ୍ୟା କରିଦେଲା । ମନେ ପଡିଗଲା ନା । ସେଇଥିପାଇଁ ମୋତେ ଭାରି କାନ୍ଦ ଲାଗିଲା ।

ଆପଣ କ'ଣ ତା'ର କିଛି ପୁଅ, ପୁତୁରା, ନାତି, ଅଣନାତି, କିଛି ସମ୍ବନ୍ଧୀ ଆପଣଙ୍କର ?

ଲେଖାରେ କେହି ନୁହଁ । କିନ୍ତୁ ତା' କଥା ଭାବିଲେ ମୋତେ ଦୁଃଖ ଲାଗେ । ସେ ଏତେ ଦୁଃଖି ହୋଇଯାଇଥିଲା ଯେ ଜାଣି ଆତ୍ମହତ୍ୟା କରିଦେଲା । ଏଇ ଜାଗାର ପ୍ରଥମ ଲୋକଗୁଡାକ ତ । ସମସ୍ତେ ନିଜର ଭଳି ଲାଗନ୍ତି ।– ବୁଢା ସେଁ ସେଁ ହେଲେ । ଅବିନାଶକୁ କେଉଁ ଘଟଣା, କ'ଣ ହେଉଛି କିଛି ବୁଝାପଡୁନଥିଲା ।

ଅବିନାଶ ଜାଣିଥିଲା ସେ ଆଣ୍ଡାମାନକୁ ପ୍ରଥମ ବିଦ୍ରୋହୀ ଦଳ ସହ ଅନ୍ୟ ଏକ ଘଟଣାରେ ଆସିଥିଲା । ବେଙ୍ଗଲରେ ସେ ସେନା ଛାଡି ପଳାଇଥିବା ହେତୁ ଧରା ହୋଇଥିଲା । ସେ ଦିନେ ରସ ଦ୍ୱୀପରେ ୧୪ ମାର୍ଚ୍ଚ ୧୮୫୮ ମସିହାରେ ଆତ୍ମହତ୍ୟା କଲା । ନାରାୟଣ ସିଂହର ଫାଶୀ ଆଉ ନିରଞ୍ଜନ ସିଂହର ଆତ୍ମହତ୍ୟା ପ୍ରାୟ ଏକା ସମୟରେ ହେଲା ।

ଆତ୍ମହତ୍ୟା କରିବାଟା ଭାରି କଷ୍ଟ । ଲାଗୁଛି ମୋ ବେକରେ ଦଉଡିଟା ଗୁଡେଇ ହୋଇଯାଇଛି ।- ଏତିକି କହି ବୁଢା ବେକ ଟିକେ ଆଉଁଷିଲେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିରଞ୍ଜନ ସିଂହ ! ଏକ ସିପାହୀ ହୋଇ କେମିତି ଆତ୍ମହତ୍ୟା କରିପାରେ ?- ଅବିନାଶ ନିଜକୁ ପଚାରିଲା, କିଛି ଶବ୍ଦ ବୁଢା ଶୁଣିପାରିଥିବେ ।

ତାକୁ ବହୁତ ଅପମାନ ଦେଇଥିଲେ । ସେଇଥି ପାଇଁ ତ ମୋତେ କାନ୍ଦ ଲାଗୁଛି । ତା'ର ନିଜ ଆତ୍ମଗର୍ବ ଥିଲା । ତେଣୁ ସେ ଆତ୍ମହତ୍ୟା କରିଦେଲା ।- ବୁଢା କହିଲେ । ସେ ନିଜ ହାତକୁ ଲମ୍ବେଇଦେଲେ । ହାତରେ ବହଳେ ମାଟି ବସିଯାଇଥିଲା । କିଛି କାଠଗୁଣ୍ଡ ଦେହସାରା ପଡିଥିଲା । ଅବିନାଶର ଆଖି ମଇଳା ହାତ ଉପରେ ଲାଗିଥିଲା । ବୁଢା ଟିକିଏ ସାଙ୍କୁଡି ଗଲା ପରି ଲାଗିଲେ ।

କ୍ରମଶଃ. . .

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଜୟ ଧନୁଷ



ଆର୍ଯ୍ୟକୁମାରୀ ପ୍ରଜ୍ଞା ପାରମିତା

ଲଣ୍ଡନ ବ୍ରିଜର ପଠାରେ ଠିଆ ହୋଇ ସୁଦିପ ଦେଖୁଛି ଚହଲୁଥିବା ପାଣିର ତରଙ୍ଗକୁ । ସବୁ ଯେମିତି ତା'ଜୀବନର ଘଟୁଥିବା ଅତୀତ, ବର୍ତ୍ତମାନ, ଭବିଷ୍ୟତର ତରଙ୍ଗମାଳା କେବେ କେବେ ହୋଇଥିବା ହେବାକୁଥିବା ଘଟଣା ଆମ ଆୟତ୍ତରେ ନଥାଏ । ପସନ୍ଦ କରିଥିବା ଝିଅଟି ତା'ର ଅତୀତ ଆଦରର ବନ୍ଧୁ ସହକର୍ମୀ ଭାବେ ଦୁହେଁ ଯୋଗଦାନ କରିଥିଲେ ଗୋଟିଏ ଅଫିସରେ । ଚାହୁଁଚାହୁଁ ବନ୍ଧୁତ୍ୱ ସୂତ୍ରରୁ ବାନ୍ଧି ହୋଇ ଯାଇଥିଲେ । କିଭଳି ସଂଘର୍ଷ କରି "ଜୀବନ କ'ଣ ତା'ର ସ୍ୱାଦକୁ ଚାଖିବେ" ଏଇ ଗୋଟିଏ ଆକାଂକ୍ଷା ସତେ ଯେମିତିକି ରାତ୍ରିର ନିରବତାକୁ ବି ଭଙ୍ଗ କରି ଦେଉଥାଏ । ଏକ ନୂତନ ସକାଳର ଅପେକ୍ଷାରେ ବିଛଣାରେ ପଡ଼ି ପଡ଼ି ତା'ଦୁନିଆରେ ହଜିଯାଏ । ଭଲ ଲାଗେ ସେ ଆଉ ତା'ର ଶେଜ । କେଉଁ ଏକ ଭିନ୍ନ ଇଲାକା ନା ଅଛି ସହରର ଭିଡ଼, ନା କାହାର ପାଟି ନା କାହାର ହୁକୁମ; ରାତ୍ରି ୧୧ଟାରୁ ସକାଳ ୫ଟା ତା'ର ଯେମିତି ସୁବର୍ଣ୍ଣ ସମୟ ଗୁଡ଼ିକ । ତା'ହାତରୁ କେହି ଛଡ଼ାଇ ନେଇପାରିବେ ନାହିଁ । ନିହତା ଅଭିମନ୍ୟୁ ଚକ୍ରବ୍ୟୂହ ମଧ୍ୟରେ ପ୍ରବେଶ କଲାବେଳେ ଯେମିତି ସେ ଖୁସିଥିଲା ଏକ ନୂତନ ସମ୍ଭାବନା, ଭିନ୍ନ ସଫଳତାକୁ ନେଇ ସୁଦିପ୍ ମଧ୍ୟ ନିଜର ଦିବ୍ୟ ସୁନ୍ଦର ଅନ୍ତରାତ୍ମା ସାଙ୍ଗେ ସେଭଳି ଯାତ୍ରା କରୁଥିଲା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାରଣ ସେ ଜାଣେ ବୁଝେ ଯନ୍ତ୍ରଣା ବ୍ୟତୀତ ଜୀବନର ପରିପୂର୍ଣ୍ଣତା ନାହିଁ । ସେତେବେଳ ଯାଏଁ ସଂଘର୍ଷ କରିବ ଯେତେବେଳ ଯାଏଁ ତାର ସମସ୍ତ ଶିରାପ୍ରଶିରା ଥକ୍କା ନ ମାଗିଛି । ସମୁଦ୍ର ତଟରୁ ଜରି ସାଉଁଟୁଥିବା ବ୍ୟକ୍ତିପରି ଏତେବଡ଼ ସଂସାରରେ ସେ ମଧ୍ୟ ସଫଳତା ସାଉଁଟିବା ପାଇଁ ନିଜ ପରିବାରକୁ ପଛରେ ପକାଇ ନିର୍ବିକାର ଭାବେ ଅନାସକ୍ତ ଦଗ୍ଧୀଭୂତ ଚରିତ୍ରଟେ ପରି ଗତି କରି ଚାଲିଛି । ମନରେ ଜନ୍ମଜନ୍ମାନ୍ତରର ଯନ୍ତ୍ରଣା କଷ୍ଟ କେଉ ଅନାଦି କାଳରୁ ପର୍ଶୁରାମଙ୍କଠାରୁ ପାଇଥିବା ଅଭିଶାପ ଯେଭଳି କର୍ଣ୍ଣ ଜୀବନରେ କାଳିମାର ଛାୟା ଖେଳିଯାଇଥିଲା । ଠିକ୍ ସେହିପରି କ୍ରୁର ରୂପୀ କିଛି ଚେହେରା ତା'ଜୀବନର ଜ୍ୟୋତିକୁ ପ୍ରତି ମୁହୂର୍ତ୍ତର ବତାସ ଭଳି ନିଶ୍ଚିହ୍ନ କରିବାର ପ୍ରୟାସ କରିଚାଲିଛନ୍ତି ।

କିନ୍ତୁ ଅଦମ୍ୟ ସାହସ ଓ ଇଚ୍ଛାଶକ୍ତି ଯେଭଳି ନଦୀକୁ ସାଗରର ମିଶେଇବାର ବାଧା ସୃଷ୍ଟି କରିପାରନ୍ତିନି ଠିକ୍ ସେହିଭଳି ସୁଦିପ୍ ମଧ୍ୟ କର୍ମ ପଥରେ ଗୋଟିଏ ପରେ ଗୋଟିଏ ସଫଳତା ପାଇବାରେ ଲାଗିଲା । ଏକ ଅଲିଖିତ କବିତାର ଶେଷ ଧାଡ଼ି ଭଳି ଅପୂର୍ଣ୍ଣ ଭାବରେ ସହକର୍ମୀ (ଅର୍ଘ୍ୟା) ତା'ଠାରୁ ବିଚ୍ଛିନ୍ନ ହୋଇଯାଇଥିଲା । ସେହିଦିନଠାରୁ ତା'ର ହୃଦୟଟି ଏକ ଅଜଣା ଭୟରେ ଦ୍ରବୀଭୂତ ହୋଇତା'ର ଶରୀରର ପ୍ରତିଟି ବର୍ଗକୁ ପ୍ରକମ୍ପିତ କରିଦେଇଥିଲା । ଉଆଁସ ରାତ୍ରୀର ଜହ୍ନପରି ଜୁଆର ଆଉ ଭଟ୍ଟାଗୁଡ଼ିକ ବାରମ୍ବାର ଆନ୍ଦୋଳିତ କରି ଦେଉଥିଲା । ଏକ ଅଜଣା ଖୁସିର ପ୍ରଲେପକୁ ତା'ର ଚିବୁକରେ ନେଇ ବୁଲୁଥିଲା ସେଇ ଦିନଠାରୁ । ଏକ ପଳାତକ ହୃଦୟର ବ୍ୟଥାକୁ ଅକାଳ ଭାବରେ ଆଶା, ଆଶ୍ୱାସନା ଦେଇ ସେଇ ଅଜଣା ଦିଗ୍ବଳୟକୁ ଚାଲିଯାଇଥିଲା । ରାତ୍ରର ସେଇ ବେଦନାକ୍ରାନ୍ତ ସମୟ ମଧ୍ୟରେ ଭେଟହେଲା (ରୁଚିରା) ।

ଏକ ଆଦର୍ଶ ପ୍ରେମର ଉଷୁମତାକୁ ଖୋଜି ବୁଲୁଥିବା ସୁଦିପ୍ କୂଳ ପାଇଗଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବ୍ୟାଧିଗ୍ରସ୍ତ କପଟ ସମୟ ମଧ୍ୟରେ ପ୍ରେମର ଅନ୍ତରଙ୍ଗ ମୁହୂର୍ତ୍ତ ଗୁଡ଼ିକ ନିବିଡ଼ ପ୍ରଣୟର ସ୍ୱାକ୍ଷର ବହନ କରିଥିଲା । ଶସ୍ୟ ସମ୍ଭାରର ପ୍ରକୃତିର ସବୁଜିମା ଦ୍ୱିଗୁଣିତ ହେଲାଭଳି ଦୁହିଁଙ୍କର ପରସ୍ପର ପ୍ରତି ଆକର୍ଷଣ ଶୀତଳ ମନ୍ଦ ମନ୍ଦ ପବନ ବହିଲା ପରି ସମର୍ପିତ ଥିଲା । ସୁଦିପ୍ ଥିଲା ଭିନ୍ନ ଏକ ଇଲାକାର ପଥିକ । ତା'ର କୋଳାହଳ ପୂର୍ଣ୍ଣ ଜୀବନ ଶୈଳୀରେ ନିରବତାରୂପକ ବତାସର ଅନୁପ୍ରବେଶ ଚିତ୍ରକଳ୍ପ ପରି ଥିଲା । ସରଳ ନିର୍ବୋଧ ଶିଶୁପରି ତାରି କୋଳରେ ମୁଣ୍ଡ ରଖି ଲୋଟି ପଡୁଥିଲା । ହାୟ... ସେ କି ଜାଣିଥିଲା ସମୟ କାହାର ନୁହଁ । ପୁଣି ପ୍ରେମ ପାଶେ ମୃତ୍ୟୁର ଶୀଳତା ଏତେ ଅସହାୟ, ନିର୍ଜନ ବେଳାରେ ବ୍ରାହ୍ମମୁହୂର୍ତ୍ତର ଆକାଶରେ ଝଡ଼ ଥିଲା । ଅପରିପୂର୍ଣ୍ଣ ଜୀବନଶୈଳୀରେ ତାତ୍ପର୍ଯ୍ୟପୂର୍ଣ୍ଣ ଦୃଷ୍ଟିଭଙ୍ଗୀ ନେଇ (ରୁଚିରା) ଉଦ୍ୟମ ଆରମ୍ଭ କରିଥିଲା ବେଦନାର ମଧୁର ମୂର୍ଚ୍ଛନା । ସୁଦିପର ଅନନ୍ୟ ପରିକଳ୍ପନା ସାଙ୍ଗେ ରୁଚିରାର ବିରୋଧାଭାସ ଫେରିବାର ସମସ୍ତ ରାସ୍ତା ବନ୍ଦ କରି ଦେଇଥିଲା । ସ୍ମୃତିର ସମୁଦ୍ର ପାଖରୁ ଫେରିଆସି ସୁଦୀପ୍ ଜାଗ୍ରତ ହୋଇଯାଇଥିଲା । ଅଜଣା ଅଭିବ୍ୟକ୍ତି ତା'ର ଜ୍ଞାନର ପରୀସୀମାକୁ ଛୁଇଁ ଚାଲିଯାଉଥିଲା । ଉତ୍ତରା ଜୀବନରେ ଅଭିମନ୍ୟୁର ବିଦାୟ ମୁହୂର୍ତ୍ତପରି ଦୀର୍ଘଶ୍ୱାସଟିଏ ନେଇ ଜୀବନର ବିଚିତ୍ର ବିଡ଼ମ୍ବନା ମଧ୍ୟକୁ ପ୍ରବେଶ କରିଥିଲା ।

ରୁଚିରା ପ୍ରେମର ବୈଚିତ୍ର୍ୟତାରୂପକ ବୃତ୍ତ ମଧ୍ୟରୁ ସୁଦିପ୍ର ଜ୍ଞାନରୂପକ ପରିସୀମା ଅପ୍ରାସଙ୍ଗିକ ହୋଇ ପଡିଥିଲା । ଅସ୍ତିତ୍ୱବିହୀନ ସତ୍ତାକୁ ସମୟର ନିଃଶବ୍ଦ ଅନ୍ଧକାର ମଧ୍ୟରୁ ଫେରାଇ ଆଣିବାର ସମସ୍ତ ପ୍ରୟାସ ଶେଷ ହୋଇ ଯାଇଥିଲା । ସାମାନ୍ୟତମ ସ୍ୱପ୍ନ ଓ ମରୀଚିକା ମଧ୍ୟସ୍ଥ ଅବସନ୍ନ, କ୍ଲାନ୍ତ, ଅସହାୟ ସୁଦିପ୍ ଏ ପର୍ଯ୍ୟନ୍ତ ଖୋଜିବୁଲୁଥିଲା । ନିଜ ହାତର ତିଆରି କରିଥିବା ସୃଷ୍ଟି ସମ୍ଭାରକୁ । ମୃତ୍ୟୁର ଶୀତଳ ସ୍ପର୍ଶ ତାକୁ ପ୍ରତି ମୁହୂର୍ତ୍ତରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦୁନିଆର ଫମ୍ପା ପଣକୁ ଦର୍ଶାଉଥିଲା ବଞ୍ଚିବାର ସମସ୍ତ ରୁଦ୍ଧଦ୍ୱାରକୁ ଖୋଲିବାର ପ୍ରୟାସରେ ସୁସଜ୍ଜିତ ଥିବା ସୀମିତ ଜୀବନର ଉପଭୋଗ ସଂଜ୍ଞାହୀନ ଭାବେ ଅପରିଚିତ ହୋଇ ଯାଉଥିଲା । ମଉଳା ସ୍ୱପ୍ନର ସୌଦାଗର ଭାବେ ଜହ୍ନରାତିର ସେଦିନ ଅଲଂଘ୍ୟ, ଅବସାଦ ଆତୁର ସୁଦିପ୍ର ଅସହାୟତା ଲୋକଲୋଚନ ଅଗୋଚରରେ ରହିଯାଇଥିଲା ଏକ ଦୀର୍ଘ ଅବକାଶ ନେଇ କୋଳାହଳ ପୂର୍ଣ୍ଣ ସହରରେ ନୀରବତା ଆଣି ଦେଇଥିଲା । ଅର୍ଥାତ୍ ପୃଥିବୀରୁ ଚିର ବିଦାୟ ଦେଇ ନିଷ୍ଠୁର ସତ୍ୟକୁ ଗ୍ରହଣ କରିବାକୁ ବାଧ୍ୟ କରିଥିଲା । ଶୂନ୍ୟତାର ବଳୟ ଭଙ୍ଗକରି ନିଷ୍ପାପ ହୃଦୟର ସ୍ପନ୍ଦନରେ ବିରାମ ଆଣି ଦେଇଥିଲା । ମହାଭାରତର ଶ୍ରେଷ୍ଠ ଧନୁର୍ଦ୍ଧାରୀ କର୍ଣ୍ଣ ଭଳି ମୃତ୍ୟୁକୁ ପରାଭୂତ କରି ବିରାମ ଗ୍ରହଣ କରିଥିଲା ।

ଡକ୍ଟର ଆର୍ଯ୍ୟକୁମାରୀ ପ୍ରଜ୍ଞା ପାରମିତା, ଅଧ୍ୟାପିକା
କେଶପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କେଶପୁର, ଗଞ୍ଜାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବସ୍‌ଷ୍ଟାଣ୍ଡ



ରୁଦ୍ରକାନ୍ତ
ରାଉତରାୟ

ମଧୁପୁର ବସ୍‌ଷ୍ଟାଣ୍ଡ । ଗୋଧୂଳି ବେଳ, ସୂର୍ଯ୍ୟଙ୍କର ନାଲିଆ କିରଣ ଯାତ୍ରୀ ବିଶ୍ରାମଗାର ଛାତ ଉପରେ ଝାପ୍ସା ପ୍ରାୟ ଦୃଶ୍ୟମାନ ହେଉଛି । ଚର୍ମକୁଞ୍ଚିତ ଧୋବ ଫରଫର ୬ ଫୁଟର ମଣିଷଟିଏ, ଷ୍ଟାଣ୍ଡରେ ତାଙ୍କୁ ସମସ୍ତେ ନାନୁ କକେଇ ବୋଲି ଡାକନ୍ତି । ପ୍ରତ୍ୟହ ସନ୍ଧ୍ୟାରେ ଆସି ବସ୍ ଷ୍ଟାଣ୍ଡରେ ଅପେକ୍ଷା କରନ୍ତି । ପୁଣି ରାତ୍ରୀର ଶେଷ ବସ୍ ଷ୍ଟାଣ୍ଡରୁ ଛାଡିବା ଯାଏ । ତାପରେ ଗୋଟି ଚଲାଦେଇ ଯାଇ ସେଇ ଯାତ୍ରୀ ବିଶ୍ରାମଗାରରେ ଶୋଇପଡନ୍ତି । କ'ଣ ଖାନ୍ତି, କେମିତି ବଞ୍ଚନ୍ତି ତାହା ସଭିଁଙ୍କୁ ଅଜଣା ।

ଏଇ ନାନୁ କକେଇ ଓରଫ ନରେନ୍ଦ୍ର ସାହାଣୀ ଖୁବ୍ ମେଧାବୀ ଛାତ୍ର, ବିଦ୍ୟା ପ୍ରବୀଣ, ସାହସୀ, ବାଗ୍ମୀ ମଧ୍ୟ । କଲେଜରେ ତାଙ୍କର ପରିଚୟ ସ୍ୱତନ୍ତ୍ର । ମାତ୍ର ସେ ପିଲାଟି ଦିନରୁ ତାଙ୍କ ମାମୁଁ ଘରେ ରହି ବଡ ହୋଇଅଛନ୍ତି । ଶୁଣିଛି ବାପା ମା' ମରିଗଲା ପରେ ମାମୁଁ ଆଣି ତାଙ୍କୁ ବଡ ମଣିଷ କରିଛନ୍ତି । ମାମୁଁ ଜଣେ ଉଚ୍ଚ ପଦସ୍ଥ ସରକାରୀ କର୍ମଚାରୀ ମାତ୍ର ମାମୁଁଙ୍କୁ ସେ ଭଲ ପାଉନଥିଲେ କାରଣ ସେ ଲାଞ୍ଚ ନେଇ ବହୁ ବେଆଇନ୍ କାର୍ଯ୍ୟ କରୁଥିଲେ । ଥରେ ମୁହଁ ଖୋଲି ପ୍ରତିବାଦ କଲାରୁ ମାଇଁ ବହୁତ କଥା ଶୁଣେଇଥିଲେ । ଏଇ ନାନୁ କକେଇଙ୍କୁ ସେଇଦିନରୁ ନରେନ୍ଦ୍ର ସାହାଣୀ ଏଇ ମଧୁପୁର ବସ୍‌ଷ୍ଟାଣ୍ଡରେ ଯାତ୍ରୀ ନିବାସକୁ ନିଜର ଘର ବୋଲି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାବି ନେଇଥିଲେ । ଟ୍ୟୁସନ କରି ଯଉ ଦୁଇ ପଇସା ରୋଜଗାର କରି ସେଥିରେ ପେଟ ଚାଖଣ୍ଡକ ପୁରିଯାଉ ଥିଲା । ଷ୍ଟାଣ୍ଡରେ ଆଗନ୍ତୁକ ଯାତ୍ରୀମାନଙ୍କ ମଧ୍ୟରୁ ଜଣେ କଲେଜ ପଢୁଆ ତନ୍ୱି ତରୁଣୀ "ଶେଫାଳି" ମନ ଲାଖିଗଲା ନରେନ୍ଦ୍ର ସାହାଣୀଙ୍କ ପାଖରେ । ନରେନ୍ଦ୍ର ମଧ୍ୟ ଏକାପଣରୁ  ସାମାନ୍ୟ ବିରତି ନେଇ ଏକ ନୂଆ ଦୁନିଆରେ ମଗ୍ନ ହୋଇଗଲେ । ଶେଫାଳିର ପରିବାର ଲୋକେ ନରେନ୍ଦ୍ରଙ୍କ ସଚ୍ଚୋଟପଣିଆ ଓ ସ୍ୱତନ୍ତ୍ର ଚିନ୍ତାଧାରା ପାଇଁ ନରେନ୍ଦ୍ରଙ୍କୁ ବହୁତ ପସନ୍ଦ କରୁଥିଲେ । ଶେଫାଳି ନରେନ୍ଦ୍ରର ବିବାହ ହେଲା । ମାତ୍ର ନରେନ୍ଦ୍ରର ମାମୁଁ ଘର ପ୍ରତି ଥିବା ଘୃଣା ଓ ପ୍ରତିଶୋଧର ଅଗ୍ନି ଶାନ୍ତ ହୋଇନଥିଲା । ଆଣ୍ଟି କରପସନ୍ ବୋଲି ଏକ ସଂଗଠନରେ ନରେନ୍ଦ୍ର ଯୋଗ ଦେଲେ । ମାତ୍ର ଶେଫାଳୀକୁ ଏହା ଅଜଣା ସମୟ କ୍ରମେ ଘଟଣାର ପ୍ରବାହମାନ ସ୍ରୋତରେ ନିଜର ମାମୁଁକୁ ନରେନ୍ଦ୍ର ନିଶବ୍ଦ ରାତ୍ରୀରେ ଘରକୁ ଫେରୁଥିବା ସମୟରେ ଅଟକାଇ ଆମ ଦେଶର ସ୍ୱତନ୍ତ୍ରତାର ପାଠପଢେଇ ଥିଲା । ଗାନ୍ଧି, ଗୋପବନ୍ଧୁଙ୍କ ଆଖ୍ୟା ଦେଇ ସୁଧୁରିବାକୁ ମଧ୍ୟ ଉପଦେଶ ଦେଇଥିଲା, ମାତ୍ର ସେ ଉପଦେଶରେ ଧମକର ଗନ୍ଧ ବାରି ହୋଇପଡୁଥିଲା ସେଦିନ । ସମୟ କ୍ରମେ ଶେଫାଳି ଓ ନରେନ୍ଦ୍ର ବାପା ମା' ହେଲେ ନରେନ୍ଦ୍ରକୁ ଲକ୍ଷ୍ମୀଟିଏ ମିଳିଲା । ଦୁହେଁ ଖୁବ୍ ଆନନ୍ଦରେ କୁନି ପ୍ରତିମାଟି ସହ ସମୟ କାଟୁଥାନ୍ତି । କିନ୍ତୁ ପ୍ରତ୍ୟେହ ସନ୍ଧ୍ୟାରେ ନରେନ୍ଦ୍ରର ଘରୁ ବାହାରିଯିବା ଘଟଣା ଶେଫାଳୀ ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିଲା । ସେଦିନ ସନ୍ଧ୍ୟାରେ ମଣ୍ଟୁ ବେହେରା (ନରେନ୍ଦ୍ରର ସାଥୀ) ଆସି କବାଟ ଠକ୍ ଠକ୍ କଲା । ନରେନ୍ଦ୍ର ଶେଫାଳୀକୁ ଚାହିଁ କିଛି ସମୟ ପରେ ଯାଇ କବାଟ ଫିଟେଇ, ବାରିପଟରେ ମଣ୍ଟୁ ସହ କଥା ହେବାର ଶେଫାଳୀ ଦେଖିଲା, ଝାପସା ଶୁଭୁଥାଏକି, "ସେ ସୁଧୁରିବନି ଆଜି ପୁଣି ୨୦ ହଜାର ଲାଞ୍ଚ ନେଇଛି ଫାଇଲ୍ କ୍ଲିଅର୍ କରିବ ବୋଲି ।" ବାସ୍ ତା ପରେ ନରେନ୍ଦ୍ର ଓ ମଣ୍ଟୁ ବାହାରିଗଲେ ସେଇ ଅନ୍ଧାର ରାତିରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାଙ୍କ ଗନ୍ତବ୍ୟ ସ୍ଥଳକୁ । ସନ୍ଦେହର ସୂତାଖିଅରେ ଛନ୍ଦି ହୋଇ ଶେଫାଳି ରାତିରେ ଝିଅକୁ ଧରି ଉପାସ ଶୋଇଥାଏ । ରାତି ପ୍ରାୟ ୨ଟା, କବାଟ ଠକ୍ ଠକ୍ର ଆୱାଜ୍ ଧଡ୍ କରି ଶେଫାଳୀର ନିଦ ଭାଙ୍ଗିଗଲା । କବାଟ ଖୋଲି ଦେଖେ, ନରେନ୍ଦ୍ରଙ୍କର ଦେହ ରକ୍ତରେ ଉବୁଟୁବୁ ଝପଟି ଘର ଭିତରକୁ ପଶି ଆସି ତରତର ହୋଇ କବାଟ ବନ୍ଦ କରି ଦେଇଥିଲେ ସେ । ଶେଫାଳୀ ପଚାରିବାକୁ ଯାଉଥିବା ପ୍ରଶ୍ନର ଉତ୍ତର ନଦେଇ ତା ପାଟିକୁ ଜାବୋଡି ଧରି ନାଲି ନାଲି ଆଖିରେ ଚାହିଁ କହିଥିଲା- "ସବୁ କହିବି ହେଲେ କାଲି ।" ନରେନ୍ଦ୍ର ଯାଇ ଗାଧୋଇ ଖଟରେ ଶୋଇଲା ଆଉ ଶେଫାଳି, ମୁଣ୍ଡରେ ହାତଦେଇ ଖଟଗୋଡ ପାଖରେ ଡେରି ହୋଇ ଜୁକୁଜୁକୁ ହୋଇ ଜଳୁଥିବା ବିଜୁଳିବତିକୁ ଚାହିଁଥାଏ । ଶୋଇବାକୁ ଚାହିଁଲେ ବି ପଲକ ପଡୁନଥାଏ ତାର । ଯେମିତି କେଉଁ ଏକ ବିଷମ ସମସ୍ୟାର ସମାଧାନ ଖୋଜୁଛି ସେ । ରାତି ପାହିଲା ସକାଳ ହେଲା । ନରେନ୍ଦ୍ର ନିଦରୁ ଉଠିବା ଆଗରୁ ଏକ ଚିଠି ଲେଖି ଶେଫାଳି, ଝିଅକୁ ଧରି ଘରଛାଡି ତାର ବାପଘରକୁ ଚାଲିଗଲା । ନିଦରୁ ଉଠି ନରେନ୍ଦ୍ର ଚିଠି ପଢି ଦେଖନ୍ତି ଶେଷପାରାର ଶବ୍ଦଗୁଡିକ ତାଙ୍କୁ ବ୍ୟଥିତ କରିଦେଇଥିଲା । "ମୋତେ ଆଣିବାକୁ ଆମକ ଘରକୁ ଆସବନି ନହେଲେ ତୁମେ ଯେପରି ସମସ୍ତଙ୍କୁ ଖଣ୍ଡାରେ ହାଣି ମର୍ଡର କରୁଛ, ସେମିତି ଖଣ୍ଡାରେ ମୁଁ ମୋ ନିଜକୁ ଓ ମୋ ଝିଅକୁ ହାଣି ଶେଷ କରିଦେବି । ତୁମ ଦୁନିଆ ରକ୍ତର ନାଲି ଜରଜର ଗହନ ଅରଣ୍ୟ ଆଉ ମୋର ସବୁଜ କ୍ଷେତର ଚହଟା ଶସ୍ୟ କାନ୍ତି ।" ନରେନ୍ଦ୍ରଙ୍କର ଅଶ୍ରୁ ସଜଳ ନୟନର ଦୁଇବୁନ୍ଦା ଅଶ୍ରୁଧାର ହୋଇ ଓଠ ଚୁଇଁଗଲା । ହେଲେ ନରେନ୍ଦ୍ରର ମାର୍ଗ ବଦଳିନଥିଲା କି ସ୍ତ୍ରୀ ଓ ଝିଅକୁ ନିଜ ପାଖକୁ ଫେରେଇ ଆଣିବାର ଚେଷ୍ଟା କମିନଥିଲା । ହଁ ନୀତି ଓ ଆଦର୍ଶର ସାମାନ୍ୟ ପରିବର୍ତ୍ତନ ଅବଶ୍ୟ ହୋଇଥିଲା । ୟା ଭିତରେ ନରେନ୍ଦ୍ରଙ୍କର ଖୁବ୍ ବଡ ସଂଗଠନ ହୋଇଯାଇଥିଲା । ସରକାରଙ୍କୁ ତାଙ୍କ ନ୍ୟାୟର ଦାବୀ ପାଇଁ ମୁଣ୍ଡ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନଇଁବାକୁ ବାଧ୍ୟ କରିଦେଉଥିଲା । ସେ ସମାଜର ମଙ୍ଗଳ ପାଇଁ ଯ୍ଯା ଭିତରେ ନୀରିହ ଜୀବନମାନଙ୍କୁ ବାଜି ଲଗେଇବାକୁ ପଛଉନଥିଲେ । ନ୍ୟାୟ, ଅନ୍ୟାୟ, ମଙ୍ଗଳ, ଅମଙ୍ଗଳ, ଲାଭ, କ୍ଷତି ଯେମିତି ତାଙ୍କ ନୀତି ଆଗରେ ସାମାନ୍ୟ ଶବ୍ଦ ମାତ୍ର । ସେ ପାଲଟି ଯାଇଥିଲେ ପଥର ହୃଦୟର ମଣିଷ । ସେଦିନ ନୟନପୁରରୁ ଆସୁଥିବା ବସ୍ରେ ଦୁଇଟି ବମ୍ ଫିଟ୍ କରାଗଲା । ନରେନ୍ଦ୍ରଙ୍କର ସହଯୋଗୀମାନେ ବମ୍ ଫିଟ୍ କରି ନରେନ୍ଦ୍ରକୁ ଫୋନ୍ କରି ସୂଚନା ଦେବାରୁ ନରେନ୍ଦ୍ରଙ୍କର ହସରୁ ଯେମିତି ଏକ ବିଜୟର ଗନ୍ଧ ବାରି ହେଉଥିଲା । ଫୋନ୍ର ଏଣ୍ଡ କି ରେ ହାତ ବାଜିବା ପରେ ହଠାତ୍ ଆଉ ଗୋଟେ ଫୋନ୍ କଲ୍ "ହ୍ୟାଲୋ ଶୁଣୁଛ, ମୁଁ ଶ୍ୟାମଳି ।

ନରେନ୍ଦ୍ର - ହଁ ଶ୍ୟାମଳି, କୁହ

ଶ୍ୟାମଳି- ମୁଁ ବସରେ ଯାଉଛି, ଆଉ ଘଣ୍ଟାଏରେ ମଧୁପୁରରେ ପହଞ୍ଚିଯିବି । ଝିଅ ପାଇଁ ଯାଉଛି ବୁଝିଲା । ତାର ଏକା ଜିଦ୍ ସେ ବାପାଙ୍କୁ ଦେଖିବ । ଶୁଣ ସାଙ୍ଗେ ସାଙ୍ଗେ ଚାଲିଆସିବି । ସେ ବାପ ପଣିଆ ଦେଖେଇବ ନାହିଁ । ଯଦି ଅଟକାଇବ ତେବେ ...... !!!

ନରେନ୍ଦ୍ର- ନାଁ ନାଁ - କଉଠି ହେଲଣି, କଉ ବସରେ ଆସୁଛ ?

ଶେଫାଳି- ପୁଷ୍ପମାଳା ବସରେ ।

ନରେନ୍ଦ୍ର- ପୁଷ୍ପମାଳା - ଓଃ ଗଡ୍- ଓହ୍ଲାଅ - କହୁଛି ସେ ବସରୁ ଓହ୍ଲାଅ (ଘଡିକୁ ଦେଖୁଥାଏ) ଓଃ ମାଇଁ ଗଡ ଆଉ ମାତ୍ର ୫ ସେକେଣ୍ଡ, ୨ ସେକେଣ୍ଡ, ଢୋ କରି ଗୋଟେ ଶବ୍ଦ - ନରେନ୍ଦ୍ର ହାତରୁ ମୋବାଇଲ୍ ଖସି ପଡେ ............. !!! ପାଟି ଆଁ କରି ସ୍ଥାଣୁ ହୋଇ ବସିଥାନ୍ତି ସେ । ମଣ୍ଟୁ ଆସି କହିଲା ମିଶନ ସକସେସ୍ଫୁଲ୍ ଭାଇ । ଏଥର ସରକାର ଆମ ଦାବୀ ମାନିବ । ହେଲେ ନରେନ୍ଦ୍ରଙ୍କର ଶେଫାଳି, ସନ୍ଧ୍ୟାରେ ଫୁଟି ସକାଳ ନହେବା ଆଗରୁ ଯେ ଝରିଗଲା । ତାଙ୍କ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦାନବ ନୀତି ପାଇଁ କୁନି ପିତୁଳିର ବାପାକୁ ଭେଟିବାର ଆଶା ତା ବାପା ନିଜେ ଦଳି ମକଚି ଶେଷ କରିଦେଲା । ଅବଶୋଷର ନିଆଁରେ ବନ୍ଦୀ ଆଜି ନରେନ୍ଦ୍ର ଏକ ପାଗଳପ୍ରାୟ । ଆଜିବି ଆସି ଠିକ୍ ସନ୍ଧ୍ୟା ପରେ ବସ୍କୁ ଅପେକ୍ଷା କରନ୍ତି, ନରେନ୍ଦ୍ର ସାହାଣୀ କାଳେ ଶେଫାଳି ଆଉ ତାଙ୍କ କୁନି ପ୍ରାଣର ପିତୁଳି ଫେରିବେ । ବସ୍ ଷ୍ଟାଣ୍ଡର ନରେନ୍ଦ୍ର, ଡ୍ରାଇଭର ଓ ହେଲପରଙ୍କ ପାଇଁ କେତେବେଳେ ଯେ ନାନୁ କକେଇ ପଲଟିଗଲେ, ଜଣାପଡିନଥିଲା । ଏଇ ବସ୍ ଷ୍ଟାଣ୍ଡରେ ଅପେକ୍ଷାର  ତିନି ଦଶନ୍ଧି କଟିଗଲାଣି ତଥାପି ଅପେକ୍ଷା ସରିନି ନାନୁ କକେଇଙ୍କର । ଏସବୁର ସାକ୍ଷୀ କେବଳ ଏଇ ମଧୁପୁର ବସ୍ଷ୍ଟାଣ୍ଡ ଆଉ ମୋ ପରି କେତେକ ନୀତିଦିନର ଯାତ୍ରୀ ।

ରଚନା - ଶ୍ରୀ ରୁଦ୍ରକାନ୍ତ ରାଉତରାୟ

ଆଡଭୋକେଟ, ଭଦ୍ରକ

ମୋ. ୯୩୪୮୯୮୦୫୪

Email- rudrakanta456@gmail.com

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଲକ୍ଷ୍ମୀ ପ୍ରତିମା



ସସ୍ମିତା ସ୍ୱାଇଁ

ଯୌଥ ପରିବାରରେ ଜନ୍ମହୁଏ ଗୋଟେ ଝିଅ । ମଧ୍ୟବିତ୍ତ ପରିବାରରେ ୨ ଭାଇ ମିଳି ମିଶି ବହୁତ୍ ଖୁସିରେ ରହୁଥିଲେ ବଡ଼ ଭାଇର ସ୍ତ୍ରୀର ଅକାଳରେ ମୃତ୍ୟୁ ହୋଇଯାଇଥାଏ ଆଉ ତାଙ୍କର ଗୋଟେ ମାତ୍ର ପୁଅ(ପହଲୀ) ଆଉ ସାନ ଭାଇ(ଦିବାକର ଦାସ)ର ଗୋଟେ ଝିଅ ନାମ ତାର ଅତି ଶ୍ରଦ୍ଧାରେ ଦେଇଥିଲେ ପ୍ରତିମା (ପତି)  ଆଉ ସାନ ପୁଅ ନାମ ତାର ବାବୁ । ଝିଅଟେ ଦେଖିବାକୁ ଟିକେ ଶ୍ୟାମଳ କିନ୍ତୁ ଗୁଣରେ ଠିକ୍ ଲକ୍ଷ୍ମୀ ଭଳି । ଦେଖୁ ଦେଖୁ ବଡ଼ ଭାଇ ପହଲୀର ବାହାଘର ହେଇଯାଏ ସୁଷମା ସହ ।

ଦୁଇ ବାପାଙ୍କର ଭାରି ଗେହ୍ଲି ହେଲେ ଭାଗ୍ୟ ତାକୁ ସହିଲାନି । ପାଞ୍ଚ ବର୍ଷ ବୟସରେ ମା କର୍କଟ ରୋଗରେ ପ୍ରାଣ ତ୍ୟାଗ କଲେ ଛୋଟ ବୟସରେ ସାନ ଭାଇଟେ କରିବେ ବି କଣ ! ଭାଉଜ ସୁଷମା ଅତି ଉଦ୍ଧତ୍ ସ୍ତ୍ରୀ ଲୋକଟେ ଏ ଦୁଇ ଭାଇଭଉଣୀକୁ ସେ କେବେ ବି ସହି ପାରେନି, ମିଛ ଖଚ କହି ସ୍ୱାମୀକୁ ଘରେ ସବୁବେଳେ କଳି ଝଗଡ଼ା କରେ, ପ୍ରତିମାକୁ ସବୁବେଳେ ଘର କାମରେ ଲିପ୍ତ ରଖେ, ବିଦ୍ୟାଳୟରେ ନାମ ସିନା ଲେଖାହେଲା ହେଲେ ଦିନେ ଗଲେ ଦିନେ ଘରେ ପାଠ ପଢ଼ିବାକୁ ସୁଯୋଗ ଦେଏ ନାହିଁ ସୁଷମା, ସାନ ଭାଇ ବାବୁ ସହ ପ୍ରତିମାର କଥାବାର୍ତ୍ତା ବହୁତ୍

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କମ୍ କାହିଁ ନା ଭାଉଜର ସବୁବେଳେ ଅଭିଯୋଗ ପତି ବାବୁକୁ ଲୁଚେଇକି ଖାଇବା, ପଇସା ଦେଇ ଦଉଚି ଆଉ ଏସବୁ ପହଲୀ ଆଗରେ କହି ଘରେ ଗଣ୍ଡଗୋଳ ହଉଚି । ଭାଇ ଭାଉଜଙ୍କର ଧୀରେ ଧୀରେ ଚାରି ଗୋଟି ସନ୍ତାନ ଜନ୍ମ ହେଲେ ଜନ୍ମ ସିନା ସେମାନେ କଲେ ହେଲେ ପିଲାଙ୍କର ଲାଳନ ପାଳନ ସବୁ ପତି କରିଥାଏ, ଘରର ଯାବତ କାମ ଭାଉଜ ଅଯଥା ଜିଦି, ପ୍ରତିଦିନ ଝଗଡ଼ା ଭିତରେ ଝିଅଟି ଯେମିତି ପୁରା ଦଳି ମନ୍ଥି ହେଇ ଯାଉଥାଏ । ତଥାପି ଘରେ ଝଗଡ଼ା ହବ ବୋଲି ସବୁ ଦୋଷ ନିଜ ମୁଣ୍ଡକୁ ନେଇଯାଏ ଆଉ ଭାଉଜର ସବୁ ପ୍ରକାର ସମ୍ପା ଏକା ସହି ଯାଉଥାଏ ନିରୀହ ପ୍ରାଣୀଟେ କଷ୍ଟେ ମଷ୍ଟେ ମାଟ୍ରିକ ଯାଏ ପଢିଲା ମାଟ୍ରିକରେ ପାସ କରି ପାରିଲା ନାହିଁ ହେଲେ ପାଠରେ ଜ୍ଞାନ ବହୁତ୍ ଥାଏ । ପରେ ବାବୁ ମାଟ୍ରିକ ପାସ କରିଛି ଆଉ +୨ରେ ବି ପାଠ ପଢ଼ିଚି ହେଲେ ସେ କାଲୁଗୁଣ୍ଡି ଭାଉଜ ଆଯେ୍ଠ ପରୀକ୍ଷା ଦିନ ବାବୁର ସାଇକଲଟିକୁ କୋଉଠି ଲୁଚେଇ ଦେଲା ସେତେବେଳେ ତ ଗାଡ଼ି ମଟର ନଥାଏ ଅନ୍ୟ ବିକଳ୍ପ ନପାଇ ସେ କାନ୍ଦି କାନ୍ଦି ଘରେ ବସିଲା ଆଉ ପରୀକ୍ଷା ଦେଇ ପାରିଲା ନାହିଁ ।

ଭାଗ୍ୟର ବିଧି ଦେଖ ଝିଅ ପତିର ବାହାଘର ପୁଣି ଏକ ଯୌଥ ପରିବାରରେ ହେଲା ଶାଶୁ, ଶଶୁର ଯୌତୁକ ଦୁଃଖ ଦିଅନ୍ତି କିନ୍ତୁ ପତିର ସ୍ୱାମୀ ପତିକୁ ବହୁତ୍ ସାହସ ଦେଏ ବର୍ତ୍ତମାନ ପତି/ପ୍ରତିମାର ବାହାଘରକୁ ୨୮ ବର୍ଷ ହେଲାଣି କିନ୍ତୁ ଆଜିର ସମାଜ ଚାଲିଚଲଣି ବିକ୍ଷିପ୍ତ ପରିବାରକୁ ସେ ଲକ୍ଷ୍ମୀ ପ୍ରତିମା ଭଳି ଯୋଡ଼ି ରଖିଚି ସେ ଅଞ୍ଚଳର ଏ ଗୋଟିଏ ପରିବାର ଯୋଉଟିକି ଯୌଥ ପରିବାର ।

ଚଟୁଆ, କୁଜଙ୍ଗ
ଜଗତସିଂହ ପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

# ସିଗାରେଟ୍



ସୁଶୀଲ କୁମାର ଛାଟୋଇ

ସଞ୍ଜବେଳେ ଅଫିସ୍ ରୁ ଫେରି ନିଶାଙ୍କାନ୍ତ ବାବୁ ଘର ଅଗଣାରେ ଚୌକିଟିଏ ପକାଇ ଝାମ୍ ମାରି ବସି ପଡିଲେ ।

ବାହାରେ ଅସ୍ତାୟମାନ ସୂର୍ଯ୍ୟ ଏବଂ ରାତ୍ରିର କାଳିମା ଧିରେ ଧିରେ ଗଭୀର ହୋଇଆସୁଥାଏ । ରାତ୍ରିର କାଳିମା ଯେତେ ଗଭୀର ହୋଇଆସୁଛି ତାଙ୍କ ମନ ମଧ୍ୟରେ ଅବସାଦର କାଳିମା ସେତିକି ଗଭୀର ହୋଇ ପଡୁଥାଏ । ସେ ଆଜି ଅଫିସ୍ ରୁ ଫେରିବା ବାଟରେ ତାଙ୍କର ଏକମାତ୍ର ପୁତ୍ର ରାଜେଶକୁ ଛକମୁଣ୍ଡ ବଟ ପାନ ଓ ଚା ଦୋକାନରେ ତା ସାଙ୍ଗ ମାନଙ୍କ ସହ ସିଗାରେଟ୍ ଟାଣିବା ବେଳେ ଦେଖି କ୍ରୋଧାନ୍ୱିତ ହୋଇଛନ୍ତି । ତାଙ୍କ ଅଜାଣତରେ ତାଙ୍କ ପୁଅ ଏପରି ବଦ ଅଭ୍ୟାସରେ ପଡିଗଲାଣି ବୋଲି ଭାବି ଭାବି ଚିନ୍ତିତ ଅଛନ୍ତି ନିଶାକାନ୍ତ ବାବୁ ।

ତାଙ୍କ ମନ ମଧ୍ୟରେ ଥିବା ଆଶଙ୍କାର କଳାବାଦଲ ଆଜି ପରିଷ୍କାର ହୋଇଯାଇଛି । ସେ ସବୁବେଳେ ସକାଳ ଓ ସଞ୍ଜରେ ତାଙ୍କ ପୁଅ ରାଜେଶକୁ ତାର ସେଇ ଚାରି ପାଞ୍ଚୋଟି ସାଙ୍ଗଙ୍କ ସହ ଗାଡ଼ି ଧରି ଛକ ମୁଣ୍ଡ ବଟ ପାନ ଓ ଚା ଦୋକାନ ଯିବାର ନଜର କରିଛନ୍ତି । ନିଶାଙ୍କାନ୍ତ ବାବୁ ପୁଅକୁ ଉଚିତ୍ ଶିକ୍ଷା ଦେବା ପାଇଁ ତାଙ୍କ ମନ ମଧ୍ୟରେ ଉପାୟ ପାଞ୍ଚିଲେ । ତାଙ୍କ ଉପାୟ ଅନୁସାରେ ନିଶାଙ୍କାନ୍ତ ବାବୁ ତା ପରଦିନ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସକାଳେ ରାଜେଶ ତା ସାଙ୍ଗ ମାନଙ୍କ ସହ ଗାଡ଼ି ଧରି ଗଲାପରେ ତା ପିଛା କରି ପହଞ୍ଚିଛନ୍ତି ସେଇ ବଟ ଚା ଓ ପାନ ଦୋକାନ ସମ୍ମୁଖରେ । ସେ ସେଠାରେ ଲୁଚି ଦେଖିଲା ବେଳେ ଦେଖିଛନ୍ତି ରାଜେଶ ସିଗାରେଟ୍ ଟାଣୁଛି । ସେ ରାଗ ଜର୍ଜରିତ ହୋଇ ତା ପାଖକୁ ଯାଇ ତାକୁ ଚାପୁଡ଼ା ପକାଇ କହିଛନ୍ତି - "ବଦମାସ୍, ତୁ କେବେଠାରୁ ଏହିଭଳି ବଦ ଅଭ୍ୟାସରେ ପଡିଲୁଣି !" ଏହି ଦେଖି ରାଜେଶର ସେଇ ସାଙ୍ଗମାନେ ସେଠାରୁ ଚମ୍ପଟ ମାରିଛନ୍ତି । ରାଜେଶ ତା ଆଖିକୁ ନାଲି କରି ରାଗ ତମତମ ହୋଇ ଚଢା ଗଳାରେ କହିଛି - "ବାପା, ତୁମେ କିପରି ପ୍ରତିଦିନ ସିଗାରେଟ୍ ଟାଣୁଛ !

ତୁମେ ଟାଣିଲେ ଭଲ ମୁଁ ଟାଣିଲେ ଖରାପ । " ଛକ ମୁଣ୍ଡରେ ଥିବା ସବୁ ଲୋକମାନେ ଓ ସେଇ ଚା ଦୋକାନୀ ସବୁ ଚାହିଁ ରହିଛନ୍ତି । ରାଜେଶର ଏହି ପଦ କଥାରେ ନିଶାକାନ୍ତ ବାବୁଙ୍କ ମଥା ତଳକୁ ହୋଇଯାଇଛି । ସେ ସେଠାରୁ ସଙ୍ଗେ ସଙ୍ଗେ ଘରକୁ ଫେରି ଆସିଛନ୍ତି ।

ସେ ଘରକୁ ଫେରିବା ବାଟରେ ଅନେକ ଭାବନା ତାଙ୍କ ମନ ମଧ୍ୟରେ ଖେଳି ଯାଉଛି । ସେ ମନେ ମନେ ଭାବୁଛନ୍ତି କୋଉ ପିତା କେବେ ଚାହେଁ ନାହିଁ ସେ ନିଜେ ଯେଉଁ ବଦ ଅଭ୍ୟାସରେ ପଡ଼ିଛି ତା'ର ସନ୍ତାନ ମଧ୍ୟ ସେଥିରେ ପଡୁ । କୌଣସି ପିତୃ ପ୍ରାଣ ଏହା କେବେ ହେଲେ ଚାହେଁ ନାହିଁ । ଆଉ ମଧ୍ୟ ସେ ଭାବିଛନ୍ତି ଯେଉଁ ଭୁଲ୍ ସେ କରିଛନ୍ତି ସେ ଭୁଲ୍ କରିବାକୁ ବାରଣ କରିବା ପୂର୍ବରୁ ନିଜକୁ ପରିବର୍ତ୍ତନ କରିବା ସମସ୍ତ ପିତା ମାନଙ୍କୁ ନିଶ୍ଚୟ ଆବଶ୍ୟକ । ସେଦିନ ରାତିସାରା ନିଶାଙ୍କାନ୍ତ ବାବୁଙ୍କୁ ଅନେକ ଭାବନା ଓ ବ୍ୟସ୍ତତା ମଧ୍ୟରେ ଠିକ୍ ଭାବରେ ନିଦ ହୋଇନାହିଁ ।

ତା ପରଦିନ ସକାଳେ ନିଶାଙ୍କାନ୍ତ ବାବୁ ଓ ରାଜେଶ ପରସ୍ପରର ମୁହଁ ଦେଖା ଦେଖି ହୋଇ ମଧ୍ୟ କେହି କାହାରିକୁ କିଛି କହିନାହାନ୍ତି । ନିଶାକାନ୍ତ ବାବୁ ସକାଳୁ ସକାଳୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେତେବେଳେ ସିଗାରେଟ୍ ଜାଳିବାକୁ ଧରିଛନ୍ତି ରାଜେଶର ସେଇ କଥା ଗୁଡିକ ତାଙ୍କ କାନକୁ ପ୍ରକମ୍ପିତ କରିଛି ଏବଂ ସେ ସିଗାରେଟ୍ କୁ ଫିଙ୍ଗି ଦେଇଛନ୍ତି । ସେ ହୃଦୟଙ୍ଗମ କରିଛନ୍ତି କି ପିତାମାତା, ଗୁରୁଜନ ହେଉଛନ୍ତି ସନ୍ତାନ ମାନଙ୍କର ଚରିତ୍ର ଗଠନର ପ୍ରତିଫଳକ । ସେ ଧିରେ ଧିରେ ସିଗାରେଟ୍ ଟାଣିବା ବଦ ଅଭ୍ୟାସକୁ ପରିତ୍ୟାଗ କରିଛନ୍ତି ।

ରାଜେଶ କିଛି ମାସ ହେବ ବାପାଙ୍କର ଏହି ପରିବର୍ତ୍ତନକୁ ଲକ୍ଷ୍ୟ କରି ସେ ମଧ୍ୟ ଯେତେବେଳେ ସିଗାରେଟ୍ ଟାଣିବାକୁ ମନ କରିଛି ତା ବାପାଙ୍କର ଚେହେରା ତା ଆଖି ଆଗକୁ ଭାସି ଆସିଛି । ସେ ମଧ୍ୟ ଧିରେ ଧିରେ ତାର ଏହି ବଦ ଅଭ୍ୟାସ କୁ ପରିତ୍ୟାଗ କରିଛି ।

ଡାକସେବକ, ବଲାଙ୍ଗିର ମୁଖ୍ୟ ଡାକଘର,ବଲାଙ୍ଗିର

ଦୂରଭାଷ - ୮୮୪୭୮୨୨୬୧୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରୁଦ୍ରାକ୍ଷ



ସୁନନ୍ଦା ମହାନ୍ତି

ବହୁତ ଦିନରୁ ଜଣେ ପଡୋଶୀଙ୍କୁ ଦେଖୁ ନଥିଲି । ଭାବିଲି କୁଆଡେ ବୁଲିବାକୁ ସସ୍ତ୍ରିକ ଚାଲିଗଲେ କି ଆଉ ! ଏହି କଥା ଭାବି ତାଙ୍କ ଘରେ ପହଞ୍ଚିଗଲି । ଦେଖିଲି ତାଙ୍କ ଗୋଡରେ ପ୍ଲାଷ୍ଟର ହୋଇଛି । ତାଙ୍କୁ ଏମିତି ଅବସ୍ଥାରେ ଦେଖି ମୋର "କେବେ ହେଲା ? କେମିତି ହେଲା ?" ଇତ୍ୟାଦି ପ୍ରଶ୍ନର ଜବାବରେ ସେ ଗୋଟିଏ ରହସ୍ୟମୟୀ ସ୍ମିତହାସ୍ୟ ସହ ଉତ୍ତର ଦେଲେ, "ବ୍ୟସ୍ତ ହୁଅନ୍ତୁ ନାହିଁ । ମୋର କିଛି ବି ହୋଇନାହିଁ । ଯେତେ ପର୍ଯ୍ୟନ୍ତ ଲକଡାଉନ୍ ଚାଲିବ, ମୋର କୁଆଡେ ତ ଯିବାର ନାହିଁ... ତେଣୁ ଅଫିସରୁ ଫେରିଲା ବେଳେ ଗୋଡରେ ପ୍ଲାଷ୍ଟର ଚଢେଇ ଆସିଛି । ନହେଲେ ମୋତେ ଖଟେଇ ଖଟେଇ ମୋ ସ୍ତ୍ରୀ ମୋ ଅଣ୍ଟା ଭାଙ୍ଗି ଦେଇଥାନ୍ତା । ଏବେ କେବଳ ଆରାମ ହିଁ ଆରାମ । ଭରପୁର ସେବା ବି ମିଳୁଛି । କାମ କରେଇବା ତ ଦୂର, ପାଣି ଗିଲାସରେ ବି ହାତ ଲଗେଇ ଦେଉନି । ଏହି ଅବସରରେ ଦିନ ସାରା ମୋତେ ଶୁଣିବାକୁ ମିଳୁଛି 'ଏହି ବାହାନାରେ ତୁମ ସେବାର ସୁଯୋଗ ପାଇ ମୁଁ ଧନ୍ୟ ।" ମୁଁ ଭାବୁଥିଲି, "ବାପରେ ବାପ, କି ମୁଣ୍ଡ ମ ଲୋକଟାର !" ହେଲେ ହାତରେ ଛୋଟ ବଡ଼ ରୁଦ୍ରାକ୍ଷ ମାଳା ଦେଖି ପ୍ରଶ୍ନର ଉତ୍ତରରେ, ଜପ କରିବାକୁ ସ୍ତ୍ରୀ ତାଙ୍କ ହାତରେ ଧରେଇ ଦେଇ ଶୀଘ୍ର ଆରୋଗ୍ୟ ହେବାକୁ ପରାମର୍ଶ ଦେଇଥିଲେ ଶୁଣି ଧନ୍ୟ ହେଇଗଲି ମୁଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୋଟିଏ ଉଡାଜାହାଜ ଉପରେ ଉଡୁଥିବା ବେଳେ ହଠାତ୍ ଗୋଟିଏ ଝଡର ସମ୍ମୁଖୀନ ହେଲା । ଝଡ ଭିତରେ ଯିବାବେଳେ ଏହା ବହୁତ ଜୋରରେ ଦୋହଲୁଥାଏ । ଭିତରେ ଥିବା ଯାତ୍ରୀମାନେ ସମସ୍ତେ ଭୟରେ ଜଡସଡ ହୋଇଗଲେ । ଚାରିଆଡେ କାନ୍ଦବୋବାଳି ପଡିଗଲା । ଏତିକି ବେଳେ ଦେଖାଗଲା, ଜଣେ ଭାରତୀୟ ନିଜ ସିଟ୍ ଉପରେ ଆଖିବୁଝି ନିଜ ମାଳା ଗଡଉ ଗଡଉ ବଡ ପାଟିରେ "ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ" ମନ୍ତ୍ର ଜପ କରିବା ଆରମ୍ଭ କରିଦେଲେ । ଏହା ଦେଖି ଜଣେ ଓଡ଼ିଆ କହିପାରୁଥିବା ବିଦେଶୀ ଭଦ୍ରଲୋକ କୌତୁହଳବଶତଃ ପ୍ରଶ୍ନ କଲେ, “ଆଜ୍ଞା, ଆପଣଙ୍କ ଏମିତି ମନ୍ତ୍ର ଜପ ଦ୍ୱାରା କଣ ଲାଭ ହେବ ?” ଭାରତୀୟ ଜଣଙ୍କ ଉତ୍ତର ଦେଲେ, “ଆମ ଉଡାଜାହାଜ ଏହି ମହାବିପଦରୁ ରକ୍ଷା ପାଇଯିବ ।” ବିଦେଶୀଜଣଙ୍କ ପଚାରିଲେ, “ଏହା କେମିତି ସମ୍ଭବ ?” ଭାରତୀୟଙ୍କ ପାଖରେ ଉତ୍ତର ମଧ୍ୟ ଥିଲା । ସେ କହିଲେ, “ଭଗବାନ ଏବେ ଅଡୁଆରେ ପଡିବେ । ମୁଁ ଯଦି ତାଙ୍କ ନାମ ନେଇ ଏଇନେ ମରିଯିବି, ମୋତେ ସେ ବୈକୁଣ୍ଠକୁ ନେବାକୁ ବାଧ୍ୟ ହେବେ । ମାତ୍ର ମୁଁ ସେମିତି ଗୋଟିଏ ଭକ୍ତ ନୁହେଁ । କହିବାକୁ ଗଲେ, ମୁଁ ପାପୀଟିଏ । ତେଣୁ ମୋତେ ବୈକୁଣ୍ଠକୁ ନ ନେଇ ସେ ଜିଅନ୍ତା ଛାଡିଦେବାର ବେଶୀ ସମ୍ଭାବନା ଅଛି । ତେଣୁ ଉଡାଜାହାଜ ସୁରକ୍ଷିତ ହୋଇ ରହିବ ।”

ଏହି କଥାଟି ଶୁଣି ଜଣେ ବାବାଜୀ କହିଲେ, “ସମସ୍ତେ ମହାମନ୍ତ୍ର ଜପି ଚାଲନ୍ତୁ, କେହି କିଛି କରି ପାରିବନି ଆପଣଙ୍କର, ସବୁ ଦୁର୍ଘଟଣା ଦୂର ହେଇଯିବ । ଆପଣ ଏମିତି କେଉଁ ପୁଣ୍ୟାତ୍ମା ନୁହଁନ୍ତି ଯେ ମରିଗଲେ ସିଧା ସ୍ୱର୍ଗକୁ ପଳେଇବେ । ତେଣୁ ଭଗବାନ ଆପଣଙ୍କୁ ବଞ୍ଚେଇଦେବେ ଆଉ କିଛି ବର୍ଷ ।” ଦୂରରୁ ମୁଁ ଲକ୍ଷ୍ୟ କରିବାରେ ଦେଖାଗଲା ହାତରେ ତାଙ୍କର ଛୋଟ ଆଉ ବଡ଼ ରୁଦ୍ରାକ୍ଷ ମାଳାଟିଏ ।

ସାକ୍ଷୀଗୋପାଳ, ପୁରୀ, ୯୦୪୦୯୭୭୩୨୭

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

# କବିତା ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍‌ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗାଁ ମନ୍ଦିର



ଶିବ ନାରାୟଣ ଦାଶ

"ଗୋପାଳପୁର" ଗାଆଁଟି ମୋର
କି ମନଲୋଭା କି ମନୋହର
ଗାଁ ମଝିରେ ହୋଇଛି ଠିଆ
ନଡ଼ା ଛପର ଘର,
ତା' ମାଟି କାନ୍ଥେ ଗୋବର ଲିପା
ମୁରୁଜେ କଟା ଝୋଟିର ଚିତା
ଦୂରରୁ ଦିଶେ ସରଗ ପରି
ଗାଆଁ ମନ୍ଦିର ମୋର ।

ଚାରିପାଶେ ତା' ସିଜୁର ବାଡ଼
ବଇଁଚ କୋଳି କଣ୍ଟାର ଝାଡ଼
ଘେରାଉ କରି ମନ୍ଦିର ବେଢା
ଅଗଣା ଆଗ ପଛ,
ବାଉଁଶେ ବନ୍ଧା ନହକା ବତା
ଉପରେ ଲୋଟେ ଫୁଲର ଲତା
ମଧୁମାଳତୀ, ଅପରାଜିତା
ରଙ୍ଗ ବେରଂଗ ଫୁଲ ।

ମନ୍ଦିର ବେଢା ପାଖରୁ ଛାଡି
ଲମ୍ବିଛି ଯେଉଁ ପଡିଆ ବାଲି
ମହକେ ସେଠି ସୁବାସ ଭରା
ବଉଳ, ଚମ୍ପା କେତେ,
ଯେଉଁଠି ସରେ ବଉଳ ବଣ
ଆବୋରି ସେଠି ଛୋଟିଆ କୋଣ
ହୋଇଛି ଠିଆ ଗହିରି କୂଅ
ମନ୍ଦିରୁ କିଛି ହାତେ ।

ମନ୍ଦିର ଆଗ ବାରଣ୍ଡା ଭୂଇଁ
ଗଢାଇଥିଲା ପକ୍କାରେ କେହି
ବ୍ରସୁଆ ସେଠି ବସିଛି ଚାହିଁ
ଜଗି ମନ୍ଦିର ଦ୍ୱାର,
ମନ୍ଦିର ଘରେ ପାଆନ୍ତି ପୂଜା
ଦୁଦୁରା ଫୁଲ, ଅରଖେ ସଜା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମହାଦେବ ମୋ ଗାଁ ଠାକୁର
ନାମ "ଗୋପାଳେଶ୍ୱର" ।

ସକାଳ ହେଲେ ବଜାଇ ଘଣ୍ଟା
ମନ୍ଦିର ଦ୍ୱାର ହୁଅଇ ଫିଟା
ଫୁଲର ମାଳ ଗୁନ୍ଥଇ ବସି
ବିଧବା ଚମ୍ପା ନାନୀ,
ତା' ଛୋଟ ଝିଅ କଇଁ ଟି ପୁଣି
ସଜାଇ ରଖେ ପୂଜାର ଥାଳି
ଚନ୍ଦନ, ଦୁବ, ବେଲ ପତର
ଫୁଲରେ ଭରି ଆଣି ।

ଚକରା ନନା ସହଳ ଆସି
ମନ୍ତର ପଢ଼େ ପୂଜାରେ ବସି
ମହାଦେବଙ୍କ ମଥାରେ ଢାଳେ
ଦୁଧ ଓ ମହୁ ଘିଅ,
ଚକଟି ଛେନା, କଦଳୀ, ଗୁଡ଼
ଘର୍ଷଣ କରେ ସକାଳ ଧୂପ
ଗୁଗୁଳ ଝୁଣା ପ୍ରଦୀପ ଜାଳି
ଆରତୀ କାରେ ଦିଅଁ ।

ଛୋଟିଆ ପିଲା ଗାଆଁର ଯେତେ
ଧାଉଡ଼ି ଦେଉ ମନ୍ଦିର ଆଗେ
ପାଇବା ପାଇଁ ଘର୍ଷଣ ଭୋଗ
ବଢ଼ାଇ କୁନି ହାତ,
ଚରଣାମୃତ କପୂର ପାଣି
ଚକର୍ରି ନନା ଦିଅଇ ଆଣି
ପ୍ରସାଦ ପାଇ ମହାଦେବଙ୍କୁ
ପ୍ରଣମୁଁ ଦଣ୍ଡବତ ।

ମନ୍ଦିର ପାଖ ବଉଳ ଗଛ
ଗୋଟାଇ ତଳୁ କୁଢାଉ ଫୁଲ
କିଆପତର ଲଇରେ ଗୁନ୍ଥୁ
ବଉଳ ହାର କେତେ,
କନକ ଚମ୍ପା ସଜାଉ ପେନ୍ଥି
ଗୋଲିଆ ମାଟି ପିଣ୍ଡିରେ ବସି
ସୁଲୁସୁଲିଆ ବହିଲେ ବାଆ
ସୁବାସ ଭାସି ଆସେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନ୍ଦିର ପକ୍କା ପିଣ୍ଡାରେ ବସି
ଘିଅର ଦୀପ ସଜାଏ ଆସି
ପିଠଉ ଢାଳି ମୁରୁଜ କାଟେ
ସବୁରି ଶାନ୍ତି ଖୁଡି,
ତା' ଟିକି ପୁଅ କୁନାଟି ପୁଣି
ଅଙ୍ଗୁଳି ଗ୍ରର ବାଲିରେ ଟାଣି
କଷଇ ଅଙ୍କ ଅଗଣା ଧୂଳି
ମାଟିରେ ଗଡ଼ି ଗଡ଼ି ।

ଗାଧୁଆ ବେଳ ହୁଅଇ ଯେବେ
ମନ୍ଦିର ପାଖ ବାମ୍ଫିଟି ପାଖେ
ଛୋଟ ଓ ବଡ଼ ସବୁରି ଭିଡ
ଲୁଗଇ ଖରାବେଳେ,
ଗାଧୁଆ ସାରି ମା, ମାଉସୀ
ଦାଦା ଓ ଖୁଡି ସଭିଏଁ ଆସି
ଢାଳନ୍ତି ପାଣି ଗୋପାଳେଶ୍ୱର
ମଥାରେ ଧୀରେ ଧୀରେ ।

ଚକରା ନନା ସଳଖି ବସି
ମଧ୍ୟାହ୍ନ ଭୋଗ କରଇ ଲାଗି
ଅରୁଆ, ମୁଗ, ଘିଅରେ ରନ୍ଧା
ଖିଚୁଡ଼ି ସୁବାସିତ,
ତା' ସାଥେ ପୁଣି ନବାତ ଖିରି
"ବଉଳା" ଗାଈ ଦୁଧରେ ମାରି
ପାଆନ୍ତି ସବୁ ଖୁସିରେ ଭାରି
ମଥାରେ ଛୁଇଁ ହାତ ।

ଦ୍ୱିପହର ଖରା ଉଠିଲେ
କବାଟ ପଡେ ମନ୍ଦିର ଘରେ
ପହଡ଼ ଟାଣି ଚକରା ନନା
ଘଡ଼ିଏ ନିଦ ମାରେ,
ଆସନ୍ତି ମିଳି ବୁଢ଼ାଏ ଯେତେ
ଚୁଣ୍ଟି ବଡବା', ନିଧି ସାଆନ୍ତେ
ପିଣ୍ଡାରେ ଶୋଇ ଖରାବେଳିଆ
ଗପର ସୁଅ ଛୁଟେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗାଆଁର ଛୋଟ ପିଲାଏ ମିଶି
ବଉଳ ଗଛ ଛାଇରେ ବସି
ବାଲିରେ ଥାପି ଗଢନ୍ତି କେତେ
ମନ୍ଦିର ଭଳି ଭଳି,
ମାଟିରେ ଗଢି ଠାକୁର ପୁଣି
ବଉଳ ଫୁଲ ଚଢାନ୍ତି ଆଣି
ମିଛି ମିଛିକା ଲଗାନ୍ତି ଭୋଗ
କଦଳୀ, ଦୁଧ ଢାଳି ।

ନଇଁଲେ ସଞ୍ଜ ପ୍ରଦୀପ ଜଳେ
ସବୁରି ଘର ଚଉରା ମୂଳେ
ପ୍ରାର୍ଥନା ଗୀତ ଗାଆନ୍ତି ସବେ
ଠାକୁର ଘରୁ ଶୁଭେ,
ବଜାଇ ଘଣ୍ଟା ପିଲାଏ ଆମେ
ମନ୍ଦିର ଛୁଟୁ ଆନନ୍ଦ ମନେ
ଆରତୀ ପାଇଁ ଗୋପାଳେଶ୍ୱର
ମହାଦେବଙ୍କ ପାଖେ ।

ମନ୍ଦିର ପିଣ୍ଡା ଚଟାଣ ପରେ
ସଞ୍ଜ ସଞ୍ଜୁଆ ଆସର ବସେ
ଗାଆଁର ଲୋକେ ହୁଅନ୍ତି ଠୁଳ
କୀର୍ତ୍ତନ ସଜ କରି,
ଖଞ୍ଜଣୀ ମାଡ଼ ମୃଦଙ୍ଗ ତାଳେ
ବଜାନ୍ତି ଗିନି ଝଞ୍ଜଣୀ ସୁରେ
ବିଭୋର ହୋଇ ଗାଆନ୍ତି ଗୀତ
ଫଣି ମହାନ୍ତି ପୁଣି ।

ରାଧୁଆ, ଚେମା, ମଦନା ଭୋଇ
ଗଂଜେଇ ସଂଗେ ଧୂତୁରା ଧୋଇ
କରନ୍ତି ଭୋଗ ଗୋପାଳେଶ୍ୱର
ମହାଦେବଙ୍କୁ ଲାଗି,
ଚିଲମ ଟାଣେ ଉଠନ୍ତି ଥରି,
ରଙ୍ଗାଇ ଆଖି ଜଳକା କରି
ଯୋଡନ୍ତି ହାତ "ଭୋଳା ଶଙ୍କର"
କୁହାଟ ଛାଡି ଛାଡି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନ୍ଦିର ପିଣ୍ଡା ନିଆରା କୋଣେ
ତୁଳସୀ ଗଛ ଚଉରା ମୂଳେ
ଜଳାଇ ଛୋଟ ଡ଼ିବିରି ବତୀ
ପଣ୍ଡିତ ହରି ନନ୍ଦେ,
ପଢ଼ନ୍ତି ଭାଗବତର ପଦ
ହୃଦୟେ ଭରି ଭକତି ଭାବ
ବୁଢ଼ା ଓ ବୁଢ଼ୀ ଶୁଣନ୍ତି ବସି
ଗାଁର ଆମ ଯେତେ ।

ପୂଜା ପରବେ, ଓଷା ବରତେ
ଗାଁ ମନ୍ଦିର ସୁନ୍ଦର ଦିଶେ
ହୁଅଇ ସଜଝ ନିମ୍ବ ପତର
ଦେବଦାରୁର ଡ଼ାଳେ,
ରଙ୍ଗ-ବେରଂଗ ଫୁଲର ମାଳା
ଶୋଭଇ ଦେଇ ମନ୍ଦିର ବେଢ଼ା
ରାତିରେ ତୋଫା ଆଲୁଅ କରି
ରୋଷଣୀ କେତେ ଜଳେ ।


ରୋଗ ବିରାଗ ହୁଅଇ ଯେବେ
ଦେଖିଛି ମୁହିଁ ବୋଉକୁ ତେବେ
ଗୋପାଳେଶ୍ୱର ପାଦୁକା ପାଣି
ପାଟିରେ ଦିଏ ମୋ'ର
ଉଭେଇ ଯାଏ ଜ୍ୱର-ବାଧିକା
ଭକତି ଆଉ ବିଶ୍ୱାସ ଭରା
ମନରେ ଆଣେ ଶକତି କେତେ
ନିୟତ ଅନୁକ୍ଷଣ ।

ଦୁଃଖ ବିପଦ ଆସଇ ଯେବେ
ଡର କି ଭୟ ନ ଥାଏ କେବେ
ଗୋପାଳପୁର ଗାଆଁକୁ ମୋର
ଗୋପାଳେଶ୍ୱର ସାହା,
ହୃଦୟେ ଥାଇ ଦେଖାନ୍ତି ବାଟ
ନ ଥାଏ କିଛି ଭାବନା-ଦକ
ସରଗ ମୋ'ର ଗାଁ ମନ୍ଦିର
ଦେଖାଉଥିବ ରାହା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆମ ଗାଁ



ସ୍ୱର୍ଗତ ଶ୍ରୀ
ମାୟାଧର ଦାଶ

(୨)

ସେହି ମୋର ପ୍ରିୟ ପଲ୍ଲି ନୀତି ଯହିଁ
ଭୀରୁ- ଆସକତା ନୂଆ ଭୂଆସୁଣୀମାନେ,
ରାନ୍ଧୁଣି ଗାଧୁଆବେଳ ଉପଗତ ଜାଣି
ରୁଣ୍ଡ ହୁଅନ୍ତି ସଧୀରେ ନଈଘାଟେ ପୋଖରୀ ତୁଠରେ,
ଘଷୁଥାନ୍ତି ରୁଣୁଝୁଣୁ ଅଲନ୍ତକ ପାଦ ପୁଣି ତୁଠ ପଥରରେ
ଗୁରୁଗୁରୁ ହଳଦୀ ଚୁଆରେ ମହମହ ଅଙ୍ଗ ମହକାଇ,
କାମିନୀ କାମପୀଡିତା ଅଙ୍ଗବାସ ଉଲଗ୍ନ ନିଶାର
କଟି ମେଖଳାରେ ଭିଡି ଦେଉଥାନ୍ତି ସ୍ରୋତରେ ଭସାଇ,
ମଦିର ଯୌବନ-ମଧୁ କଳହାସ ବୋଳି ଅଧରରେ
ନିଶିର ଦଳିତାଞ୍ଜନ ସଲ୍ଲଜରେ ଦିଅନ୍ତି ସେ ନୟନରୁ ଧୋଇ ।

ଯଉବନ ଗୁରୁଭାରେ ଅଳସ ଗତିରେ
କାଖେ ଧରି ଜଳପୂର୍ଣ୍ଣ ଅମୃତ କଳସ
ଫେରନ୍ତି ନଈଘାଟରୁ ମୋ' ଗାଁ'ର କୁଳବଧୂମାନେ,
ସ୍ନାନେ ହୋଇ ଶୁଚିମୟୀ ସୁଦର୍ଶନ ଗୃହଲକ୍ଷ୍ମୀ ବେଶ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ' ଗାଁ'ର ସରଳ ଜୀବନ ପୁଣି

ଛଳର ଗରଳ ପିଇ ବେଳେବେଳେ ହୁଏ ଛଟପଟ,

କୂଟକପଟି ଚତୁର କୁଜିନେତାମାନେ ଯେବେ

ମିଥ୍ୟାମିତ ହିତକାରୀ ରୂପେ ହୁଅନ୍ତି ପ୍ରକଟ,

ପ୍ରେମ, ପ୍ରତାରଣା, ମିଥ୍ୟା, ଅବାନ୍ତର ଅସୂୟାର

ହରିବୋଲିଆମାନଙ୍କ ବସେ ହରିହାଟ ।

ରଙ୍କ ଦୁଃଖୀ, ଖଟିଖିଆ, କୃଷକ, ମୂଲିଆ

ନ୍ୟାୟ କେବେ ପାଆନ୍ତିନି ତାଙ୍କ ହିତ ପାଇଁ,

ଅବିହିତ ଅବିଚାର କୁଟିଳ ଅଗ୍ନିରେ

ଅଶ୍ରୁ ପୋଡି ଡହଡହ ନିଆଁ ଉକୁଟଇ,

ଜୀବନଟା ଚାଲିଯାଏ କଲିଜା ଫଟାଇ !

ନୀତିକଥା କହୁଥିବା ଦୁର୍ନୀତିର ଅସୁମାରୀ ନେତା,

ପାଞ୍ଚ ବରଷରେ ଥରେ ନିର୍ଲଜ୍ଜ ଭାବରେ

ଗାଁରେ ପୋତନ୍ତି ଆସି ଗଣତନ୍ତ୍ର ନିର୍ବାଚନ ଛାତ,

ମିଥ୍ୟା ପ୍ରତିଶ୍ରୁତି ଭଣ୍ଡ ରାଜନୀତି ପ୍ରତାରଣା ଖେଳ

ନିରୀହ ଜନତା ପାଇଁ ହୁଏ ସଦା କାଳ,

ଗଣନାୟକ ଭୁଲନ୍ତି ଗାଁ କଥା ଗାଦିରେ ବସିଲେ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗାନ ଶୋଷଣ ପେଷଣ ରାଜନୀତି ଯୁଦ୍ଧେ

ଜନତା କାନ୍ଦଇ ଦେଶେ ନେତାଏ ହସିଲେ ।

ସବୁ ଭୁଲି ଯାଉଥିବା ସକାଳର କଅଁଳ ଖରାରେ

ଜୀବନର ସୂର୍ଯ୍ୟ ରହେ ଚାହିଁ,

ଦିନର ଦର୍ପଣେ ଦିଶେ ଅସୁମାରି ଆଲୋକର ଛାୟା,

ନାଥଯୋଗୀ କେନ୍ଦ୍ର ବଜାଇ

ଗୀତ ଗାଏ ମନ ଚହଲାଇ,

ଭାସିଯାଏ ସେ ସଂଗୀତ ବହୁଦୂର ଗୋବିନ୍ଦଚନ୍ଦ୍ରର

ଅନେଶ୍ୱତ ରାଣୀ ଯହିଁ ମେଲି ବସିଛନ୍ତି

ପ୍ରପଞ୍ଚ ମାୟା ପ୍ରଲୁବ୍ଧ କାମନାର ସର୍ବଗ୍ରାସୀ କାୟା ।

ଅର୍ଶରୋଗୀ ବୁଢା ବିଶୁ ଦାସ,

ବୟସ ହେଲାଣି ଆସି ଚାରି କୋଡ଼ି ଦଶ,

ପ୍ରବଳ ଶୂଳ କୁନ୍ଥନ ତା' ସାଙ୍ଗକୁ ପେଲା ଧଇଁକାଶ,

ବୟସକୁ ତାଳ ଦେଇ ଅଂଟା ବି ଗଲାଣି ନଇଁ

ତଥାପି ତ ମୃତ୍ୟୁ ପାଇଁ ବଡ ଅବଶୋଷ !

ବିଶୁ ଦାସ, ପରମ ବୈଷ୍ଣବ ହରି ନାମରେ ବିଶ୍ୱାସ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାଗବତ ପାଠ କରି ବିଶୁ ଦାସ କହେ

ଦୁର୍ଲଭ ଏ ପୃଥିବୀରେ ମଣିଷ ଜୀବନ,

ସ୍ୱର୍ଗର ଦେବତାମାନେ ତପସ୍ୟା କରନ୍ତି

ଲଭିବାକୁ ନରଦେହ ଏ ମର୍ତ୍ତ୍ୟ ଭୁବନେ,

ହେଲେ ହେଉ ପଛେ ତାହା ମୃତ୍ୟୁର ଅଧୀନ ।

ଗୋଲକରୁ ଯୁଗେ ଯୁଗେ ପ୍ରକୃତି ଆଶ୍ରୟ ଲୋଭେ

ଅବତରି ଆସିଥାନ୍ତି ପ୍ରଭୁ ନାରାୟଣ,

ଗଛ ବୃକ୍ଷ, ଫୁଲ ଫଳ, ମାଟି ପାଣି, ଆଲୋକ, ପବନ,

ସବୁ ସେହି ଈଶ୍ୱରଙ୍କ ମଙ୍ଗଳ ବିଧାନ,

ସତ୍ୟରୁ ଉତ୍ପତ୍ତି ଏହି ଧରଣୀରେ

ସବୁ ସତ୍ୟ, ସବୁ ମହୀୟାନ,

ବିରାଜିତ ଯା' ଅଂଟାରେ ସର୍ବବ୍ୟାପି ପ୍ରଭୁ ଭଗବାନ ।

ଦିନେ ଏହି ମୃତ୍ୟୁପୁରୀ ପ୍ରପଞ୍ଚ ବିଉତ୍ସବରୁ

ଅପସରି ଯିବ ଯେତେ ଅସତ୍ୟର ଅବିଦ୍ୟା ବନ୍ଧନ,

ମାୟା ବିଧାନକୁ କରି ସତ୍ୟ ସମାହିତ

ଅଭିବ୍ୟକ୍ତ ହେବେ ଅବିନାଶୀ ଭଗବାନ,

ବିଶ୍ୱେ ମହାଚେତନାର ଉନ୍ମେଷ ଘଟିବ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଣିଷ ଲଭିବ ଦିବ୍ୟ ଅମୃତ ଜୀବନ ।

ସେଥିପାଇଁ ବୟସକୁ ହେଜ ନାହିଁ,

ବିଶୁ ଦାସ ଆଶା କରି ବସିଛି ଅନାଇଁ,

ସୁନ୍ଦର ଏ ପୃଥିବୀରେ ମାରିବାକୁ ବଳେ ନାହିଁ ମନ !

ଆମ ଗାଁ କର୍ମକୋଢ଼ୀ ଅଭିଆଡା ସୁବଳ ମହାନ୍ତି,

ବିଧବା ଚମ୍ପାର ଗେଲବସରର ଧନ,

ଖାଇପିଇ ସୁବଳିତ ଗଣ୍ଡି ଅଳସୁଆ ଅତି,

ଦିନ ଦି'ଘଡିରେ କେତେ ଭିଡିମୋଡି ହୋଇ

ହାଇ ମାରିମାରି ଛାଡେ ଶୟନ ସୁପାତି ।

କାମଧନ୍ଦା କରେ ନାହିଁ ବୋଲି କେହି ତାକୁ ଦିଅନ୍ତିନି ଝିଅ,

ବୟସ ତ ଦୁଇକୋଡ଼ି ହେଲା !

କହେ ଯୁବ ବୟସଟା ମୋର ବ୍ୟର୍ଥରେ ଗଲା ।

ପରଘରେ ଧାନକୁଟି ମାଆ ତାକୁ ପୋଷେ,

ବିଭା ହୋଇ ପାରୁନାହିଁ ବୋଲି ଦିନରେ ସେ ଦଶଥର ରୋଷେ ।

ଅତି ହସ ହସ ମୁଖ ପଲ୍ଲିକବି ଶ୍ରୀଆନନ୍ଦ ଦାସ,

ଆଜିକାଲି ଆନମନା ଅତ୍ୟନ୍ତ ଉଦାସ,

ମୃତଦାର ଅସହ୍ୟ, ଅବିନ୍ୟସ୍ତ ବେଶ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏକମାତ୍ର ପୁଅ ପାଇଁ ଅତି ଆଗ୍ରହରେ
ଉପାର୍ଜିତ ଅର୍ଥସବୁ କରିଦେଲେ ଶେଷ ।

ଶିକ୍ଷାଦୀକ୍ଷା ଦେଇ ତାକୁ ସୁଶିକ୍ଷିତ କଲେ
ପ୍ରତିଷ୍ଠିତ କଲେ ସମାଜରେ,
ଅସ୍ଥିର ଅବହେଳିତ ଜୀବନ ସନ୍ଧ୍ୟାରେ
ନିଜେ ରହନ୍ତି ଏକାକୀ ଅତ୍ୟନ୍ତ ଦୁଃଖରେ ।
ସ୍ଥବିର ଆନନ୍ଦ ଏବେ ବୁଡ଼ିଯାଇ ଅଶ୍ରୁ ଅତଳରେ
ତଥାପି କହନ୍ତି, "ମୋର ପୁଅବୋହୂ ଥାଆନ୍ତୁ ସୁଖରେ" ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୋ ଗାଆଁ



ସୁହଂସ ଭୋଇ

ସହରଠୁ ଦୁର ଦୁଇ କଡେ ଘର
ଘର ଗଢା ମାଟି ନଡ଼ା ଛପର
ଦିଅଁ ଦେଉଳ ମୋ ଗାଆଁ ମଝିଟାରେ
ନେତ ଦିଶେ ତାର ଦୂରୁ ସୁନ୍ଦର

ବଡ଼ ସାନ ଅଛି ଦୁଇଟି ପୋଖରୀ
ସତରେ ଜାଆଁଳା ଭଉଣୀ ପରି
ପୋଖରୀ ହିଡ଼ରେ  ବୁଢା ବରଗଛ
ଆୟୁଷ ତାହାର ଯାଉଛି ସରି

ଘେରିଛି ପଡିଆ ଚଉଦିଗ ସାରା
ପିଲାଏ ଖେଳନ୍ତି ତହିଁରେ ଖେଳ
ସବୁ ଏକ ନଈ ଯାଇ ଅଛି ବୋହି
କୂଳେକୂଳେ ଗଛ ଖଜୁରୀ ତାଳ

ଛୋଟ ଚାଟଶାଳୀ ପୁରୁଣା କାଳର
ଅଛି ତହିଁ ଚାଟ ପଢ଼ନ୍ତି ପାଠ
ଭାଗବତ ପୀଠ ଦୂରେ ଗାଈ ଗୋଠ
ଜଗି ରହିଅଛି ସନ୍ୟାସୀ ମଠ

ଘରେ ଘରେ ଅଛି ପରିବା କିଆରି
ପଡେନି ଜମାରୁ ଯିବାକୁ ହାଟ
ପଣସ ପିଜୁଳି ଆମ୍ବ ବରକୋଳି
ଖାଇଲେ ଦୁଇଟି ପୁରଇ ପେଟ

ବଦଳି ଗଲାଣି ଗାଆଁ ପରିବେଶ
ପଡ଼ିଲାଣି ଏବେ ସହରୀ ଛାପ
ଯୁଗ ସହ ତାଳ ଦେଇ ଚାଲେ ପାଦ
ପୁରୁଣା ଚଳଣି ହେଲାଣି ଲୋପ

ପହଣ୍ଡି, ବରଗଡ଼

ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ବୃକ୍ଷର ଯଦି ଆଖି ଥା'ନ୍ତା



ବିଶ୍ୱ ରଞ୍ଜନ
ମହାନ୍ତି

ତୁମେ ଯେବେ ଚାହଁ ତୁମ ସନ୍ତାନ
ଆମେରିକା ଯାଇ ପାଠ ପଢୁ
ଗଛ ବି ଚାହୁଁଛି ବିଦେଶ ମାଟିରେ
ବହୁଦୂରେ ତାର ମଞ୍ଜି ପଡୁ ।
ଛୋଟ ପିଲା ତୁମ ଥିଲା ବେଳେ ସାନ
ଘଣ୍ଟ ଘୋଡାଇକି ରଖ କଳେବଳେ
ସାଇତି ରଖେ ସେ ବିଜକୁ ଲୁଚାଇ
ଫଳ ମଧ୍ୟେ କେବେ ଡାଳ ତଳେ ।
ଗୋଟିଏ ସନ୍ତାନ ନହେଲେ ଯୋଗ୍ୟ
ଅନ୍ୟକୁ କରାଅ ଆଗଭର
ନହେବ ପୂର୍ଣ୍ଣତା ଶଙ୍କାରେ ସେମିତି
ଫଳ ସାରା ରଖେ ମଞ୍ଜି ତାର ।
ସୁନ୍ଦର ଧରାରେ ଭିଟାମାଟି ଛାଡ଼ି
ତୁମେ ଲଙ୍ଘିଯାଅ ନଈ ନାଳ
ମୂଳକୁ ଆବରି ବଢେ ଲତା ଧରି
କାଠି ବାଡ଼ି ଅବା ଘର ଚାଳ ।
ବିବାହ ତୁମର ବହୁ ଆଡମ୍ବରେ
ବଂଶବୃଦ୍ଧି ହେବା ଆଶା କରି
ପରାଗ ସଙ୍ଗମ ପ୍ରଜାପତି ଦ୍ୱାରା
ମହୁ ଭରା ଫୁଲେ ରଙ୍ଗ ଭରି ।
ତୁମ ପାଖେ ଅଛି ବିଜ୍ଞାନର ବଳ
ତଥାପି ବୁଝୁନ ପ୍ରକୃତି ମାୟା
ସଭିଙ୍କୁ ପାଳୁଛି ଆହାର ବାଣ୍ଟୁଛି
ବୈଶାଖୀ ଖରାରେ ଦେଉଛି ଛାୟା ।
ତୁମରି ଭାଇଟେ ଭୁତାଣୁ ବନାଏ
ଅବା ଖାଦ୍ୟକୁ କରାଏ ନିଅଣ୍ଟ
ବୃକ୍ଷର ଶାଖାଟେ ନିଏ ତା ଜୀବନ
ବନି କୁରାଢ଼ୀର ସଳଖ ବେଣ୍ଟ ।
ତୁମେତ ଚକ୍ଷୁରେ ଦେଖୁଛ ପୃଥିବୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିମ୍ବା ନିବାରଣ ନ କର ଦୁଃଖି

ସେ ସୁଝି ପାରନ୍ତା ସଭିଙ୍କ ବିପତ୍ତି

ସତରେ ଥାଆନ୍ତା ଯଦି ତା ଆଖି ।

କଷ୍ଟେ କରିଥିବା ଭାଡ଼ି ଉପରକୁ

ସୁନ୍ଦର ଭାବରେ ମାଡି ଯାଆନ୍ତା

ହୁଅନ୍ତା ସଫଳ ଅନେକ କାର୍ଯ୍ୟ

ବୃକ୍ଷର ଯଦି ଆଖି ଥାଆନ୍ତା ।

ଚାଟାର୍ଡ଼ ଆକାଉଣ୍ଟାଣ୍ଟ

କ୍ୱା ନଂ : ୫ଆର୫

ଓୟୁଏଟି କଲୋନୀ

ୟୁନିଟ୍ - ୮, ଭୁବନେଶ୍ୱର

ମୋ : ୯୩୩୭୧୨୪୯୯୮

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୁର୍ଗା ଦୁର୍ଗତିନାଶିନୀ



ଅମୃତ ନାରାୟଣ ଶତପଥୀ

ଦୁର୍ଗା ଯେ ତୁମେ ଦୁର୍ଗତିନାଶିନୀ,
ଦଶଭୂଜା ପୁଣି ମହିଷାମର୍ଦ୍ଦିନୀ ।(୧)

ଶାରଦୀୟ ପୁଣି ବାସନ୍ତୀ ଯେ ଦୁର୍ଗା,
ଦେବୀରୂପେ ପୁଣି ପାଉଥାଅ ପୂଜା ।(୨)

ଅନ୍ୟାୟ ଉପରେ ନ୍ୟାୟର ବିଜୟ,
ଅସୁର ଉପରେ ପୁଣି ଦିଗ୍ ବିଜୟ (୩)

ଅଧର୍ମକୁ ନାଶି ଧର୍ମର ପ୍ରତିଷ୍ଠା,
ସବୁ ଦେବତାଙ୍କ ପୁଣି ତ ପ୍ରଚେଷ୍ଟା ।(୪)

ସଭିଙ୍କ ଶକ୍ତି ଓ ଆୟୁଧକୁ ଧରି,
ଦର୍ଶାଉଛ ପୁଣି କେତେ ଶକ୍ତ ନାରୀ ।(୫)

ଜଗତ ଜନନୀ ଆହେ ମହାମାୟା,
ବରଷାଇ ଦିଅ ତୁମ କୃପା ଦୟା ।(୬)

ଆଶିଷେ ତୁମ୍ଭର ମିଳୁ ଯେ ସଦ୍ ଗୁଣ,
ଦୂର ହୋଇଯାଉ ସର୍ବଦା ଦୁର୍ଗୁଣ ।(୭)

ନାରୀ ଶକ୍ତି ପ୍ରତି ରହୁ ଯେ ବିଶ୍ୱାସ,
ନାରୀ ସମ୍ମାନରେ ମନ ରହୁ ବଶ ।(୮)

ନାରୀକୁ ନଭାବ କେ ଆବଳା ଦୁର୍ବଳା,
ନାରୀ ପାଇଁ ସୃଷ୍ଟି ଏ ସଂସାର ଲୀଳା ।(୯)

ନାରୀ ଯେ ଶକ୍ତି ନାରୀ ଯେ ସୃଷ୍ଟି ପୁଣି ସ୍ନେହମୟୀ ଜନନୀ,
ପାପର ସଂହାରେ ହୋଇପାରେ ଦୁର୍ଗା ଦୁର୍ଗତିନାଶିନୀ ।(୧୦)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆଜିର ଦୁନିଆରେ



ଜ୍ୟୋତିର୍ମୟୀ ଜେନା

ଆଜିର ଦୁନିଆରେ,

ମିଛ କହି ଆପଣାର ହେବା ଠାରୁ,
ପର ହେଇ ଯିବା ଭଲ !

ମିଠା ଖାଇ ଖୁସି ହେବା ଠାରୁ,
ପିତା ଖାଇବା ଦେହ ପାଇଁ ଭଲ !

ଅବାଟ ରେ ଧନ ସଂପତ୍ତି ଅର୍ଜିବା ଠାରୁ,
ନିଜ ଶ୍ରମରେ ଟଙ୍କେ ଟଙ୍କେ ସଂଚିବାଟ ଭଲ !

ରାଜା ଉଆସରେ ଚିନ୍ତାରେ ରହିବାଠୁ,
ଚାଳ ଘରେ ଶାନ୍ତିରେ ଶୋଇବାଟା ଭଲ !

ଅନ୍ୟ ଖୁସି ପାଇଁ ନିଜ ଇଚ୍ଛାକୁ ମାରିବାଠୁ,
ସ୍ୱାର୍ଥପର ରହିବାଟା ଭଲ !

ସଭିଙ୍କଠୁ କିଛି ଆଶା ରଖିବାଠୁ,
ନିରାଶାରେ ଜୀବନ କାଟିବାଟା ଭଲ !

ଯାହା ଭାଗ୍ୟେ ନାହିଁ ତାହା ଚାହିଁବାଠୁ,
ଯାହା ଅଛି ସେତିକିରେ ରହିବାଟା ଭଲ !

କାରଣ ଏ ସଂସାର ଅଟେ କ୍ଷଣସ୍ଥାୟୀ,
କିଛି ନୁହେଁ ଏଠି ଚିରସ୍ଥାୟୀ !

ଶିଶୁପାଳଗଡ଼, ଭୁବନେଶ୍ୱର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମହଲତ



ଡଃ ମନୋରଞ୍ଜନ
ବିଷୋୟୀ

ସମୟର ଦଲିଲ୍ ଭିତରେ
ନିଜ ସ୍ଥିତିକୁ
ଖୋଜି ନପାରି
ଦୁଃଖ ସହ ସାଲିସ୍ କରିଛି ।

ଏବେ ସେ ଦୁଃଖ
ମେଘ ଭଳି
ମୋ ଜୀବନକୁ ଢାଙ୍କି ରଖିଛି ।

ଅବେଳରେ ବର୍ଷା ପରି
ଝରି ପଡ଼ି ତା' ସୁଅରେ
ଭସାଇ ନେଉଛି ।

ଟଳମଳ ପାଦକୁ
ଥାପିବାକୁ ଗଲାବେଳେ
ଦୁଃଖ କିନ୍ତୁ ସମୟକୁ
ଆଉ କିଛିଦିନ
ମହଲତ ମାଗିଛି ।

ଲାଗେ ଯେମିତି
ଜୀବନର ସୁଖ
ଭାଗ୍ୟ ନିର୍ଦ୍ଧାରିତ
ସମୟର ପଞ୍ଝାରେ
ଅଟକି ଯାଇଛି ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ଫୋନ୍: ୮୮୯୫୧୪୧୭୨୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସମାଲୋଚନା



ଦଣ୍ଡାସି ପ୍ରଧାନ

ସମାଲୋଚନା ଏକ ସ୍ୱତନ୍ତ୍ର ସାରସ୍ୱତ ସୃଜନ ।

ବଦହଜମି ହେଲେ ବି ମଙ୍ଗଳମୟତାର ପ୍ରତୀକ ।

'ପରିପୂର୍ଣ୍ଣତା' ଅସମ୍ଭବ ବାସ୍ତବତାର ସମୀକରଣ ମାତ୍ର ।

'ଏକ' ବ୍ୟତୀତ ଅନ୍ୟ ସବୁ ଅସମ୍ପୂର୍ଣ୍ଣ ସାମର୍ଥ୍ୟ ।

ଏକ ହିଁ ସ୍ୱୟଂସମ୍ପୂର୍ଣ୍ଣ ସୁଗମିତ ବିଶେଷ ।

ଅଦ୍ୱୈତ ପରିସଂଖ୍ୟାନ ଅଂଶ ଅଂଶର ,

ସମଷ୍ଟିଗତ ସମ୍ପ୍ରସାରଣ ।

ଏଣୁ ସମାଲୋଚନା ଅନିବାର୍ଯ୍ୟ ଅପ୍ରିୟ ସତ୍ୟ ।

ଶ୍ରୀଳ ହୃଦୟର ସନ୍ତୋଳିତ ପବିତ୍ର ଅସନ୍ତୁଷ୍ଟି ।

ବାସ୍ନାୟିତ ପରିପୂରକ ସ୍ପନ୍ଦନ ସ୍ପର୍ଶ ।

ସମାଲୋଚନା--

ପୂର୍ଣ୍ଣତା ଆଡକୁ ,

ଶବ୍ଦର ଶରବିଧ ଉକ୍ତି ଆୟୁଦ୍ଧ ନିର୍ବାଣ ସମାନ ।

ଶାନ୍ତ, ଘୋର ଓ ମୁଢମୟୀ-ଗୁଣରେ--

ସୁସଙ୍ଗଠନ ସଂଯୋଗ ପ୍ରତିଷ୍ଠାପନ --

ଅନନ୍ୟ ପ୍ରକ୍ରିୟା, ସଫଳତା ପ୍ରକାଶର ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମାଲୋଚନା ମଣିଷ ନିମିତ୍ତ ଚୌଛକିରେ,

ଟ୍ରାଫିକ୍ ସଙ୍କେତ ଭଳି --

ସାଙ୍କେତିକ ପ୍ରକାଶ ପୌରୁଷର ।

ତାକୁ ଠିକ୍ ଠିକ୍ ଦେଖ, ଶୁଣିବାକୁ ପ୍ରସ୍ତୁତ ରୁହ ।

ସେ' ହିଁ --

ଲକ୍ଷ୍ୟନିଷ୍ଠ ଅବଲମ୍ବନ ଯୁଗେ ଯୁଗେ ।

କ୍ରିୟାଶୀଳ ସାମଗ୍ରିକ ଶକ୍ତି ଉତ୍ସ --

ଘୃଣାର ପ୍ରତିକ୍ରିୟାର ନୁହେଁ ;

ବରଂ ଶ୍ରେୟସ୍କର ହୁଏ ---

ଆତ୍ମସମୀକ୍ଷଣର ଅଭିମନ୍ତ୍ରିତ ନିମନ୍ତ୍ରଣରେ ! !****

ସାହିତ୍ୟ ସମ୍ପାଦକ,

ଉପାନ୍ତ ସାହିତ୍ୟ ସଂସ୍କୃତିକ ସେବା ସଂସଦ, ପାତ୍ରପୁର, ଗଞ୍ଜାମ ।

ଭ୍ରାମ୍ୟଭାଷ : ୦୮୭୬୦୧୯୪୯୭୭

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ୱୟଂସିଦ୍ଧା



ପାର୍ଥ ଶବର

ଜଗତେ ଜଗତ ଧାତ୍ରୀ ଆଦ୍ୟ ସୃଷ୍ଟି ଆଦି ଶକ୍ତି
ଜନମିଲେ ଅଙ୍କୁ ତୋ'ର ମାନବ ଜାତି
ରକତକୁ ରସ କଲୁ ସ୍ୱାର୍ଥ ଭୁଲି ସୁଖଦେଲୁ
ଶାନ୍ତି ପାଇଁ ଦୀପ ଜାଳି ଜଳିଲୁ ତୁହି
ସମାଜରୁ ପାଇଲୁ କିସ
କୃତଘ୍ନ ମାନବ କରେ ତୋତେ ବିବସ । ।

କଠିନ ତୋହର ଅଙ୍ଗ କିମ୍ପାଇଁ ହେଉଛି ଭଙ୍ଗ
ପାଷାଣ ସମାନ ବକ୍ଷ ଯାଏ ତରଳି
ହୃଦ ଅଚଳ ସାଗର ପ୍ରଶାନ୍ତ ଗୁରୁ ଗମ୍ଭୀର
ଶୁଭୁନାହିଁ କିମ୍ପା ଭୀଷଣ ନାଦ
କାହାପାଇଁ ଆଜି ନିସ୍ତବ୍ଧ
ଜ୍ୱାଳାମୁଖୀ ଉଦ୍ଗିରଣେ କର ବିଦଗ୍ଧ । ।

ତୁମେ ପରା ଅଗ୍ନି କନ୍ୟା, ଅଗ୍ନି ସମ୍ଭୂତା ଅନନ୍ୟା
ତୁମକୁ ବା କିଏ କହ କରିଲା ସ୍ପର୍ଶ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନୟନରୁ ଉଦ୍ଗିରଣ ଅନଳ କର ଦହନ
  ଜୀବନ ତା' ହୋଇ ଯାଉ କ୍ଷାର ପାଉଁଶ
    ଜାଳି ଦିଅ ବିଦ୍ରୋହ ନିଆଁ
ହିମ ହେଲା କି ଶରୀର ଜାଳୁନ କିଆଁ !

ତୁମେ ତ ନୁହେଁ ସରଳା ନୁହଁ ଅବଳା ଦୁର୍ବଳା
ନିରୁପାୟ କୋମଳାଙ୍ଗୀ ଶଯ୍ୟାଶାୟିନୀ
ନୁହେଁ ଅପହୃତା ସୀତା ଅଶୋକ ବନେ ବନ୍ଦିତା
ପାଣ୍ଡବଙ୍କ କୂଳବଧୁ ଦ୍ରୁପଦ ସୁତା
 ପାଷାଣି ଅହଲ୍ୟା ଶାପିତା
ଫୁଲନ ଦେବୀ ଆଧୁନିକା ତୁ ପ୍ରେରିତା  !

କାହାପାଇଁ ଏ ସିନ୍ଦୂର କା ' ସକାଶେ କଜ୍ଜ୍ୱଳଗାର
କାହାପାଇଁ ଅଳଙ୍କୃତ ମଙ୍ଗଳ ହାର
ହାତର ସେ' ଶଙ୍ଖା ଚୁଡ଼ି ବେଗେ ବେଗେ ଦିଅ କାଢ଼ି
ପୋଛି ଦିଅ ପାଦର ସେ ' ଅଳତା ଗାର
    ହସ୍ତେ ଧର ଖଣ୍ଡା ଖର୍ପର
କର ଗୋ ଛେଦନ ଶିର ଦୁର୍ଯ୍ୟୋଧନର । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଧୌତ ମଥା ସିନ୍ଦୂର ନୟନୁ କଜ୍ଜ୍ୱଳ ଗାର
କାଢି ଦିଅ ଅମଙ୍ଗଳ ମଙ୍ଗଳ ହାର
ହସ୍ତର ସେ ' ଶଙ୍ଖା ଚୁଡ଼ି ପାଦର ପାଉଁଜି ଯୋଡ଼ି
ଖଣ୍ଡନ କର ଗୋ ! ତୁମ ବନ୍ଧନ ବେଢ଼ି
ଅଙ୍ଗବାସ ବସନ ଶାଢ଼ୀ
ଶକ୍ତ କର ଅଣ୍ଟା ତୁମ ଦିଅ ଗୋ ଭିଡ଼ି । ।

କରୁଛ କାହା ପ୍ରତୀକ୍ଷା ପୂର୍ଣ୍ଣ ହେବ କି ଆକାଂକ୍ଷା
ଆସିବେ କି କୃଷ୍ଣ ବସ୍ତ୍ର କରିବେ ଦାନ
କୌଶଲ୍ୟା ତନୟ ରାମ ପଡ଼ିବ କି ପଦଚିହ୍ନ
ଅଞ୍ଜନେୟ କରିବେ କି ଗୁପ୍ତ ସନ୍ଧାନ
କର କାହା' ଅନୁସନ୍ଧାନ
ସ୍ୱୟଂ କୃଷ୍ଣ ଦୁଃଶାସନ ରାମ ରାବଣ !

ବ୍ରହ୍ମା ଦେବେ ନାହିଁ ବର ମିଳିବନି' ବ୍ରହ୍ମ ଅସ୍ତ୍ର
ମିଳିବନି ଗଦା ଖଡ୍ଗ ପାଶ ପନ୍ନଗ
ପାଇବ ସିଂହ ବାହନ ଦେବାସ୍ତ୍ର କରିବେ ଦାନ
ସୂର୍ଯ୍ୟ ତେଜ କାଳଦଣ୍ଡ ଶଙ୍କୁ ମୁଦ୍ଗର
କରିବ କି ଅମୃତ ପାନ ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅବତୀର୍ଣ୍ଣା ହୋଇ ରଖ ନାରୀର ମାନ । ।

କାହିଁକି ଏତେ ଭାବନା କିମ୍ପାଇଁ ଅନୁସୋଚନା

ହେଲାପରେ ବିବସ୍ତ୍ରା -ଧର୍ଷିତା ଉଲଗ୍ନା

ହସ୍ତେ ଶୋହୁ କରବାଳ ବନ୍ଧୁକ କମାଣ ଢାଲ

ଚକିତ ସ୍ତମ୍ଭିତ ହେଉ ହୁଙ୍କାରେ ତୋର

କାପୁରୁଷ ପୌରୁଷ ପଣ

ଥରି ଯାଉ ବିଶ୍ୱ ଦେଖୁ ତୋ ପରାକ୍ରମ । ।

ଛୁଇଁ ଥିଲା ଯେଉଁ କର ଗୁପ୍ତ ଅଙ୍ଗକୁ ତୋହର

ଛେଦନ କର ତାହାର ବିକୃତ ଅଙ୍ଗ

କୁତ୍ସିତ ବେନି ନୟନ ତାଢ଼ି କରି ଉତ୍ପାଟନ

ଚିଲ ଶାଗୁଣା କୁ ଦେଇ କର ତୃପତ

ଘଟରୁ ତା ' ରକ୍ତ କଲିଜା

ପାଦ  ତାର ଛେଦି ରକ୍ତ ମୁଖୀ ହୋଇଯା ' । ।

ଆସ ଗୋ ଜନନୀ ମୋର ପାକ ହାଣ୍ଡି ତ୍ୟାଗ କର

ହାତରେ ପନିକି ଛୁରୀ ଶୋଭୁ ତୋହର

ମାଉସୀ ଭଗିନୀ ମମ ମାଇଁ ଖୁଡ଼ି ପରିଜନ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗବାକ୍ଷ ପୁଡ଼ାରୁ ସର୍ବେ ଆସ ବାହାରି

ହୋଇ ପରମାଣୁ ବାରୁଦ

ପିଶାଚ ଜହ୍ଲାଦ ଦୈତ୍ୟ ଶିର ବିଚ୍ଛେଦ । ।

ପାଇବାକୁ ନିଜ ମାନ  ଫୁଲନ ଦେବୀ ସମାନ

ଦୁର୍ଗାବତୀ ବାଈ ପରି ଧର କମାଣ

ସବଳା ସଚଳା ନାରା କମ୍ପୁ ସସାଗର ଧରା

ଦିଅ ନାହିଁ ସତୀତ୍ୱର ଅଗ୍ନି ପରୀକ୍ଷା

ଲେଖି ଯାଅ ସ୍ୱ ଇତିହାସ

ଦୃଢ଼ କର ମନୋବଳ ବାନ୍ଧି ସାହାସ  । ।

ପାର୍ଥ ଶବର,

ଶିକ୍ଷକ, ମଧୁପୁର ବାଳିକା ଉଚ୍ଚ ବିଦ୍ୟାଳୟ,କଳାହାଣ୍ଡି

ଭ୍ରାମ୍ୟଭାଷ : ୭୭୩୫୯୭୫୯୭୮

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପିଣ୍ଡର ଊର୍ଦ୍ଧ୍ୱରେ ତୁ...



ପ୍ରଭାସ କୁମାର ମହାପାତ୍ର

ତୁ କେବେ ସ୍ୱୀକାର କରିବୁ ବୋଲି ମୁଁ
ସେକଥା କେବେ ଭାବିନି ।
ତୁ କେବେ ତିରସ୍କାର କରିବୁ ବୋଲି
କେବେ କଳ୍ପନା କରିନି ॥

ତୁ କେବେ ଘୃଣା କରିବୁ ବୋଲି ମୋତେ
ମୁଁ କେବେ ଚିନ୍ତା କରିନି ।
କି ତୋ ଭଲପାଇବା କମିଯିବ ଭାବି
କେବେ ବଦଳି ଯାଇନି ॥

ତୁ ମୋତେ ଭଲ ପାଉକି ନା ଜାଣିନି
କି କେବେ ମୁଁ ପଚାରିନି ।
କାହିଁକିନା ସେସବୁ ଉତ୍ତର ଜାଣିବାକୁ
ମୁଁ ଆଦୌ କେବେ ଚାହିଁନି ॥

କାଳେ ତୋ ପ୍ରତି ମୋ ପ୍ରେମକମିଯିବ
ତେଣୁ ଏସବୁ ଶୁଣିନି ।
ତେଣୁ ଆଜିବି ମୋ ପ୍ରେମ ବଂଚିଛି
ଆଉ କେବେ ମରିବନି ॥

ତୁ ଦୂରେଇ ଯିବୁ ଭାବି ମୁଁ କେବେବି
ତୋଠୁ ଦୂରେଇ ଯାଇନି ।
ଅଭିମାନ କରିବୁ ବୋଲି କେବେ ଭାବି
ତୋତେ ଭୁଲି ମୁଁ ଯାଇନି ॥

ମୟୁରଭଞ୍ଜ, ଓଡିଶା
ଭ୍ରାମ୍ୟଭାଷ: ୯୮୨୧୬୦୮୩୦୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜୀବନର ମାନେ ନାହିଁ



ଶିଶିର କୁମାର ସାମଲ

ପ୍ରଶ୍ନ କରେ ଆଜି ନିଜେ ମୁଁ ନିଜକୁ
କାହିଁ ହେଲୁ ଆନମନା,
ଉତ୍ତରରେ କିଛି ମିଳେନା ଜବାବ
କାରଣ ଖୋଜି ପାଏନା ॥

ଭ୍ରମ ଥିଲା କିବା ଥିଲା ଅଭିଶାପ
ପାରେନାହିଁ କିଛି ଜାଣି,
ଯାଜାବର ପରି ମନ ଘୁରିବୁଲେ
ଏଇ ମୋ ଜୀବନ କାହାଣୀ ॥

ଆଶା ଅସୁମାରୀ ସବୁ ଯାଏ ମରି
ମିଳେନା କିଛି ସାହାରା,
ମରୁଭୂମି ପଥେ ତୃଷାର୍ଥ ବାଟୋଇ
ଜଳବୁନ୍ଦେକୁ ଆଶରା ॥

କଲମ ଚାହୁଁଛି ଆଗକୁ ଲେଖିବ
ଧୋକା ଦେଇଦିଏ ସାହି,
ଅଧା ଲେଖା ଯେବେ କାହାଣୀଟି ରୁହେ
ଜୀବନର ମାନେ ନାହିଁ ॥

ସମୟ ସ୍ରୋତରେ ଭାସୁଛି ଜୀବନ
ଆଶ୍ରା ଟିକେ କେହି ନାହିଁ,
ମେଲାଣି ଦିଅ ହେ ଏଇ ଜୀବନରୁ
ଆହେ ଜଗତ ଗୋସାଇଁ ॥

କଣ୍ଟିପୁର, ବିଞ୍ଝାରପୁର, ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୁକ୍ତିପଥେ ଗୁରୁ ଆଲୋକବର୍ତ୍ତିକା



ଅନୁପମା ବିଶ୍ୱାଳ

ଶିଶୁକୁ ଜନମ ଦିଅନ୍ତି ଜନନୀ
ପିତା କରନ୍ତି ପୋଷଣ
ମାତା ପିତାଙ୍କର ଲାଳନେ ପାଳନେ
କରେ ଜୀବନ  ଧାରଣ ।
ଜୀବନର ଚିତ୍ର ଆଙ୍କିବା ପାଇଁକି
ଲୋଡାହୁଏ ଗୁରୁଙ୍କର
ଶିଳ୍ପୀଟିଏ ସାଜି ଗଢି ଦେଇଥାନ୍ତି
ମନ ଜାଣି ସଭିଙ୍କର ।
ଚାଳଘର ହେଉ ଅବା ବିଦ୍ୟାଳୟ
ବୃକ୍ଷତଳ ବା ଆଶ୍ରମ
ଜ୍ଞାନର ବାରିଧି ବୁହାନ୍ତି ସାଦରେ
ନିଜେ ସାଜି ତା ମାଧ୍ୟମ ।
ଅଜ୍ଞାନର ତାଲା ଖୋଲିଦେବା ପାଇଁ
ଗୁରୁ କରନ୍ତି ଯତନ
ସ୍ନେହ ଶରଧାରେ ପାଖରେ ବସାଇ
କରନ୍ତି ସେ ବିଦ୍ୟାଦାନ
ସ୍ୱାର୍ଥକୁ ଏଡାଇ ନିଜ ହାତେ ତାକୁ
ଗଢନ୍ତି ଆପ୍ରାଣ ପଣେ

ପ୍ରତିଷ୍ଠିତ ହେଉ ସୁସ୍ଥ ସମାଜରେ
ମଣିଷ ପରି ସେ ଜଣେ ।
ଜୀଇଁବାର କଳା ଶିଖାନ୍ତି ଆଦର୍ଶେ
ଦେଇ ଦେହ ମନ ପ୍ରାଣ
ଶିଷ୍ୟଟି ତାଙ୍କର ଝୁଣ୍ଟିକି ନ ପଡୁ
ଜୀବନ ମାର୍ଗରେ ପୁଣ ।
ଯୁଗେ ଯୁଗେ ଗୁରୁ ଶିଷ୍ୟର କାହାଣୀ
ରହିଛି ଉଦାହରଣେ
ସନ୍ଦୀପନି, ଦ୍ରୋଣ, ଧୌମ୍ୟ ଆଦି ଗୁରୁ
ଅଛନ୍ତି ଆଜି ସମ୍ମାନେ ।
ମୁକ୍ତି ପଥେ ଗୁରୁ ଆଲୋକ  ବର୍ତ୍ତିକା
ହରନ୍ତି ଅନ୍ଧାର ପଥ
ତାଙ୍କରି ଆଶୀଷେ ସ୍ନାତା ଶିଷ୍ୟ ଲଭେ
ବିଜୟର ଶୁଭ୍ର  ରଥ ।

ଶିକ୍ଷୟିତ୍ରୀ, ଶାସନ ସରକାରୀ ଉଚ୍ଚ ବିଦ୍ୟାଳୟ,
ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହୀରାମଣି



ସଞ୍ଜୟ ଖେମୁଣ୍ଡୁ

ଅକାଳରେ ସ୍ୱାମୀ ହରାଇବା ପରଠୁଁ
ତିନୋଟି ଛୁଆର ବାପା ଓ ମାଆ ଉଭୟ
ପାଲଟିଛି ନିଜେ ହୀରାମଣି ।

ତାର ଯେତେ କାମନା ବାସନା, ସୁଖ ଓ ସ୍ୱାଚ୍ଛନ୍ଦ୍ୟକୁ
ଆହୁତି ଦେଇଛି ତା'ଛୁଆମାନଙ୍କର
ଉଜ୍ୱଳ ଭବିଷ୍ୟତ ଯଜ୍ଞ କୁଣ୍ଡରେ,
ତା' ପଛଆଡେ ତା'ବିଷୟରେ ନାନା ମୁନିଙ୍କ ନାନା ମତ
ତଥାପି ସେ କେବେ ମାଛିକୁ ମ ବୋଲି କୁହେନି
ତା'ପ୍ରତ୍ୟୁତ୍ତର ଦବା ପାଇଁ
ଛାଡିଦିଏ ଆଗତ ସମୟ ପାଖରେ ।

ସେ କେବଳ ଏତିକି ବୁଝେ ସଂଘର୍ଷ ହିଁ ଜୀବନ
ଜୀବନ ହିଁ ସଂଘର୍ଷ
ତେଣୁ ସେ କେବେ ହାର ମାନିଯାଏନି,
ଅଣ୍ଟା ଭିଡ଼େ, ମୁଣ୍ଡ ଝାଳ ତୁଣ୍ଡେ ମାରି
ମରଦ ପରି କୁଲି ଖଟେ
କିନ୍ତୁ କେବେ କାହା ଆଗରେ ହାତ ପାତେନି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁଃଖକୁ ସେ ଉତ୍ସବ କରି ପାଳେ
ଲୁହକୁ ପାଣି କରି ପିଏ
ଦେହର ଦରଜକୁ ଉଷୁମ କରି ଗାଧାଏ
ଆଉ ମନର ବୋଝକୁ ହାଲୁକା କରିବା ପାଇଁ
କେବେକେବେ ମହୁଲିକୁ ସାଥି କରେ
ଅଥଚ କେବେ ସେ ଭାଗ୍ୟକୁ ଦୋଷ ଦିଏନି ।

ତିନୋଟି ଛୁଆକୁ ମଣିଷ କରିବା ପାଇଁ
ସେ ପାଣି ଛଡେଇଦିଏ ତାର ଜୀବନକୁ
ଶୁଆ କରି ଉଡେଇଦିଏ ଆଖିରୁ ନିଦ
ଆଉ ତକିଆରେ ଚାପି ମାରିଦିଏ
ତାର ପୂରା ହୋଇନଥିବା ସପନକୁ ।

ସେ ପଢି ସାରିଛି ନିଜ କପାଳର ଭାଗ୍ୟ ଲେଖା
ସେ ଜାଣି ସାରିଛି ନିଜ ଆଗତ ଭବିଷ୍ୟତ,
ସେଥିପାଇଁ ସେ ଗଢ଼ି ସାରିଛି ନିଜେ ନିଜକୁ ସେହିପରି
ଆଉ ଶିଖି ସାରିଛି ଜୀବନ ଜିଇଁବାର ଦିବ୍ୟ ମନ୍ତ୍ର ।

ପୁରୁଣା ଚିତାପାରୀ, ବାଲିମେଲା, ମାଲକାନଗିରି
ଫୋନ: ୭୮୫୪୦୧୦୫୧୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୋଟିଏ ନିଷ୍ପତ୍ତି



ପଙ୍କଜ କୁମାର ମଙ୍ଗଳ

ସୁସ୍ଥ ମାନସିକ ଅବା ଚିନ୍ତାର ବସରେ ଯେଉଁ କର୍ମପାଇଁ ମନ ଅଗ୍ରସର ହୁଏ,
ଶୁଭ ହେଉ ଅବା ଅଶୁଭ ଫଳରେ ଗୋଟିଏ ନିଷ୍ପତ୍ତିର ଭୂମିକା ଥାଏ ।
ସରଳ, ଜଟିଳ, ଦ୍ୱନ୍ଦ ଅବା ସହ୍ୟ ପରିସ୍ଥିତିରେ ଲକ୍ଷ୍ୟ ପ୍ରାପ୍ତି ପାଇଁ ମନେ ଯାହା ଇଚ୍ଛା ହୁଏ,
ପୁଲକିତ ମନେ କର୍ମ କରିବାକୁ ଗୋଟିଏ ନିଷ୍ପତ୍ତି ନିର୍ଣ୍ଣାୟକ ହୁଏ ।
ମିତ୍ର ରୁପେ କର୍ଣ୍ଣ ବାଛିଲେ ଗାନ୍ଧାରୀ କୁମର ଗୋଟିଏ ନିଷ୍ପତ୍ତି ବଳରେ,
କର୍ମବୀର ହୋଇ ବର୍ତ୍ତି ପାରିଲେନି ପ୍ରାଣ ହରାଇଲେ ସମରେ ।
ଦୂର୍ଯୋଧନ ପାଶେ ବିକଳ୍ପ ଥିଲା ବାଛିଲେ ନାରାୟଣୀ ସେନାକୁ,
ଅର୍ଜୁନ ସହିତ କେଶବ ରହି ନାଶିଲେ କୌରବ ବଂଶକୁ ।
କୁମନ୍ତ୍ରଣା ପାଇ ମନ୍ଥରା ପାଖରୁ ଗୋଟିଏ ନିଷ୍ପତ୍ତି ନେଇଥିଲେ କୈକେୟୀ ରାଣୀ,
ସର୍ବଦା ନିନ୍ଦିତ ଚରିତ୍ର ହୋଇ ରହିଲେ ଯେବେ ଦଶରଥ ତନୟ ରହିଲେ ଅରଣ୍ୟେ ଯାଇ ।
ଗୋଟିଏ ନିଷ୍ପତ୍ତି ପାଇଁ ଦଶାନନ ସୀତାଙ୍କୁ ହରଣ କରି,
କାରଣ ସାଜିଲେ ଲଙ୍କା ଧ୍ୱଂସର ବାନର ସେନାକୁ ହେୟଜ୍ଞାନ କରି ।
ବର୍ତ୍ତିଲେ ବିଭୀଷଣ ଗୋଟିଏ ନିଷ୍ପତ୍ତି ନେଇ ରାମଙ୍କ ଶରଣ ପାଇ,
ନିଜର ପ୍ରଜାଙ୍କୁ ସୁରକ୍ଷା ଦେଲେ ମିତ୍ରତାର ଦ୍ୱାହି ଦେଇ ।
କେଉଁ ନିଷ୍ପତ୍ତିରେ ଅମୃତ ମିଳିବ କେଉଁ ନିଷ୍ପତ୍ତିରେ ଜହର,
ନିଷ୍ପତ୍ତି ପୂର୍ବରୁ ସର୍ବଦିଗେ ଚିନ୍ତି ସ୍ୱୟଂ ବିଚାର କର ।

ବଡ଼ପାହି, ଭୋଗରାଇ ,ବାଲେଶ୍ୱର
ଫୋନ-୭୭୪୯୯୩୬୭୮୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଖୁଦୁରୁକୁଣୀ ଯେ ସାର



ପ୍ରଦୀପ୍ତ କୁମାର ଦାସ

କୁଆଁରୀ ଝିଅଙ୍କ ପ୍ରିୟ ଓଷା ମଧ୍ୟେ
ଖୁଦୁରୁକୁଣୀ ଯେ ସାର -
ଓଡ଼ିଆ ଘରର ଚଳଣି ଭିତରେ
ଅଶେଷ ଆଦର ତାର,
ଏକ ମାସ ଧରି ନିଷ୍ଠାପର ଭାବେ
ଏ ଓଷା ପାଳନ କରି -
ମାଆ ମଙ୍ଗଳାଙ୍କୁ ପୂଜା କରିଥାନ୍ତି
ଅନ୍ତରେ ଭକତି ଭରି,
ଭାଉଜ ମାନଙ୍କ ଯାତନାରୁ ମୁକ୍ତି
ଲଭିବାକୁ ତଅପୋଇ -
ମଙ୍ଗଳା ରୂପିଣୀ ଖୁଦୁରୁକୁଣୀଙ୍କୁ
ପୂଜିଥିଲା ଖୁଦ ଖୋଇ,

ସାତ ଭାଇଙ୍କର ମଙ୍ଗଳ କାମନା
କରିଣ ମାଆଙ୍କ ପାଶେ -
ପବିତ୍ର ମନରେ ଭାଲୁକୁଣି ଓଷା
ପାଳିଥିଲା ସେତ ମାସେ,
ମଙ୍ଗଳାଙ୍କ କୃପା ଲଭି ତଅପୋଇ
ଜୀବନରୁ ଗଲା ଦୁଃଖ -
ଭାଇମାନଙ୍କର ଶୁଭ ଆଗମନେ
ଫେରି ପାଇଲା ସେ ସୁଖ,
ତଅପୋଇ ସ୍ମୃତି ଅଭୁଲା ରହିଛି
ଏବେବି ଆମରି ପାଶେ -
ଭାଦ୍ରବ ମାସର ପ୍ରତି ରବିବାରେ
ତାହତ କୋଠିରେ ବାସେ,
ଖୁଦାଭଜା ଖଇ ଉଖୁଡା କାକୁଡ଼ି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମିଶ୍ରି ଆଉ ଫଳମୂଳ -

ଓଷେଇତି ମାନେ ଖୁଦୁରୁକୁଣୀଙ୍କ

ପାଶେ କରିଥାନ୍ତି ଠୁଳ,

କନିଅର କଇଁ ମାଳତୀ ମନ୍ଦାର

ଫୁଲରେ ତ ମାଳ କରି -

ମାଆ ମଙ୍ଗଳାଙ୍କ ଗଳାରେ ଲମ୍ବାନ୍ତି

ସଭିଏଁ ଏକାଠି ଧରି,

ସନ୍ଧ୍ୟା ସମୟରେ ମିଳିତ ସ୍ୱରରେ

ପଢ଼ନ୍ତି ସମସ୍ତେ ବହି -

ଏଇମିତି ହୁଏ ଭାଲୁକୁଣି ଓଷା

ପାରୁନି ସବୁତ କହି ।

କଣ୍ଟାବଣିଆ, ଛତ୍ରପଡ଼ା, ପ୍ରୀତିପୁର, ଯାଜପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରେମ ଠିକଣା



ତ୍ରିନାଥ ନନ୍ଦୀ

ଠିକଣା ହଜିଲେ ଚିଠି ଆସିବ କି
ଠିକଣା ହଜିଲେ ଚିଠି ଆସିବ କି । । ୧ । ।
ପ୍ରଥମ ଚିଠି ସେ ପ୍ରେମିକର ,
ପଠାଏ ସେ ପ୍ରେମ ଠିକଣାରେ । । ୨ । ।
ପ୍ରେମ ଠିକଣାର ଚିଠିଟେ ସିଏ ,
ଯିବାକି ସେ ପ୍ରେମ ଠିକଣା ଯାଏ । । ୩ । ।
ଠିକଣା ହଜିଲେ ଚିଠି ଆସିବ କି
ଠିକଣା ହଜିଲେ ଚିଠି ଆସିବ କି । । ୪ । ।
ପ୍ରେମ ପାଗଳ ଯେ ପ୍ରମିକ ସିଏ ,
ପ୍ରେମ ଠିକଣା ଯେ ପ୍ରେମିକାଟିଏ । । ୫ । ।
ହୃଦୟ ଯୋଡିଲେ ମନ ଯୋଡି ଯାଏ ,
ପ୍ରେମ ଠିକଣା ତ ମିଳିଯାଏ । । ୬ । ।
ଠିକଣା ହଜିଲେ ଚିଠି ଆସିବ କି
ଠିକଣା ହଜିଲେ ଚିଠି ଆସିବ କି । । ୭ । ।
ଚିଠି ଆସିଛି ପ୍ରେମର ଝରଣାରେ ,
ପ୍ରେରିବ ତାକୁ ପ୍ରେମ ଠିକଣାରେ । । ୮ । ।
ଚିଠି ତ ଆସେ ହସ ତ ଭାସେ,
ପ୍ରେମ ଫୁଲ ହୃଦୟରେ ବସେ । । ୯ । ।
ଠିକଣା ହଜିଲେ ଚିଠି ଆସିବ କି
ଠିକଣା ହଜିଲେ ଚିଠି ଆସିବ କି । । ୧୦ । ।
ପ୍ରେମ ଠିକଣା ସେ ମନର ଝରଣା ,
ପ୍ରେମିକା ପାଇଁ ସେ ପ୍ରେମର ଗହଣା । ୧୧ ।
ଏଇତ ପ୍ରେମର ପ୍ରଥମ ଠିକଣା ,
ପ୍ରେମିକ ହୁଏ ସେ ବାଟରେ ବାଟବଣା । ୧୨ ।
ଠିକଣା ହଜିଲେ ଚିଠି ଆସିବ କି
ଠିକଣା ହଜିଲେ ଚିଠି ଆସିବ କି । । ୧୩ । ।
ଠିକଣା ହଜିଲେ ଚିଠି ଆସିବ କି
ଠିକଣା ହଜିଲେ ଚିଠି ଆସିବ କି । । ୧୪ । ।

ଜଳେଶ୍ୱର, ବାଲେଶ୍ୱର, ଛାତ୍ର "କଳା ବିଭାଗ"
ଫକୀର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,
ବାଲେଶ୍ୱର, ୮୧୧୮୦୪୦୩୯୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜୀବନ ଯାତ୍ରା



ଭବାନୀ ଶଙ୍କର ଦାଶ

ଏ ଜୀବନ ଚରିତ୍ର ବିଧାତା ମୋର
ଲେଖିଛି ଏମିତି ଜାବୁଡି କଲମ ଧରି
ମୁଠାଏ ସପନ ଦେଖିବା ଆଗରୁ,
ଆଖିରେ ଅନ୍ଧାର ଯାଉଛି ମୋ ସରି ।
ମୋ ଜୀବନ ସ୍ୱପ୍ନ ଅଧୁରା ହୋଇଲା,
ସପନ ରାଇଜେ ନାହିଁତ ମୋର ଭାବ
ଆଲୋକର ଭରା ଏ ସ୍ୱପ୍ନ ଭାଙ୍ଗିଗଲା,
ହୋଇଛି ଲୀନ ଏ ଜୀବନେ ପ୍ରେମଭାବ
ଅସୁମାର ସ୍ୱପ୍ନେ ବାନ୍ଧିଥିଲି ହସ୍ତଗଣ୍ଠି,
ପ୍ରେମରେ ଏ ସଂସାର ଗଢିବି ବୋଲି
ଖାଇ କଷଣଘାତ ତୁମ ପୁରୁଷତ୍ୱ ଲାତ,
ସବୁ ସମ୍ପର୍କକୁ ପଛରେ ପକାଇଦେଲି ।
ପୁରୁଷତ୍ୱର ମିଛ ଆତ୍ମଗର୍ବ ପଣିଆରେ,
ସବୁ ସ୍ୱପ୍ନକୁ ଯଜ୍ଞରେ ଆହୁତି ଦେଲି
ସେ ଯଜ୍ଞରେ ନିଜକୁ ସମର୍ପିତ କରି,
କୋକେଇରେ ଫୁଲରେ ସଜ୍ଜିତ ହେଲି ।
ଧନ୍ୟଏ ଆଭିଜାତ୍ୟଭରା ପୁରୁଷ ଜାତି,
ସଂସାର ଚାକଚକ୍ୟରେ ବଞ୍ଚିଅଛି ନିତି
ବଞ୍ଚିଥିଲା ସିଏ ବଞ୍ଚିଅଛି ସିଏ ବଞ୍ଚିଥିବ ପୁଣି,
ନେଇସେ ପୁରୁଣା ମିଛ ସମ୍ପର୍କର ଖ୍ୟାତି

ଗୌରାଦେଇପୁର, କୋଦଳା, ଗଞ୍ଜାମ, ଓଡିଶା,
୭୬୧୦୩୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କୁମ୍ଭକର୍ଣ୍ଣର ପ୍ରଶ୍ନ



ବିନୟାନନ୍ଦ
ବସ୍ରସ୍ୟ

ଅପ୍ରତ୍ୟାଶିତ ଅନୁଦେଶ
ଆଦେଶର ବଶବର୍ତ୍ତୀ
ଅନୁବନ୍ଧିତ ନିୟମକୁ ଅବଜ୍ଞାରେ ନିଦ୍ରାଭଗ୍ନ
ଅର୍ଦ୍ଧନିମିଳିତ ଚକ୍ଷୁରେ
ଅବଶିଷ୍ଟ ନିଦ୍ରା ତନ୍ଦ୍ରାରେ ବିବଶିତ କୁମ୍ଭକର୍ଣ୍ଣ ପ୍ରଶ୍ନବାଚୀ ଅନ୍ତର
ବିଳାପର ବିଚ୍ଛେଦର ଅହଂକାରର
ଆବେଶ ଭିତରେ ଦଶାନନର ଛାମୁକୁ
ଆଚ୍ଛାଦିତ କରୁଥିଲା ପ୍ରଶ୍ନ ପରେ ପ୍ରଶ୍ନ,

କାହିଁକି ହେ ଭ୍ରାତା !
ନାରୀ ଅପହରଣର ଧୃଷ୍ଟତା ତୁମର ?
ଯତିବେଶ ଧାରଣ ?
ଭବିଷ୍ୟତର ସାଧୁ ସମାଜକୁ ନିନ୍ଦିତ କରାଇବାର ହୀନ ମାନସିକତା ?
କାହିଁକି ଅକ୍ଷୟକୁମାରର ଅକାଳ ମୃତ୍ୟୁ ?
କାହିଁ ବିଭୀଷଣ ?
କାହିଁପାଇଁ ମନ୍ଦୋଦରୀର ପ୍ରାର୍ଥନା ଅନୁନୟକୁ ଅବମାନନା ? ? ?
ଅସମୟରେ ମୋର ନିଦ୍ରାଭଗ୍ନ ? ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ଥିର ରକ୍ତ ନୟନ ଦଶଗ୍ରୀବ
ମୁକ୍ତିରମନ୍ତ୍ର ଜପିବାରେ ବ୍ୟଗ୍ର ବ୍ୟସ୍ତ ବିବ୍ରତ ।
ଉତ୍ତର ଶୁଣିବାକୁ ଧୈର୍ଯ୍ୟ ରଖିବାକୁ
ନିର୍ଦ୍ଦେଶ ଦେଇ ଉତ୍ତରର ଛତ୍ର ଢାଙ୍କିଦେଲା କୁମ୍ଭକର୍ଣ୍ଣର କର୍ଣ୍ଣଗହ୍ୱରରେ,

ବଶିଷ୍ଠଙ୍କ ନିର୍ଦ୍ଦେଶ ଅପ୍ରୌଢା କୁମାରୀ ଧର୍ମର ଅନିୟମିତତାର ଉପଚାର,
ଜନକ ନନ୍ଦିନୀଙ୍କୁ ଅଶୋକବନର ଉପଚାର,
ଛଦ୍ମବେଶୀ ଆତ୍ମଘୋଷିତ ସାଧୁଙ୍କୁ ସାବଧାନୀ,
ଦେବତାଙ୍କ ବିନା ଅମରତ୍ୱର ପ୍ରମାଣ,
ଭାତୃମୁକ୍ତିର ବିରୋଧ କରୁଥିବା ବିଭୀଷଣ,
ଲଙ୍କାକୁ ଶ୍ରୀ ଯୁକ୍ତ କରାଇ ରାକ୍ଷସ ଗଣଙ୍କ ସାଲୁକ୍ୟ ସାମିପ୍ୟ ସାଜୁଯ୍ୟ ମୁକ୍ତି
ସହ ଆମ ଦୁହିଁଙ୍କର ଅଭିଶପ୍ତ ଜୀବନର
ଅବସାନ ମୋର ମୂଳ ଲକ୍ଷ୍ୟ ଥିଲା ।
ଆଉ କେତେ ଦିନ କୁମ୍ଭକର୍ଣ୍ଣ,
ରାମ ବନବାସ ଠାରୁ ଆମ୍ଭ ପତ୍ନୀ
ମନ୍ଥରା ବେଶୀର ମହାନିର୍ବାଣ କଣ ତୋର ଇଛା ନୁହେଁ ? ? ?
ଆଉ ବିଳମ୍ବ କାହିଁକି ରେ ଭାଇ ? ?
ଯଦ ଗତ୍ୱା ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ........

ବିନୟାନନ୍ଦ ବସ୍ତ୍ରସ୍ୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାରିବାକୁ ଇଚ୍ଛା ପଚ୍ଛୁଆ ନାତ



ଶିଶିର କୁମାର ପଣ୍ଡା

ମହାମେଣ୍ଟ ତୁମେ କରୁଛ ବିରୋଧୀ
ମୋଦୀଙ୍କୁ ସତେକି ପାରିବ ରୋକି
କେମିତି କହିଲ ପକେଇଲା ଛେପ
ବିନା ବିକାରରେ ପାରୁଛ ଢୋକି ?

କାଲି ଚୋର ଚୋର ଯାହାକୁ କହିଲ
ଆଜି ତା' ସାଥିରେ ମିଳାଅ ହାତ
ସ୍ୱାର୍ଥ ପୁରିଗଲେ ଜାଣିଛି ଭଲକି
ମାରିବାକୁ ଇଚ୍ଛା ପଚ୍ଛୁଆ ନାତ ।

ମାଗଣା ଖାଇବା ମାଗଣା ବିଜୁଳି
ମାଗଣା ଯେତେକ କରୁଛ ପଣ
ତମ ପାଇଁ ଆଜି ଆମରି ଦେଶରେ
କୋଢ଼ିଆ ହୁଅନ୍ତି ଜଣକୁ ଜଣ ।

କାଲି ଯେଉଁଦେଶ ଥିଲା କେତେ ତଳେ
ଆଜି ଥୋଇଲାଣି ଜହ୍ନରେ ପାଦ
ସେଥିପାଇଁ ତୁମେ ବଧେଇ ନଦେଇ
ପ୍ରଧାନମନ୍ତ୍ରୀଙ୍କ ସାଥିରେ ବାଦ !

ମନେରଖ ତୁମେ, ଆମ ଜନଗଣ
ଭଲକି ଜାଣନ୍ତି କିଏବା କିସ
ଅମୃତ ବୋଲିକି ଯାହା ପରଷୁଛ
ଆମ ପାଇଁ ସିଏ ନିରୋଳା ବିଷ ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:-୮୯୮୧୭୩୭୨୨୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରକ୍ଷା ବନ୍ଧନ



ସରୋଜ ସାହୁ

ଭାଇ ଭଉଣୀଙ୍କ ପୀରତିର ରଜ୍ଜୁ
ରକ୍ଷା ସୂତ୍ରେ ବନ୍ଧା ଥାଉ
ହସ ଖୁସି ଭରା ସ୍ନେହର ପତାକା
ଜଗତରେ ଉଡୁଥାଉ ।୧ ।

ବାସ ମହକିବ ବାସ ଚହଟିବ
ଅବାସନା ଆଜି ବାସିବ
ରକ୍ଷା ବନ୍ଧନରେ ଭଗିନୀର ଡୋରୀ
ଶୀତଳ ଚନ୍ଦନ ଲେପିବ ।୨ ।

ଏତ ନୁହେଁ ଖାଲି କ୍ଷୁଦ୍ର ସୂତା ଖିଅ
ନୁହେଁ ଇଏ ଜାଲ ବୁଢିଆଣୀ ବସା
ନୁହେଁ ଖାଲି ଇଏ ନିମିତ୍ତ ବନ୍ଧନ
ଅନ୍ତର ଆତ୍ମାର ସ୍ପନ୍ଦନ ଖୋସା ।୩ ।

ଏ ପ୍ରୀତିର ଡୋର ନୁହେଁ ଖାଲି କପା
ଏଇତ ଅଳକାନନ୍ଦା
ଭଗିନୀର ପ୍ରେମ ମରୁ ଛାୟା ଛପା
ସ୍ନେହେ ପ୍ରୀତି ପ୍ରେମେ ଛନ୍ଦା ।୪ ।

ସୁଭଦ୍ରା ହାତରୁ ବାନ୍ଧେ ରକ୍ଷା ଡୋରି
କଳା ଗୋରା ବେନି ଯୁଗଳ
ନଟ ନାଗର ସେ , ନାଟ ଲଗାଇଛି
ଖେଳୁଅଛି ଖେଳ ସାଗର ।୫ ।

ଅଧ୍ୟାପକ ଚାରିଗଡ଼ ମହା ବିଦ୍ୟାଳୟ,
ତେଲକୋଇ,କେନ୍ଦୁଝର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସାହିତ୍ୟ ଆକାଶେ ଧୃବତାରା



ପ୍ରଶାନ୍ତ କୁମାର ନାଥ

ବିଜ୍ଞାନ ପଢିଣ ଇଂରାଜୀ ସାଧିଣ
ସାହିତ୍ୟରେ ଯାର ପ୍ରାଣ
ଏମିତିକା ଲୋକ ଅଛନ୍ତି କେଉଁଠି
ଜାଣିଛ କି କେତେ ଜଣ ।

ନିଃସନ୍ଦେହେ  ସେ ଜୟନ୍ତ ମହାପାତ୍ର
ଆମରି ରାଇଜ କବି
ତାଙ୍କ ଲେଖନୀରେ ଲେଖୁଥିଲେ ବସି
କରୁଣ କାହାଣୀ ଛବି ।

ହଜି ଯାଉଥିଲେ ଭାବନା ରାଇଜେ
ପ୍ରକୃତିକୁ ଆଙ୍କି ବସି
କେତେ ବେଳେ ପୁଣି ସୁପ୍ତ ମଣିଷକୁ
ଜଗାଉ ଥିଲେ ସେ ଆସି ।

ଓଡିଶା ରାଜ୍ୟରେ ଦ୍ୱିଭାଷୀ କବିରେ
ଅରଜିଲ ନାମ ଖ୍ୟାତି
ଓଡ଼ିଆ କବିତା ଇଂରାଜୀ କଥାରେ
ଥିଲା ତୁମ ମିଠା ପ୍ରୀତି ।

ରାତି ନ ପାହୁଣୁ ଚାଲିଗଲ ରୁଷି
ଆପଣାର କୃତି ଛାଡି
ତୁମ ବିୟୋଗରେ ସାହିତ୍ୟ ମହଲେ
ଭାସୁଛି ଲୁହର ବଢ଼ି ।

ତୁମେ ତ ଧୁରିଣ ଧଉଳିର ଛଙ୍କି
ଆଙ୍କି ଥିଲ ଚନ୍ଦ୍ରଭାଗା
ସାହିତ୍ୟ ଆକାଶେ ଧୃବ ତାରକା ହେ
ସରଗରେ ତୁମ ଜାଗା ।

ସାହିତ୍ୟରେ ତୁମେ ସପ୍ତ ମହାସିନ୍ଧୁ
ପଞ୍ଚଭୂତେ ଗଲ ଜଳି
ହେ ଯୁବ ପୁରୁଷ ସାହିତ୍ୟ ସାଧକ
ଘେନ ଆମ ଶ୍ରଦ୍ଧାଞ୍ଜଳି ।।

(ଜୁଣଗଡି) ରାଜନଗର,କେନ୍ଦ୍ରାପଡ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏଠି କେହି ନୁହେଁ କାହାର !



ରଞ୍ଜିତା ଦାଶ

ଯାହା ପାଇଁ ସାରା ଜୀବନ ନିଜକୁ ତିଳ ତିଳ କରି ଜାଳିଥିବୁ ।
ଦୁନିଆ ଗୋଟେ ପଟେ ଥିଲାବେଳେ ତୁ ଗୋଟେ ପଟେ,
ସଂସାରର ସବୁ ଝଡକୁ ନିଜ ମୁଣ୍ଡକୁ ନେଇ
ସେମାନଙ୍କ ପାଇଁ ସରଳ ରାସ୍ତାଟିଏ ତିଆରି କରିଥିବୁ
ସେଇମାନେ ହିଁ ଶେଷରେ ଆଗ ତୋ ଭୁଲ୍ କାଢିବେ ଆଉ
ତୋ ରାସ୍ତାରେ କଣ୍ଟା ହେବେ ।
ସେଇଠି ତ ଜୀବନ ଦୁର୍ବିସହ ହୋଇପଡେ ।
ବଞ୍ଚିକି ବି ମରିବା ସହ ସମାନ ।
କାରଣ ନିଜ ଲୋକମାନେ ଯେବେ ସବୁ ବୁଝି
ନ ବୁଝିଲାର ଅଭିନୟ କରନ୍ତି ।
ଆଉ ନିଜକୁ ସଚୋଟ କହି ଅନ୍ୟକୁ ଦୋଷୀ କରନ୍ତି ।
କେମିତି ଲାଗେ ସେଠି ଜୀବନ ?
ସ୍ନେହ ପ୍ରେମ ବଦଳରେ କେବଳ ଘୃଣା
ଲାଞ୍ଛନା, ଅପମାନ ଆଉ ସନ୍ଦେହର ଶୀକାର ।
ସମୟ ଅନୁସାରେ ନିଜକୁ ଯେତେ ସଜାଡିଲେ ବି
ସବୁକିଛି ଅସଜଡା ଲାଗେ ।
ଦୁନିଆର ଜଞ୍ଜାଳ ଭିତରୁ ବାହାରି ତୁ ଯେବେ ଟିକେ ମନକୁ ବୁଝାଇବାକୁ ଯାଇ ଭୁଲ୍ କଲୁ
କି ନିଜ ପାରିଲା ପଣରେ ସମୟକୁ ନିଜ ଢଙ୍ଗରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୟକୁ ସଦ୍ ଉପଯୋଗ କଲୁ,

ସେଇଟା ବି ଏ ସମାଜ ପାଇଁ ହେଉକି ନିଜ ଲୋକଙ୍କ ପାଇଁ ହେଉ ଭାରି ପଡି ଯାଉଛି

ହେଲେ କାହିଁକି ?

ସେମାନେ କଣ୍

ବୁଝି ନାହାନ୍ତି ଯେ ଗୋଟେ ନାରୀ ବା ପୁରୁଷ ତା କର୍ମ ପଥରେ

ଅହରହ ସଂଘର୍ଷ କରେ ।

କ୍ଲାନ୍ତ ମନ ବା ଶରୀରକୁ ସେ କଣ ଉପଯୋଗ କରି ପାରିବନି ।

କାହିଁକି ଏମିତି ହୁଏ ।

ଜୀବନରେ ଅନେକ ଦୁଃଖ ଯନ୍ତ୍ରଣାକୁ ଭେଟେ ଏ ଜୀବନ ।

ହେଲେ ଏମିତି କିଛି ଦୁଃଖ ଥାଏ

ଯାହା କି ସାରା ଜୀବନ ସେ ସାଥୀରେ ରହେ ।

ସେ ପାଇଁ ମୋ ବାପା ଗୋଟେ କଥା କୁହନ୍ତି –

ଝିଅଟିଏ ଜନ୍ମ ହେଲା ପରେ

ତା ବାପା ମାଆ ଘରର ଗୁରୁଜନ, ସମାଜ ଏମାନଙ୍କ

ଆକଟ ଆଉ ଡର ରହେ,

ତା ପର ମୁହୂର୍ତ୍ତରେ ଆଉ ଗୋଟେ ଘରର ବୋହୂଟିଏ ହେଲା ପରେ ---

ସେ ଘରର ଶାଶୁ, ଶ୍ୱଶୁର, ସ୍ୱାମୀ ଓ ଶାଶୁ ଘରର ଗୁରୁଜନଙ୍କୁ

ଡରି ରହେ ।

ତା ପର ଅବସ୍ଥା ରେ, ---

ଯେବେ ସେ ବୟସର ଅପରାହ୍ନରେ ପହଞ୍ଚେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେବେ ପୁଅ, ଝିଅ, ବୋହୂ ଏମାନଙ୍କୁ ଡରି ବଞ୍ଚେ ।

ତେବେ ଏ ଡରିବା ଏମିତି ଏକ ବ୍ୟାଧି ତାକୁ ଛାଡି ଯାଏ ନାହିଁ ।

କାହିଁକି ଏମିତି ହୁଏ ?

ନାରୀର ନିଜସ୍ୱ ଇଚ୍ଛା ବୋଲି କଣ କିଛି ନାହିଁ ।

ଏ ସମାଜରେ ସ୍ୱାଧୀନ ଭାବେ ବଞ୍ଚିବାର ମୋହ କଣ ନାହିଁ ।

ତେବେ ଏମିତି ଜୀବନର ମୂଲ୍ୟ କଣ ହୋଇପାରେ ।

ପ୍ରତ୍ୟେକ ମୂହୁର୍ତ୍ତରେ ସେ ଜଳି ଜଳି ଶେଷ ହେଉଥାଏ ।

ଆଉ ଶେଷରେ କେବଳ ଅପବାଦ ଓ ଲାଞ୍ଛନା ସହିବାକୁ ପଡେ ।

ବୁଝିବାର ଶକ୍ତି ଥାଇ ବି ବାରମ୍ବାର ଏଠି ଅଗ୍ନିପରୀକ୍ଷା ଦେବାକୁ ପଡେ ।

ପ୍ରତିଶ୍ରୁତି ସବୁ ପାଣି ଫୋଟକା ପରି ମିଳେଇ ଯାଆନ୍ତି ।

ସ୍ୱପ୍ନର ତାଜମହଲଟି ଭାଙ୍ଗି ଚୁରମାର ହୋଇଯାଏ ।

ତଥାପି ମଣିଷ ବଞ୍ଚେ ।

ହେଲେ ସେ ବଞ୍ଚିବା କଣ

ଆତ୍ମ ତୃପ୍ତିର ?

ଜୟ ରାଧାକାନ୍ତ ଏମାନଙ୍କୁ ସଦବୁଦ୍ଧି ଦିଅ ପ୍ରଭୁ ।


ରଞ୍ଜିତା ଦାଶ, ଯାଜପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେ ଗୁରୁ ତୁମେ ମଙ୍ଗଳମୟ



ମହେନ୍ଦ୍ର ପ୍ରସାଦ ଦାସ

ଜନ୍ମବେଳୁ ଗୁରୁ ମାତାଟି ମୋ'ର
ଏବେ ଜଗତରେ ନାହିଁ
ସଂସ୍କାର ଗୁରୁ ପିତା ମୋ ଅଟନ୍ତି
ଆରପୁରେ ଛନ୍ତି ରହି ।।

ବାଳକ ବୟସେ ଜେଜେ ନେଇଗଲେ
ଗାଁ ସରୁ ଦାଣ୍ଡ ପାଶେ
ତହିଁ ମୁଁ ଶିଖିଲି ଅକ୍ଷର ଓ ସଂଖ୍ୟା
ଚାଟଶାଳି ପାଠ ଘୋଷେ ।।

ତହୁଁ ସରିଥିଲା ଖଡି ଲେଖା ପାଠ
ପ୍ରଥମକୁ ଚାଲିଗଲି
ପଣକିଆ ଠାରୁ ପଣ ଉଠିଗଲା
ବହୁ ଖୁସି ମୁହିଁ ହେଲି ।।

ତାପରେ କ୍ରମଶଃ ଶେଷ ପାଠଯାଏ
ବହୁ ଗୁରୁ ପଢାଇଲେ
ସେମାନଙ୍କ ସତ୍ୟ ନିଷ୍ଠା ଉଦ୍ୟମରେ
ମୋତେ ତ ମଣିଷ କଲେ ।।

ଉଚ୍ଚ ଇଂରାଜୀ ବିଦ୍ୟାଳୟ ଯାଏ
ଥିଲି ବହୁ ସାଥି ମେଳେ
ଆଜିର ଦିନରେ ସେମାନଙ୍କ ମଧ୍ୟୁ
ବହୁ ନାହାନ୍ତି ଶୟନେ ।।

ଶିକ୍ଷା ଗୁରୁ, ଦିକ୍ଷା ଗୁରୁଙ୍କ ମଧ୍ୟରେ
ସେତ ଉଚ୍ଚ ପଦବାଚ୍ୟ
ଭୂଗୋଳ ଖଗୋଳ ସର୍ବ ଶ୍ରେଷ୍ଠ ଶିକ୍ଷା
ଦେଇ କରିଛନ୍ତି ଉଚ୍ଚ ।।

ଶିକ୍ଷା ଗୁରୁ ଗୁରୁ ମାଆଙ୍କ ଦୟାରେ
ଆମେ ଶିକ୍ଷାଲାଭ କରି
ଉତ୍ତର ବୟସେ ଅନ୍ନ ସଂସ୍ଥାନରେ
ପାରିଲୁ ଜୀବନ ଧରି ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିଏ କୃଷି କରେ କିଏ ଚାକିରୀରେ
କିଏ ପ୍ରଶାସକ ହେଲେ
ସବୁ ସେହି ଶିକ୍ଷା ଗୁରୁଙ୍କର ଦୟା
ତାଙ୍କରି ଦାନର ବଳେ ।।

ଯତ୍ନରେ ଯାହ ଶିଖାଇ ଥିଲେସେ
ଆଜି ପ୍ରତି ମୁହୁର୍ତ୍ତରେ
ପ୍ରତି କର୍ମସ୍ଥଳେ ଗୁରୁଙ୍କ ସଂହିତା
ମନପଡେ ସବୁଠାରେ ।।

ଆଜିବି ଗୁରୁମୋ ଜୀବିତ ଅଛନ୍ତି
ସ୍ନେହର ଡାକି ଥାଆନ୍ତି
ଠିଆ ହୋଇଥିଲେ ତାଙ୍କରୀ ଆଗରେ
ବସିବା ପାଇଁ କହନ୍ତି ।।

ନକହିଲା ଯାଏ ବସିବା ପାଇଁକି
ଆସିନ ହେବାକୁ ଡର
ଏହା ଦେଖି ଗୁରୁ ଖୁସିତ ହୁଅନ୍ତି
ଗୁରୁ ଭକ୍ତିରେ ଆମର ।।

ଅଧ୍ୟାପକ ପ୍ରାଧ୍ୟାପକ ଚିକତ୍ସକ
ଶିଷ୍ୟ ତହିଁମଧ୍ୟେ ଛନ୍ତି
କିନ୍ତୁ ଗୁରୁଙ୍କର ଆଗକୁ ଆସିଲେ
ସର୍ବେ ଭୟ ପ୍ରକାଶନ୍ତି ।।

ଶିକ୍ଷା ଗୁରୁଙ୍କର ଗୁଣ ଗୁଣବତ୍ତା
ଯନ୍ତ୍ରନାହିଁ ମାପି ହେବ
ଭୁମିଷ୍ଟ ପ୍ରଣାମ ଛଡା କେଉଁ ଦାନ
ତାଙ୍କ ପାଦରେ ଥୋଇବ ।।

ଆଖି ଖୋଲି ଦେଇଛନ୍ତିତ ଆମର
ଶେଷ ଯାଏ ଦେଖୁ ଥିବା
ଶେଷ ସମୟଟି ଆସିଲେ ଆମର
ତେବେ ଗୁରୁ ପାଶୋରିବା ।।

ତୁମେ ଏ ସଂସାରେ ପଥ ପ୍ରଦର୍ଶକ
ଆନ ସବୁଟି ସୀମିତ
*ହେ ଗୁରୁ ତୁମେ ମଙ୍ଗଳ ମୟ*
ତବ ଚରଣେ ଆଶ୍ରିତ ।।

ମହେନ୍ଦ୍ର ପ୍ରସାଦ ଦାସ(ଦୂର୍ବାଦଳ)
ବୈପାରିଗୁଡା/କୋରାପୁଟ ।।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ହେ ଗୁରୁ ତୁମେ ମଙ୍ଗଳମୟ



ସତ୍ୟ ନାରାୟଣ ସାହୁ

ନମୋ ନମୋ ଗୁରୁ ଆହେ ହେ କଲ୍ୟାଣମୟ

ସତ୍ୟ ନ୍ୟାୟ ଧର୍ମ ନୀତି ସକଳ ବତାଅ ।

ଜୀବନେ ସୁଯଶଶାଳୀ ହେବାକୁ ସନ୍ଦେଶ

ଦେଇ ସୁମହାନ ସେ କରି ଗଢ଼ ତୁମ୍ଭେ ଶିଷ୍ୟ ।

ତୁମ୍ଭ ନୀତି ଉପଦେଶ ସୁଦିବ୍ୟ ସନ୍ଦେଶ

ଯୋଗାଏ ଜୀବନେ ନବ ବିଭା ସୁସରସ ।

ନମୋ ନମଃ ଗୁରୁ ତୁମ୍ଭେ କରଇ ପ୍ରଣାମ

ତୁମ୍ଭେ ବ୍ରହ୍ମା, ତୁମ୍ଭେ ବିଷ୍ଣୁ, ତୁମ୍ଭେ ପରବ୍ରହ୍ମ ।

ଜଗତ ଓ ଜୀବାତ୍ମାର ଯେତେ ତଥ୍ୟ, ତତ୍ତ୍ୱ

ଅନାୟାସେ ବତାଇଣ ସାଧ ଶିଷ୍ୟ ହିତ ।

ନମାମି ତବ ପୟରେ ହେ ମଙ୍ଗଳମୟ

ଦିବ୍ୟ ଭାବେ ଭକ୍ତିମୟ ହେଉ ମୋ ହୃଦୟ ।


ମୟୂରଭଞ୍ଜ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜହ୍ନରେ ଆମରି ନାଁ



ପ୍ରଫୁଲ୍ଲ କୁମାର
ହୋତା

ଜହ୍ନକୁ ଜିଣିଛି ମୋ ଭାରତବର୍ଷ
ଇସରୋର ସାହାଯ୍ୟ ପାଇଁ
ବିକ୍ରମ ଲ୍ୟାଣ୍ଡର ଓ ପ୍ରଜ୍ଞାନ ଭାଇ
ନିଜ କାର୍ଯେ ମଗ୍ନ ଥାଇ ।
ପୁରାଣର କଥା ପୁଷ୍ପକ ବିମାନ
ରାବଣର ଆଗେ ଥିଲା
ଅସାଧ୍ୟ କାର୍ଯ୍ୟକୁ ସାଧନ କରଇ
ଆଜି ଏବେ ସତ ହେଲା ।
ଆମ ବୈଜ୍ଞାନିକ ମସ୍ତିଷ୍କ ଖେଳାଇ
ଦୁଇଫାଳ ବେଲ୍ ହେଲେ
ତୃତୀୟ ବାରରେ ଆଶା ଫଳବତୀ
ଇତିହାସକୁ ରଚିଲେ ।
ଚଉଦ ଦିନେ ରହିବ ଚନ୍ଦ୍ରରେ
ପ୍ରଜ୍ଞାନ ନାମଟି ଯାର
ନିଜର କୌଶଳ ଜ୍ଞାନ ଗରିମାକୁ
ଆମ ପାଖେ ହେବ ଠୁଳ ।
ମିଳନ୍ତାକି ସେଠି ଅନୁକୂଳ ପାଗ
କରନ୍ତେ ସେଇଠି ଘର
ନବ ଇତିହାସ ସଫଳ ହୁଅନ୍ତା
କଙ୍କିରଟ ହୁଅନ୍ତା ପର ।
ପିଲାବେଳ ସ୍ୱପ୍ନ ସାର୍ଥକ ହୁଅନ୍ତା
ଜହ୍ନ ଆମ ମାମୁଁ ବୋଲି
କୋଳେଇ ନିଅନ୍ତା ଆଗ୍ରହ କରନ୍ତା
ଆମ ନିଜ ମାମୁଁ ପରି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାରତର ସ୍ୱପ୍ନ ପୂରଣ ହୋଇଲା

ବିଜ୍ଞାନୀ ମାନଙ୍କ ପାଇଁ

ଓଡ଼ିଶାର ଛନ୍ତି କେତେ ବୈଜ୍ଞାନିକ

ଓଡ଼ିଶାର ଗର୍ବ ନେଇ ।

ବିଜ୍ଞାନର ଦାନ ସୃଷ୍ଟି ପାଇଁ ଅଟେ

ନୁହଁ ଧ୍ୱଂସ ପାଇଁ ଏହା

ସାରା ପୃଥିବୀରେ ଶ୍ରେଷ୍ଠ ଆଜି ଆମେ

ଜହ୍ନରେ ମିଳିଛି ରାହା ।

ଇତିହାସ ରଚି ସମଗ୍ର ବିଶ୍ୱରେ

ଆମ ବୈଜ୍ଞାନିକ ଶ୍ରେଷ୍ଠ

ବିଜ୍ଞାନର ଜୟ ହେ ମଙ୍ଗଳମୟ

ଭାରତରୁ ଯାଉ କଷ୍ଟ ।

ଆମ ଭାଇ ସର୍ବେ ଜହ୍ନରେ ନାଆଁଟି

ଲେଖି ଦେବା ଆଗ୍ରହରେ

ବିଶ୍ୱବାସୀ ସବୁ ଚକିତ ହେଲେଣି

ଆମ ଏ ସଫଳତାରେ ।

ଖୋର୍ଦ୍ଧା, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ମୋ ଭାଇ ହୃଦୟ ରାଜା



ଶୁଭଲକ୍ଷ୍ମୀ ସେଠୀ

ଧୂପ ଦୀପ ଫୁଲ ଅକ୍ଷତ ଚନ୍ଦନେ
ସଜେଇଛି ପୂଜାଥାଳି
ଅତୁଟ ଅକ୍ଷୂର୍ଣ୍ଣ ରହୁ ଏ ସମ୍ପର୍କ
ପ୍ରଭୁ ପାଶେ କରେ ଅଳି

ସୂତା ନୁହେଁ ସେ ଏକ ସୂକ୍ଷ୍ମ ତନ୍ତୁର
ସୁରକ୍ଷା କବଚ ମୋର
ଝଡଝଞ୍ଜା ଯେତେ ଆସିଲେ ଜୀବନେ
କରିବୁନି କେବେ ଦୂର

କାଟିବୁନି କେବେ ସମ୍ପର୍କର ଡୋର
କରିବୁନି ମନ ଊଣା
ବିପଦେ ଆପଦେ ପାଖେ ଛିଡା ହେଲେ
ପାଇଯିବି ମୁଁ ପାଉଣା

ଲୋଡା ନାହିଁ ମୋର ଅଳିକ ସମ୍ପଦ
ତୁ ଥିଲେ ପାଶେ ମୋର
ଗୋଟିଏ ବୃନ୍ତର ଦୁଇଟି  କୁସୁମ
ବନ୍ଧନ ଯୁଗ ଯୁଗର

ମୋ ଆୟୁଷ ନେଇ ହୁଅତୁ ଦୀର୍ଘାୟୁ
ମିଳୁ ତୋତେ ସ୍ୱର୍ଗ ସୁଖ
ନ ଛୁଉଁ ରେ ତୋତେ ଅହଂ ଆଭିଜାତ୍ୟ
ନ ଛୁଉଁ କେବେ ଦୁଃଖ

କଳୁଷ କାଳିମା ନ ଲାଗୁ ତୋ ଠାରେ
ନ ହୁଅ ତୁ ଲକ୍ଷ୍ୟ ଭ୍ରଷ୍ଟ
ଚଲାପଥ ତୋର ହେଉ କୁସୁମିତ
ଝରୁଥାଉ ମୁଖୁ ହସ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁନା ଭାଇ ତୁ ମୋର  ହୃଦୟ ରାଜା

ନାରୀଙ୍କୁ ଦେବୁ ମର୍ଯ୍ୟାଦା

ସ୍ନେହ ପ୍ରେମରେ ବାନ୍ଧି ଉଡାଇବୁ ତୁ

ସମ୍ପର୍କର ବିଜୟ ଧ୍ୱଜା

ନିର୍ଯ୍ୟାତିତା ଆଜି କେତେ ଯେ ଭଉଣୀ

ଲୁହରେ ଭିଜୁଛି ରାକ୍ଷୀ

ଅସହାୟେ ତୁହି ହୋଇଣ ସହାୟ

ଦିଅ ତାଙ୍କ ଲୁହ ପୋଛି


ଆଠଗଡ଼, କଟକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭୁଲିନି ଆକାଶ ଧରିତ୍ରୀ ପ୍ରୀତି



ଶାନ୍ତିଲତା ପଣ୍ଡା

ଭୁଲିନି ଆକାଶ ଧରିତ୍ରୀ ପ୍ରୀତିକୁ
ଦେଇଛି ହୃଦୟେ ସ୍ଥାନ
ଯେତେ ଦୂରେ ଥିଲେ ପୀରତିର ଝର
ଝରୁଥାଏ ରାତିଦିନ
ଜଣେ ତ ନାୟକ ଅନ୍ୟଟି ନାୟିକା
ମିଳନର ସପ୍ତସୁର
ଅନାବିଳ ତାଙ୍କ ପ୍ରେମର ଫଲଗୁ
ଝରୁଥାଏ ନିରନ୍ତର
ଅପଲକ ନେତ୍ରେ ଦୁହେଁ ତ ଦୁହିଙ୍କୁ
ସଦା ରହିଥାନ୍ତି ଚାହିଁ
ଏକ ବିନା ଆନ ନୁହଇ ସମ୍ଭବ
ଏହାତ ରଚିଛି ବିହି
ନିବିଡ଼ ସମ୍ପର୍କେ ହୋଇଛନ୍ତି ବନ୍ଧା
ଯିଏ ଥାଉ ଯେତେ ଦୂରେ
ଜଣକ ଦୁଃଖକୁ ଦୂର କରିବାକୁ
ଅନ୍ୟଜଣେ ଚେଷ୍ଟାକରେ

କାହିଁକି କେଜାଣି ଆକାଶ ଦିଅଇ
ପୃଥିବୀକୁ ଏତେ କଷ୍ଟ
ରବିକର ଢାଳି ପ୍ରଖର ଉତ୍ତାପେ
କରିଥାଏ ତ ବିନଷ୍ଟ
ଭଲପାଏ ବୋଲି କଷ୍ଟ ଭୁଲିଯାଇ
ଆକାଶକୁ ଚାହେଁ ଧରା
ଆକୁଳ ନୟନ ଦେଖି ତ ଗଗନ
ବରଷେ ବରଷା ଧାରା
କ୍ଲିଷ୍ଟ ଶରୀରରେ ଚନ୍ଦନ ଲେପଇ
ପ୍ରିୟତମ  ଶରଧାରେ
ଶ୍ୟାମଳ ଗଭାରେ ସୁଗନ୍ଧିତ ପୁଷ୍ପ
ଖଞ୍ଜି ଦିଏ ଆଦରରେ
ସୁବର୍ଣ୍ଣ କଙ୍କଣ ଛାଇଦିଏ  ପୁଣି
ଧରଣୀ ଅବୟବରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜହ୍ନ ଜୋଛନାରେ ତିମିର ନାଶଇ
ବ୍ୟୋମ ସିନା ପୃଥିବୀରେ
ପ୍ରେମିକାକି ଭୁଲେ ପ୍ରେମିକର ମୂଲ
ଯେତେ ସେ ଯାତନା ପାଉ
ଶାଶ୍ୱତ ପ୍ରେମର ମଧୁର ମୁହୂର୍ତ୍ତ
ଚିରଦିନ ରହିଥାଉ
ଆକାଶ ପୃଥିବୀ ମଧୁଝରା ପ୍ରୀତି
ମିଳନର ମଧୁଗୀତି
ମଧୁରେ ମଧୁରେ ମଧୁପ ଗୁଞ୍ଜନେ
ହୃଦେ ହୃଦେ ଝରେ ଶାନ୍ତି ।

ବାଲେଶ୍ୱର, ଓଡ଼ିଶା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭୁଲିନି ଆକାଶ ଧରିତ୍ରୀ ପ୍ରୀତି



ସ୍ୱପ୍ନା ମହାନ୍ତି

କିପରି ଭୁଲିବି ତୁମ ପ୍ରୀତି

ତୁମ ନାମ ମୋ ନାମରେ ପରା କଳଙ୍କର ଡେଙ୍ଗୁରା !

ପଡୋଶୀର ଛି ଛିରେ

ଭାଙ୍ଗିଯାଇଥିଲା ହୃଦୟ !

ତଥାପି ହାରି ନ ଥିଲା ମନୋବଳ !

ଚକୋର ଚକୋରି ପରି ଥିଲୁ ସିନା

ମନ ହୃଦୟର ପ୍ରୀତି

ଦେଖୁଥିଲା ଅନେକ ସପନ !

ସପନର ରାଇଜରେ ବୁଲୁ ବୁଲୁ

ଗବେଷଣାରେ ଲାଗିଲି

ମନ ହୃଦୟକୁ ଏକ କରି

ପ୍ରଭୁ ପାଦେ କରି ସମର୍ପିତ

ବିଜ୍ଞାନକୁ କରି ଆପଣାର

ପାଦ କାଢ଼ିଲି

ମୋ ପ୍ରୀତିର ଅଗଣାକୁ

ପକ୍ଷ କାଢ଼ି ଉଡ଼ିଲି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜାତିଧର୍ମ ନିର୍ବିଶେଷରେ ପ୍ରଭୁଙ୍କ ପ୍ରାର୍ଥନାରେ ଉଡ଼ିଲି

ମୋ ନାମ ଚନ୍ଦ୍ରଯାନ ୩

ଏଇତ ଉଡାଇଲି ମୋ ତ୍ରିରଙ୍ଗା ପତାକା

ସ୍ୱର୍ଣ୍ଣିମ ଅଧ୍ୟାୟ ରଚିତ

ଭାରତ ମାତାର ଗାଥାରେ !

ସ୍ୱର୍ଣ୍ଣିମ ଅଭିଯାନ

ସ୍ୱର୍ଣ୍ଣିମ ତାରିଖ

ରଚିଲା ଭାରତ !

ଏଇତ ପ୍ରୀତିର ସାଗର ଉଚ୍ଛୁଳିଲା

ଦେଶ ବିଦେଶରୁ ପ୍ରୀତିର ସୁଅ ଛୁଟିଲା !

ପ୍ରୀତି ଥିଲେ ହୁଅଇ ସଫଳ !

ସ୍ୱପ୍ନା ମହାନ୍ତି ନବରଙ୍ଗପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭୁଲିନି ଆକାଶ ଧରିତ୍ରୀ ପ୍ରେମ



ଅରୁନ୍ଧତୀ ଲେଙ୍କା

ଭୁଲିନି ଆକାଶ ଧରିତ୍ରୀର ପ୍ରୀତି
ଦେଇଛି ସ୍ନେହ ମମତା
ଉଭୟଙ୍କ ସମ୍ପର୍କ ଭାରି ନିଆରା
ଗଢିଛି ବିଶ୍ୱ ବିଧାତା ।।

ଢାଳି ଦିଏ କେବେ ପ୍ରେମର ବରଷା
ଶୀତଳ କରେ ହୃଦୟ
ତାହାରି ଛୁଆଁରେ ନାନା ଗୀତ ଗାଇ
ଧରିତ୍ରୀ ହୁଅଇ ମୁଗ୍ଧ ।।

ଅଲଗା ହେବନି କେହି କାହା ଠାରୁ
ତାଙ୍କ ସୃଷ୍ଟି ଭାରି ଭିନ୍ନ
ତାଙ୍କରି ଭାବରେ ଏ ଜନ ସମାଜ
ଦେଖନ୍ତି ନୂତନ ସ୍ୱପ୍ନ ।।

ତାଙ୍କରି ବନ୍ଧନ ପବିତ୍ର ବନ୍ଧନ
ସଭିଙ୍କୁ ଦିଏ ଆନନ୍ଦ
ତାଙ୍କରି କୋଳରେ ଖୁସିରେ ସଭିଏଁ
କରିଥାନ୍ତି ବସବାସ ।।

ପ୍ରିୟ ଯେବେ ଚାହେଁ ପ୍ରେମିକା ନୟନ
ଲାଜରେ ସରମି ଯାଏ
ସେ ଲାଜରେ ଥାଏ ଅନାବିଳ ଶ୍ରଦ୍ଧା
ସବୁ କଥା ବୁଝି ପରେ ।।

ଜଣେ ଅନ୍ୟଜଣକୁ ଟିକେ ନଦେଖିଲେ
ଅଥୟ ହୁଅଇ ମନ
ସବୁଦିନ ପାଇଁ ରହିଥିବେ ଦୁହେଁ
ଆସୁ ଯେତେ ବାଧା ବିଘ୍ନ ।।

ଢେଙ୍କାନାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭୁଲିନି ଆକାଶ ଧରିତ୍ରୀ ପ୍ରେମ



ରାଧାଶ୍ୟାମ
ମହାନ୍ତି

ଭୁଲିନି ଆକାଶ ଧରିତ୍ରୀ ପ୍ରୀତି
ଜନ୍ମ ଜନ୍ମରୁ ରଖିଛି ସାଇତି ।
ରୌଦ୍ରର ତାପରେ ପୃଥିବୀ ରାଣୀ
ନୁଖୁରା ଶରୀର ଦିଶୁଛି ପୁଣି ।
କଷ୍ଟ ସହି ଗଗନକୁ ଦେଖୁଛି
ପ୍ରୀତିର ଫଗୁଣ ସତରେ ଅଛି ।
କଷ୍ଟରୁ ଲାଘବ କରିବା ପାଇଁ
ଆକାଶ ଛିଞ୍ଚିଲା ବାରିଦ ଜାଣି ।
ପ୍ରୀତିର ବନ୍ଧନ ସାତ ଜନ୍ମର
ନଳିନୀକୁ ଦେଖେ ସେ ଦିବାକର ।

ଚନ୍ଦ୍ରମା ମୁଖ ଦେଖିଲେ କୁମୁଦ
ମନେ ଆସେ ତାର କେତେ ଆମୋଦ ।
ରଖିଛି ଆକାଶ ମେଘ କୁ ସଞ୍ଚି
ସମୟ ପାଇଲେ ଦେବସେ ବିଞ୍ଚି ।
ମେଘୁଆ ଆକାଶେ ପ୍ରୀତିର ହାଟ
ମଳିନ ଦିଶୁଛି ପୃଥିବୀ ବାଟ ।
ଭାବକୁ ଅଭାବ କାହୁଁ ଜାଣିବ
ଆଶା ଥିଲେ ନିଶ୍ଚେ ବାଟ ଫିଟିବ ।।

ଭୋଗରାଇ, ବାଲେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭୁଲିନି ଆକାଶ ଧରିତ୍ରୀ ପ୍ରେମ



ସ୍ୱାଗତିକା ସାହୁ

ଶଙ୍ଖା ବି ଭୂଲି ପାରେ
ନିନାଦିତ ରୁଣୁଝୁଣୁ ଧ୍ୱନୀ
ହୋମାଗ୍ନିର ସତ୍ୟ ବଚନ
ଭଗ୍ନ କରିପାରେ
ସବୁତକ ପ୍ରତିଜ୍ଞା  !

ସମସ୍ତ ପ୍ରତିଶ୍ରୁତି
ପଳାତକ ହେଲେ ମଧ୍ୟ
ପ୍ରେମ ପାରଦର ପାଦ ତଳେ
ହଯିବନି ଗନ୍ଧ ତୁମେରୁ ତୁ ର ...

ସମ୍ପର୍କର ସମାନ୍ତରାଳ ଗତିରେ
ଭୁଲିନି ଆକାଶ ଧରିତ୍ରୀ ପ୍ରୀତି
ଧରି ରଖିବାର କ୍ଷମତା ଭରିଛି
ତା ସହିବା ପଣରେ
ଅଙ୍ଗେ ନିଭାଉଥିବା
ହୃଦୟ ନେଇ ପାରେ
ସବୁତକ ଯନ୍ତ୍ରଣା

ବିଛାଇ ଇନ୍ଦ୍ରଧନୁର ସପ୍ତରଙ୍ଗ
ମୋହଛନ୍ନ ଆବେଗରେ
ଖୋଲିପାରେ କଲିଜା ତା
ନତମସ୍ତକ ହୋଇ ଦେଇଦିଏ
ଶୀତଳ ସମୀରର
ଝରା ଅନୁରାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରେମ ବିଶ୍ୱାସ ପାହାଚରେ
ନିର୍ଭୀକ ପାହାଡ଼ ପରି
ଘୋଡ଼ାଇ ରଖିଛି ଢ଼ାଳି ରଶ୍ମି
ବସନ୍ତର ପତ୍ର ଝଡାପରେ
ବସାବାନ୍ଧେ ତା ସାନ୍ନିଧ୍ୟ ପ୍ରୀତିଟା
ଧରିତ୍ରୀ ବେଳାଭୂମି ମୁକ୍ତ ଶୋଭାରେ
ସହଜେ ପାରେ ସେ ହଜି

ପୂର୍ଣ୍ଣିମା ରାତ୍ରୀ ପରି ସ୍ୱଚ୍ଛ ତା ପ୍ରେମ
ତଥାପି ବଣିଆର କଷଟି ପଥରେ
ଭଲ ପାଇବାର ତୃପ୍ତି ତୁଟିବନି
ବନ୍ଧନର ସବୁତକ ସୂତା ଖିଅ
ମହକେ ପାରିଜାତ ସୁଗନ୍ଧେ
ଆକାଶରୁ ତାର ପୁଷ୍ପ ବୃଷ୍ଟି
ଆତ୍ମହରା ହୁଏ ଧରଣୀ

ମହକି ଉଠଇ ବେଳାଭଇଁ ପୁଣି
ହୃଦୟ ବ୍ୟାକୁଳ ହୋଇ
ନିଦଭଙ୍ଗା ଆଖି ଖୋଲି ଦେଲେ ଥରେ
ଭରେ ପଳାସ ଫୁଲିଆ ହସ
ମେଣ୍ଟେ ଧରିତ୍ରୀର ମିଠା ଶୋଷ
ଇଏ କଣ ଭଲ ପାଇବାର ସଂଜ୍ଞା ? ? ?
ନା ଅସରନ୍ତି ଅଧ୍ୟାୟ ।।

ଉମରକୋଟ, ନବରଙ୍ଗପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜହ୍ନରେ ଜୟହିନ୍ଦ୍



ବିବାସିନୀ
ପଟ୍ଟନାୟକ

ଅଗଷ୍ଟ ପନ୍ଦର ଉଣେଇଶ ସତ୍ ଚାଳିଶ
ଯେହ୍ନେ ରହିଛି ସ୍ମରଣ,
ଦୁଇହଜାର ତେଇଶି ଅଗଷ୍ଟ ତେଇଶି
ସେପରି ଅଭୂଲାଦିନ ।
ଚନ୍ଦ୍ରଯାନ ଚନ୍ଦ୍ରେ ପାଦ,
ତ୍ରିରଙ୍ଗା ଉଡାଇ ଜୟହିନ୍ଦ୍ କହି
ହଟାଇଛି ମନୁ ଦ୍ବନ୍ଦ୍ବ ।
ଜହ୍ନରେ ଠେକୁଆ, ଜହ୍ନରେ କାଳିମା
ଜହ୍ନରେ ଭସାବାଦଲ,
ପୁଅର ମାମୁଁକୁ ବାପର ମାମୁଁ ବି
ଭଣ୍ଡାଭଣ୍ଡି ପ୍ରବାଦର ।
ଯାହା ହିଁ ନିଛକ ସତ୍ୟ,
ଇସ୍ରୋ ବୈଜ୍ଞାନିକ ନିଷ୍ଠା ଉଦ୍ୟମରେ
ତଥ୍ୟ କରିଦେଲେ ସ୍ବଷ୍ଟ ।
କୁଆଁର ପୁନେଇଁ ଚାନ୍ଦ ଓଷା ପୁଣି
କୁନା ହାତେ ଚାନ୍ଦ ସ୍ବପ୍ନ,
ଦୂରତ୍ବ ୩ଲକ୍ଷ ୮୪ ହଜାର ୪୦୦କି,ମି,
ହୋଇବି ହାତ ପାହାନ୍ତାରେ ଜହ୍ନ ।
ବିଜ୍ଞାନରେ ଅଗ୍ରଗତି,
ବିଶ୍ବ ଦରବାର ଭାରତ ଆଗର
ମୂଣ୍ଡ ଆଜି ନୁଆଁଇଛି ।
ଭାରତ ମାଧ୍ୟମେ ମହାକାଶଯାନ
ପ୍ରେରିତରେ ଅନ୍ୟରାଷ୍ଟ୍ର,
ରାଜସ୍ବ ବୃଦ୍ଧିକୁ ଏହି ଜ୍ଞାନ ପରେ
ଭାରତ ନେବ ନେତୃତ୍ବ ।
ଗର୍ବ ଗୌରବର ଗାଥା,
ଜନବୃଦ୍ଧି ଲାଗି ବାସ ସମସ୍ୟାରେ
ଚାଲିଛି ଏହି ବ୍ୟବସ୍ଥା ।
ତାପମାତ୍ରା ଆଉ ପାଣିପାଗ ପୁଣି

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଳ, ମୃତ୍ତିକା ସଂଧାନ,

ଚଉଦଦିନରେ ଦକ୍ଷିଣମେରୁରେ

ଅନ୍ୱେଷଣରେ ପ୍ରଜ୍ଞାନ ।

ସବୁ ତଥ୍ୟ ଯୋଗାଇବ,

ସୁରକ୍ଷିତ ଭାବେ ଜୀବଜଗତର

ବସତି ସ୍ଥାପନ କରିବ ।

ଚନ୍ଦ୍ରଯାନ ଅଭିଯାନ,

ସଫଳତା ପରେ ଶୁଭିଲା ଯେବେଠୁ

ଜୟହିନ୍ଦ୍ ର ସ୍ୱନ ।

ଧନ୍ୟ ବୈଜ୍ଞାନିକ କୋଟି ପ୍ରଣିପାତ

କରୁଛୁ ଆମେ ସଲାମ ।

ଜୟ ବିଜ୍ଞାନ,,,,,,ଜୟ ବିଜ୍ଞାନ,,,


କାଳୁପଡାଘାଟ, ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗୁରୁ ଦିବସ



ସଂଯୁକ୍ତା ସାହୁ

ଯୁଗେ ଯୁଗେ ଜନ୍ମଗୁରୁ, ଶିକ୍ଷା, ଦୀକ୍ଷା
ଗୁରୁରୂପେ ଆସିନ
ମାତୃଦେବ ଭବ, ପିତୃଦେବ ଭବ
ଆଚାର୍ଯ୍ୟଦେବ ଭବ ସମ୍ମାନ ।

ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଆଉ
ଗୁରୁଦେବ ମହେଶ୍ୱର
ଗୁରୁ ସାକ୍ଷାତ ଚଳନ୍ତି ଠାକୁର
ଗୁରୁ ବିନା ସବୁ ଅସାର ।

ସଭିଙ୍କ ପିତା ମାତା ଆଦ୍ୟ ଗୁରୁ
ଗୁରୁ ଯେ ଦ୍ୱିତୀୟ ଈଶ୍ୱର
ଜୀବନର ପଥେ ପଥେ ସଦା
ଥାଏ ଆଶିଷ ତାଙ୍କର ।

ଶିକ୍ଷାଳୟ ଅଟେ ଜ୍ଞାନର ମନ୍ଦିର
ଗୁରୁ ଶିକ୍ଷାର କାରିଗର
ତାଙ୍କ ଶିକ୍ଷାଦାନ ଅମୃତ ସମାନ
ପଥ ଦେଖାନ୍ତି ଆଲୋକର ।

ସେସବୁକୁ ପାନକଲେ ମନରେ
ସଦା ପୁଲକ ଭରିଯାଏ
ଚଲାପଥେ ତାଙ୍କ ଆଶିଷ ପାଇ
ଉଚିତ ସମ୍ମାନ ମିଳିଥାଏ ।

ଉତ୍ତମ ଚରିତ୍ର ଗଠନ କରିବା
ତାଙ୍କର ପରମ ଲକ୍ଷ୍ୟ
ଭେଦଭାବ ବିଚାର ନ କରି ସିଏ
ସଭିଙ୍କୁ କରନ୍ତି ଦକ୍ଷ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଗୁରୁ ଯେଉଁ ଦୁଇଟି ଅକ୍ଷର ସିଏ
ପରା ଦେବତା ଆମର
ପୁରାଣ ବର୍ଣ୍ଣିତ କେତେ ଗୁରୁଙ୍କର
ଲିପିବଦ୍ଧ ଇତିହାସର ।
ଗୁରୁ ସନ୍ଦିପନୀ, ବଶିଷ୍ଠ, ବ୍ୟାସ
ବାଲ୍ମୀକି ଦ୍ରୋଣ ଗୁରୁବର
ଆଲୋକର ପଥ ଦେଖାଇଛନ୍ତି
ତୁଳନା ନାହିଁ ତାଙ୍କର ।
ଶ୍ରୀକୃଷ୍ଣ ଅର୍ଜୁନ, ରାମ ହନୁମାନ
ଏକତ୍ର ହୁଅନ୍ତି ପୂଜିତ
ଗୁରୁଙ୍କୁ ଅନ୍ତରରୁ ଭକ୍ତି କରିଲେ
ଅହଂଶୁନ୍ୟ ହୁଏ ଚିତ୍ତ ।
ଇତିହାସରେ ରାମଦାସ ଗୁରୁ
ଥିଲେ ସମ୍ରାଟ ଶିବାଜୀଙ୍କର
ରାମକୃଷ୍ଣ ଶ୍ରେଷ୍ଠ ଗୁରୁ ଥିଲେ ଯେ
ସ୍ୱାମୀ ବିବେକାନନ୍ଦଙ୍କର ।

ହେ ମହାନ୍ ଜନନାୟକ ତୁମେ
ପୂଜ୍ୟ ଗୁରୁ ରାଧାକ୍ରିଷ୍ଣନ୍
ସେପେମ୍ବର ପାଞ୍ଚ ତାରିଖ ଅଟେ
ତୁମର ଜନମ ଦିନ ।
ଗୁରୁ ଶିଷ୍ୟଙ୍କର ସମ୍ବନ୍ଧ ଦର୍ଶନରେ
ତୁମେ ଥିଲ ପ୍ରଚାରକ
ତୁମ ଜନ୍ମଦିନକୁ କଲ ସମର୍ପିତ
ଆହେ ପୂଜ୍ୟ ରାଷ୍ଟ୍ରନାୟକ ।
ଜନ୍ମଗୁରୁ, ଶିକ୍ଷା ଗୁରୁ, ଦୀକ୍ଷାଗୁରୁ
ଘେନ ଆମ ପ୍ରଣାମ
ତୁମ ଆଶୀର୍ବାଦ ପାଇବା ପାଇଁକି
ଜୀବନରେ ସଦାକାମ୍ୟ ।

ରାହାମା, ଜଗତସିଂହପୁର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୁଁ ସୁବିଧାବାଦୀ ନା ସ୍ୱାର୍ଥପର



ନାରାୟଣ ଚନ୍ଦ୍ର
ସେନାପତି

କରିଛି କି ପିତୃଋଣ  ମାତୃଋଣ  ପରିଶୋଧ
ଦେଇଛି କି ଗୁରୁଙ୍କୁ ଗୁରୁଦକ୍ଷିଣା
ଢାଳିଛିକି ଗାଁ ରାଜ୍ୟ ଦେଶ ପାଦରେ
ଆଞ୍ଜୁଳାଏ ଭକ୍ତି ସମ୍ମାନ
କାହିଁକି ଅଲାଜୁକ ମଞ୍ଚରେ ପିଟୁଛି ମୁଁ
ଆଦର୍ଶର ଡେଙ୍ଗୁରା
ଯିଏ ବଞ୍ଚାଇ ବଢ଼ାଇ ମୋତେ ଫୁଟାଇଛି
ପାରିଛି କି ଦେଇ ତା ଦାନର ପ୍ରତିଦାନ
ପଚାରୁଛି ବିବେକକୁ
କହରେ ମାପି ପରଖି କଳି
ମୁଁ ସୁବିଧାବାଦୀ ନାଁ ସ୍ୱାର୍ଥପର
ଏ ଚକଚକିଆ ସଂସାର ରୁଦ୍ଧ କୋଠରୀରେ
ମୁଁ ସଭିଙ୍କ ପର ନାଁ ଆପଣାର  ?

କିଏ ପ୍ରଶଂସାରେ ଆଉଁସି ଦେଲେ
ମୁଁ ଭୁଲିଯାଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିଏ ସାହାଯ୍ୟ ସହାନୁଭୂତି ଦେଖାଇଲେ
ମୁଁ ପାଲଟିଯାଏ କୃତଘ୍ନ
ମୋ ଗୁଣ ଦେଖି ସଭିଏଁ କହନ୍ତି
କି ସୁଖ ଜାବୁଡିରେ ଏ ନିର୍ମୂଳିଲତା
କି ଭୋଗୀରେ ତୁ ପରଜୀବୀ
ମୁଁ କିନ୍ତୁ ନିଜତ୍ୱ ବ୍ୟକ୍ତିତ୍ୱ ଅସ୍ତିତ୍ୱ ଭୁଲି
ଛାତି ଫୁଲେଇ ଚାଲିଥାଏ
କା ଉପହାସ ପରିହାସ ଥଟ୍ଟା ପାଇଁ
ମୋ କାନ ଗୋଦରା ଭଟ୍ଟା ପଲଟିଯାଏ
କିମ୍ବା ବିଣ୍ଠି ପରି ବଧିରା ସାଜିଥାଏ
ବେହିଆର ମୁହଁ ଫୁଟାଣି ମାରି କହେ
ମୁଁ କଣ ସୁବିଧାବାଦୀ ସ୍ୱାର୍ଥପର
ମୁଁ ପରା ପାଣି ପବନରେ ପକାଇପାରେ
ବହଳିଆ ମୋଟା ସର ।

ଭଗବାନ ପରା ଧରିଥିଲେ ଗଧ ପାଦ
ମୋ ପାଟିରୁ ବାହାରୁଥିବା ଏ ଅଲଣା ଢଗଟା
କାହିଁକି ସଭିଙ୍କୁ କ୍ଷାରିଆ ଲାଗେ
ମୋର ମିଠା ନାମ କାମ ସଙ୍ଗାତ ଇଂଗୀତ ହେଲେବି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋତେ ଭାରି ଭଲ ଲାଗେ

ମୋ କାର୍ଯ୍ୟ ହାସଲ ପାଇଁ

ମୁଁ କରିପାରେ ତୋଷାମଦ

ମୋତେ ଆଶ୍ଚର୍ଯ୍ୟ ଲାଗେ

ତେଲିଆ ଗୋଡାଣିଆ ପରି

ମୋ ନାଁ ରେ ଅଛି କେତେ ପ୍ରତିଶବ୍ଦ

ହିଂସାର ପଡ଼ୋଶୀ ହୋଇ

ସାହାଯ୍ୟ କରିବା ଲୋକଙ୍କୁ ମୁଁ

ଅନ୍ଧାରରେ ନାତ ମାରେ

କାହା ବାଡିର ମିଠା ଆମ୍ବ ଦେଖି

ମୁଁ ତାକୁ ବହୁତ ଟେକେ

ଗୋଲାମିଆ ପରି ପଛରେ ଗୋଡ଼ାଏ

ଶେଷରେ ମୋ ଚରିତ୍ର ଯେବେ ଜଣାପଡେ

ସଭିଙ୍କଠୁ ଖାଏ ନିର୍ଘାତ ପ୍ରହାର

ସତରେ ମୁଁ ଜାଣେ

ମୁଁ ଏକ ସୁବିଧାବାଦୀ ଆଉ ସ୍ୱାର୍ଥପର ।

ହେ ଦିବ୍ୟ ସନ୍ତାନଗଣ

ହୁଅନା ସୁବିଧାବାଦୀ ସ୍ୱାର୍ଥପର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏଇ ଆଶା ଆକାଂକ୍ଷାରେ ବଞ୍ଚିରୁହ

ସମାଜ ମହଲରେ

ମନେ ପକାଅ ଗୀତା ଭାଗବତ ପୋଥି ପୁରାଣର ବାଣୀ

ଶୁଣ ବୁଝ ବିଜ୍ଞ ପ୍ରାଜ୍ଞଙ୍କ ଠାରୁ

ଏସବୁର ଜୀବନ୍ତ କାହାଣୀ

ଦେଇଥିଲେ ଭୁଲିଯାଅ

ପାଇଥିଲେ ମନେ ପକାଅ

ଯେ କଷ୍ଟ ଦେଇଛି ପାଶୋରିଦିଅ

ସୁଖ ଦେଇଥିବା ଲୋକଙ୍କୁ ଦେବତା ସମ ପୂଜା କର

ତ୍ୟାଗକୁ କର ପ୍ରୀତି ସେବାରେ ଦିଅ ମତି

ସ୍ନେହ ଶରଧାକୁ ଭାବ ସମ୍ପତ୍ତି

ବିଶ୍ୱଭ୍ରାତୃତ୍ୱର ପ୍ରେମ ଅନ୍ତରେ ଜାଳ

ନିଃସ୍ୱାର୍ଥପର ସାଜି କୃତଜ୍ଞତାର ତୀରେ

ଗଢିଦିଆ ପ୍ରେମର ନଅର ।


ଜମ୍ବରା, କେନ୍ଦୁଝର

Listen to Odia Podcast on https://anchor.fm/aahwaan

ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୁଁ ସୁବିଧାବାଦୀ ନା ସ୍ୱାର୍ଥପର



ବିନୋଦିନୀ ଦାଶ

ନିଜକୁ କି କେହି ଥାଏ କି ପଚାରି
ମୁଁ ସୁବିଧାବାଦୀ ନା ସ୍ୱାର୍ଥପର
କାହା ପାଇଁ କ'ଣ କରିଛି ଜୀବନେ
ପାଇଛି କି କେବେ ଠିକ୍ ଉତ୍ତର ?

ଯେଉଁ ଦୁହେଁ ମୋତେ ଦୁନିଆ ଦେଖାଇ
ମଣିଷ ଗଢ଼ଣେ କରି ଗଢ଼ିଲେ
ଆତ୍ମତୃପ୍ତି ପାଇଁ କେତେ ମିଠା ଫଳ
ଅଜାଡ଼ି ଦେଇଛି ତାଙ୍କ ଅଣ୍ଟିରେ ?

ଯେଉଁ ଗାଆଁ ମାଟି ପାଣି ପବନରେ
ହସିଖେଳି ଛୋଟୁ ହୋଇଲି ବଡ଼
ତା' ପାଇଁ କେବେ କି ଅନ୍ତର ଗହ୍ୱରେ
ଘେରାଇ ପାରିଛି ସୁରକ୍ଷା ବାଡ଼ ?

କାହା ଦୁଃଖ ଲୁହ ପୋଛିଛି କି କେବେ
ବିପଦ ସମୟେ ରହି ପାଖରେ
ଦୁଃଖୀ ପାଇଁ ହୃଦ ଅଛି କି ତରଳି
ବାନ୍ଧି ପାରିଛି କି ସ୍ନେହ ପ୍ରେମରେ ?

ଯେଉଁ ମିଠା ଭାଷା ତୁଣ୍ଡରେ ବୋଲି ମୁଁ
ଶିକ୍ଷା ସଭ୍ୟତାର ଚୁମିଲି ମଥା
ତାହା ପ୍ରତି କେତେ ପ୍ରେମ ଭାବ ସତେ
କରିଛି ହୃଦୟ କେବେ କି ଚିନ୍ତା ?

କଳା ସଂସ୍କୃତିରେ ନିପୁଣ ଓଡ଼ିଶା
ମୋ ରାଜ୍ୟ ବୋଲି କରି ଗରବ
ବହାର ପ୍ରଦେଶେ ତା' ସୁନାମ ରଟି
ମନାସି ପାରିଛି କେବେ କି ଶୁଭ ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ଦେଶ ଭାରତ ମରତେ ଉନ୍ନତ
ସାର୍ବଭୌମ ଗଣତନ୍ତ୍ର ରାଷ୍ଟ୍ରରେ
ଅନୁପ୍ରାଣିତ ମୁଁ ହୋଇଅଛି କେତେ
ତା'ର ଯେତେ ନୀତି ଆଦରଶରେ ?

ମୁଁ ମୋର କହି ହୁଏନି କି ବାଇ
ଲୋଭ ମୋହ ଈର୍ଷା ଅହଂକାରରେ
ଆତ୍ମାର ଡାକକୁ ଶୁଣିଛି କି କେବେ
ଚଞ୍ଚଳ ମନଟା ନିଜ ଭିତରେ ?

ସ୍ୱାର୍ଥକୁ ସାରଥୀ କରି ଚଳେ ନିତି
ଉଣ୍ଡାଳି ନିଜର ସୁଖସୁବିଧା
ଚିହିଁକି ଉଠେନି କି କ୍ଷୁବ୍ଧ ମନ
ଆସିଲେ ସେଥିରେ ଟିକିଏ ବାଧା ?

କିପରି କହିବି ଭଲ ବୋଲି ମୁଁ
ନଶ୍ୱର ଦେହକୁ ଭାବି ନିଜର
ମନ ନିର୍ଦ୍ଦେଶରେ ଯେତେ କର୍ମ କରେ
ପଥକୁ ହୁଏ କି ସଖା ସୋଦର ?

ଏତେ ପ୍ରଶ୍ନ ପରେ ପାଇଥାଏ ନିଷ୍ଠେ
ଜାଣିବାକୁ ଥିବା ତା'ର ଉତ୍ତର
କେବଳ ନୁହଁଇ ସେ ସୁବିଧାବାଦୀ
ତାହା ସହିତ ମଧ୍ୟ ସ୍ୱାର୍ଥପର ।

କୁରୁଆଁ, ମୁଗପାଳ, ଯାଜପୁର

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# କହ ଜହ୍ନ ତୋ ବୟସ କେତେ



ସରିତା ମହାନ୍ତି

ସଫଳତା ଶିଢି ଚଢ଼ି ଚଢି ଆଜି
ଚନ୍ଦ୍ରୟାନ ଯାଇ ଚନ୍ଦ୍ରରେ ଉଭା
ପ୍ରଶ୍ନ ଘେର ମଧ୍ୟେ ଛନ୍ଦିଛି ଜୀବନ
ବଢୁଥିବା ଦେଖି ଚନ୍ଦ୍ରର ଶୋଭା ।

ଦେଖିଥିଲେ ତାକୁ ପିତୃପିତା ମହ
ଦେଖିଲି ମାତାଙ୍କ କୋଳରେ ବସି
ଆ ଜହ୍ନ ମାମୁଁ ତୁ ସରଗ ଶଶୀ
ମୋ କାହ୍ନୁ ହାତରେ ପଡ଼ରେ ଖସି ।

ଅବୁଝା ପଣରେ କାଟିଲା ଶୈଶବ
ଅଝଟ ପିଲାକୁ ଶୁଣାଏ ବସି
ଦେଖି ଦେଲେ ସେହି ପୂର୍ଣ୍ଣ ଚନ୍ଦ୍ରମାକୁ
ପିଲାଙ୍କ ମନରେ ଅପାର ଖୁସି ।

ଗାଉ ଥିଲି ଦିନେ ମୋ ପିଲା ପାଇଁକି
ଆସ ଜହ୍ନ ମାମୁଁ ନ କରି ଡେରି
ମୋ ପିଲା ଗାଇବେ ଜହ୍ନ ମାମୁଁ ଗୀତ
ଦେଇନାହିଁ କିଏ ଦିନେ ପାଶୋରି ।

ସଭିଏଁ ରୂପରେ ହୁଅନ୍ତି ଆକୃଷ୍ଟ
ଚନ୍ଦ୍ରରେ କଳଙ୍କ କ୍ଷଣିକ ପାଇଁ
ପ୍ରେମୀ ଯୋଗଳୀଙ୍କ ସାକ୍ଷୀ ରହି ଥାଉ
ଅମା ରାତି ହେଉ ଅବା ପୁନେଇଁ ।

ବଢ଼ିବା ଛିଡ଼ିବା ଅଭ୍ୟାସ ଥାଇବି
ଆୟୁଷ ତୋହର ଅକ୍ଷୁର୍ଣ୍ଣ ରହେ
ଅତିଥି ସ୍ୱାଗତେ ଗର୍ବିତ ଭାରତ
ଚନ୍ଦ୍ରୟାନ ଯାନ ପହଞ୍ଚି କହେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରିୟା ପାଇଁ ଘର କିଣିବାର ସ୍ୱପ୍ନ
ଆଜି ହୋଇଅଛି ଦେଖ ସାକାର
ଅପେକ୍ଷା କେବଳ ଏତିକି ମାତର
ଜହ୍ନରେ ତିଆରି କରିବ ଘର ।

ସବୁ ପରେ ମନ ହୁଏ ଅମାନିଆ
କହ ଜହ୍ନ ତୋର ବୟସ କେତେ
ଉତ୍ତର ଆଶାରେ ଅପେକ୍ଷା ରହିଲା
ଚନ୍ଦ୍ରୟାନ୍ ଯାନ କହିବ ସତେ ।

କବି ଭାରତୀ ସରିତା ମହାନ୍ତି ।
ବାଲିଆପାଳ, ବାଲେଶ୍ୱର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାଆ ସେ ତ ସବୁ ମାପର ଊର୍ଦ୍ଧ୍ୱରେ



ପ୍ରତାପ କିଶୋର ରାଉତ

"ମାଆକୁ ମାପିବାପାଇଁ
ନା ଅଛି କେଉଁ ଏକକ
ସିଏ କିନ୍ତୁ ସମସ୍ତଙ୍କୁ ମାପିଦିଏ
ତାଭିତରେ ସାଇତି ଥିବା
ସୁକ୍ଷ୍ମ ଆବେଗର ମଧୁବୋଳା
ମନ୍ତ୍ର ମଧୁର ନିଶାଣରେ

ସବୁ ମମତାର ଊର୍ଦ୍ଧ୍ୱରେ
ସବୁ ସୀମାର ଊର୍ଦ୍ଧ୍ୱରେ
ସେଇଥିପାଇଁ ସେ ଏମିତି ଏକ
ଚିର ଜ୍ୱାଜ୍ୱଲ୍ୟ ଅନିର୍ବାଣ ଶିଖା

ଯନ୍ତ୍ରଣାର ଜତୁ ଗୃହେ ଜଳି ଜଳି
ନିଗାଡି ଦିଏ ହୃଦୟର ସାଇତା
ମମତାର ମଧୁଝର
ଶତ ତାଡନାରେ ଆଉଟି ହୋଇ
ସନ୍ତାନକୁ ରକ୍ଷାକରେ କୁମ୍ଭୀପାକରୁ
ଶୁଖିଆସୁଥିବା ଆଶା ବୈତରଣୀରୁ
ସାଉଁଟି ଥାଏ ଆହତ ଅପରାହ୍ନର
ମନ୍ତ୍ରମୁଗ୍ଧ ଦିବ୍ୟ ଅନୁଭବ ,

କାହିଁକି ବୁଝି ହୁଏନା
ସେଇ ମମତା ଅନ୍ଧୁଣୀର ନିରୁତା ସ୍ନେହକୁ ?
କାହିଁକି ଅନୁଭବି ହୁଏ ନାହିଁ
ତା ଭୋକ ଭୁଗୋଳର ମାନଚିତ୍ରକୁ ?
କାହିଁକି ଉପଲବ୍ଧି କରିହୁଏନା
ଏକ ଅସହାୟ ଦେବୀ ହୃଦୟର
ଯୁଗ ଯୁଗର ଜମାଟ ବନ୍ଧା
ପରସ୍ତ ପରସ୍ତ ସୁପ୍ତ ହସକୁ ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତଥାପି ମଶାଣୀ ମାଟିରେ ଥାଇ

ଇଶ୍ୱରଙ୍କୁ ନିବେଦନ କରେ

ଅମୃତର ବର୍ଷା ପାଇଁ

ଜୁଇ ନିଆଁରେ ଅନ୍ତିମ ସ୍ୱପ୍ନରେ

କେବଳ ଦେଖୁଥାଏ ମଙ୍ଗଳର

ସୁପ୍ତ ଅରୁଣୀମା

ବାୟୁ ମଣ୍ଡଳର ପ୍ରତି ଧୂଳିକଣାରେ

ତାର ଆତ୍ମା ଗାଉଥାଏ

ସୁଖ ସମୃଦ୍ଧିର ନହବତ

ସେଇଠି ପାଇଁ ସେ ସବୁ ମାପର

ସବୁ ଏକକର ଊର୍ଦ୍ଧ୍ୱରେ

ଏକ ନିର୍ମୋହି ମମତାର ଫୁଲଟିଏ,

ଶିକ୍ଷକ, ଚମ୍ପକେଶ୍ୱର ଉଚ୍ଚ ବିଦ୍ୟାଳୟ

ପୋଇପାଣି, ଘଟଗାଁ, କେନ୍ଦୁଝର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଜହ୍ନ ତୁମେ



ବିଷ୍ଣୁ ପ୍ରସାଦ ମିଶ୍ର

ପିଲା ବେଳେ ମାଆ କହୁଥିଲା,
ବଡହେଲି
ନିଜେ ମୁଁ ଜାଣିଲି,
ବାପାହେଇ ପୁଅକୁ କହିଲି,
ନାତି ଠାରୁ ନୂଆଁ ମୁଁ ଶୁଣିଲି ।।
ଦିନଯାକ ଥକି ଯାଇଥିଲେ
ସଞ୍ଜ ହେଲେ ଲୋଡୁଥାଏ
ତୁମରି ସେ କିରଣ ସ୍ପର୍ଶତା,
ଖେଳିଯାଏ ମନମଧ୍ୟେ ଅବାଞ୍ଛିତ କୌତୁହଳ ନାନା ଆବେଗତା ।।
ଭୁଲିଯାଏ ସବୁ କିଛି ପାଇଗଲେ ତୁମରି ଆଲୋକ,
ଚେତନାରେ ଉଙ୍କିମାରେ ଅସୁମାରୀ ଉଦ୍ଦୀପନା ଭାବନା ଝଲକ ।।
ସେଇଠି ତ" ତୁମେ - ଆଉ ଅନେକ ଦୂରରେ ମୁଁ,
ଏଇ, ମନମୋର ଅମାନିଆ
କିଛି, ଚଗଲାମି ଛୁଉଁ ଛୁଉଁ ।।
ସରଗଟା" କେତେଦୂର ଏଯାଏଁ ଜାଣିନି,
ହେଲେ - ଥରୁଟିଏ ଛୁଇଁବାକୁ ଅବୁଝା ଏ ମନଟା ରହୁନି ।।
ଦେଖୁଥିଲି ବହୁ ସ୍ଥାନେ ପ୍ରତିବିମ୍ବ ତୁମ,
ହାତଦେଲେ ଖସିଯାଅ କାହିଁକି କେ'ଜାଣି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାଗରେ କି ଅଭିମାନ କରି,
କିବା ଏହା ପ୍ରକୃତିର କାମ ।।
ତୁମକୁ ମୁଁ ବହୁତ ଡାକିଛି
କହିଛି ବି ରାଗ ରୁଷା ମାନ ଅଭିମାନେ,
ହେଲେ ତୁମେ ଶୁଣି ବି ଅଶୁଣା
କେଉଁ କାରଣରୁ
କାହିଁକି କେଜାଣି ଏହି ଅକିଞ୍ଚନେ ।।
ତଥାପି ମୁଁ ମନେମନେ ଗର୍ବ ଅନୁଭବି
ତୁମରି ସେ ଶୀତଳ ପରଶେ,
ଶାନ୍ତ ଦିଏ,
ଯଦି କେବେ କିଛି ସ୍ମୃତି
କେଉଁ ଏକ ଅବାଧ୍ୟ ମୁହୂର୍ତ୍ତେ ଅଚାନକ ଆସେ ।।
ମନେ ମନେ ଅବାନ୍ତର ପ୍ରଶ୍ନ
ପଚାରି ବି ତୁମଠାରୁ ଉତ୍ତର ପାଏନା,
ରହିଅଛ
ରହୁଅଛ ସାଥେ
ରହିଥିବ ପୁଣି କେତେକାଳ
ଜହ୍ନ ତୁମେ
ଏ"ମର ଶରୀର ଜାଣେନା ।।

ରଥଶର୍ମା କଲୋନୀ, କୋରାପୁଟ, ୯୧୨୪୦୪୯୧୨୯

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ତ୍ୟାଗ ଆଜି କାନ୍ଦୁଛି ସନ୍ଦେହ ଧକ୍କାରେ



ସନ୍ତୋଷ କୁମାର ସାହୁ

ତ୍ୟାଗ ସହିଷ୍ଣୁତା ସନ୍ତୁଷ୍ଟତା ମଣି
ଚମକାଏ ଚତୁର୍ଦ୍ଦିଗ
ତ୍ୟାଗର ବଳରେ ସାଧାରଣ ନର
ସଂସାରେ ଶ୍ରେଷ୍ଠତା ଯୋଗ ...

ତ୍ୟାଗ ହିଁ ମନର ମାଲିକ ଅଟଇ
ବଦଳାଏ ପରିସ୍ଥିତି
ପ୍ରତ୍ୟେକ ସ୍ଥିତିରେ ଭରସା ଯୋଗାଏ
ଅନ୍ତରେ ଭରିଣ ପ୍ରୀତି ...

ମଣିଷ ଭାଗ୍ୟରେ ଯାହା ପ୍ରାପ୍ତି ଥିବ
ତାହାହିଁ ଘଟିବ ଦିନେ
ତ୍ୟାଗର ଶକ୍ତିରେ କ୍ରୋଧ ହିଂସା ଭାବ
ନଥାଏ ମାନବ ମନେ ...

ଗାନ୍ଧୀ ଗୋପବନ୍ଧୁ ତ୍ୟାଗ ସେବା ବଳେ
ମରିବି ଅମର ଆଜି
ପ୍ରଭୁ ରାମ ଚନ୍ଦ୍ର ପିତୃ ସତ୍ୟ ପାଇଁ
ବନେ ଯିବା ହେଲେ ରାଜି ...

ଏ କଳି ଯୁଗରେ ତ୍ୟାଗର ମହତ୍ୱ
ବୁଝି ନପାରନ୍ତି କେହି
ସନ୍ତାନ ଭୁଲୁଛି ଜନନୀର ତ୍ୟାଗ
ନାନା କଟୁ କଥା କହି ....

ଅଧର୍ମ ହାତରେ ଧର୍ମ ବନ୍ଧା ଆଜି
ପଣ୍ଡିତକୁ ମଣେ ବୋକା
ତ୍ୟାଗ କାନ୍ଦୁଅଛି ଛଳନା ଆଘାତେ
ସନ୍ଦେହ ଦେଉଛି ଧକ୍କା ....

ଗାନ୍ଧୀ ନଗର, କୋରାପୁଟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତ୍ୟାଗ ଆଜି କାନ୍ଦୁଛି ସନ୍ଦେହ ଧକ୍କାରେ



ଗୀତାଞ୍ଜଳି ଭୂୟାଁ

ମଣିଷ ଭୁଲିଛି ମଣିଷ ପଣିଆ
ସ୍ୱାର୍ଥରେ ବନ୍ଧା ପଡ଼ିଛି
ଭୋଗ କରିବାକୁ ପାଞ୍ଚ ପିଡ଼ି ଯାଏ
ଅର୍ଥ ଶୋଷଣ କରୁଛି ।

କାହାରି ହୃଦୟେ ତ୍ୟାଗ ମହାନତା
ଦେଖିବାକୁ ମିଳେ ନାହିଁ
ବିଶ୍ୱାସ ଭରସା ଉଭେଇ ଗଲାଣି
ଘୋଟିଛି ସନ୍ଦେହ ଛାଇ ।

ସ୍ନେହ ଶ୍ରଦ୍ଧା ପ୍ରେମ ତ୍ୟାଗର ଆଧାର
ସବୁ ତ ମହତ୍ତ୍ୱହୀନ
ଆପଣା ସର୍ବସ୍ୱ ମାନବ ପାଖରେ
ଛଳନା ଗୁରୁତ୍ୱପୂର୍ଣ୍ଣ ।

ହିନ୍ଦୁ ସଂସ୍କୃତି ଓ ସନାତନ ଧର୍ମ
ବେଦ ଶାସ୍ତ୍ର ପୁରାଣରେ
ତ୍ୟାଗର ମହିମା ସୁଖ ଶାନ୍ତି ମୈତ୍ରୀ
ପୂଣ୍ୟର ପ୍ରଚାର କରେ ।

ତଟିନୀ ନିର୍ଝର ପାଦପ ସାଗର
ତ୍ୟାଗର ସୁନିଦର୍ଶନ
ପର ହିତ ପାଇଁ ପଶୁ ପକ୍ଷୀ ମଧ୍ୟ
ତ୍ୟାଗ କରନ୍ତି ଜୀବନ ।

ପୃଥିବୀ ପ୍ରକୃତି  ଅତୀତ ଐତିହ
ପରିବେଶ ବିହାୟସ
ତ୍ୟାଗ ଗୁଣ ଗାନ କରନ୍ତି ସଭିଏଁ
ଶିଖେ ନାହିଁ ଏ ମଣିଷ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ରଷ୍ଟାଙ୍କ ସୃଷ୍ଟିର ଶ୍ରେଷ୍ଠ ଜୀବ ହୋଇ
ଭୁଲେ ତା ବିଚାର କର୍ମ
କଥା ଦେଇ କଥା ରକ୍ଷା କରେ ନାହିଁ
ସର୍ବତ୍ର ସନ୍ଦେହ ଯମ ।

ବନ୍ଧୁ ସହୋଦର ପତ୍ନୀ ପୁତ୍ର କନ୍ୟା
ନିଜ ନିଜ ଖୁସି ପାଇଁ
ସମ୍ପର୍କ ଛିଡାଇ ଅବାଟରେ ଗଲେ
ବାପା ମାଆଙ୍କୁ ଦୂରେଇ ।

ତ୍ୟାଗର ଆନନ୍ଦ ଭୋଗରେ ନଥାଏ
ଯଶସ୍ୱୀ ତ୍ୟାଗୀ ଜୀବନ
ତ୍ୟାଗ କାନ୍ଦୁଅଛି ସନ୍ଦେହ ଧକ୍କାରେ
ହରାଇ ତା ଚିହ୍ନବର୍ଣ୍ଣ ।

ପ୍ରାକ୍ତନ ପ୍ରଧାନ ଆଚାର୍ଯ୍ୟ,
ସରସ୍ୱତୀ ବିଦ୍ୟାମନ୍ଦିର
ସାଲେପୁର, କଟକ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତ୍ୟାଗ ଆଜି କାନ୍ଦୁଛି ସନ୍ଦେହ ଧକ୍କାରେ



ଜନରଞ୍ଜନ ପ୍ରଧାନ

ତ୍ୟାଗରେ ମିଳଇ ସରଗର ସୁଖ ଭୋଗରେ ମିଳଇ ନାହିଁ ।
ତ୍ୟାଗ କରିଥିଲେ କୁନ୍ତୀର ସନ୍ତାନ ମହାଭାରତ କୁହଇ ।

ଭୋଗବିଳାସରେ କୌରବ ନିଧନ ନିଧନ ହେଲା ରାବଣ
ତ୍ୟାଗ କରି ରାମ ଗଲେ ବନବାସ ଭରତର ତ୍ୟାଗ ଜାଣ ।

ତ୍ୟାଗକରି ଥିଲେ ଗାନ୍ଧୀ ଗୋପବନ୍ଧୁ ଦେଶକୁ କଲେ ସ୍ୱାଧୀନ
ତ୍ୟାଗ କରି ହରିଶ୍ଚନ୍ଦ୍ର ହେଲେ ଦାନୀ ଜଗିଥିଲେ ସେ ଶଶ୍ମାନ ।

ଆଜି ସମାଜରେ ତ୍ୟାଗୀ ପାଇଁ ଦୁଃଖ ରହିଅଛି ସଦା ପୁରି ।
ଗୁମୁରି ଗୁମୁରି କାନ୍ଦୁଛି ବିକଳେ ପ୍ରାଣକୁ ଦିଅଇ ଜାଳି ।

କାହାକୁ ଏଠାରେ କରିବ ନିଜର ସ୍ୱାର୍ଥ ପାଇଁ ସବୁ ବନ୍ଧା
ତ୍ୟାଗ ଆଜି କାନ୍ଦେ ସନ୍ଦେହ ଧକ୍କାରେ ଖୋଜୁଅଛି ବାର ପନ୍ଦା ।

ସର୍ବ ତ୍ୟାଗ କଲେ ଗରଳ ମିଳଇ କିଏ ବା କାହିଁକି ବୁଝେ
ତ୍ୟାଗର ମହିମା ନୁହଁଇ ଅନ୍ୟଥା ଯୁଗେ ଯୁଗେ ଶାସ୍ତ୍ର କୁହେ ।

ଜନରଞ୍ଜନପ୍ରଧାନ, ଆଳୋଇ, ବାଲିପାଟଣା, ଖୋର୍ଦ୍ଧା

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ତ୍ୟାଗ ଆଜି କାନ୍ଦୁଛି ସନ୍ଦେହ ଧକ୍କାରେ



ନଳିନୀ ପ୍ରଭା ମିଶ୍ର

ତ୍ୟାଗ ନିଦର୍ଶନ ତ୍ୟାଗର ଜୀବନ
  ଆବଦ୍ଧ ପୁରାଣ ପୋଥି
ଗାନ୍ଧୀ, ଗୋପବନ୍ଧୁ ତ୍ୟାଗର
  କାହାଣୀ ହୋଇଅଛି ଇତିବୃତି ।

କାହା ପାଖେ ଅଛି ତ୍ୟାଗ ମନୋଭାବ
  ପରୋପକାର ସ୍ୱର୍ଗୀୟ
ଆପଣା ସୁଖରେ ମସଗୁଲ୍ ସର୍ବେ
  ଯୁଗ ବଦଳିଛି ହାୟ ।

ରାଜା ହରିଶ୍ଚନ୍ଦ୍ର ଉପାଖ୍ୟାନ କା'ର
  ଶୁଣିବାକୁ ନାହିଁ ବେଳ
ରାଜା ରାମଚନ୍ଦ୍ର ବନବାସ କଥା
  ରାମାୟଣରେ କେବଳ ।

ସନ୍ଦେହ ବଢୁଛି ତ୍ୟାଗ ଅବା ! ସତେ
  ଅତୀତର ପରାକାଷ୍ଠା
କାହିଁ ଆଜି ସେହି ତ୍ୟାଗର ମହିମା
  ଅନୁରାଗ ଭରା ନିଷ୍ଠା ।

ମାନବିକତାରେ ଲାଗିଛି କଳଙ୍କ
  ତ୍ୟାଗର କିଏ ପୂଜାରୀ
ସନ୍ଦେହ ଘେରରେ ତ୍ୟାଗ କାନ୍ଦୁଅଛି
  ହରାଇ ନିଜର ଶିରୀ ।

ମୁକୁନ୍ଦ ପୁର, ଆସ୍କା, ଗଞ୍ଜାମ
ମୋ-୯୭୭୭୮୭୯୪୨

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଅପୂର୍ବ ରକ୍ଷାବନ୍ଧନ



ଭରତବନ୍ଧୁ ବିଶ୍ୱାଳ

ସମସ୍ତ ବର୍ଗର ଜନସାଧାରଣ
ଆଜି ଖୁସି ଗଦଗଦ
ହରଷ ମନରେ ପାଳନ୍ତି ଉତ୍ସବ
କରୁଛନ୍ତି ଶଙ୍ଖନାଦ ।
ପଠାଇଛି ରାକ୍ଷୀ ଭଗିନୀ ଭାରତୀ
ଅନନ୍ୟା ନୀଳନୟନା
ନାଚେ ଦଶଦିଶ ଗଗନ ପବନ
ଆନନ୍ଦ ଭ୍ରାତ ଚନ୍ଦ୍ରମା ।
ତୃତୀୟ ଉଦ୍ୟମ ହୋଇଛି ସଫଳ
ଚନ୍ଦ୍ରଯାନ ଅଭିଯାନ
ସଗର୍ବେ ବିକ୍ରମ ଉତ୍ତର ମେରୁରେ
କରିଛି ଅବତରଣ ।
ପଠାଉଛି ଦୃଶ୍ୟ ଚାକ୍ଷୁସ ବୃତ୍ତାନ୍ତ
ଦେଖନ୍ତି ପୃଥିବୀବାସୀ
ନିର୍ଗମି ପ୍ରଜ୍ଞାନ ଦେଉଛି ସମର୍ପି
ସୁନା ଖୋଲପାରେ ରାକ୍ଷୀ ।

ଚନ୍ଦ୍ରମାର ପୃଷ୍ଠେ ଅଦ୍ଭୁତ ଅପୂର୍ବ
ତ୍ରିରଙ୍ଗାର ଉତ୍ତୋଳନ
ଗୁଞ୍ଜେ ବିଜୟର ଭେରୀ ତୂର୍ଯ୍ୟନାଦ
ବିଶ୍ୱ କୋଣ ଅନୁକୋଣ ।
ବଳିଷ୍ଠ ସାମର୍ଥ୍ୟେ ରଚି ଇତିହାସ
ରହସ୍ୟକୁ କରି ଭେଦ
ସ୍ମୃତି ଶିବଶକ୍ତି ଅଶୋକର ଚକ୍ର
ସ୍ୱର୍ଣ୍ଣାକ୍ଷରେ ଲିପିବଦ୍ଧ ।
ମୁଗ୍ଧ ଅନୁରାଗେ ସୁହୃଦ ସମ୍ବନ୍ଧେ
ବିରାଗର ଶୂନ୍ୟ ସ୍ଥାନ
ରକ୍ଷା ସୁବନ୍ଧନ କରେ ପରିପୂର୍ଣ୍ଣ
ଜହ୍ନ ମାମୁଁ ସୁପ୍ରସନ୍ନ ।

ଉପର ବରୁଆଁ, କବୀରପୁର, ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରାକ୍ଷୀ କହେ ହସି ହସି



ନୂତନ କୁମାର ବେହେରା

ରାକ୍ଷୀ କହେ ହସି ହସି........
ଭଉଣୀମାନେ ମୋତେ କିଣି ନିଅ ଆସି
ଦେଖ ସଜାଇ ହୋଇଛି ମୁଁ କେତେ
ଦିଶେ ମୁଁ ମନୋହର ସଜ ଗୋଲାପ ପରି
ଦୃଷ୍ଟି ତୁମର ଆଣିବି ଚୋରୀ କରି
ବୁଝେନା କିଛି ଅଭାବ ତେଲ ଲୁଣ ସଂସାରର
କି ମହଙ୍ଗା ବଜାରର ଅଭାବୀ ବିକ୍ରୀ ଦର
ଚମକରେ ମୋର ଚମକେଇବାକୁ ଚାହେଁ
ମୋ ପରି ସବୁ ଭାଇ ଭଉଣୀମାନଙ୍କୁ
ବାନ୍ଧି ଦେଇ ମୋର ଏ ଦୃଢ଼ ଭାବର ଡୋର ।

ରାକ୍ଷୀ କହେ ହସି ହସି.......
ମୁଁ ବୁଝେ ଭଉଣୀମାନଙ୍କର ମନର କଥା
ସଜେଇ ହେବାକୁ ଚାହାଁନ୍ତି ମୋ ପରି
ସେମାନେ ପ୍ରତି ପରିବାରରେ
ଘର ଆଗ ଅଚାଣାର ସୁନ୍ଦର ଫୁଲଝରି
ଖୋଜନ୍ତି ଭାଇର ସ୍ନେହ ଶ୍ରଦ୍ଧା ଟିକକ
ଆଖିରେ ଅସୁମାରି ସପନ ଭରି
ମୋ ଚେହେରାର ଭାବ ଭାବନା ମିଶାଇ
ସଂପର୍କକୁ ରଖିବେ ଅମୃତମୟ କରି ।

ରାକ୍ଷୀ କହେ ହସି ହସି.......
ଗୋଟିଏ ଦିନ ପାଇଁ ମୋର ଏ ଜୀବନ
ଚାହେଁନା ଦେଖିବାକୁ କା' ଆଖିରେ ଲୁହ
ଇଚ୍ଛା ମୋର କେବଳ ମାତ୍ର
ଦେଖିବାକୁ ଭାଇ ଭଉଣୀର ଅତୁଟ ବନ୍ଧନ
କିଏ ଜାଣେ ତୁମେ ନା ମୁଁ
ହୁଏତ କାଲିକୁ ଏ ଆନନ୍ଦ ଉତ୍ସାହ ନଥିବ
ମନରୁ ପ୍ରାଣରୁ ହୃଦୟରୁ

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାଲିଘର ପରି ଧୋଇ ହୋଇ ଯାଇଥିବ ।

ରାକ୍ଷୀ କହେ ହସି ହସି........

ମନରୁ ମାନ ଅଭିମାନ ରାଗ ରୋଷ

ଏବେରୁ ଭୁଲିଯାଅ... ଭୁଲିଯାଅ

ଶ୍ରାବଣର ବର୍ଷା ଝର ପରି ଝରି ଝରି

ବହିଯିବ କୁଆଡ଼େ ସମୟର ପାଣି ସୁଅ

ଭଉଣୀମାନେ ଆସ ଆସ

ମୋତେ ତୁମ ମନ ପସନ୍ଦରେ କିଣି ନିଅ

ଶୁଭ ମନାସି ଭାଇ ହାତରେ ବାନ୍ଧି ଦିଅ

ପ୍ରଭୁ ଜଗନ୍ନାଥ ସୁଭଦ୍ରାଙ୍କ ପରି ହୋଇ ଯାଅ

ରାକ୍ଷୀ କହେ ହସି ହସି........


କୋହି, ବାରିପଦା, ମୟୂରଭଞ୍ଜ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅତୁଟ ବନ୍ଧନ



ନଳିନୀ ଦାଶ

ସୁଭଦ୍ରା ଭଉଣୀ ଚାହିଁ ବସିଅଛି
ଆଜି ହେଉଅଛି ରାକ୍ଷୀ ପୁନେଇଁ
କାଳିଆ ବଳିଆ ଦୁଇ ଭାଇ ହାତେ
ରାକ୍ଷୀ ବାନ୍ଧିବ ସେ ଖୁସି ମନେଇଁ ।

ଥାଳିରେ ଚନ୍ଦନ ସିନ୍ଦୂର ଦିପାଳୀ
ରାକ୍ଷୀ ଭଳି ଭଳି ମିଠା ସଜେଇ
ରାକ୍ଷୀ ବାନ୍ଧି ହାତେ ପାଉଣା ମାଗିବ
ଦିନ ଗଣୁଥିଲା ହଳଦୀମୁହିଁ ।

ଗେଲ୍ଲୀ ଭଉଣୀର ଅଳି ଅଝଟକୁ
ପୂରଣ କରନ୍ତି ଏ ଦୁଇ ଭାଇ
ଭଉଣୀର ଦୁଃଖ ସୁଖରେ ଥାଆନ୍ତି
ମମତା ଡୋରିରେ ସେ ବାନ୍ଧି ଦେଇ ।

ବଡ ଭାଇଙ୍କର ଜନମ ତିଥିରେ
ସୁଭଦ୍ରା ଭଉଣୀ ରାକ୍ଷୀ ବାନ୍ଧଇ
ଭଉଣୀ ପାଖରେ ଦୁଇ ଭାଇ ତାର
ରହିଥାନ୍ତି ସଦା ହୋଇଣ ଛାଇ ।

ଅତି ସରାଗରେ ଭାଇ ଆଣିଛନ୍ତି
ଭଉଣୀ ପାଇଁକି ପାଟ ପତନୀ
ରାକ୍ଷୀ ବାନ୍ଧି ମିଠା ହାତେ ଖୁଆଇବ
ଖୁସି ବଳଭଦ୍ର ଶ୍ରୀକ୍ଷେତ୍ରମଣି ।

ବରକୋଳି ପତ୍ର ଫୁଲ ଦୁବ ସାଥେ
ଅରୁଆ ଚାଉଳ ଦୀପ ଲଗାଇ
ରାକ୍ଷୀ ବାନ୍ଧିଦେଇ ଅଳି କରିବେସେ
ଭାଇଙ୍କ ପାଖରୁ ପାଉଣା ପାଇଁ ।

କେତେ ଭାଗ୍ୟବତୀ ଜଗତଜନନୀ
କାଳିଆ ବଳିଆ ଭାଇଙ୍କୁ ପାଇ
ସମ୍ପର୍କ ଡୋରିରେ ବନ୍ଧାହେଲେ ଚୀର
ଜଗତେ ସମ୍ପର୍କ ଦେଲେ ଶିଖାଇ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାଇ ଭଉଣୀଙ୍କ ସେନେହ ଶରଧା

ଯୁଗ ଯୁଗକୁ ହେଲା ଚିରନ୍ତନ

ସମ୍ପର୍କ ଡୋରିରେ ବାନ୍ଧି ହୋଇବାକୁ

ରଖିଲେ ପରବ ରକ୍ଷା ବନ୍ଧନ ।

ଶିରୀ ମନ୍ଦିରରେ ରତ୍ନ ସିଂହାସନେ

ଦୁଇ ଭାଇ ସାଥେ ଭଦ୍ରା ଭଉଣୀ

ପୂଜା ପାଉଛନ୍ତି କେତେ କାଳରୁ ସେ

ସୁଭଦ୍ରା ନାମେ ଦେବୀ ଠାକୁରାଣୀ ।

ପ୍ରଭୁ ଜଗନ୍ନାଥ ଢାଳ ହେ ଆଶୀଷ

ସମ୍ପର୍କର ଡୋରି ଛିଡି ନଯାଉ

ଯୁଗେ ଯୁଗେ ଭାଇ ଭଉଣୀ ମାନଙ୍କ

ସମ୍ପର୍କ ଜଗତେ ଅତୁଟ ରହୁ ।

ଭିକାରିପଡା, ଶରଣକୁଳ, ନୟାଗଡ଼

ଦୂରଭାଷ—୭୩୭୦୦୯୫୨୪୧

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ବାତ୍ସଲ୍ୟ ପ୍ରେମ



ତାନଶ୍ରୀ ପାଣିଗ୍ରାହୀ

ଯଶୋଦା ମାଆଙ୍କ
ବାତ୍ସଲ୍ୟ ପ୍ରେମ
ସାରା ଜଗତେ ବିଦିତ...
ସବୁ ମାଆ ପାଇଁ
ସନ୍ତାନ ତାର
କୋଟି ନିଧି ମୂଲ୍ୟ ସତ...

ବାତ୍ସଲ୍ୟ ପ୍ରେମରେ
ମାଆ ହୁଏ ଅନ୍ଧ
ସନ୍ତାନ ତା ଆଶାବାଡ଼ି...
ପ୍ରତି ମୁହୂର୍ତ୍ତରେ
ଝୁରି ହୁଏ ମାଆ
ସନ୍ତାନ ତାର ଲଉଡ଼ି...

ବାତ୍ସଲ୍ୟ ପ୍ରେମର
ମହକ ଅନନ୍ୟ
ସ୍ୱଚ୍ଛ ମନ୍ଦାକିନୀ ଧାର...
ତ୍ୟାଗ ତିତିକ୍ଷାର
ମାଆର ହୃଦୟ
ସେନେହର ଗନ୍ତାଘର...

ବାତ୍ସଲ୍ୟ ପ୍ରେମ ତ
ସ୍ୱର୍ଗୀୟ ଶାଶ୍ୱତ
ଯାହାର ନାହିଁ ତୁଳନା...
ସନ୍ତାନ ପାଇଁ
ମାତୃ ହୃଦୟ
ବାତ୍ସଲ୍ୟ ପ୍ରେମରେ ଧନ୍ୟା ॥

ଆଚାର୍ଯ୍ୟା, ସରସ୍ୱତୀ ଶିଶୁମନ୍ଦିର,
ବାଲିଆ, ବାଲେଶ୍ୱର

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ବାତ୍ସଲ୍ୟ ପ୍ରେମ



ବିଦ୍ୟୁତପ୍ରଭା ମିଶ୍ର

ବାତ୍ସଲ୍ୟ ପ୍ରେମର ମହକ ଅନନ୍ୟ
ମାଆ ଓ ପିଲାକୁ ନେଇ,
ମାଆ ସନ୍ତାନକୁ ସ୍ନେହ କରିଥାଏ
ପ୍ରତିଦାନ ଲୋଡ଼େ ନାହିଁ ।
ଯଶୋଦା ମାତାଙ୍କ କୃଷ୍ଣଙ୍କର ପାଇଁ
ଥିଲା କେତେହୃଦେ ମୋହ,
କେତେ ଶରଧାରେ ବଢ଼ାଇଥିଲେ
ଦେଇ ଅନାବିଳ ସ୍ନେହ ।
ଲବଣୀ ଚୋରାଇ ଖାଉଥିଲେ କୃଷ୍ଣ
ଗୋପୀ ମାନଙ୍କର ଘରେ,
ସ୍ନେହରେ ବୁଝାନ୍ତି ଆକଟ କରନ୍ତି
ଯଶୋଦା ସେନେହ ଭରେ ।
ମାଟି ଖାଉଥିଲେ କୃଷ୍ଣ ଯେବେ ଥରେ
ଯଶୋଦା ପହଞ୍ଚି ଗଲେ
ମୁଖ ମଧ୍ୟେ ତାଙ୍କ ସାରା ବିଶ୍ୱ ଦେଖି
ଚକିତ ସେ ହୋଇଥିଲେ ।
ମାଆର ଆଖିରେ ପିଲାଟି ତାହାର
ଅଟଇ ଛୋଟିଆ ପିଲା,
ଯେତେ ବଡ଼ ସିଏ ହେଉନା କାହିଁକି
କରୁଥାଏ ତାକୁ ଗେହ୍ଲା ।
ପିଲାରରୁଚିକୁ ମାଆ ବୁଝିପାରେ
ସଜାଇ ଖାଦ୍ୟ ପରଶେ,
ଶୁଖିଲା ମୁହଁକୁ ଟିକେ ଦେଖିଦେଲେ
ଆଖି ତାଙ୍କ ଲୁହେ ଭାସେ ।
ମାଆ ସନ୍ତାନର ଯତନ ନିଅନ୍ତି
ପାଖେ ପାଖେ ରହିଥାନ୍ତି,
ପୁଅକୁ ତାଙ୍କର ବିପଦ ନଆସୁ
ଠାକୁରକୁ ଡାକୁଥାନ୍ତି ।
ବାତ୍ସଲ୍ୟ ପ୍ରେମର ସରି ସମ ଆଉ
ନହେବ କେଉଁ ସମ୍ପର୍କ,
ସ୍ୱାର୍ଥ ଭାବନା ନଥାଏ ତହିଁରେ
ଚିରନ୍ତନ ତା ମହକ ॥

ଯାଜପୁର

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ବାତ୍ସଲ୍ୟ ପ୍ରେମ



ଭାସ୍କର ରାଉତ

ଦେଖ ଏ ସଂସାର ପଶୁ ପକ୍ଷୀ ନର
ସରବେ ବନ୍ଧା ପ୍ରେମରେ,
ଜନନୀ ଜନକ ଭୁଲିଯାନ୍ତି ଦୁଃଖ
ନିଜ ବାତ୍ସଲ୍ୟ ପ୍ରେମରେ । ।୦ । ।

ଦେଖ ପଶୁଟିକୁ ତା'ର ସନ୍ତାନକୁ
ଚାଟୁଥାଏ ସରାଗରେ,
ପାଶରୁ ଅନ୍ତର ହୋଇଲେ ତାହାର
ଆକୁଳେ ଚିତ୍କାର କରେ ।
ଦେଖ ପକ୍ଷୀଟିକୁ ତା'ର ସନ୍ତାନକୁ
ଆହାର ଦିଏ ଥଣ୍ଟରେ । ।

ବିପଦ ମଣିଲେ ତା'ର ଡେଣାତଳେ
ସନ୍ତାନକୁ କୋଳେଭରେ,
ଦେଖ ଏହିନର ସନ୍ତାନେ ତାହାର
ସରାଗେ ଯତନ କରେ ।
ଧୂଳି ଝାଡ଼ିଦେଇ ଗାଲେ ଚୁମାଦେଇ
ଭିଡ଼ି ନିଅଇ କୋଳରେ । ।
କୋଳରେ ବସାଇ ମିଠା କଥାକହି
ଖୁଆଏ ସେ ସରାଗରେ,
ସନ୍ତାନ ତାହାର ଅଟେ ଗଳା ହାର
ଧନ୍ୟ ସେ ମାତୃ ଜାତିରେ ।
ଜୀବନକୁ ସେହି ବାଜିରେ ଲଗାଇ
ସନ୍ତାନକୁ ରକ୍ଷାକରେ । ।

ଦେବମାୟା ଭବନ, ଶେରଗଡ଼, ଗଞ୍ଜାମ,
୯୭୭୬୪୮୬୬୨୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶରତ ଶେଫାଳି



ଶିବ ପ୍ରସାଦ ଚାନ୍ଦ

ଶରତ ଶେଫାଳି ମହ ମହ ବାସେ

ପାହାନ୍ତି ପହର କାକରେ ଫୁଟି

ଆଦରେ କି କିଏ ଝରା ଶେଫାଳିକୁ

ଝରିପଡି ଗଲେ ଭୂଇଁ ରେ ଲୋଟି ।

ସକାଳ ସୂରୁଯ ବୁଣିଲେ କିରଣ

ସଭିଙ୍କ ମୁହଁରେ ଫୁଟଇ ହସ

ସିନ୍ଦୁରା ଫିଟିନି ଧୂଳି ରେ ଲୋଟୁଛୁ

କେଉଁ ଜନମରେ କଲୁ କି ଦୋଷ ?

କିଛି ଫୁଲ ଯାଏ ଶବାଧାର ସାଥେ

ଶେଷ ଶ୍ରଦ୍ଧା ଟିକେ ଢାଳିବା ପାଇଁ

କିଛି ଫୁଲ ଲୋଡା ଦିଅଁଙ୍କ ଚରଣେ

ଭକତି ନୈବେଦ୍ୟ ଅର୍ପିବା ପାଇଁ ।

ନାହିଁ ତ ତୋ ଦେହେ ରଂଗର ପସରା

ଅବା ମନଲୋଭା ଟିକେ ଚମକ

ତଥାପି ତୋ 'ପ୍ରେମେ ବନ୍ଧା ଲୋ "ଶେଫାଳି"

କହ କେତେ କବି, ଅବା ଭାବୁକ ।

କହିଲା ଶେଫାଳି ମାଗିନି ପ୍ରଭୁଙ୍କୁ

ରୂପ, ରଂଗ ଅବା ଦୀର୍ଘ ଆୟୁଷ

ମାଗିଛି ଏତିକି ଜୀଇଁଥିବା ଯାଏ

ସଭିଙ୍କୁ ବାଣ୍ଟିବି ମୋ ଦେହ ବାସ ।

ଲେଖିଛନ୍ତି ବିହି ସବୁରି କପାଳେ

ମହୀରେ ରହିବ କେ କେତେଦିନ

ମାଟି ମାଆ କୋଳେ ଲୋଟି ପଡେ ମୁହିଁ

ସେହି ମାଟି ମୋର ପୂଣ୍ୟ ସ୍ଥାନ ।

ପୁରୁଣିଆଁ, କେନ୍ଦୁଝର


ସଂପର୍କ _୯୪୩୮୧୬୭୦୫୪୫

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱପ୍ନ ଥିଲା ପ୍ରିୟା ପାଇଁ



ସୁପ୍ରିୟା ମହାନ୍ତି

ଆଞ୍ଜୁଳା ଆଞ୍ଜୁଳା ସ୍ୱପ୍ନ ପ୍ରିୟା ପାଇଁ
ସାଇତି ଥିଲି ମନରେ
ପ୍ରୀତି ପୁଲକରେ ପଲ୍ଲବୀତ ମନ
ଝଡ଼ିଗଲା ଅଦିନରେ ।

ଅଳି କଲା ବୋଲି ସିନ୍ଦୁର ଦେବାକୁ
ସ୍ନେହରେ ବୁଝେଇ ଦେଲି
ମାଟି ରୁ ଟିପରେ ଧୂଳିକଣା ଆଣି
ସିଂଥିରେ ପିନ୍ଧେଇ ଦେଲି ।

ମନ୍ଦିର ର ଏକ ସୂତା ଟିଏ ଆଣି
ପିନ୍ଧେଇ ଦେଲି ବେକରେ
ଆଜିଠୁ ନିଜର କରିନେଲି ପ୍ରିୟା
ଭୁଲିବୁନି ଜୀବନରେ ।

ଚାଲିଗଲି ନିଜ କର୍ତ୍ତବ୍ୟ ପଥରେ
ପ୍ରିୟା ରହିଗଲା ଏକା
କର୍ତ୍ତବ୍ୟ ପଥରେ ପଙ୍ଗୁ ହୋଇଗଲି
ଦେଇଦେଲି ତାକୁ ଧୋକ୍କା ।

ଜାଣି ଜାଣି ତାକୁ ଦୁରେଇଲି ମନୁ
ପ୍ରିୟା ମୋ ଖୁସିରେ ରହୁ
ସ୍ୱପ୍ନ କୁ ସମାଧି ଦେଇଦେଲି ସେବେ
ପ୍ରିୟା ମୋର ହସୁଥାଉ ।

ଚାଲିଗଲା ପ୍ରିୟା ନିଜ ଖୁସି ନେଇ
ସାଜି କାହା ଘର ତୁଳସୀ
ମାଟି ସିନ୍ଦୁର ମୋ ମିଛ ପାଲଟିଲା
ପ୍ରିୟା ମୋ ଯାଇଛି ରୁଷି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ କାହା ପାଇଁ ସାବିତ୍ରୀ କରୁଛି
ମୁଣ୍ଡରେ ଓଢଣୀ ଦେଇ
ଅବେଳରେ ଯେବେ ଆଖି ପଡ଼ିଯାଏ
ଆଖି ପାରେନାହିଁ ମିଶାଇ ।

ତା ଆଖି ଲୁହର ଜବାବ ଦେବାକୁ
ସାହସ ପାରେନି ଜୁଟେଇ
ଆଖିର ଲୁହରେ କହିଦିଏ ମୋତେ
ମନକୁ ପାରିନି ବୁଝେଇ ।

ଆଉ କା ସିନ୍ଦୁର ସିଂଥିରେ ପିନ୍ଧୁଛି
ମାଟି ସିନ୍ଦୂର  ତା ତଳେ ଲୁଚେଇ
ଶରୀର ରହିଛି ସିନ୍ଦୁର ର ହିତେ
ମନ ମାଟି ପାଖେ ହଜେଇ ।

ଭୁଲ କରୁଛି କି ପାପ ମୁଁ କରୁଛି
ହୃଦୟ ତୁମ ପ୍ରେମରେ
ଦେହ ମନ ଦୁଇ ଥକି ପଡିଲେଣି
କର୍ତ୍ତବ୍ୟ ର  ଦୋ ଛକିରେ ।

ପୁରା କରି ପାରିଲିନି ସ୍ୱପ୍ନ ପ୍ରିୟା ପାଇଁ
ପ୍ରିୟା ସୁଖୀ ହେବ ବୋଲି
ଆଜି ମୁଁ ଜାଣୁଛି ପ୍ରିୟା ମୋ କାନ୍ଦୁଛି
ମୋତେ ପାଇ ନାହିଁ ବୋଲି ।

ଭଲ ପାଇବା ତ ଜୀବନରେ ଥରେ
ହୁଏ ବୋଲି ଶୁଣିଥିଲି
ପ୍ରିୟାର ଦହନ ଦେଖୁଛି ନୟନେ
ନିଜକୁ ଯାଇଛି ଭୁଲି ।

ନିକିରାଇ, କେନ୍ଦ୍ରାପଡ଼ା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦେବକୀର କୃଷ୍ଣ ନା ଯଶୋଦାର



ରମେଶ ଟାକ୍ରୀ

ବନ୍ଦୀ ଗୃହ ଠାରେ    ଦେବକୀ ଗର୍ଭରୁ
ଶ୍ରୀକୃଷ୍ଣ ଜନମ ହୋଇ
ବାଲୁତ କାଳରେ    ନନ୍ଦ ରାଜା ଘରେ
ଆନନ୍ଦେ ଦିନ ବିତଇ ।୦ ।

ଦେବକୀ ନନ୍ଦନ    କୃଷ୍ଣ ଭଗବାନ
ଯଶୋଦାର ଗଣ୍ଠି ଧନ
ଯଶୋଦା ଡାକଇ    କହ୍ନେଇ କହ୍ନେଇ
କହ୍ନା ତା' ଜୀବ ଜୀବନ
ନନ୍ଦସୂତ ହୋଇ    ବଢ଼ିଛି କହ୍ନେଇ
ଗୋପପୁର ଠାରେ ରହି ।୧ ।

କାହ୍ନା ବଂଶୀ ସ୍ୱନ    ରାଧାର ଜୀବନ
ପାରିଛି ତା' ମନ ଜିଣି
ରାଧାର ପ୍ରେମରେ    ରହି ନିରନ୍ତରେ
ରାଧାକୁ କରିବ ରାଣୀ
ବଇଁଶୀର ସୂର    ରାଧାମନ ଚୋର
ଏଣୁ ଡାକେ ରାଇ ରାଇ ।୨ ।


ସେ ନଟଖଟିଆ    ବଡ଼ ଅଝଟିଆ
ଚୋରି କରଇ ଲହୁଣୀ
ମନ ନିଏ ମୋହି    ପ୍ରେମ କଥା କହି
ଗୋପୀ ମନ ପାରେ ଜିଣି
ଦେବକୀ,ଯଶୋଦା    କାହ୍ନା ପାଇଁ ରାଧା
ସଭିଏଁ ରହନ୍ତି ଚାହିଁ ।୩ ।

ଏ ବି ଇ ଓ, ତେନ୍ତୁଳିଖୁଣ୍ଟି, ନବରଙ୍ଗପୁର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭୋକର ଭୂଗୋଳ



ପ୍ରାଣବନ୍ଧୁ ରାଉତ

ଭୋକିଲା ପେଟର ଦାରୁଣ ଯନ୍ତ୍ରଣା,
କେବେ ଭୋଗିଛ କି ବାବୁ ।।
ନିରିହ ଆଖିର ଲୁହ ବିନ୍ଦୁରେ କେବେ,
ଭୋକର ଭୂଗୋଳକୁ ମାପିଛକି ବାବୁ ।।

ଭୋକ ବେଳେ କି ପଖାଳ କି ଗରମ,
ସେ ସ୍ୱାଦକୁ କେବେ ଅନୁଭବ କରିଛ ବାବୁ ।।
ପେଟରେ ଓଦା କନା ପକାଇ ଶୋଇବା,
ଚେଇଁ ଚେଇଁ ଓହଳ ବିକଳ କାନ୍ଦ କେବେ
କାନ୍ଦିଛ କି ବାବୁ ।।

ବାବୁ ତୁମର ଭୋକ ମେଣ୍ଟେ ମଦ ବୋତଲ,
କଅଁଳିଆ ନାରୀର ଜୀଅନ୍ତା ମାଉଁସ ପୁଳାରେ ।।
ସର୍ବସ୍ୱ ହରାଇ ଥିବା ବିଧବାର ଘରଡିହେ,
ନୂତନ ଭୁତଳ ପ୍ରାସାଦର ଝୁଲା ଦୋଳିରେ ।।

ନ୍ୟାୟ ଅନ୍ୟାୟର ଶୋଭା ବହି ଏବଂ ଭାଷଣରେ,
ସେଥିପାଇଁ ନ୍ୟାୟ ପାଳିକା ଆଖିରେ କଳାପଟି ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାବୁ ମିଳିଛି ତାକୁ ମହା ଗଣତନ୍ତ୍ରର  ସ୍ୱତନ୍ତ୍ରତା,
କେବଳ ହାତରେ କାଳି ମାରି ତୁମର ଜୟ ଗାନ । ।

ତାର କ'ଣ ଅଧିକାର ନାହିଁ ମାଟି ଉପରେ
ଖଣ୍ଡେ କୁଡିଆର ତଥାପି ସେ ଯାଯାବର । ।
ବାବୁ ସବୁ ଢୋକିଲା ପରେ ତଥାପି ଶୋଷ,
ନଇ ନାଳ ପୋଖରି ଶେଷରେ ବାରିଧି,
ବଡ ବିଚିତ୍ର ତୁମ ପେଟର ଭୂଗୋଳ ପୃଷ୍ଠା । ।

ହେଇ ଦେଖ ବାବୁ ବେଳ ରତରତ,
ମାଡି ଆସେ ଘମା ଅନ୍ଧକାର,
ପ୍ରଳୟର ପଦ ଧ୍ୱନି ଡାକେ ଉଲ୍ଲୁକ ସ୍ୱାନ,
ଆଟୋମିକ୍ ନିଉକ୍ଲିଅର ତୋପର ଗର୍ଜନ । ।

ପଢ଼ ଥରେ ସେ ଭୋକର ଭୂଗୋଳ,
କି ଶାନ୍ତି ବେଲେ ପଖାଳ ଭାତର । ।
ମାପିକି ପାରିବୁ କେଉଁ ମାପୁଆଣିରେ,
ସେ ଭୋକର ଭୂଗୋଳ
ବାବୁ ସେ ଭୋକର ଭୂଗୋଳ । ।


ପିଙ୍ଗୁଆ, ଢେଙ୍କାନାଳ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶାସ୍ତି ସତ ସ୍ୱସ୍ତିର ସଙ୍ଗାତ !



ସୀମାଞ୍ଚଳ ପଣ୍ଡା

ବିଧ୍ୱଂସର ଏ ତାଣ୍ଡବ ଘେନିଆସେ
ମହାକାଳ ଶିବ,
ପାପ କର୍ମଫଳ ସର୍ବ ମିଳନର
ବିଲୟ ସଂଯୋଗ !

ମହାରୋଗ ରଣ ତ୍ରାସେ ତ୍ରାହି ଡାକେ
ସର୍ବଂସହା ଧରା,
ବିପର୍ଯ୍ୟସ୍ତେ ବିପରୀତ କର୍ମେ ଭ୍ରମେ
ସାର ଜୀବ ଭରା,
ଭୂ-କର୍ମା ଅକର୍ମା ଆଜି ଭାବାଭାବେ
ବିତୃଷ୍ଣ ସ୍ୱଭାବ,
ବିଧ୍ୱଂସର ଏ ତାଣ୍ଡବ ଘେନିଆସେ
ମହାକାଳ ଶିବ !

ସଂସାର ରକ୍ଷକ ମଜ୍ଜେ ଅଭକ୍ଷଣେ
ଅମଣିଷ କର୍ମେ,
ମାନବ ଭକ୍ଷକ ସାଜେ ବଦଗୁଣେ
ରାକ୍ଷସ ପ୍ରମାଣେ ।

ନର ନରେ ପର କରେ ଅବିଶ୍ୱାସ
ଭରେ ବିଶ୍ୱାସରେ,
ଅକର୍ମରେ ତୃପ୍ତ ରହେ ଅପକର୍ମ
କରେ ସଶ୍ୱାସରେ !
ଜୀବନେ  କି ଏ ବିପନ୍ନ ଯୋଗ
ଦୁର୍ଭାବେ ଉଦ୍ଭବ,
ପାପ କର୍ମଫଳ ସର୍ବ ମିଳନର
ବିଲୟ ସଂଯୋଗ !


ସୀମା ଡେଇଁ ପାପ ପାଇଁ ଧାଏଁ ନର
ପ୍ରଳୟର ପଥେ,
ଅହଂଗୁଣେ ଅକାରଣେ ଶାସ୍ତି ପାଏ
ସ୍ୱସ୍ତିର ସଙ୍ଗତେ !

ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ, ଡେଙ୍ଗାଡି,
ଗଞ୍ଜାମ ।

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# କର୍ମର ଫଳ



ପ୍ରଲିପ୍ତା ଶତପଥୀ

କରମର ଫଳ ନିହାତି ମିଳିବ
ଏ କଥା ମନେ ରଖିଥା,
ଏ ହାତର ପାପ ସେ ହାତ ନେବନି
ସାକ୍ଷି ଅଛି ବେଦ ଗାଥା ।

ପାପ ଅଛି ଯେତେ ପୁଣ୍ୟ ଅଛି ସେତେ
ଲୁହ ପରେ ଥାଏ ହସ,
ଯିଏ କରିଥିବ ସୁକର୍ମ ଜୀବନେ
ରହିଯିବ ତାର ଯଶ ।

ଅଧର୍ମ ଅସତ୍ୟ ହିଂସା ପ୍ରତାରଣା
ଲାଗି ରହିଛି ଜୀବନେ,
ଦେଖି ଡକାୟତି ଚୋରି ନରହତ୍ୟା
ଭୟ ଉଙ୍କି ମାରେ ମନେ ।

ଧନୀଲୋକ ଯେତେ ପାପଭାର ସେତେ
ସଂସାରରେ ରହିଛନ୍ତି,
ବଡ଼ ପାପୀ ଲୋକେ ପଦବୀରେ ରହି
ଗରିବଠୁ ଲୁଟୁଛନ୍ତି ।


କେହି ନ ଦେଖିଲେ ସିଏ ତ ଦେଖୁଛି
ହିସାବ କିତାବ ନେବ,
ପାପ ପାଇଁ ନିଆଁ ପୁଣ୍ୟକୁ କଇଁଆ
କର୍ମର ଫଳ ସେ ଦେବ ।

ରେଢ଼ାଖୋଲ, ସମ୍ବଲପୁର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାଟି ବର୍ଷାର ପ୍ରେମ



ବୈଦ୍ୟନାଥ ପଣ୍ଡା

ଆସିବକି ମୋର ମୋଉସୁମୀ ପ୍ରିୟା
ବରଷା ଓଢଣୀ ଦେଇ
ଭିଜାଇ ଦେବକି ତନୁ ମନ ମୋର
ତୁମରି ପରଶ ଦେଇ
ଚାହିଁଛି ତୁମକୁ ଚାତକ ଟେ ପରି
ଆଖିର ନିଦ ହଜେଇ
ଜାଣିଛି ମୁଁ ତୁମେ ଆସିବନି ଆଉ
ତଥାପି ରହିଛି ଚାହିଁ
ନାହିଁ ତୁମର ତ ଆଗଭଳି ଆଉ
ପୁରୁଣା ସେଇ ଶରଧା
କହିବକି ପ୍ରିୟା ମୋ ଆଗରେ ଥରେ
କିଏ ଦେଲା ଏତେ ବାଧା
ଜାଣିଛି ପ୍ରିୟା ମୁଁ କହିବନି କେବେ
ତଥାପି ମୁଁ କହୁଅଛି
ମଣିଷ ସାଜିଛି ଦାନବଟେ ବୋଲି
ତୁମକୁ ଭୟ ଲାଗୁଛି

ରକ୍ଷକ ହୋଇକି ଭକ୍ଷକ ହୋଇଛି
ପ୍ରକୃତି ଦେଲା ଉଜାଡି
ସେଥିପାଇଁ ପ୍ରିୟା ଅଭିମାନ କରି
ମୋ ହାତକୁ ଦେଲ ଛାଡି
ବିନତି ଏତିକି ପ୍ରାଣପ୍ରିୟା ମୋର
ତୁମେ ଯେବେ ରୁଷିଯିବ
ଧ୍ୱଂସ ହୋଇଯିବ ଏ ସାରା ସଂସାର
ରସା ତଳେ ବୁଡିଯିବ
ତୁମେ କି ଭାବୁଛ ତୁମେ ରାଗୁଅଛ
ମୁଁ କିବା ରାଗୁ ଯେ ନାହିଁ
ଆସ ଦୁହେଁ ମିଶି ଅନ୍ୟାୟ ସହିବା
କାହାକୁ କହିବା ନାଇଁ
ଆସ ଆସ ପ୍ରିୟା ସନ୍ତାନ ମାନଙ୍କ
ଯାତନା କୁ ଭୁଲିଯିବା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାଗ ତେଜି ଦେଇ ପୁଣି ହସି ଦେଇ

ନୂଆ ସଂସାର ଗଢିବା

ଭୁଲିଯାଇ ପ୍ରିୟା ଆସ ଆସ ଥରେ

ଭିଜାଇ ଦିଅ ଗୋ ମତେ

ଶସ୍ୟ ଶ୍ୟାମଳାରେ ମୋ ଦେହ ହସିବ

ଛୁଇଁ ଦେଲେ ତୁମେ ସତେ

ଦୁହେଁ ମିଶି ଆମେ କ୍ଷମା କରିଦେବା

ନୃଶଂସ ଏ ମଣିଷକୁ

ତୁମେ ଭିଜାଇଲେ ତନୁ ମନ ମୋର

ମୁଁ ଶସ୍ୟ ପରଶିବି ତାଙ୍କୁ

ମାଟି ବରଷାର ଅମର ଏ ପ୍ରେମ

ନହେଉ କେବେ ମଳିନ

କ୍ଷମା କରି ତାଙ୍କୁ ଦେବା ମହା ଶିକ୍ଷା

ସୁଧୁରିବେ ମୂର୍ଖଜନ

ଅବଦଲ ପୁର, ଯାଜପୁର
ଦୂରଭାଷ: ୯୪୩୯୮୫୪୧୯୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରଥମ ପ୍ରେମ



ଦେବାର୍ଚ୍ଚନ
ମେହେର

ପ୍ରଥମ ପ୍ରେମର ପହିଲି ଦେଖାକୁ
ଭୁଲି ମୁଁ ପାରୁନି,
ପ୍ରେମର ବର୍ଷାରେ ଭିଜିଥିବା ସେ ଦିନ
ଏ ଯାଏ ମୋ ମନରୁ ଲିଭିନି । ।

ପ୍ରଥମ ଦେଖାରେ ଲାଜେଇ ଯାଇ
ତୁମେ ମୁରୁକି ହସିଲ ଦେଖି,
ସକାଳ ସମୟର ଶୀତୁଆ ପବନ
ମୋ ଦେହରେ ଗଲା ଲାଖି । ।

ମିଠା ମିଠା ଏଇ
ପ୍ରେମର ମିଳନ,
ଭୁଲି ହୁଏ ନାହିଁ କେବେ
ଥିବା ଯାଏ ଜୀବନ । ।

ପ୍ରଥମ ଦେଖାରେ
ଦେଇଥିଲି ମନ,
ମୋ ଭଲ ପାଇବାକୁ ତୁମେ
ବୁଝି ପାରିଲନି ଧନ । ।

ହସି ହସି ମୁଁ ଜୀଇଁବାକୁ ଚାହେଁ
ତୁମ ପ୍ରେମର ପରଶରେ,
ହସି ହସି ମୁଁ ଜଳିବାକୁ ଚାହେଁ
ତୁମ ପ୍ରେମର କାମାଗ୍ନିରେ । ।

ଟିକିଏ କଥାରେ ରାଗି ଯାଇ ତମେ
ମୋ ବିଶ୍ୱାସକୁ ଭାଙ୍ଗିଦେଲ,
ସବୁ ଜନମରେ ସାଥୀ ହେବି ବୋଲି
କଥା ମୋତେ ଦେଇଥିଲ । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମ ସବୁ କଥା ମିଥ୍ୟା ଥିଲା ପ୍ରିୟତମା
ଏବେ ଏ କଥା ବୁଝି ପାରିଲି ମୁହିଁ,
ପ୍ରତି ମୁହୂର୍ତ୍ତରେ ମୋ ହୃଦୟ ବାଧୁଛି
ଆଉ ସହି ବାକୁ ମୋ ଧୋର୍ଯ୍ୟ ନାହିଁ ।।

ତୁମ ମିଛ ପ୍ରେମ ପାଖେ
ବଳି ପଡ଼ିଗଲା ସରଳ ହୃଦୟ ମୋର,
କଥା ଦେଇ ତୁମେ କଥା ରଖି ପାରିଲନି ଧନ
ଆଜି କରିଦେଲ ମୋତେ ପର ।।

ଏକା ଏକା ଥିଲି
ମୁଁ ଭଲରେ ଥିଲି,
ମୋ ହୃଦୟେ ଆସିବା ଦିନଠୁ
ତୁମକୁ ଝୁରି ଝୁରି ମଲି ।।

ଆସ୍ତେ ଆସ୍ତେ ହେଲା
ପ୍ରେମ ଜ୍ୱର ମୋତେ,
ତୁମେ ମୋ ସପନ ରାଇଜେ
ହେବ ରାଣୀ ବୋଲି ଭାବିଥିଲି କେତେ ।।

ପଦ୍ମ ଯେପରି ଧୈର୍ଯ୍ୟ ସହିତ
ଅନେଇଥାଏ ସୂର୍ଯ୍ୟ କୁ,
ମୁଁ ସେହିପରି
ଅନେଇଥାଏ ତୁମକୁ ।।

ନାମ କୁ ମାତ୍ର ମୋତେ
ଭଲ ପାଏ ବୋଲି କୁହ,
କିନ୍ତୁ ଅନ୍ୟ ସାଙ୍ଗେ ଥିଲା
ତୁମ ପ୍ରେମ ପିରତି ର ମୋହ ।।

କଥା ଦେଇଥିଲ
ବାହା ହେବି ବୋଲି,
ହେଲେ ଏତେ ଶୀଘ୍ର
ଗଲ କି ଭୁଲି ।।

ମୁଁ ଗରିବ ବୋଲି
ଦେଇ ଦେଲ କି ଧୋକା,
ଚାକିରିଆ ପିଲା ଦେଖି
ହେଲ କି ଏକା ।।

ଗ୍ରାମ - ବାପୁଜୀନଗର, ଜିଲ୍ଲା - ବୌଦ୍ଧ
ମୋ - ୭୮୯୪୩୪୩୫୫୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କଳଙ୍କିତ ଅଧ୍ୟାୟ



ଅରୁଣ ଡାକୁଆ

ପରିବାର ବୋଝ ସମ୍ଭାଳିବା ପାଇଁ
ଦୁଃଖ, ଦୈନ୍ୟ, ରୋଗକୁ ଏଡାଇ
ଜନ ମୁଖ, ସୁଖ ଭୋଗ ପାଇଁ
ରଚିଛି କଳଙ୍କିତ ଅଧ୍ୟାୟଟେ ମୁହିଁ ।

ରୂପ ଲାବଣ୍ୟକୁ ଦେଇଛି ସଜାଇ
ମୁଁ ରୂପଜୀବୀ ହୋଇ ,
ଗଣିକା, ବାରଙ୍ଗନା ପରିଚୟ ମୋର
ସାଜିଛି ମୁଁ ଅନାମିକା ବ୍ୟବସାୟୀ ।

ଶାନ୍ତି ନାମେ ଅସୀମ ଅଶାନ୍ତି
ମାନ ରୂପି ଘୋର ଅପମାନ ,
ହୃଦେ ଘୃଣା ଛଳନାର ପ୍ରେମ
ସବୁ ସହି କାଟୁଛି ଜୀବନ ।

ମୁଁ କଳଙ୍କିତ ଅଧ୍ୟାୟ ଟି ଏ ...
ଛୁଅଁନା ଛୁଅଁନା ମୋତେ
ଛୁଇଁଲେ କଳଙ୍କ
ଲାଗିଯିବ ଚରିତ୍ରେ ।

ଅଛି ମୋର ଏକ ଅବ୍ୟକ୍ତ ଅତୀତ
ପଢ଼ନା ପଢନା ଇତିହାସ ମୋର ,
ପଢିଲେ ହୃଦୟ ତୁମ
ହେବ ଅସ୍ଥିର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲୋଡ଼ାଅଛି କେତେ

ସହଯୋଗ ମୋତେ

କରନା କରନା

ସାହାଯ୍ୟ ମୋତେ

ସାହାଯ୍ୟ କରିଲେ

ନିନ୍ଦିବେ ସମସ୍ତେ ।

ମୁଁ କଳଙ୍କିତ ଅଧ୍ୟାୟ ଟି ଏ

କଳଙ୍କିତ ମୋ ଶରୀର ...

ଭାଗ୍ୟ ସୁଖ ନାହିଁ ମୋର

କେବେ ମୁଁ ନୁହଁଇ

ପ୍ରିୟ କାହାର ।

ମୋ - ୬୩୭୧୬୩୬୧୬୩

ଠିକଣା – ଦୁର୍ଗା ବଜାର , ଦଶପଲ୍ଲା

ଜିଲ୍ଲା – ନୟାଗଡ, ଓଡ଼ିଶା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବାପା



କୀର୍ତ୍ତନ ସାହୁ

ବାପା

ତମ ବ୍ୟକ୍ତିତ୍ୱର

ବିଶାଳ ଦ୍ରୁମ ନିକଟରେ

ମୋ ବ୍ୟକ୍ତିତ୍ୱ

କ୍ଷୁଦ୍ର ଗୁଳ୍ମଟିଏ

ତମ ଦ୍ରୁତ ଗତିକୁ

ମାପେ ସିନା

ଅନୁଧାବନ କରି ପାରେନା

ତମ ଗଢା ସ୍ୱର୍ଗ ସମ ଘରଟି

ମୋ ଦୁର୍ବଳ ଚରିତ୍ରର

ହାତୁଡ଼ି ମାଡ଼ରେ

କ୍ଷତାକ୍ତ ହୁଏ

ହେଲେ ପୁନଃ ସର୍ଜନାରେ

ଉଲ୍ଲସି ଉଠେ

ତମ ଲୋକ ସମ୍ପର୍କର

ବିରାଟ ବଳୟକୁ

ଛିନ୍ନ କରିବାରେ ବ୍ୟସ୍ତ

ମୁଁ ମୋ ଦୁଷ୍ଟ ପ୍ରକୃତିର

ଧାରୁଆ କଇଞ୍ଚିରେ

ତମେ ବେଶ୍ ସ୍ଥିର

ତମ ଚଳଣିର

ସରଳ ସରଣିରେ

ମୁଁ ମୋ କ୍ରୁରତାର ପାଦ

ଦୁମ ଦୁମ୍ ପକାଏ

ଖିନ୍ନ ଭିନ୍ନ କରିବାକୁ

ସବୁପରେ ବି

ତମେ ନିର୍ବିକାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତମେ ଖୁବ୍ ଦୃଢ଼

ତମ ବ୍ୟକ୍ତିତ୍ୱର

ବିରାଟ ଶୈଳ ରୂପରେ

ହଁ ବାପା

ମୁଁ ସବୁ ଥର ପରାସ୍ତ ହୁଏ

ତମ ହୃଦୟ ସମୁଦ୍ରରେ

ମୁଁ ତୁଚ୍ଛ ହେଇଯାଏ

ବାଲି ଗରଡା ହୋଇ

ପଡ଼ି ରହେ ସିନା

ତମ ମହାନତାର ପବିତ୍ର ଜଳରେ

ସ୍ନାନ କରି ପୁଣ୍ୟ ଅର୍ଜନ କରେ

ତମ ଅସୀମ ଅସ୍ମିତ୍ୱର

ବଟ ବୃକ୍ଷ ତଳେ

ଆଶ୍ରା ପାଇ ଧନ୍ୟ ହୁଏ ।

ମିଶ୍ର କଲୋନୀ. ଶାଳପଡ଼ା, କେନ୍ଦୁଝର

ଦୂରଭାଷ - ୯୪୩୮୪୧୪୭୦୧

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମହୁମାଛି



ହରେରାମ ପଣ୍ଡା

ରାତି ପାହୁପାହୁ ସକାଳୁ ସକାଳୁ
ଫୁଲଟି ଉପରେ ବସି ,
କେତେ ଶରଧାରେ ମହୁମାଛିଟିଏ
ମଧୁ ନେଇଥାଏ ଶୋଷି ।

ଫୁଲରୁ ଫୁଲକୁ ଉଡିଉଡି ବୁଲେ
ଏତେ ଟିକେ ମହୁ ପାଇଁ ,
ସୁଆଦ ତାହାର ଚାଖିବାକୁ କେବେ
ମନ ତା'ର ବଳେନାହିଁ ।

ପାଦପ ଶାଖାରେ କେତେ ଶରଧାରେ
ଫେଣାଟିଏ ଥାଏ ରଚି,
ଅଳପ ଅଳପ କରି କେତେ ମହୁ
ଆମପାଇଁ ଥାଏ ସଞ୍ଚି ।

କି ମଧୁର ସତେ ସୁଆଦ ତାହାର
ଯାହାର ଉପମା ନାହିଁ ,
ସାରା ଜୀବନର ସଞ୍ଚିତ ମଧୁ
ଏ ସାରା ଜଗତ ପାଇଁ ।

କେତେ କ୍ଷୁଦ୍ର ଜୀବ ମହୁମାଛିଟିଏ
କେତେ ମହତ ତା କାମ ,
ପରପାଇଁ ତୁମେ କିଛି ତ୍ୟାଗ କଲେ
ଜଗତେ ରଖିବ ନାମ ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ,
କୁଆଁସ , ମେରଦା କାଟିଆଛକ , ଯାଜପୁର ।
ସମ୍ପର୍କ - ୯୪୩୮୦୬୫୧୯୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶୂନ୍ୟ ନୀଡ଼



ବିନୟ ମହାପାତ୍ର

କେବେ ଯଦି ଜୀବନ ଜଞ୍ଜାଳରୁ
ଦୁଇ ଘଡି ଫୁରସତ୍ ମିଳିବ,
ସେଇଥିରୁ ଘଡିଏ,
ମୋ ପାଇଁ ସାଇତି ରଖିବ,
ଧଳା କଳା ମିଶା ଉଲୁରା ବାଳ ସଜାଡି
ପଣତରେ ଝାଳ ପୋଛି ପୋଛି
କେବେ ଯଦି ଆସିବ,
ଅଗଣାର ବଉଳ ମୂଳରେ
ମୋ ପାଖେ ଖୁନ୍ଦି ହୋଇ ଦି'ଘଡି ବସିବ ।

ତୁମେ କିଛି କହିବ, ମୁଁ କିଛି କହିବି
ନିଜ କଥା କହି ଶୁଣି
କେବେ ହସି, କେବେ ପୁଣି
ଆଖି ଲୁହ ପଣତରେ ପୋଛିବା,
ସମୟ ସୁଅରେ ବିତି ଗଲା ଦିନ
ଆଉ ହଜି ଗଲା ବୟସର
ହିସାବ କିତାବ ସାଥି ହୋଇ କରିବା ।
ଜୀବନ କେମିତି ଥିଲା,
ସମୟର ସୁଅରେ
କେତେ କଥା ବୋହି ଗଲା
ସଂସାରର ଟେଢା ମେଢା ରାସ୍ତାରେ
ପଥ ଚାଲୁ ଚାଲୁ କେତେ କଣ ପାଇଲେ,
ଆଉ କଣ ହରାଇ ଦେଲେ,
ଯାତ୍ରାର ଅନୁଭବ ନିଜ ସାଥେ ବାଣ୍ଟିବା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆମ ଜୀବନର ଯାତ୍ରା

କେଉଁଠୁ ଯାତ୍ରା ଆରମ୍ଭ ହେଲା

ଆଜି ଆସି କେଉଁଠି ପହଞ୍ଚି ଗଲା,

ଚଳ ଚଞ୍ଚଳ ଏ ଘରର ଗହଳ ଚହଳ

ଆଜି ସତେ ସ୍ୱପ୍ନ ପରି ଲାଗେ,

ସମୟର ସାଥେ, କଥା ସବୁ ସ୍ମୃତି ହୋଇ ଗଲା ।

ତୁମେ ମୋର ସାଥେ ଅଛ,

ଜୀବନର ସଂଧ୍ୟାରେ ସବୁ କିଛି ମନେ ପଡେ,

ବର୍ଷ ଆଉ ବୟସ ବଢିବା ଭିତରେ

ଏ ଦେହ, ଏ ମନରେ

ସମୟ କେତେ ରଙ୍ଗ ବୋଳି ଦେଲା

କେତେ କେତେ ଘାଆ ଦେଇ ଗଲା

ରଙ୍ଗ ସବୁ ଧୋଇ ଗଲା ପରେ

ଘାଆ ଯେତେ ସୁଖି ଗଲା ପରେ

ଦାଗ ଯେତେ ଜଳ ଜଳ ଦିଶେ ।

ପଟିଆ, ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହସ



ଜୟନ୍ତ କୁମାର ମଲ୍ଲିକ

ଅନ୍ତର ଆତ୍ମାର ଅନ୍ଧାରୀ କୋଣକୁ
ହସ ଆଲୋକିତ କରେ
ଦୁଃଖ ଯନ୍ତ୍ରଣାର ସବୁ ଦଂଶନକୁ
ସହଜରେ ସେତ ହରେ ।
ଅଧରରେ ସିଏ ଉକୁଟି ଉଠିଲେ
ବନ୍ଧୁତା ମହକି ଯାଏ
ଅନ୍ତରୁ ଅନ୍ତର ସକ୍ରିୟ ହୋଇ ସେ
ବଞ୍ଚିବାର ଗୀତ ଗାଏ ।
ତା'ର ଅବଦାନ ସୁଖ ଶାନ୍ତି ଖୁସି
ମନ ତା' ପବିତ୍ର ଗଙ୍ଗା।
ରୂପଟି ତାହାର ଅତି ଚମତ୍କାର
ଭାବ ତା' ପ୍ରେମର ରଙ୍ଗା ।

ରାଗ ଅଭିମାନ ଦିଏ ସେ ଦୂରେଇ
ତୁଟାଏ କେତେଯେ କଳି
ରହି ପାଖେ ପାଖେ କରେ ଉତ୍ସାହିତ
ପ୍ରିୟ ମିତ ଟିଏ ଭଳି ।
ଶରୀରରୁ ସୁସ୍ଥ ରଖିଥାଏ ସେତ
ମନକୁ ପ୍ରଫୁଲ୍ଲ କରେ
ଜୀବନ ଯାନକୁ ଚଳାଇବାକୁ ସେ
ବଞ୍ଚିବା ଇନ୍ଧନ ଭରେ ।
ବ୍ୟକ୍ତିର ବ୍ୟକ୍ତିତ୍ୱ ହୁଏ ବିକଶିତ
ତା'ଦିବ୍ୟ ପରଶ ପାଇ
ଜୀବନରେ ତାକୁ ନେବା ଆପଣେଇ
ଆସ ହେ ଭଉଣୀ ଭାଇ ।

ଶୂରଡିହ, ନନ୍ଦିପୁର, ଦଶରଥପୁର, ଯାଜପୁର
ମୋ;-୯୪୩୭୮୭୫୭୨୭

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଆସୁଛି ନିର୍ବାଚନ



ସୁଶୀଲ କୁମାର
ଛାଟୋଇ

ଆଗକୁ ଆସୁଛି ନିର୍ବାଚନ, ଚାଲିବ ମିଥ୍ୟା ପ୍ରହସନ (୧)

BJD, BJP ଓ Congress ଭିତରେ ହବ ବଳ କଷାକଷି

ମିଛରେ କହିବେ ଆମକୁ ଭୋଟ୍ ଦେଲେ କିଣି ଦବୁ ସରଗ ଶଶୀ (୨)

ନେତା ମାନଙ୍କର ଚେଲା ଚାମୁଣ୍ଡା କରିବେ ମେଳି

ବାଇକ୍ ରାଲିରେ ମୁଣ୍ଡ ଫଟାଫଟି ହେବେ କରିକି କଳି (୩)

ଆମ ପଡୋଶୀ ସନିଆ ଭାଇଟା ଲୁଚେଇ ଆଣିବ ୫୦୦ ଟଙ୍କିଆ ନୋଟ୍

ସବୁଥର ଭଳି ଏଥର ବି ବିକି ଦବ ତାହାର ନିଜ ଭୋଟ୍ (୪)

ସାହି ବସ୍ତିରେ ଚାଲିବ ମାଛ ମାଂସର ଆସର

ବେକାରୀ ଟୋକାମାନେ ପିଇବେ ମଦ ଆଉ ବିଅର (୫)

ସଞ୍ଜ ସକାଳେ ଚା ଖଟିରେ ହେବ ନିର୍ବାଚନ ଚର୍ଚ୍ଚା ନିତି

କଥା କଟାକଟି ହେବେ ଭୁଲିକି ଭାଇଭାଇର ପ୍ରୀତି (୬)

ନିର୍ବାଚନ ପୂର୍ବରୁ ନେତା ମାନେ କହିବେ କଥା ଭାରି ମଧୁର

ନିର୍ବାଚନ ସରିଲେ ମିଳିବନି ଆଉ ଦେଖା ସାକ୍ଷାତ୍ ତାଙ୍କର (୭)

ଆମେ ଉଚିତ୍ ପ୍ରାର୍ଥୀକୁ କରିବା ଭୋଟ୍ ଦେଇ ଚୟନ

ଭାଇ ମାନେ ଦୟାକରି ମନେରଖ ମୋହର ଏହି ବଚନ (୮)

ଡାକସେବକ, ବଲାଙ୍ଗିର ମୁଖ୍ୟ ଡାକଘର, ବଲାଙ୍ଗିର, ଦୂରଭାଷ - ୮୮୪୭୮୨୨୬୭୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିଅ ମୋ ପ୍ରଣତି ନିଅ



ନୀଳମଣି ଚାନ୍ଦ

କାଳିଆରେ ତୋତେ ଭକତି ଭାବରେ
ନିତି ଦଣ୍ଡବତ କରେ
ବିଛଣାରୁ ଉଠି ଅଧୁଆ ମୁହଁରେ
ତୋ ନାମ ସ୍ମରଣ କରେ ।

ତୋ ଚକାନୟନ ତୋ ରଙ୍ଗ ଅଧର
ଦିଶୁଥାଏ ଜଳଜଳ
ଲୋଡେ ତୋ ଆଶିଷ ପ୍ରଭୁ ଜଗଦୀଶ
ଶୁଭ ହେଉ କର୍ମଫଳ ।

କବିଟିଏ ମୁହିଁ ଗୀତଗୋବିନ୍ଦ ଯେ
ଲେଖିନାହିଁ ଲେଖିନାହିଁ
ମୋ ବାଡି ଶ୍ରୀଫଳ ଦେଇଛି ପଠେଇ
ତୋତେ ଛୁଆଁଇବାପାଇଁ ।

ଛତିଶାନିଯୋଗ ଥାଉଥାଉ ତୋ'ର
କି ସେବା କରିବି କହ
ସୁମନେ କରିବି ଦୟଣାର ମାଳ
ବାସିବରେ ମହମହ ।

ଚନ୍ଦନ କାଷ୍ଠରୁ ଦେଇଥାନ୍ତି ଖଣ୍ଡେ
ଚନ୍ଦନଚର୍ଚ୍ଚିତ ବୋଲି
ହୃଦ ରତ୍ନସିଂହାସନେ ବିଜେ କର
ରଖିଛି ଏଯାଏ ଖାଲି ।

ମନ ବଡ଼ଦାଣ୍ଡେ ଆସ ଦାରୁଦିଅଁ
କର ଥରେ ଘୋଷଯାତ
ବେନି ହସ୍ତ ଟେକି ଗାଉଥିବି ପ୍ରଭୁ
ଜୟ ଜୟ ଜଗନ୍ନାଥ ।

ଦୁର୍ଲ୍ଲଭ ମାନବ ଜନମ ଲଭିଛି
ହେ ! କାଳିଆ ମୋକ୍ଷ ଦିଅ
ବନ୍ଧୁମହାନ୍ତିର ମନ ଅଛି ମୋ'ର
ନିଅ ମୋ ପ୍ରଣତି ନିଅ ।

ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯.ମୋ:୯୫୮୩୨୦୨୩୫୭

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ମନକୁ କରିଛ ବଶ



ତାରା ପ୍ରସାଦ ଜେନା

ଦୁଃଖ ଦରିଆରେ ଭାସୁଥିବା ଲୋକ
ମୁହଁରେ ଦେଇଛ ହସ
ସୁଖ ସାନ୍ତ୍ୱନାରେ ଭଲ ପାଇବାର
ବଢ଼ିଆ ରଖିଛ ଯଶ
......ଦୁଃଖ ଦରିଆରେ ଭାସୁଥିବା ଲୋକ..... ! ୦ !

ଲୁହ ଅଥଳରେ ବିଗିଡ଼ିଲି ନାହିଁ
ମୋହର ଭରସା ପାଇ
ବିଶ୍ୱାସରେ ମୋର ନିଃଶ୍ୱାସକୁ ନେଲି
ଡରୁନି ହତାଶା ଛାଇ,
ତୁମ ଶରଧାର ହାତ ଧରିବାରେ
ପ୍ରାଣ ମୋ ହୋଇଛି ତୋଷ
......ଦୁଃଖ ଦରିଆରେ ଭାସୁଥିବା ଲୋକ..... ! ୧ !

ରୂପଭେଦ ସବୁ ଗୁଣବତୀ ପାଇଁ
ଆଖିର ଆଗରେ ଅଛ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାଥି ବିନା ଲାଗେ ଆଜିକାଲି ମୋତେ

ସଲିଳ ବିହୁନେ ମାଛ,

ପରିଚୟ ହୀନେ ପରିଚୟ ଦେଲ

ରହିନି କଳଙ୍କ ଦୋଷ

......ଦୁଃଖ ଦରିଆରେ ଭାସୁଥିବା ଲୋକ..... ! ୨ !

ଗପ ବଢ଼ିବାରେ ଉପନ୍ୟାସେ ଆସି

ନାୟିକା ସାଜିଲ ସତେ

ଜୀବନର ଲକ୍ଷ୍ୟ ବାଟ କଢ଼ାଇଲ

ସାହାଯ୍ୟ ରଖିଲ କେତେ,

ଭାବ ଇଲାକାରେ ତୁମେ ବଇଭବ

ମନକୁ କରିଛ ବଶ

......ଦୁଃଖ ଦରିଆରେ ଭାସୁଥିବା ଲୋକ..... ! ୩ !

ରାଜ ରଣପୁର, ଜିଲ୍ଲା - ନୟାଗଡ଼,ପିନ୍- ୭୫୨୦୨୬,

ଦୂରଭାଷ- ୯୩୪୮୦୫୪୩୦୦

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଜୀବନର ପଥ



ପ୍ରଶାନ୍ତ ବ୍ରହ୍ମା

ଜୀବନ ର ପଥ ବହୁ ଦୁର କେବେ ଅବା ସରିବ ଜାଣିଛି କିଏ
ଚାଲୁଥିବ ସେତେଦିନ ଶେଷ ନିଃଶ୍ବାସ ଥିବ ଅବା ଯେତେ ଯାଏ ।

ଆଶା ବୈତରଣୀ ବୋହି ଯାଏ କେତେ ଦୂର କେତେ ଆଶାକୁ ନେଇ
କିଏ ଅବା ଜାଣିଛି କେତେ ସତ କେତେ ମିଛ ହୋଇବ ପୁରଣ ତାହା ଯାଇ ।

ସଂସାର ଜାଲରେ ବନ୍ଧା ଏ ଜୀବନ କେବେ ଯିବା ମୁକୁଳି
ଛନ୍ଦା ହୋଇଛି ପାଦ ଦୁଇ ସଂସାର ନାମକ ସିଙ୍କୁଳି ।

ଆଗରେ ପଡ଼ିଛି କଣ୍ଟା ଚାଲୁଥିବ ଧିରେ ଧିରେ
ଜୀବନ ର ପଥ ବହୁ ଦୁର ମନେ ଭାବିବ ବାରେ ବାରେ

ବିଚଳିତ ମନ ହୁଏନାହିଁ ସ୍ଥିର ଅସ୍ଥିର ହୁଏ କାହିଁ
ମିଞ୍ଜି ମିଞ୍ଜି ତାରା ହାତ ଠାରି ଡାକେ ଏ ଭାଇ ।

ପ୍ରଶାନ୍ତ ବ୍ରହ୍ମା, ପଲାଶପୁର, ଖୋର୍ଦ୍ଧା ।

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ମୃତିର ଯାତ୍ରା



ଆଶୁତୋଷ
ମେହେର

ପାଦ ଚଲା ରାସ୍ତା ସ୍ମୃତିର ଇଲାକା
ଝରା ଶେଫାଳୀର ବାସ,
ଭୁରୁଭୁରୁ ମନେ ଚମକ ଭରେ ଯେ
ଜୀବନେ ଆଭୁଲା ଆଶ ।।
ବାଲି ଧୂଳି ଛିଟା ଚିତ୍ରକଳା ସିଏ
ସାଧବବୋହୁର ରଙ୍ଗ,
ନାଲି ମୁଲାୟମ ହସ ପ୍ରେମ ଭରା
ସାଙ୍ଗ ସାଥୀ ଖେଳା ଢଙ୍ଗ ।।
ବଇଶାଖେ ଖରା ଜ୍ୟେଷ୍ଠେ ଶିବବିଭା
ଶୀତଳ ପରଶ ଲାଗେ,
ବରଷା ବି ଝରେ ହସେ ଇନ୍ଦ୍ରଧନୁ
ବିଲ ବାଡି ଗଛ ଭାଗେ ।।
କାଳିଆ ମେଘରେ ମଉସୁମୀ ଭରେ
ବିଜୁଳୀ ଚମକେ କାବୁ,
ଗାଆଁ ନଇ ନାଳ ଆଷାଢ ଶ୍ରାବଣେ
ବଢି ପାଣି ଉବୁ ଟୁବୁ ।।

କାଶତଣ୍ଡୀ ହସେ ଭୋଦୁଆଁ ଖରାରେ
ଚହଟେ ପାଣିର ଧାର,
ଆଶ୍ୱିନ ଆକାଶେ ଧଳା ବଉଦରେ
ଦୁର୍ଗା ମାଁ ଆଶୀଷ ଭାର ।।
କାର୍ତ୍ତିକରେ ଭାସେ ପବିତ୍ର ଭାବନା
ସକାଳୁ ପ୍ରଭୁଙ୍କ ଗୀତ,
ମାର୍ଗଶୀରେ ହସେ ଲକ୍ଷ୍ମୀ ପାଦଚିହ୍ନ
ପୌଷେ ମାଡି ବସେ ଶୀତ ।।
ମାଘରେ ମକର ଶ୍ରୀପଞ୍ଚମୀ ଯୋଗ
ରଥକାଠ ଅନୁକୂଳ,
ଫାଲଗୁନେ ପଡେ ମହାଶିବରାତ୍ର
ହୋଲି ଫଗୁ ରଙ୍ଗ ଖେଳ ।।
ଚଇତ୍ର ଆଲୁଅ ନବମୀ ତିଥିରେ

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଶ୍ରୀରାମ ଜନମ ଦିନ,

ହିଙ୍ଗୁଳା ମାତାଶ୍ରୀ ଯାତରା ଆରମ୍ଭ

ଆଶୀଷ ମିଳଇ ଧନ ।।

ପାଦ ଚଲା ରାସ୍ତା ଏଇମିତି ବଢେ

ଜୀବନ ଯମୁନା ଧରି,

ସୁଖ ଦୁଃଖ ଫେଣ୍ଟା ସମୟ ସାଗରେ

ସ୍ମୃତି ଉଜାଗର କରି ।।

୫୪, ଆର୍ଯ୍ୟପଲ୍ଲୀ

କିଟଛକ, ପଟିଆ, ଭୁବନେଶ୍ୱର ୭୫୧୦୨୪

ଦୂରଭାଷ ୯୪୩୭୦୫୩୯୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପେନ୍ଥାଏ ଫୁଲରୁ



ମନୋରଞ୍ଜନ
ସୁରୁଜାଳ

ଅବନୀ ମଣ୍ଡଳେ ଲୁଚିଛି
ଜୀବନର ଦର୍ଶନ ।
ଖୋଜିଲେ ପାଇବା ହେଜିଲେ
ସେହି ମଧୁଗୁଞ୍ଜନ ॥
ମଧୁ ପରଶରେ ଭୂସର୍ଗ
ଅନିନ୍ଦ୍ୟ ରୂପ ତୋରା ।
ପ୍ରକୃତି ଜୀବନ ବିଞ୍ଛଇ
ଛୁଟେ ଅମୃତ ଧାରା ॥
ସେହି ଅମୃତରେ ଜିବନୀ
ଶକ୍ତି ହୁଏ ସଂଚାର ।
ସୁଧାମୟ ସ୍ରୋତ ପ୍ରଛନ୍ନ
ଛୁଟେ ଏହି ସଂସାର ॥
ଅମୃତ ସନ୍ଧାନେ ମଧୁପ
କରେ ପୁଷ୍ପ ଚୟନ ।
ଜୀବନେ ଏକଇ ସୁତର
ଧାବନ୍ତେ ମଧୁ ପାନ ॥
ସାଧନ ରହିତ ଜୀବନେ
ନାହିଁ ଅମୃତ କ୍ଷୁଧା ।
ସଂକୁଚିତ ହୁଏ ହୃଦୟ
ଜୀବେ ନ ଥାଏ ଶ୍ରଦ୍ଧା ॥
ପେନ୍ଥାଏ ଫୁଲରୁ ଶିଖିବା
ଆମେ ସଭିଏଁ ଭାଇ ।
ଏକ ମନ ଏକ ପ୍ରାଣରେ
ଜୀବନ ହସୁଥାଇ ॥
ଏକକୁ ଭାଙ୍ଗିଣ ଅନେକ
ନୁହଁ ସଂଘ ଶକତି ।
ଏକକ ଶକତି ବଳରେ
ଦୃଢ଼ ହୁଏ ସଂଘତି ॥
ଏକ ଡେମ୍ଫ ଏକ ପେନ୍ଥାରେ
ଫୁଲ ହସଇ ନିତି ।
ଏକତା ଅମୃତ ସିଞ୍ଚଇ
ହଜି ଯାଏରେ ଭୀତି ॥

ଆଇଁଲାପାଲି, ଧମା, ସମ୍ବଲପୁର
ସୌଜନ୍ୟ ସମ୍ପାଦକ -" ପ୍ରୀତି ପ୍ରଣତି "

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବଦଳାଅ ଥରେ



ଅଲେଖ ମେହେର

ହେ ମହାବାହୁ, ନିରଜନ କରେ ଏତେ ପୟରେ ହେ ।
ନର କଳେବରେ ଭୋଗ ଲାଳସାରେ ବୁଡି ଚିତ୍ତ
ମହତ ଜନଙ୍କ ବଚନ ଭୁଲୁ କର୍ମରେ ହେ ।
ଶତ ଚେଷ୍ଟାକରି ସତ୍ୟ  କକୁଭେ ନପାରେ ଚାଲି
ବୃଜିନେ ମନର ଘୋଡା ଦଉଡେ ବେଗରେ ହେ ।
ଥୋପ ଦେଇ ମୀନ ଧରା କାମଧରେ ଆଗତୁରା
ଜାଲବୁଣି ଶସ୍ୟ ବିଞ୍ଚି  ଦ୍ୱିଜ ମାରେ ଖରେ ହେ ।
କୁବଚନ ଭାଷିବାରେ  ନାହିଁ ସମ ଅଚଳାରେ
ମୁଖରେ ପୀୟୁଷ ଅନ୍ତ୍ରେ ବିଷ ସିନା ଝରେ ହେ ।
ଅଧିକାର ବଞ୍ଚିବାର ନାହଁ ଭୂମିପରେ ତା'ର
ବ୍ୟଭିଚାର ହୁତାଶନେ ଘୋ'ଆତଙ୍କ କରେ ହେ ।
ଅମେଦ୍ୟର ମାଛି କାହିଁ ହୋଇପାରିବ ସରଘା
ବଣ ବିଛୁଆତି କିବା ସ୍ପର୍ଶେ ଦୟାକରେ ହେ ।
ଏକ ଭୁଲ କ୍ଷମା ଯୋଗ୍ୟ  ହେଉ ପଛେ ମାରାତ୍ମକ
ବାରବାର ବିପଥକୁ କୋଳାଗ୍ରତ କରେ ହେ  ।
ଝଡ ଆସି ଭାଙ୍ଗି ଦିଏ ହୃଦୟର ତପୋବନ
ମଖମଲି ବ୍ୟାଘ୍ର ହସେ ଗୁମ୍ଫାର ଭିତରେ ହେ ।
ସ୍ୱାନ ପୁଚ୍ଛ ବକ୍ର ସିନା ହେବନି ସଳଖ କେବେ
ବୋଲେ ଯାଯାବର ଦୁଃଖେ ମଉନେ ଭୀତ ରେ ହେ ।

ବରପଦର, ଗୋବିନ୍ଦପୁର, ବରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜୟ ଜଗନ୍ନାଥ ସ୍ୱାମୀ



କଳ୍ପନା ମିଶ୍ର

ମନ ଲୋଭା ବେଶ କି ସୁନ୍ଦର ତୁମ
ଆହେ ପ୍ରଭୁ ଜଗନ୍ନାଥ
ଚକା ଡୋଳା ଦେଖି ଆଖିଯାଏ ଲାଖି
ପ୍ରଭୁ ଅନାଥର ନାଥ ।

ଯେତେ ଦେଖିଲେ ବି ଭରେ ନାହିଁ ମନ
ସବୁବେଳେ ତୁମେ ନୂଆ
ଲିଭିଯାଏ ମନୁ ଯେତେ ଅବସାଦ
ମିଛ ଲାଗେ ଏ ଦୁନିଆଁ ।

ଜନ୍ମ ଜନ୍ମାନ୍ତରେ ସମ୍ପର୍କ ର ଡୋରି
ବାନ୍ଧିଛ କଳା ଠାକୁର
କି କୁହୁକ କର ଆହେ ଯାଦୁକର
ଲାଗ ଏତେ ଆପଣାର ।

କେଉଁ ସମ୍ପର୍କରେ ଯୋଡିଛ ମତେ ହେ
ତୁମ ସାଥେ ମୋ ହୃଦୟ
ହଜିଯାଏ ପ୍ରଭୁ ତୁମକୁ ଦେଖିଲେ
ଆଖିରୁ ଝରେ ମୋ ଲୁହ ।

ଦୁନିଆଁ ବନ୍ଧନ ଶିଥିଳ ହୁଅଇ
କେହି ଯଦି କରେ ପର
ସେତେବେଳେ ପ୍ରଭୁ କାହିଁକି କେଜାଣି
ତୁମେ ଲାଗ ଆପଣାର ।

ବେଳେ ବେଳେ ପ୍ରଭୁ ତୁମ ଚିନ୍ତନରେ
ପ୍ରାଣ ହୁଏ ପୁଲକିତ
ଅପୂର୍ବ ସେ ଭାବ ହୃଦୟେ ଆସଇ
ସବୁ ମିଛ ତୁମେ ସତ ।

ହରିପୁର, ସୁକିନ୍ଦା ଜିଲ୍ଲା ଯାଜପୁର-୭୫୫୦୧୮
ମୋବାଇଲ୍: ୮୮୪୭୮୪୯୦୯୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କବିତା ଖାତା ଖୋଜିଲା ବେଳେ



ବିଶ୍ୱନାଥ କର

କବିତା ଖାତା ଖୋଜିବା ବେଳକୁ କଲମ ହଜିଯାଏ
କଲମ ପାଇଲା ବେଳକୁ କବିତା ଖାତା ବି ପାଏନା
ମୂକ ମୁଖଶାଳା କହିପାରେନି ତାର କଥା ଥିଲା କିଛି
କବିତାରେ ପ୍ରକାଶ କରିବାକୁ
ମୋ କଲମ ମୂଳରେ ।

କବିତା ଏକ ତରଙ୍ଗାୟିତ ଉନ୍ମାଦିତ ବିହ୍ୱଳ ପଣ
ଖୋଜେନା କାଗଜ କଲମ ଝରିଯିବାକୁ
ଭରାନଦୀ ସମ
ବୁଝେନା ଲକ୍ଷ୍ମଣ ରେଖା ଗାଇବାକୁ ଜୀବନର ଚଉତିଶା
ଜହ୍ନରାତି ର ତାତି
କଳା ଅନ୍ଧାର ର ଗୀତି
ସବୁଠି ନୂଆ ନୂଆ ଦିଶାର ନିଶା ।

କବିତା ଖାତା ଖୋଜିବା ବେଳେ ଖୋଜିପାଏନା କଲମ
ବୋଧହୁଏ
ପାଇବା ଯେତିକି ରୋମାଞ୍ଚକର ତାଠୁ ଅଧିକ ହଜେଇବା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ୱପ୍ନ ଯେମିତି ରୋମାଞ୍ଚକର ତାଠୁ ଅଧିକ ସ୍ୱପ୍ନଭଙ୍ଗ ବେଳା
ସୂର୍ଯ୍ୟୋଦୟର ସେ ଅପୂର୍ବ ଦୃଶ୍ୟ ଠାରୁ ଅଧିକ ବିହ୍ୱଳିତ
ସୂର୍ଯ୍ୟାସ୍ତର ସେଇ ରକ୍ତରାଗ ବିଦାୟ ମୁହୂର୍ତ୍ତ ।

ଋତୁ ବଦଳେ
ମୋ ଡାଏରୀ ବଦଳେ
ଗତ ଋତୁର କଥାକୁହା ସ୍ୱପ୍ନ କବିତା ପାଲଟେ
କୁନିଝିଅଟି ସ୍କୁଲର ବସ୍ତାନି ଫିଙ୍ଗି
ଦୌଡେ କଙ୍କି ପଛରେ
ତା ରଙ୍ଗୀନ ହସରୁ କବିତାଟିଏ ଝରେ
ପ୍ରତାରିତା ପ୍ରେମିକା ଆଖିରୁ ଲୁହ ପୋଛେ
ଭାବେ କେବେ କେବେ ପ୍ରେମ କବିତାଠୁ ବେଶୀ କିଛି ନୁହେଁ ।

କଲମ ହଜିଯାଉ କବିତା ଖାତା ନ ମିଳୁ
ସବୁ ପ୍ରେମର ମାନେ ତ ଅପେକ୍ଷା
ସବୁ କବିତା ତ ହୃଦୟର କାଗଜରେ ଲେଖା
ପ୍ରେମେ ଅବା ବିରହେ କଲମ ତ ନୀଳତୃଷ୍ଣା ।

ସାଇ କଲୋନୀ, ଦେଉଳସାହି, ତୁଳସୀ ପୁର, କଟକ ୭୫୩୦୦୮ ସମ୍ପର୍କ: ୯୭୭୬୩୩୨୬୩୯
ମେଲ୍ biswanathkar1956@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିଃଶ୍ୱାସକୁ ନାହିଁ ଭରସା



ବାସନ୍ତୀ ଲତା ଜେନା

ଏ ଜୀବନ ଆମ କ୍ଷଣସ୍ଥାୟୀ ପରା
ଏବେ ଅଛି ଏବେ ନାହିଁ
ନିଃଶ୍ୱାସକୁ ଭାଇ ଭରସା ନାହିଁରେ
ଜୀବନ ଅଟେ ଅସ୍ଥାୟୀ ।୧।

ଦେଖୁ ଦେଖୁ ଜୀବ ବାହାରି ଯେ ଯିବ
କାଳ ଯମ ନେବ ଧରି
କଞ୍ଚା କି ପାଚିଲା ଦେଖେ ନାହିଁ ସେତ
ଥିବା ପ୍ରାଣ ହୁଏ ଘାରି ।୨।

ପ୍ରଶ୍ୱାସ ପବନ ଜୀବନ ରକ୍ଷକ
ଅମ୍ଳଜାନ ଦିଏ ପ୍ରାଣ
ମାୟା ବନ୍ଧନରେ ସର୍ବେ ବାନ୍ଧି ହୁନ୍ତି
ପରିବାର ପ୍ରିୟ ଜନ ।୩।

ଅଦୃଶ୍ୟ ଶକ୍ତି ସେ ଜୀବନର ସତ୍ତା
ବିଶ୍ୱାସ ଭରସା ଥାଏ
ପ୍ରଶ୍ୱାସ ଗ୍ରହଣ ପ୍ରାଣ ବାୟୁ ହୁଏ
ସ୍ନେହ ଶ୍ରଦ୍ଧା ଭରି ଥାଏ ।୪।

ଲୋଭ ମୋହ ଆଉ ଆବେଗ ସାଥିରେ
ମାନବ ହୁଅଇ ବଶ
ହସ କାନ୍ଦ ସାଥେ ଜୀବନ ସରସ
ଆଶା ପ୍ରତ୍ୟାଶା ନିରାଶ ।୫।

ଆକସ୍ମିକ ଭାବେ କାର ମୃତ୍ୟୁ ହୁଏ
ଦୁର୍ଘଟଣା ଘଟି ଥାଏ
ବସୁ ବସୁ କିଏ ଟଳି ପଡି ଥାଏ
ଖାଇ ପିଇ କିଏ ଶୋଏ ।୬।

ରାନ୍ଧିଲା ଭାତକୁ ଭରସା ନାହିଁ ଯେ
ଖାଇ ହେବ କି ନ ହେବ
ବାହାରକୁ ଗଲେ ବିଶ୍ୱାସ ନାହିଁ ଯେ
ଫେରି ହେବ କି ନ ହେବ ।୭।

ପୁତ୍ର ସ୍ୱାମୀଙ୍କର ଫେରିବା ବାଟକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅପଲକେ ଚାହିଁ ଥାନ୍ତି
ଖବର ମିଳଇ ଚାଲି ସେ ଯାଇଛି
ଆଉ ସେ ଫେରିବ ନାହିଁ ।୮।
ଅଳିକ ସଂସାର କ୍ଷଣିକ ଜୀବନ
ଶରୀର ବାୟୁ ଚାଳିତ
ଯେତେ ଦିନ ଜୀବ ପ୍ରାଣେ ରହି ଥିବ
କର୍ମ କର ଅବିରତ ।୯।
କର୍ମ ଆମ ପୂଜା କର୍ମ ଆମ ସେବା
କର୍ମେ ମିଳେ ଭଗବାନ
ସତ୍ୟ ଧର୍ମ ନ୍ୟାୟ କ୍ଷମା ଓ କରୁଣା
ଦୁଃଖି ରଙ୍କି ସେବା ଦାନ ।୧୦।
ଭକ୍ତି ଭାବନାରେ ପରାତ୍ମା ଧ୍ୟାୟିଲେ
ସଫଳ ହୁଏ ଜୀବନ
ନିଃଶ୍ୱାସକୁ ପରା ଭରସା ନାହିଁରେ
ବିଭୁ ପାଦେ ଦିଅ ଧ୍ୟାନ ।୧୧।
ଜୀବନର ବ୍ରତ ପରଉପକାର
ଯେଉଁ ବ୍ୟକ୍ତି କରି ଥାଏ
ମୃତ୍ୟୁ ବେଳେ ସେତ ଆହା ପଦୁଟିରେ
ସଂସାରରୁ ତରି ଯାଏ ।୧୨ ।

ଗାନ୍ଧୀନଗର, ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଇନ୍‌ଷ୍ଟାଗ୍ରାମ୍ ରିଲ୍ସ



ବିକାଶ କୁମାର
ହୋତା

ପାପା କି ପରୀ ଟା ରଖେଇ ଦେଉନି
ଆଇଫୋନ ଆଣ ବୋଲି
ବଡ଼ ୟୁଜର ସେ ହୋଇବ ବୋଲିକି
ରିଇଲ୍ସ କରୁଛି ଢ଼େଲି ||(୧)

ପାଠରେ ଶାଠରେ ମନ କି ଲାଗୁଛି
ଢ଼େଲି ତା ରିଇଲ୍ସ ନିଶା
ଦିନ ରାତି ଖାଲି ସପନ ଦେଖୁଛି
କେବେ ପୂରିବ ତା ଆଶା ||(୨)

ଫାଜିଲି ହେଉଛି ସାଙ୍ଗ ସାଥୀ ମେଳେ
କେଉଁଥିରେ ନାହିଁ ନିଘା
ଗେହ୍ଲା ହୋଇ ତିନି ପାଞ୍ଚିରୁ ଗଲାଣି
ଛିଡ଼ି ଗଲାଣି ତା ପଘା ||(୩)

ମେକପ ନେଇକି ରିଇଲ୍ସ କରୁଛି
ଦେଉଛି କେତେ ପୋଓଜ
ପୋଅଷ୍ଟ କରିକି ଲାଇକି ମାଗୁଛି
କରୁଛି ଖାଲି ମଉଜ ||(୪)

ଯେତେ ବୁଝାଇଲେ ବୁଝେ ନାହିଁ ଜମା
କହେ ମୁଁ ପାପା କି ପରୀ
ମିଲିୟନ୍‌ସ ଲାଇକି ହାତେଇ ନେବି
କିଏ ହେବ ମୋର ସରି ||(୫)

କହୁଛି ସଭିଙ୍କୁ ରିଇଲ୍ସ ପାଇଁକି
ମନ ମୋର ଆନାମନା
ଇନଷ୍ଟାଗ୍ରାମ ର ରିଇଲ୍ସ ଦୋଷ ଏ
ଝିଅଟେ ମୁଁ ଖାଣ୍ଟି ସୁନା ||(୬)

ଧନ୍ୟ ଧନ୍ୟ ହାଏ ସେ ଇନଷ୍ଟାଗ୍ରାମ
କି ମାୟା ସିଏ ରଚୁଛି
ଛୋଟ ପିଲାଠାରୁ ବୁଢା ବୁଢ଼ୀ ଯାଏ
ସଭିଙ୍କୁ ବାୟା କରୁଛି ||(୭)

ଦକ୍ଷିଣକାଳୀ ରୋଡ଼ ବିଦ୍ୟାନଗର ଢେଙ୍କାନାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସଂଖ୍ୟା କ୍ରମରେ ଶିଖିବା



ଅମରନାଥ ବାରିକ

ଏକ- ରଖିବା ଦେଶର ଟେକ
ଏକରେ ଏକ ଏଗାର
ମହାନ ଗାଥା ଯାହାର
ଏକଦଶ ଏକ ଏଗାର
ତିନି ରଙ୍ଗ ତ୍ରିରଙ୍ଗାର ।

ଦୁଇ- ଆମର ସୈନିକ ଭାଇ
ଦୁଇ ଦୁଇ ମିଶି ଚାରି
ଅଛନ୍ତି ଦେଶକୁ ଘେରି
ଦୁଇଦଶ ଦୁଇ ବାଇଶି
ହେବାରେ ଆମେ ସାହସୀ ।

ତିନି- ତାଥିନି ତାଥିନି ତିନି
ତିନି ତିନି ମିଶି ଛଅ
ଯତନେ ବହି ନିଅ
ତିନିଦଶ ତିନି ତେତିଶ
ସକାଳୁ ଯୋଗରେ ବସ ।

ଚାରି- ହେବା ପରିଶ୍ରମୀ ଭାରି
ଚାରି ଚାରି ମିଶି ଆଠ
ବଉଳା ଗାଈର ଗୋଠ
ଚାରିଦଶ ଚାରି ଚୌରାଳିଶି
ନଖାଇବ କେବେ ଭୂମିରେ ବସି ।

ପାଞ୍ଚ- ନେବା ନାହିଁ କେବେ ଲାଞ୍ଚ
ପାଞ୍ଚ ପାଞ୍ଚ ମିଶି ଦଶ
ଗଣିତ ସୂତ୍ରକୁ ଘୋଷ
ପାଞ୍ଚଦଶ ପାଞ୍ଚ ପଞ୍ଚାବନ
ରଖିବା ପାଠରେ ମନ ଧ୍ୟାନ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛଅ- ଦରିଦ୍ରଙ୍କୁ ଦାନ ଦିଅ

ଛଅ ଛଅ ମିଶି ବାର

ଭଲ କାମ ନିଶ୍ଚେ କର

ଛଅଦଶ ଛଅ ଛଅଷଠି

ବଳ ହୁଏ ମିଶି ବିଡ଼ାଏ କାଠି ।

ସାତ- ମହାନ ଦେଶ ଭାରତ

ସାତସାତ ମିଶି ଚଉଦ

ଆକାଶେ ଭାସୁଛି ବଉଦ

ସାତଦଶ ସାତ ସତସ୍ତରୀ

ଖେଳିବା ଚକାଚକା ଭଉଁରୀ ।

ଆଠ- ସଅଳ ନିଦରୁ ଉଠ

ଆଠ ଆଠ ମିଶି ଷୋହଳ

ଆମ୍ବ ଗଛରେ ବାସେ ବଉଳ

ଆଠଦଶ ଆଠ ଆଠାଅଶି

ସନ୍ଧ୍ୟାରେ ପ୍ରାର୍ଥନା କର ବସି ।

ନଅ- ହାତରେ କଲମ ଧଅ

ନଅ ନଅ ମିଶି ଅଠର

ଆସବାବ ପତ୍ର କାଠର

ନଅଦଶ ନଅ ଅନେଶ୍ୱତ

ଅଭ୍ୟାସ କରି କହିବା ସତ ।

ଦଶ- ଆସନ ପାରି ବସ

ଦଶ ଦଶ ମିଶି କୋଡ଼ିଏ

ହାତ ଗୋଡ଼ ଆମ ଯୋଡିଏ

ଦଶ ଦଶ ସଂଖ୍ୟା ସମ୍ପୂର୍ଣ୍ଣ ଶହେ

ଗଂଗା ଯମୁନା ଯେ ଦେଶେ ବହେ ।

ଗ୍ରା/ପୋ-କୟାଁ, ଥା-ମଙ୍ଗଳପୁର, ଜି-ଯାଜପୁର

ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧

ଦୂରଭାଷା - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲୋକଭାଷା

# ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲକ୍ଷ୍ମୀ ପୁରାନ୍



ସତ୍ୟ ନାରାୟଣ ମିଶ୍ର

କୋଶଲି/ସମଲପୁରୀ – ଲକ୍ଷ୍ମୀ ପୁରାନ୍

ବିଶ୍ୱରୂପସ୍ୟ ଭାର୍ଯ୍ୟାସିପଦ୍ମେପଦ୍ମଳୟେ ଶୁଭେ
ସର୍ବତଃ ତ୍ରାହିମାଂ ଦେବୀ ମହାଲକ୍ଷ୍ମୀ ନମୋସ୍ତୁତେ

( ଜଏ ମା ମହାଲଁଖୀ)

( ୮ )

ଭାବଲେ ମନେ ରାନ୍ଧିଯଦି ଖାଏବେ ଦୁଇ ଭାଇ
ମାଇକିନାକେ ମୁନୁସ୍ ଆରୁ ନୁର୍ବେ କେନେ କାହିଁ !
କାଠ ଗୁଟେ ଧରି ମାଏ କଲେ ମନ୍ତର୍ ଅଗ୍ନି
ନାଇଁ ଜଲବ ତମେ ହେନେ ନାଇଁ ତାତେ ପାନି ।
କଥା ମାନି ନାଇଁ ଜଲ୍ଲା ଜୁଏ ମଲା କୁହୁଲି
ନାଇଁ ତତଲା ହାଁଡି ପାନି ଫୁକି ଅଥା ହରି ।
ଅଧୁଆ ମୁହାଁ ବୋଲି ଦେଲେ ଗାଲି ବଲରାମ
ନିଜେ ଫୁକୁଲେ ନଲା ଧରି ରିଷେ ତମ ତମ ।
ନାଇଁ ଜଲୁଚେ ଜୁଏ ଦେଖି ହାଁଡି ଦେଲେ ପିଟି
ଭୁକେ ଛଟ ପଟ ହେଲେ ପ୍ରଭୁ ଖିତି ପତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଖି ରାମ କହୁ ଅଛନ୍ ସୁନ ଜଗନାଥ
ଜାତି ପଛେ ଯାଉ ଖାଉଁ ଇତାର୍ ଘରେ ଭାତ ।
ଆଜି ଯଦି ନାଇଁ ମିଲେ ଆମ୍ କେ ମୁଠେ ଅରନ୍
ଜାନି ଥା ରେ ଛନେ ଗଲେ ହେବା ଆମର୍ ମରନ୍ ।
ଆହା ବୋଲି ଦାସୀ ଯାଇ ଲଖି କେ କହେଲା ଇଟା
ସୁନି କରି ବିସ୍ମଦି ହେଲେ ଜଗତ ର ମାତା ।
କେତେ ଦୁଃଖ ମୋର୍ ଲାଗି ପାଏଲେ ଦୁଇ ଭାଇ
ସୁନା ଚଟୁ ଧରି ଗଲେ ରନ୍ଧା ଘର୍କେ ଧାଇଁ ।
ରାନ୍ଧିଦେଲେ ଭାତ୍ ଦାଏଲ୍ ଆମ୍ବିଲ୍ କଦଲି ଭଜା
ଖିରି ଖିଚିଡି ପୁଡ଼ାପିଠା ତୁନ୍ ତରକାରୀ ଖଜା ।
କହେଲେ ଯ ରେ ଦାସୀ ମାନେ ଜଲଦି ଟିକେ ଯ
ଦୁଇ ଭାଇକେ ରଗଡି କରି ତେଲ୍ ମଖେଇ ଦିଅ ।
ଗାଧି ଫିର୍ଲେ ପୁଛି ହେବେ ଗାମୁଛା ରଖି ଥିବ
ପିନ୍ଧ ବୋଲି ପାଟ ନିଲି ହଳଦିଆ ଦେବ ।
ବାମହନ୍ ବୋଲି ନାଇଁ ଡର୍ବ କଥା ଯିବ ମାନି
ସେମାନକ ର୍ ଦାସୀ ତମର୍ ଲକ୍ଷ୍ମୀ ଠାକୁରାନି ।
ହଉ ବୋଲି ଦାସୀ ମାନେ ସେବା ସବୁ କଲେ
ସୁନ୍ଦର୍ ବେଶେ ସଜେଇ କରି ଖଟେବସେଇ ଦେଲେ
କହେଲେ ରାମ କହ୍ନେଇରେ ମତେ ଲାଗୁଛେ ଡର୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାହିଁ ନାଇଁ ମରଦ୍ ସବୁ ମଇକିନାଙ୍କ ର୍ ଘର୍ ।

ଯେତେ କଲେନ ସେବା ଆମର୍ ତେଲ୍ ହଳଦୀ ବୁଲି

ବୁକା ବାଗିର୍ ପୁଜି ଦେବେ କି ଚଢାବେ କାଁ ସୁଲି ।

ହସି କରି କହେଲେ ହରି କାହିଁ ଡରୁଚ ଇନେ

ଇ ଘର୍ ଥି କର୍ତା ଆଜି ହେଇଛ ପରେ ତମେ ।

ସୁନା ଗଡୁ ଧରି ଦାସୀ ଧରେଇ ଦେଲା ପାନି

ହାତ ଧୁଇ ଖାଇ ବସବ କହେଲା କରି ଠାନି ।

ରାମ କହେଲେ ଆରେ ହରି ଭିତରକେ ନି ଯଉଁ

ମୁନୁସ୍ ଗୁଟେ ନାଇଁ ନ ବାହାରେ ବସିଥାଉଁ ।

ଇନେ ଆନି ଦେଲେ ଭାତ୍ ଖାଏମା ଅଚିନ୍ତା ଥି

ଭିତର୍ ଗଲେ ଅଛେ ବାବୁ ବିଷମ ବିପତି ।

କ୍ରମଶଃ...

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନୂଆଁଖାଇ



ସାଇ ପ୍ରସାଦ ସାହୁ

ରାଜୁ ଯେନ୍ ଦିନୁ ନଉକିରି ପାଏଲା ବିହା ବର୍ ପନ୍ ହେଇ କରି ସହରେ ଘର୍ ଭଡ଼ା ନେଇ କରି ରହୁଛେ । କୁଟୁମ୍ ବଏଲେ ତାର୍ ସିଆନୀ ରାଏମତୀ ଆର୍ ପିଲା ଦୁଇଟା ରୋସନ୍ ଆର୍ ରୋହନ୍ । ଦୁଇ ପିଲାକେ ପାଞ୍ଚ ସାତ୍ ବଛର୍ ଲେଖେନ୍ ହେଉଛେ । ପିଲାମାନେ ବି.ସି.ଏସ୍. ଇଂଗଲିସ୍ ମିଡିଅମ୍ ଇସ୍କୁଲ୍ ନେ ପଢୁଛନ୍ । ପିଲାମାନ୍ କର୍ ପାଠ୍ ପଢା ଲାଗି ରାଜୁ ନିଜର୍ ଜନମ୍ ଗାଁକେ ଜହ ନାଇଁ ଆସେ । ହେ ତିହାର୍ ବାହାର୍ କେ କୁଟୁମ୍ ଧରି କରି ନୂଆଁଖାଇ ନାଇଁ ହେଲେ ପୁଷ୍ ପୁନିକେ ନେହେତ କେନ୍ ଯାନିଯାତ୍ରା କେ ଆଏସନ୍ । ଦୁଇ ଚାଏର୍ ଦିନ୍ ରହି କରି ଫେର୍ ସହର୍ କେ ପଲାସନ୍ । ରାଜିନ୍ଦ୍ର ବାବୁ ତାକର୍ ପୁଓ ରାଜୁକେ ଫୁନ୍ କରି ବମ୍ବେନୁ କୁଟୁମ୍ ବସିଆ ଗାଁକେ ଆସ ଆରୁ ନୂଆଁ ଖାଇକରି ଯିବ ବୋଲି କହିଛନ୍ । ରାଜୁ ଯେ ତାର୍ ବାଆ କେ କହେସି ଯେ - ଆମର୍ କମ୍ପାନୀଥି ଛୁଟି ନାଇଁ ମିଲ୍ ବାର୍ ଗୋ କେନ୍ତା କର୍ମି । ଡାଇରେକ୍ଟର୍ ଆଜ୍ଞାକର୍ ପାଖ୍ କେ ରାଜୁ ଯାଇ କରି ଆମର୍ ବଡ୍ ଖା ତିହାର୍ ନୂଆଁଖାଇ ବାବ୍ ଦେ କହେଲା ପରେ ତାକେ ଚାଏର୍ ଦିନ୍ ର ଛୁଟି ମିଲି ଯାଏସି । ରାଜୁ ଉଷତ୍ ହେଇଯାଏସି ଆର୍ ଘର୍ କେ ଯିବାର୍ ଲାଗି ପ୍ରସ୍ତୁତ୍ ହେସି । ଇ ବଛରର୍ ନୂଆଁଖାଇ ତିହାର୍ ଥି କୁଟୁମ୍ ବସିଆକେ ଧରି କରି ନିଜର୍ ଜନମ୍ ମାଏଟ୍ କେ ରାଜୁ ଆଇଛେ । ନୂଆଁଖାଇ ଲାଗି ସବୁଆଡ଼େ ଗହଗହ ମହମହ । ସମ୍ କିରର୍ ଘର୍ ଲିପା ପୋଛା ହେଇ କରି ଚକ୍ ଚକେଇ ଯାଉଛେ । ରାଜିନ୍ଦ୍ର ବାବୁଙ୍କର୍ ଘର୍ ଭିଲ୍ ସଫାସୁତୁର୍ ହେଇ କରି ବଡା ଉଷତ୍ ଆନନ୍ଦ୍ ଲାଗୁଥେ । ଇ ବଛର୍ ରାଜୁ ନୂଆଁଖାଇ ଥି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗାଁ କେ ଆସିଛେ ବୋଲି ରାଜିନ୍ଦ୍ର ବାବୁଙ୍କର୍ ଖୁସି କହେଲେ ନାଇଁ ସରେ । ପୂଜା ପାଠ୍ ସର୍ ଲା କେ କୁଟୁମ୍ ବସିଆ ସଭେ ନୂଆଁଖାଏବାର୍ ଲାଗି ବସିଛନ୍ । ଇ ସମିଆଥି ରାଜିନ୍ଦ୍ର ବାବୁଙ୍କର୍ ନାତି ରୋସନ୍ ଜିଦ୍ ଧଏଲା, ମୁଇଁ ତଲେ ବସି କରି ନୂଆଁ ନାଇ ଖାଏଁ । ଭୂଇଁ ନେ ବସ୍ ବାର୍ କେ ମତେ ଭଲ୍ ନାଇଁ ଲାଗେ । ରାଜିନ୍ଦ୍ର ବାବୁ ପଚରାଲେ ମୋର୍ ନାତି କେ କାଏଁ ହେଲା ? ବହ ରାଏମତୀ କହେଲେ - ଭୂଇଁ ଥି ଗୋବର୍ ଘଁଷା ହେଇଛେ ବୋଲି ଚକା ମାରି କରି ନାଇଁ ବସେଁ କହୁଛେ ବାପା । ଆସନ୍ ଦେଇ ଦିଅ ମୋର୍ ନାତି କେ । ଆସନ୍ ଉପ୍ ରେ ମୋର୍ ନାତି ବସ୍ ବା ଯେ ତାର୍ ଡିସ୍ କୋ ଫଟା ଜିନ୍ସ୍ ପେଁଟ୍ ଟା । ରାଜିନ୍ଦ୍ର ବାବୁ ମଜାକ୍ ଥି ତାଙ୍କର୍ ନାତି ରୋସନ୍ କେ ଏନ୍ତା ବୋଲି କହିଦେସନ୍ । ରାଜିନ୍ଦ୍ର ବାବୁଙ୍କର୍ ସିଆନୀ ଶୁଭାସିନୀ କହେଲେ - ମୋର୍ ନାତିର୍ ନୂଆଁ ଜିନ୍ସ୍ ପେଁଟ୍ କେ ଫଟା ପେଁଟ୍ କେନ୍ତା କହିଦେସ ଗୋ । ଆଏଜ୍ କାଲିର୍ ଷ୍ଟାଇଲ୍ ଆଏ ହୋ ଇଟା ବୁଝଲ ତ । ତୁମେ ରହିଥ ହେ ଧୂତି ଗାମ୍ ଛା ଜମାନା ଥି । ଯୁଗ୍ ବଦ୍ ଲି ଗଲାନ । ରାଏମତୀ ରୋସନ୍ କେ ଭୁର୍ ତେଇ କରି ତଲେ ବସେଇଥିସନ୍ । ଫେର୍ କାଁଣା ହେଲା ଯେ ଉଦୁର୍ ମାତ୍ ହେଇ ବସ୍ ଲା । କାଁଣା ହେଲା ମୋର୍ ନାତି କେ । ମୋର୍ ନାତିର୍ ଲାଗି କାଁଣା ଦରକାର ବୋଲି ଶୁଭାସିନୀ ଭୁଆସେନ୍ ରାଏମତୀ କେ ପଚରାଲେ । ରାଏମତୀ କହେଲେ - ଅ ଗୋ ମାଆ ଇତାର କଥା ନାଇଁ କହନ, ଇ ପତରର ଖଲି ଦନା ଥି ନାଇଁ ଖାଏଁ ବୋଲି ଅରଷ୍ଟି କରୁଛେ । କେନ୍ ତା ପିଲାଟେ ବୋ ଇଟା ବେଡାଟେ କାହିଁର୍ ଗୁଟେ । ଏ ପୁତା, ହେନ୍ ତା ନାଇଁ କରନ୍ ଗୋ ପୁତା । ଆଏଜ୍ ସଭେ ନୂଆଁ ଖଲି ଦନା ଥି ନୂଆଁ ଖାଏ ସନ୍ । ଇଥିରର୍ ଲାଗି ପରେ କାହିଁ କେତେ ଦୂରୁ ସଭେ ଦେଶ୍ ବିଦେଶ୍ ଛାଡି ନିଜର୍ ଗାଁ ମାଆ ପାଶ୍ କେ ନର୍ ଦି ଆଏସନ୍ । ଆମର୍ ମାଟିର୍ ବଡ୍ ଖା ତିହାର୍ ଆଏ ଇଟା । ନୂଆଁଖାଇ ହେଉଛେ ଆମର୍ ପଶ୍ଚିମ ଓଡିଶାର୍

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସବୁନୁ ବଡ୍ ଖା ଆର୍ କୃଷିଭିତ୍ତିକ ପରବ୍ । ଇ ତିହାର୍ ଫି ବଛର୍ ଭୁଦୋ ମାସର୍ ଉଜଲ୍ ପଖେଁ ପଞ୍ଚମୀ ଦିନ ମାନ୍ ସନ୍ । ନୂଆଁଖାଇ ଦିନେ ମାଁ ସମଲେଇନୁ ପହେଲା ନୂଆଁ ଧାନର୍ ଭୋଗ୍ ଲାଗ୍ ସି । ଗାଁର୍ ଲୁକେ ଗାଁ ଖୁଏଲ୍ ସଫା ସୁତର୍ କରିଥିସନ୍ । ସମ୍ବଲପୁରର୍ ବରହମପୁରା ମନ୍ଦିରର ଗୁନୀ ଜ୍ଞାନୀ ପଁଡିତମାନେ ଆଗତୁରା ଲଗନ ପାଗନ ବେଲାଘଡି ପାଁଜି ଦେଖି ଶୁଭ ଦିନ୍ ବାର୍ ବାହାର୍ କରିଥିସନ୍ । ଚାଷୀ ତାର୍ ବଛର୍ ଟାକର୍ ପହେଲା ଫସଲ୍ କେ ମାଁ ସମଲେଇ ପାହାଁତଲେ ଗହଗହ ମନେ ସଅଁପି ଦେଇଥିସି । ତେହେରୁ ଯାଏକ୍ ସଭେ ନୂଆଁ ଅରନ୍ ପ୍ରସାଦ୍ ପାଏସନ୍ । କାହିଁ କେତେ କାଲୁ ପୂରବାପାତି ଦିନୁ ଇ ତିହାର୍ କେ ମାନ୍ ତେଲ୍ ଆସୁଛୁଁ, ଇଟା ଆମର୍ ପରମ୍ପରା ଆଏ । ତୋର୍ ମମି ଆର୍ ଡେଡ଼ି କିଛି ନାଇଁ ଶିଖେଇ କାଏଁ ବୋ ? ତୁଇ ପରେ ଇଂଗ୍ ଲିସ୍ ମିଡିଅମ୍ ଇସ୍କୁଲ୍ ନେ ପଢୁଛୁ ପରେ, ବେଡା ପିଲାଟେ ବୋ ମୋର୍ ନାତି । ଗାଁଥି ରହେଲେ କେନ ମାଆ ବୁଆ ବୋଲି ଡାକ୍ ଦେତେ । ବମ୍ବେ ସହରେ ତ ମମି ଡାଡି । ଏ ରାଜୁ ମୋର୍ ନାତି କେ କେନ୍ତା ଜ୍ଞାନ ଦଉଛ ବୋ ? ସହର୍ କେ ଗଲାକେ ସହରିଆ ହେଇଯଉଛ । ଆମର୍ ନୂଆଁଖାଇ, ପୁଷ୍ ପୁନି ଭଲିଆ ବଡ୍ ଖା ତିହାର୍ ବାବ୍ ଦେ ଆର୍ ଆମର୍ ପରମ୍ପରା ବାବ୍ ଦେ ମୋର୍ ନାତି ଦୁଇଟାକେ କିଛି ଜ୍ଞାନ ଦିଅ । ନାଇଁ ହେଲେ ଭୁଲି ଯିବେ ଇ ମାନେ ଆମର୍ ସଂସ୍କୃତି , ପରମ୍ପରା ଆର୍ ଚାଲିଚଲନ୍ କେ । ଇହାଦେ ଗଲା ବେଲ୍ କେ ମୋର୍ ନାତି କେ ମୋର୍ ପାଶେ ଛାଡି ଯିବ ତ ଗା । ଏତ୍ କି ବେଲ୍ କେ ରାଜୁ ବମ୍ବେନେ ଗଲା ବଛର୍ ନୂଆଁ ଖାଏଲା କଥା କେ ଭାବୁ ଥାଏ । ଗଲା ବଛର୍ ଏନ୍ତା ଦିନେ ଘିନି ଆନିଥିଲା ରୂପାର୍ ଥାଲି ଲେଖେଁ ଚକ୍ ଚକେଇ ଯଉଥିବାର୍ ଇଷ୍ଟିଲ୍ ପ୍ଲେଟ୍ , ଇଷ୍ଟିଲ୍ ଗିନା ଆର୍ ରକମ୍ ରକମ୍ ଜିନିଷ୍ । ଗାଁଥି ରହେଲେ ଗଁଅଲିଆ ଆର୍ ସହରେ ରହେଲେ ସହରିଆ । ଗାଁର୍ ଚାଲିଚଲନ କେ ଭୁଲି ଯାଇକରି ସହରିଆ ବାଗିର୍ ଡାଇନିଂ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଟେବୁଲ୍ ଆର୍ ଚଉକି ଥି ବସି କରି କୁଟୁମ୍ ବସିଆ ସଭେ ନୂଆଁ ଖାଇଥିଲେ ।ଯେନ୍ କଥାକେ ପାଞ୍ଚ ବଛରର୍ ରୋସନ୍ ଠିକ୍ ସୋର୍ ରଖିଥିଲା ।କହେସନ୍ ଯେ ଛୁଆମାନକର୍ ମନେରଖି ବାର୍ ପାଓ୍ୱାର୍ ଖୋବ୍ ଥିସି । ରୋସନ୍ ଭି ବନେ ସୋର୍ ରଖିଥିଲା । ଗଲା ବଛରର୍ ନୂଆଁଖାଇ କଥା ତାର୍ ବୁଢୀମାଆ ଶୁଭାସିନୀକେ କହିଦେଇଥିଲା ରୋସନ୍ । ଇ ସମିଆଁଥି ରାଜୁର୍ ମୁହୁଁ ନୁ କିଛି କଥା ନାଇଁ ବାହାରିଲା ।ରାଜୁ ତୁମ୍ ପରି ଦେଇଥେ ।ରାଜିନ୍ଦ୍ର ବାବୁ କହେଲେ , ଦୁନିଆ ବଦ୍ ଲି ଗଲାନ ସତ୍ ଆଏ ।ହେଲେ ଆମର୍ ସଂସ୍କୃତି, ପରମ୍ପରା ଆର୍ ଚାଲିଚଲନ୍ କେ ବୁଡେଇ ନାଇଁ ଦିଅ ।ସହର୍ କେ ଗଲାକେ ପରମ୍ପରା ଆର୍ ତିହାର୍ କେ ପାଶରି ଦେଉଛ ।ଆଏଜ୍ ପରେ ଆମର୍ ବଡ୍ ଖା ତିହାର୍ ନୂଆଁଖାଇ ।ବଚେଂଇ କରି ରଖ ଆମର୍ ଚାଲିଚଲନ, ସଂସ୍କୃତି ଆର୍ ପରମ୍ପରାକେ । ପିଲାଛୁଆମାନ୍ କୁ ଆମର୍ ସଂସ୍କୃତି ଉପରେ ସଦ୍ ଜ୍ଞାନ ଦିଅ ।ପଛେ ଯଉଥିବ ନ ପାଶ୍ଚାତ୍ ସଭ୍ୟତା ଫାଲ୍ କେ ।ଏତ୍ କି କଥା ସୁନି କରି ରାଜୁ ଅକାଭୋଦ୍ ହେଇଯାଏସି ।

ସାଇପ୍ରସାଦ ସାହୁ
ସିନ୍ଦେକେଲା , ବଲାଙ୍ଗୀର
ମୋ. - ୯୯୩୭୦୩୪୭୪୨

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ମୁଠେ ଫୁଲ୍



କିରନ୍ ସ୍ୱାଇଁ

ଦରକାର୍ ନେନ ପଦ୍-ପଦବୀ
ଲୋକ୍ ଦେଖନା ସଜବାଜ୍,
ମୁଇଁ କାଁ କରମି ବଢ଼େ ବିଲଡିଂ
ଗାଡ଼ି ମଟର୍ ଲୋକ୍ ବାଗ୍ ?
ଇ ସବୁ ଛାଡ଼ି କରି ବି
ପୃଥିବୀର ସବୁଥିରୁ ଧନୀ
କହେବାର୍ କେ କେଭେଁ
ମତେ ନେ ଲାଗେ ଲାଜ୍
କେଁ ହେଲା ଯେ କି
ଭଗବାନ୍ ମତେ ଦେଇଛନ୍ ମାଁ-ବାପ୍ ।

ପନତ୍ କାନି ନ ଆଖିର୍ ଉଢ଼ାଲେ
ମୋର୍ ମାଁ ରଖସି ମତେ,
ନେ ଖାଇକରି ଆଘୋ ଖୁଆସି
କେତେ ସ୍ନେହ ତାର୍ ସତେ !
ନେ ପାଅ କେଭେଁ ଏନ୍ତା ଜୀବନ୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାରା ଦୁନିଆଁ ବୁଲ ଯେତେ ।

ପୃଥିବୀନୁ ଭାରି ମାଁର୍ ଦର୍ଜା ହେଲେ
ଆକାଶ୍ ନୁ ଉଁଚା ବାପାଙ୍କର୍ ମନ୍
ଖରା-ବର୍ଷା-ଶୀତ୍ ଫିକା ପକେଇ ନେବେ
ପୁରା କରବାର୍ କେ ଛୁଆକର୍ ସପନ୍ ।
ଇ ସବୁ ଖୁସି ଆଗଡ଼େ ସବୁବେଳେ
ବୃଥା ସବୁ ଧନ୍ ଜନ୍ ।

କେଁ ଜନମର୍ ପୂର୍ଣ୍ଣ୍ୟ ସବୁ
ମାଁ-ବାପା ରୂପେ ପାଇଛେଁ ଏତେ
ଭଗବାନ୍ ମତେ ଦେଇଛନ୍ ସତେ !
ଏତେ ଦୁଃଖ୍ କଷ୍ଟ ସହି ମୁନୁଷ୍ କଲେ
କେଭେଁ ସୁଝାମି ଇ ରୁଣ୍ ଗୁଣ୍ଃ
ଯେତେ ପାରମି ସେତେ ଫିରାମି
ମୋର୍ ଜୀବନ୍ ଥିବା ଯେତେ ।

ଯେତେ କହେଲେ କେଭେଁ ନେ ସରେ
ସେ ଭାବର୍ ଅକୁହା କଥା...

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫେର୍ ବି ନେ କହି ରହି ନେ ପାରଲି

ମୁଇଁ ସବୁଠାନୁ ଧନୀ ଛୁଆ

ଯେ ମୁଇଁ ପାଇଛେଁ ଏନ୍ତା ମାଁ-ବୁଆ ।

ନାଇଁ ମିଳୁ ମତେ ହୀରା-ନୀଳା-ମତି

ନେ ମିଳୁ ସରଗର୍ ଚୂଳ୍,

ଖାଲି ମିଳୁଥାଉ ମତେ ସବୁବେଳେ

ମୋର୍ ବଗିଚାର୍ ମୁଠେ ଫୁଲ୍...

ସେ ଫୁଲ୍ ସବୁଦିନ ପାଦେ ଥୁଇ ତୁମର୍

ସୁଝାମି ସବୁ ମୂଲ୍

ଖାଲି ମିଳୁ ମତେ ମୁଠେ ଫୁଲ୍ ।

ନାମ - କିରନ୍ ସ୍ୱାଇଁ

ବହିଆପଦର, ବରପାଲି,

ଜିଲ୍ଲା - ବରଗଡ଼

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୁଁହୁଁ ବହି



ସୁନୀଲ କୁମାର
ଅଗସ୍ତି

ଅସଲ୍ ବହି ଗଲା ଲୁକି

'ମୁଁହୁଁ ବହି'ର୍ ପଡୁଛେ ଡାକ୍

ପାଏ'ଲ କାହିଁ ଇ'ଠାନେ

ଚିନ୍‌ହାର୍ ଜନାର୍  ତମେ ଆମେ ଫିରଭି

ସତେ,ଇ' ବହିର୍ ଯବର୍ ଆଏ ଭାବ୍,,

ଇ' ବହିର୍ ପାଲେ ସଂସାର୍ ଗୁଲାର୍ ଲୋକ୍

ଆଏଲା ଦିନୁ ଇ' ବହିର୍ ଦରପନ୍

କାହାକେ ନି' ଲାଗବାର୍ ନ' ଆର୍ ଶୋଷ୍ ଭୋକ୍,

ଯାହାକେ  ଯେତେ ଲେଖା ଦରବ୍

ଇ' ମୁଁହୁଁ ବହିର୍ ଦରପନେ ,

ଭାବ୍ ଅସଲି କି' ନକଲି କେନ୍ ଜାନେ

ଆଁଖିର୍ ପାଏନ୍ ଭାଏଲ୍

ନିଥରୁଛେ କେନ୍ କରପନେ,,

ନି' ପଢିକରି ନି' ଗମିକରି ଲେଖା

ହୁରୁଦ୍ କେ ଛିଁ ଯାଉଛେ ଇ' ବହିର୍ କମାଲ୍

ଵ୍ହା ଵ୍ହା ଏକସେଲେଣ୍ଟ  ଭେରି ଗୁଡ୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚମତ୍କାର ମାଇଣ୍ଡ ବ୍ଲୋଇଙ୍ଗ

ଇ'ଫାଲେ ମରାହଜା କେ' 'ସୋ ନାଇସ୍'

ଜୀଁ'ତା ମୁନୁଷ୍ କେ 'ସେଡ୍' ଆର୍ 'ରିପ୍'

ସଂସାର୍ ଗୁଲାର୍ ଯେତେ ସଢା କୁହା

ଇ' ବହିର୍ ଗୁଲାମ୍,

ହୁସିଆର୍ ନିଜର୍ ବାରେସ୍ ନିଜର୍ ଗୋଡ୍

କହି କହି ମୁଁଇଁ ହେଲି'ନ ସେଁରରା ଅଚାବୁହା,,

ଟିଟିଲାଗଡ, ବଲାଙ୍ଗୀର

ମୋ/୭୭୩୫୮ ୭୬୬୪୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନନ୍ଦକିଶୋରଙ୍କ କବିତାରେ ନୀତିଶିକ୍ଷା



କିରନ୍ ସ୍ୱାଇଁ

"ବିଲକିଆ ବଣେ ନିବିଡ଼ କଣ୍ଟକେ କିଆଫୁଲ ମହକଇ,
ବିନୟୀ ପରାୟେ ଲୁଚେ ସେ ଉହାଡ଼େ ବାସ ତା'ର ଚହଟଇ";

ଅର୍ଥାତ୍ କିଆଫୁଲ ଯେପରି କିଆବୁଦା ଉହାଡ଼ରେ ରହି ତା'ର ସୌରଭ ବିତରଣ କରେ ସେହିପରି ବିନୟୀ ବ୍ୟକ୍ତି ନିରବତା ମଧ୍ୟରେ ତା'ର ବିନୟୀ ଗୁଣକୁ ବିତରଣ କରିଥାଏ । ଉକ୍ତ ଆଦର୍ଶ ଓ ବାସ୍ତବତାର ପଦ୍ୟାଂଶଟି ପଲ୍ଲୀକବି ନନ୍ଦକିଶୋର ବଳ (ଖ୍ରୀ.୧୮୭୫-୧୯୨୮)ଙ୍କ ପଲ୍ଲୀପ୍ରାଣରୁ ନିଃସୃତ । ଓଡ଼ିଶାର କଟକ ଜିଲ୍ଲାର କୁସୁପୁର ଗ୍ରାମରେ କବିଙ୍କର ଜନ୍ମ । ଓଡ଼ିଆ ଭାଷା ସାହିତ୍ୟର ଆଧୁନିକ ତଥା ରାଧାନାଥ ଯୁଗ କବିଙ୍କର ଆବିର୍ଭାବ ସମୟ । କବି ପାଶ୍ଚାତ୍ୟ ସାହିତ୍ୟର ନିବିଡ଼ ସଂସ୍ପର୍ଶରେ ଆସିଥିଲେ ମଧ୍ୟ ଏ ଦେଶର ସାହିତ୍ୟରେ ପ୍ରାଚ୍ୟ ପାଶ୍ଚାତ୍ୟ ସମନ୍ୱୟରେ ଏକ ନୂତନ ଦିଗ ଉଦଘାଟନ କଲେ । ଏ ନୂତନ ଦିଗଟି ଆମ ଦେଶର ସାଧାରଣ ପଲ୍ଲୀଚିତ୍ର, ପଲ୍ଲୀବାସୀର ଜୀବନଧାରା ଓ ଜୀବନାଦର୍ଶ ପ୍ରତି ଏକ କଳାତ୍ମକ ଦୃଷ୍ଟି ନିକ୍ଷେପ କରିଥିଲା । ପଲ୍ଲୀ ଜନତାର ଅବହେଳିତ ଜୀବନ, ପଲ୍ଲୀବଧୂର ଆବେଗ, ପଲ୍ଲୀର କୃଷକ, ପଲ୍ଲୀର ପ୍ରଭାତ, ପଲ୍ଲୀର ପ୍ରଦୋଷ, ପଲ୍ଲୀର ଧୂଳି-ମାଟି-ପାଣି-ପବନର ସରଳ ତରଳ ଭାଷାରେ କବିଙ୍କର କବିତା ତରଙ୍ଗାୟିତ । ଯେଉଁଥିରେ ନାହିଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଳଙ୍କାରର ଝଙ୍କାର କି ଆଭିଜାତ୍ୟର ଆଡ଼ମ୍ବର, ଅଛି ପଲ୍ଲୀ ଜୀବନର ସୁଖ ଦୁଃଖର ଅନୁଭୂତି । ତାଙ୍କର 'ପଲ୍ଲୀଚିତ୍ର' ଓ 'ନିର୍ଝରଣୀ'ରେ ଏପରି ପଲ୍ଲୀର ବିଭିନ୍ନ ଚିତ୍ରକୁ ଦେଖାଯାଇପାରେ । ଏହା ବ୍ୟତୀତ ବସନ୍ତ କୋକିଳ, ତରଙ୍ଗିଣୀ, ଚାରୁଚିତ୍ର, ଜନ୍ମଭୂମି, ପ୍ରଭାତ ସଙ୍ଗୀତ, ସନ୍ଧ୍ୟା ସଙ୍ଗୀତ, ନାନାବାୟା ଗୀତ, ସୀତା ବନବାସ, କୃଷ୍ଣକୁମାରୀ, ଶର୍ମିଷ୍ଠା ପ୍ରଭୃତି କାବ୍ୟ-କବିତା ଏବଂ ଏକମାତ୍ର ଉପନ୍ୟାସ 'କନକଲତା', 'ଲକ୍ଷ୍ମୀ' ଗଳ୍ପ ଓ ଅନ୍ୟାନ୍ୟ ଗଦ୍ୟ ରଚନା ନନ୍ଦକିଶୋରଙ୍କ ସାରସ୍ୱତ ସାଧନାର ଅମ୍ଳାନ କୃତି ।

ଶିକ୍ଷକତାରୁ କର୍ମଜୀବନ ଆରମ୍ଭ କରି ସ୍କୁଲବିଭାଗର ପରିଦର୍ଶକ ଭାବରେ ନନ୍ଦକିଶୋର କାର୍ଯ୍ୟନିର୍ବାହ କରିଥିଲେ । ତାଙ୍କ କାର୍ଯ୍ୟଦକ୍ଷତାର ପୁରସ୍କାର ରୂପେ ଇଂରେଜ ସରକାର ତାଙ୍କୁ ରାୟ ବାହାଦୂର ଉପାଧିରେ ଭୂଷିତ କରିଥିଲେ । ନନ୍ଦକିଶୋର ଥିଲେ ଜଣେ ଶିକ୍ଷକ । ପୁଣି ଛାତ୍ର ଜୀବନରେ ସେ ବାଗ୍ମୀ ବିଶ୍ୱନାଥ କର ଓ ଭକ୍ତକବି ମଧୁସୂଦନ ରାଓଙ୍କୁ ଶିକ୍ଷାଗୁରୁ ରୂପେ ପାଇଥିଲେ । ନନ୍ଦକିଶୋର ପଲ୍ଲୀ କବିତାର ସାର୍ଥକ ସ୍ରଷ୍ଟା ହେବା ସହ ଅନେକ ଶିଶୁକବିତାର ମଧ୍ୟ ରଚୟିତା । ସେସବୁ, 'ନାନାବାୟା ଗୀତ', 'ପଲ୍ଲୀଚିତ୍ର', 'ନିର୍ଝରଣୀ', 'ଚାରୁଚିତ୍ର'ରେ ସନ୍ନିବେଶିତ । ଏ ସବୁରେ କେତୋଟି ଶିଶୁମନୋରଞ୍ଜକ ଗୀତ ସ୍ଥାନ ପାଇଥିବା ବେଳେ ବିଶେଷ କରି 'ନାନାବାୟା ଗୀତ' ୧ମ ଓ ୨ୟ ଭାଗ(୧୯୧୫) ଶିଶୁଗୀତ ସଂକଳନଟି ଓଡ଼ିଆ ଶିଶୁ ସାହିତ୍ୟକୁ ତାଙ୍କର ଅମୂଲ୍ୟ ଦାନ । ଏଥିରେ ରହିଛି କୋମଳମତି ଶିଶୁ ଓ କିଶୋରମାନଙ୍କ ପାଇଁ ସୁନ୍ଦର ଓ ଶିକ୍ଷଣୀୟ କବିତାମାନ ।

ନନ୍ଦକିଶୋରଙ୍କ ଶିଶୁକବିତାରେ ରହିଛି ଅନେକ ନୀତିଶିକ୍ଷା ଓ ଉପଦେଶାତ୍ମକ ଶିକ୍ଷଣୀୟ କଥା । ଗୀତ ମାଧ୍ୟମରେ ସେ ଶିଖାଇ ଯାଇଛନ୍ତି ଜୀବନର ଆଦର୍ଶ ଓ ନୀତି । ଅନେକ ପ୍ରକାରର ନୀତି ଓ ଆଦର୍ଶର କଥା ତାଙ୍କ କବିତାରେ ଭରପୁର । 'ବେଙ୍ଗୁଲୀ ରାଣୀ'

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କବିତାରେ ନିର୍ଦ୍ଦୋଷକୁ ଆଘାତ କରିବା ବା ହତ୍ୟା କରିବା ମହାପାପ ବୋଲି କବି ଶିଶୁଗଣଙ୍କୁ ଉପଦେଶ ଦେଇଛନ୍ତି । ବେଙ୍ଗକୁ ମାରିଲେ କାଳ ହେବାର ଲୋକବିଶ୍ୱାସକୁ ଶିଶୁଙ୍କୁ ସୂଚାଇ ଦେବା ଲକ୍ଷ୍ୟରେ ଗୋଟିଏ ଶିଶୁ ମାଧ୍ୟମରେ ପ୍ରକାଶ କରିଛନ୍ତି । ସେହିପରି କର୍ତ୍ତବ୍ୟ ପଥରୁ ବିଚ୍ୟୁତ ନ ହୋଇ ନିଜ କର୍ମରେ ସର୍ବଦା ଲିପ୍ତ ରହିବାର ଶିକ୍ଷା ଓ ଦୁର୍ଦ୍ଦିନ ପାଇଁ ସଞ୍ଚୟ କରିବାର ଶିକ୍ଷା 'ମହୁମାଛି' କବିତାରେ ରହିଛି । ଶିଶୁ ଓ ମହୁମାଛିର କଥୋପକଥନରେ ଏ କବିତା ବେଶ୍ ମନଛୁଆଁ । ଯଥା –

"ମୁହିଁ ଭଲପାଏ ନବୀନ ବସନ୍ତ ଦକ୍ଷିଣ ମିଠା ପବନ,
ଚାରିଆଡ଼େ ଫୁଟେ ତୋରା ଫୁଲମାଳ ଆକାଶ ଉଜଳ ବନ ।
ଆକୁ ଛାଡ଼ି ତାକୁ ତାକୁ ଛାଡ଼ି ଆକୁ ସବୁ ଫୁଲେ ବୁଲେ ଉଡ଼ି,
କେବେହେଁ ମୁହିଁଗୋ ନ କରେ ଉଛୁର ନୁହେଁ ମୁଁ କାମକୁଢ଼ୀ ।
ଲାଗିପଡ଼ି ମୁହିଁ କାମ କରୁଥାଏ ଭଲ ଥିବାଯାଏ ବେଳ,
ଚତୁର୍ମାସ୍ୟପାଇଁ ସଞ୍ଚି ରଖେ ମୁହିଁ ମଧୁର ମହୁଭଣ୍ଡାର" ।

ବିପଦ ବେଳେ ସାହାଯ୍ୟ କରିବା ଭଳି ମହତ୍ କାର୍ଯ୍ୟ ଏ ଦୁନିଆରେ ନାହିଁ । ଏ ନୀତିଶିକ୍ଷା ପ୍ରଦାନ କରେ 'ବାଟୋଇ ଓ ନାଉରିଆ' କବିତା । ପ୍ରକୃତିର ସମସ୍ତ ପ୍ରତିକୂଳତା ସତ୍ତ୍ୱେ ବାଟୋଇର ବ୍ୟାକୁଳତା ଦେଖି ନାଉରିଆ ତା'କୁ ବିପଦ ବେଳେ ସାହାଯ୍ୟ କରିଛି । ତେଣୁ ଏ ବିପଦରୁ ତା'କୁ ମଧ୍ୟ ଉଦ୍ଧାର କରିବା ପାଇଁ ଶ୍ରୀହରି ନିଶ୍ଚୟ ସାହା ହେବେ ବୋଲି ନାଉରିଆର ବିଶ୍ୱାସ । ତେଣୁ କବି କହିଛନ୍ତି –

"ବିପଦ ପଡ଼ିଲେ ବାଟୋଇ ଭାଇ ରେ,
ସାହା ଯେ ନୋହେ ଆନକୁ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାହାର ଜୀବନ ମରଣ ସମାନ,

ଧିକ ତାହା ଜୀବନକୁ” ।

‘ଗଛ ଓ କାଠୁରିଆ’ ଗୀତରେ ରହିଛି ଗଛ ନ କାଟିବା ପାଇଁ ନୀତିଶିକ୍ଷା । ଆଧୁନିକ ଯୁଗରେ ପରିବେଶ ସୁରକ୍ଷା ନିହାତି ଆବଶ୍ୟକ । ପରିବେଶ ସୁରକ୍ଷା ପାଇଁ ଗଛର ଉପାଦେୟତା ବେଶି । ଗଛର ଛାଇ ପଥିକକୁ ଦିଏ ପରମ ଶାନ୍ତି । ଅମ୍ଳଜାନଠାରୁ ଆରମ୍ଭ କରି ସବୁ ସମୟରେ ଗଛର ବହୁବିଧ ଉପକାରିତା ମାନବ ସମାଜ ଉପଲବ୍ଧ କରୁଛି । ଏଣୁ ଏହାର ସୁରକ୍ଷା ଅତ୍ୟନ୍ତ ଆବଶ୍ୟକ । ତେଣୁ ଶିଶୁର ଭାଷାରେ ଶିଶୁକୁ ଉପଦେଶ ଦେବା ପାଇଁ କବି କାଠୁରିଆକୁ କହିଛନ୍ତି –

“ରହ ଆରେ କାଠୁରିଆ ନ ପକାଅ ହାଣି,

ଶୁଣ କାନ ଡେରି ଥରେ ଏ ଗଛ କାହାଣୀ ।

ନ ଫୁଟୁ ପଛକେ ବାସ-ଫୁଲ ଗଛ ଦେହେ,

ନ ଉଡ଼ି ପଛକେ ମଧୁମକ୍ଷିକା ସେନେହେ ।

ବସି କୁହୁ କୁହୁ ମାନେ ନବ ମଧୁକାଳେ,

ନ ଗାଉ କୋକିଳ ପଛେ ଫୁଲଭରା ଡାଳେ ।

ନ ଫଳୁ ପଛେ ଏ ଗଛରେ ମିଠା ମିଠା ଫଳ,

ଖରାବେଳେ ବାଟୋଇ ତ ବସେ ଏହା ତଳ” ।

ସେହିପରି ‘ପଥିକ ଓ ବରଗଛ’ କବିତାରେ ବିରାଟ ବରଗଛରେ ଭଗବାନ କାହିଁକି କ୍ଷୁଦ୍ର ଫଳ ଦେଇଛନ୍ତି ତାହା ଦର୍ଶାଇଛନ୍ତି । କ୍ଳାନ୍ତ ପଥିକ ଘଡ଼ିଏ ବରଗଛ ତଳେ ବିଶ୍ରାମ କଲାବେଳେ ଯଦି ଗଛର ଫଳ ବିରାଟ ହୋଇଥାନ୍ତା ତେବେ ନିଶ୍ଚୟ ସେ ଆହତ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଥାନ୍ତା । ଏଣୁ ବିଧାତା ଯାହା କରନ୍ତି ଜଗତର ମଙ୍ଗଳ ପାଇଁ । 'ବାଳିକା ଓ ପକ୍ଷୀ' ଗୀତରେ ମଣିଷ ଜୀବଜନ୍ତୁଙ୍କ ପାଇଁ ସର୍ବଦା ଦୟାଶୀଳ ହେବାର ଉପଦେଶ ଦେଇଛନ୍ତି । 'ଘରଚଟିଆ' ଗୀତରେ ଜୀବନର ମହାନ୍ ସତ୍ୟ ଓ ଶିକ୍ଷା ଆଲୋଚିତ । ଧୂଳିରେ ସଂସାରର ସୃଷ୍ଟି ଓ ଧୂଳିରେ ତାହା ମିଶିବ । ଶରୀର ସର୍ବଦା କ୍ଷଣିକ । ବଞ୍ଚିଥିବା ପର୍ଯ୍ୟନ୍ତ ମଣିଷ ଯେତେ ଭେଦଭାବ କଲେ ମଧ୍ୟ ମାଟିରେ ମିଶିବା ପରେ ଏ ଭେଦି ଭେଦ ଆଉ ନଥାଏ । ସେତେବେଳେ ସଭିଏଁ ସମାନ । ତ ବୃଥା କ୍ଷଣସ୍ଥାୟୀ ଶରୀରକୁ ନେଇ ମଣିଷ ଭେଦଭାବ କାହିଁକି ? ଏହା କବିଙ୍କର ପ୍ରଶ୍ନ । ତେଣୁ କବି ଉକ୍ତ କବିତାରେ କହିଛନ୍ତି –

"ଧୂଳିରୁ ସଂସାରେ ସବୁ ହୋଇଅଛି
ଧୂଳିରେ ସମସ୍ତ ମିଶିଣ ଯିବ,
ତୋର ମୋର ଦେହ ଧୂଳି ହୋଇଯିବ,
କିଛି ହିଁ ତହିଁରେ ଭେଦ ନ ଥିବ" ।

'ଈଶ୍ୱର' କବିତାରେ ଶିଶୁକୁ ସତ୍ ପଥରେ ଚାଲିବାର ଉପଦେଶ ରହିଛି, କାରଣ ଜୀବନରେ ଆମେ ଯାହାବି ସତ୍ କର୍ମ ବା ଅସତ୍ କର୍ମ କରୁ ତାହା ଈଶ୍ୱର ସର୍ବଦା ଦେଖୁଥାନ୍ତି । କର୍ମ ଅନୁସାରେ ଫଳଭୋଗର ଶିକ୍ଷା ଏ କବିତାରେ ରହିଛି । 'କୃଷକ' କବିତାରେ କର୍ମଠ ହେବାର ଶିକ୍ଷା ଓ 'ଏ ଟୋକାଟି କିଏରେ' ଗୀତରେ ନୀତି ଆଦର୍ଶର ଶିକ୍ଷା ରହିଅଛି । 'ଅଧ୍ୟବସାୟ', 'ପଢ଼ାଶୁଣା', 'ପାଠପଢ଼ା' ଗୀତରେ ମଧ୍ୟ ପିଲାଙ୍କ ପ୍ରତି ସୁଶିକ୍ଷା ରହିଛି । ପାଠ ପଢ଼ିଲେ ବଡ଼ ତଥା ଭଲ ମଣିଷ ହେବ, ପାଠ ନ ପଢ଼ିଲେ ଅନ୍ୟର ମୂଲ ଲାଗିବାକୁ ପଡ଼ିବ, ଭଲ ଖାଇବାକୁ ପିନ୍ଧିବାକୁ ମିଳିବ ନାହିଁ । ଏ ସବୁ ଏ ଗୀତଗୁଡ଼ିକରେ ଶୁଣିବାକୁ ମିଳେ । ଅଧ୍ୟବସାୟ ହିଁ ସଫଳତାର ଚାବିକାଠି । କବି ଏହି ମର୍ମରେ 'ପଢ଼ାଶୁଣା'

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗୀତରେ ଉପଦେଶ ଦେଇଛନ୍ତି – "ତେଣୁ ମନଦେଇ ପଢ଼ାପଢ଼ି କର ହୋଇବ ସଂସାରେ ସୁଖୀ" । 'ମାତୃସ୍ନେହ' କବିତାରେ ଶିଶୁକୁ ମାଁ ପ୍ରତି ଥିବା କର୍ତ୍ତବ୍ୟ ଓ ଦାୟିତ୍ୱକୁ ପାଳନ କରିବାର ଉପଦେଶ ଦେଇଛନ୍ତି । ଏହା ବ୍ୟତୀତ ବିଲୁଆ ଭାଇ, ବିଲେଇ ନାନୀ, ଡାମରା କାଉ, ଚୁଟିଆ ମୂଷା, ସୁନା ପଇତା, କୁଜି କାଉ, ପାହାନ୍ତା, ଚନ୍ଦ୍ରତାରା ପ୍ରଭୃତି ଅନେକ ଶିଶୁକବିତାରେ ବିଭିନ୍ନ ଉପାଦେୟ ନୀତିଶିକ୍ଷାମାନ ନନ୍ଦକିଶୋର ବର୍ଣ୍ଣନା କରିଛନ୍ତି । ଏହା କେବଳ ଶିଶୁକୁଳ ପାଇଁ ହିଁ ଉଦ୍ଦିଷ୍ଟ ଓ ଉପାଦେୟ ତାହା ନୁହେଁ ଏ କବିତାମାନଙ୍କରେ ସବୁ ବର୍ଗର ମଣିଷଙ୍କ ପାଇଁ ରହିଛି ସୁଶିକ୍ଷା ।

ନନ୍ଦକିଶୋରଙ୍କ ଶିଶୁକବିତା ତାଙ୍କ କବି ପ୍ରତିଭାର ପ୍ରକୃଷ୍ଟ ପରିଚାୟକ । କବି ଶିଶୁ-ମନସ୍ତତ୍ତ୍ୱର ଗଭୀର ଅଧ୍ୟୟନ କରି ତା'ର ସଫଳ ପରିବେଷଣ କରିଛନ୍ତି ଏହି କବିତାମାନଙ୍କରେ । ଏଣୁ ଏଥିରେ ଫୁଟି ଉଠିଛି ଅନାବିଳ ଚିରନ୍ତନ ଶିଶୁ-ମନସ୍ତତ୍ତ୍ୱ । ନନ୍ଦକିଶୋରଙ୍କ ଶିଶୁକବିତାରେ ଅନେକ ସ୍ଥଳରେ ପଲ୍ଲୀ ଜୀବନ ଓ ପଲ୍ଲୀ ପ୍ରକୃତିର ଚିତ୍ର ଫୁଟି ଉଠିଛି । ସେସବୁ ଅତ୍ୟନ୍ତ ଲୋକପ୍ରିୟ, ଜୀବନ୍ତ ଓ ମନଛୁଆଁ । ପଲ୍ଲୀ ଜୀବନର ବର୍ଣ୍ଣନାରେ ଚିରନ୍ତନ ସତ୍ୟର ଉପସ୍ଥାପନା କରିବାରେ କବି ସିଦ୍ଧହସ୍ତ । ବ୍ୟକ୍ତିଗତ ଜୀବନରୁ ଅନୁଭୂତି ସଂଗ୍ରହ କରି ସେ କବିତାରେ ରୂପ ଦେଇଛନ୍ତି । ଯେଉଁ ପଲ୍ଲୀ ଗୀତଗୁଡ଼ିକ ଶିଶୁମାନଙ୍କର ଅତି ପ୍ରିୟ ଏସବୁର ଅନୁକରଣ ଓ ଅନୁସରଣରେ କବିଙ୍କର ଶିଶୁରଞ୍ଜନ କବିତାଗୁଡ଼ିକ ଅତ୍ୟନ୍ତ ମନଛୁଆଁ । ଏଥିରେ ସନ୍ନିବେଶିତ ପରମ୍ପରା ପ୍ରୀତି, ସଂସ୍କୃତି, ନୀତି ଆଦର୍ଶର କଥା, ସତ୍ ଶିକ୍ଷା, ଆଧ୍ୟାତ୍ମିକ ଚିନ୍ତନ ଇତ୍ୟାଦି ଶିଶୁର ଭବିଷ୍ୟତ ଜୀବନକୁ ଆଦର୍ଶମୟ କରି ଗଢ଼ି ତୋଳିବାରେ ସର୍ବଦା ସହାୟକ । କବିଙ୍କର ବ୍ୟକ୍ତିଗତ ଅନୁଭୂତି ସବୁ ସାର୍ବଜନୀନ ଅନୁଚିନ୍ତାରେ ପରିଣତ ହୋଇଯାଇଛି । ଓଡ଼ିଆ ଶିଶୁସାହିତ୍ୟରେ ନନ୍ଦକିଶୋର ତେଣୁ ଜଣେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନତିକ୍ରମଣୀୟ ପ୍ରତିଭା । କେଉଁ ଅନାଦି କାଳରୁ ଗ୍ରାମ୍ୟ ପରିବେଶରେ ଥିବା ପରମ୍ପରା ତଥା ସୌନ୍ଦର୍ଯ୍ୟବୋଧକୁ ବିଭିନ୍ନ ପ୍ରସଙ୍ଗ ମାଧ୍ୟମରେ ବର୍ଣ୍ଣନା କରି କବି ଯେପରି ପଲ୍ଲୀ କବିର ଆଖ୍ୟାକୁ ଚରିତାର୍ଥ କରିଛନ୍ତି – ତାହା ବାସ୍ତବିକ୍ ବେଶ୍ ହୃଦୟସ୍ପର୍ଶୀ । ପଲ୍ଲୀଜୀବନର ବାସ୍ନା, କିଆଫୁଲର ବାସ୍ନା ତାଙ୍କ ସାହିତ୍ୟରେ ପ୍ରଚୁର ପରିମାଣରେ ଉପଲବ୍ଧ, ତା'ର ବାସ ସବୁବେଳେ ଚହଟୁଥାଏ । "ଜୋର ପୋଖରୀରେ କୁମୁଦ, କହ୍ଲାର ପୁହ୍ନାଗ ମାଳତୀ ଜାତି, କଦମ୍ବ କାମିନୀ, ଚମ୍ପା, କୁରୁଣ୍ଟକ ଫୁଟେଫୁଲ ନାନାଜାତି" । ଏହିପରି ସର୍ବଦା ନନ୍ଦକିଶୋରଙ୍କ କବିତାରେ ପଲ୍ଲୀ ଜୀବନର ନାନା ଜାତିର ଫୁଲ ଫୁଟୁ ଥାଏ ଓ ଚହଟାଏ ତା'ର ଚିରନ୍ତନ ବାସ୍ନା ।

ନାମ - କିରନ୍ ସ୍ୱାଇଁ

ବହିଆପଦର, ବରପାଲି,

ଜିଲ୍ଲା - ବରଗଡ଼

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରାବଣ ରାମଙ୍କ ସାମାନ୍ୟ ଶତ୍ରୁ ନଥିଲା



ବିଜୟ କୁମାର ସାହୁ

ରାମଂ କମାରିସେବ୍ୟ, ଭବଭୟହରଣ, କାଳମତ୍ତେଭସିହଂ
ଯୋଗୀନ୍ଦ୍ର, ଜ୍ଞାନଗମ୍ୟ ଗୁଣନିଧିମଜିତଂ ନିର୍ଗୁଣ ନିର୍ବିକାରମ ॥
ମାୟାତୀତଂ ସୁରେଶଂ ଖଳବଧନିରତଂ ବ୍ରହ୍ମବୃନ୍ଦୈଇକଦେବଂ
ବନ୍ଦେ କନ୍ଦାବଦାତଂ ସରସିଜନୟନଂ ଦେବମୁର୍ବୀଶରୁପମ ॥

କାମଦେବଙ୍କ ଶତ୍ରୁ, ଶିବଙ୍କର ସେବ୍ୟ, ଭବଭୟକୁ ହରଣ କରିବା ବାଲା (ଜନ୍ମ ମୃତ୍ୟୁ), କାଳରୂପୀ ମତୁଆଲା ହସ୍ତୀ ନିମିନ୍ତ ସିହଂ ସମାନ, ଅଜେୟ, ନିର୍ବାଣ, ନିର୍ବିକାର, ମାୟାରୁ ଉର୍ଦ୍ଧ୍ୱରେ, ଦେବତାମାନଙ୍କର ସ୍ୱାମୀ, ଦୁଷ୍ଟ ଦଳନକାରୀ, ବ୍ରାହ୍ମଣମାନଙ୍କର ଏକମାତ୍ର ଦେବତା (ରକ୍ଷକ), ଶ୍ୟାମ ବର୍ଣ୍ଣ, କମଳ ନେତ୍ର, ପୃଥିବୀପତି ରୂପରେ ପରମ ଦେବ ଶ୍ରୀରାମଙ୍କୁ ମୁଁ ବନ୍ଦନା କରୁଅଛି ।

ଗୋସ୍ୱାମୀ ତୁଳସୀ ଦାସ ଲଙ୍କାକାଣ୍ଡରେ ବର୍ଣ୍ଣନା କରି କହୁଅଛନ୍ତି –

ଲବ ନିମେଷ ପରମାନୁ ଜୁଗ ବରଷ କଲପ ସର ଚଣ୍ଡ ।
ଭଜସି ନ ମନ ତେହି ରାମ କୋ କାଲୁ ଜାସୁ କୋଦଣ୍ଡ ॥

ଲବ, ନିମିଷ, ପରମାଣୁ, ବର୍ଷ, ଯୁଗ ଏବଂ କଳ୍ପ ଯାହାଙ୍କର ବାଣ ଏବଂ କାଳ ଯାହାଙ୍କର ଧନୁଷ ଅଟେ, ରେ ମନ ! ସେହି ଶ୍ରୀରାମଙ୍କୁ କାହିଁକି ଭଜନ କରୁନାହୁଁ ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭଗବାନ ଶ୍ରୀରାମ ସାଗର ମଧ୍ୟରେ ନଳ, ନୀଳ, ହନୁମାନ, ଜାମ୍ବବାନ ଏବଂ ଅସଂଖ୍ୟ ଭାଲୁ ଓ ମର୍କଟ ମାନଙ୍କ ଦ୍ୱାରା ସେତୁବନ୍ଧ ନିର୍ମାଣ ସମାପନ କରିଅଛନ୍ତି । ଏବେ ପ୍ରଭୁ ଚିନ୍ତା କରୁଅଛନ୍ତି ଏହି ସେତୁବନ୍ଧକୁ ଅତିକ୍ରମଣ କରି ଲଙ୍କା ଅଭିଯାନ କରିବା ପୂର୍ବରୁ ଏହାର ପ୍ରାଣ ପ୍ରତିଷ୍ଠା କରିବେ । ଏଥିପାଇଁ ସେ ବିଶ୍ୱଭାବନ ଶିବଙ୍କର ଆରାଧନା କରିବାକୁ ବୟୋବୃଦ୍ଧ ଜାମ୍ବବାନଙ୍କ ସହିତ ବିଚାର ବିମର୍ଶ କରି ଏହି ନିଷ୍କର୍ଷରେ ଉପନୀତ ହେଲେ ଯେ, ଜଣେ ପ୍ରତିଭା ସମ୍ପନ୍ନ ନୈଷ୍ଠିକ ବ୍ରାହ୍ମଣ ଦ୍ୱାରା ଏ କାର୍ଯ୍ୟକୁ ଯଥାବିଧି ପାଳନ କରିବେ । ଶ୍ରୀରାମ କହିଲେ ହେ ଜାମ୍ବବାନ ! ଆପଣ ହେଉଅଛନ୍ତି ଆମ ସମସ୍ତଙ୍କଠାରୁ ବୟୋଜ୍ୟେଷ୍ଠ ଏବଂ ଜ୍ଞାନୀ ମଧ୍ୟ । ମୁଁ ଚାହୁଁଛି ଲଙ୍କା ବିଜୟ କରିବା ପୂର୍ବରୁ ଜଣେ ଏପରି ବ୍ରାହ୍ମଣଙ୍କୁ ନିମନ୍ତ୍ରିତ କରିବା ଯେ କି ମୋର ଶଙ୍କର ଉପାସନାକୁ ଫଳପ୍ରଦ କରିବେ । ସେ ପରମ ଶିବଭକ୍ତ ହୋଇଥିବ ପୁଣି ମୁଁ ହେଉଛି ବୈଷ୍ଣବ । ଏଣୁ ଏକାଧାରରେ ଶିବ ଏବଂ ବୈଷ୍ଣବ ଅନୁରକ୍ତ ବ୍ରାହ୍ମଣଙ୍କୁ ଆପଣ ଆମନ୍ତ୍ରିତ କରି ଆଣନ୍ତୁ । ଜାମ୍ବବାନ କହିଲେ ପ୍ରଭୁ ଏହି ଭୂଖଣ୍ଡରେ ରାବଣ ପରି ବିଜ୍ଞ ଏବଂ ଚତୁର୍ବେଦୀ ବ୍ରାହ୍ମଣ ନାହାଁନ୍ତି । ମୋ ମତରେ ଲଙ୍କାଧିପତି ରାବଣ ହେଉଛନ୍ତି ଜଣେ ସର୍ବମାନ୍ୟ ବିଦବେତା ଏବଂ ଯାଜ୍ଞିକ ବ୍ରାହ୍ମଣ । ଏହି ତିନି ଲୋକରେ ସେ ଜଣେ ଶ୍ରେଷ୍ଠ ବିଦ୍ୱାନ ଅଟନ୍ତି । ପରମ ଶିବଭକ୍ତ ହୋଇଥିବାରୁ ସେ ପ୍ରତ୍ୟହ ଶଙ୍କରର ଉପାସନା କରିଥାନ୍ତି । ଏଣୁ ତାଙ୍କୁ ଆମ ତରଫରୁ ପୁରୋହିତ ଭାବରେ ଆମନ୍ତ୍ରିତ କରାଯାଉ । ଶ୍ରୀରାମ ସହାସ୍ୟ ବଦନରେ କହିଲେ ହେ ମନ୍ତ୍ରୀ ଶ୍ରେଷ୍ଠ ଜାମ୍ବବାନ ! ଯେ ଆମର ଶତ୍ରୁ, ଯାହାଙ୍କ ସହିତ ଆମେ ଯୁଦ୍ଧ କରିବା ନିମିତ୍ତ ଏତେ ସବୁ ଆୟୋଜନ କରୁଅଛନ୍ତି ସେ କ'ଣ ଆମର ନିମନ୍ତ୍ରଣ ଗ୍ରହଣ କରିବେ ? ଜାମ୍ବବନ୍ତ କହିଲେ ମୁଁ ଭାବୁଛି ରାବଣ ଅବଶ୍ୟ ଆପଣଙ୍କର ନିମନ୍ତ୍ରଣକୁ ସ୍ୱୀକାର କରିବେ । ପ୍ରଭୁଙ୍କ ସହିତ ପରାମର୍ଶ ଏବଂ ଆଦେଶ ପାଇ ସ୍ୱୟଂ ଜାମ୍ବବାନ ଲଙ୍କାକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯାତ୍ରା କରିଅଛନ୍ତି ।

-୨-

ଜାମ୍ବବାନ ଆସୁଥିବାର ରାବଣ ସଂବାଦ ପାଇ ଲଙ୍କାର ସମସ୍ତ ଅଧିବାସୀଙ୍କୁ ସଚେତନ କରିଦେଇଛି ଯେ, ଜାମ୍ବବାନଙ୍କୁ ସମସ୍ତେ ଆଦର ସହିତ ସ୍ୱାଗତ କରିବେ । ଜାମ୍ବବାନ ରାବଣ ନିକଟରେ ଶ୍ରୀରାମଙ୍କ ଦ୍ୱାରା ଅନୁରୋଧ ପୂର୍ବକ ନିମନ୍ତ୍ରଣ ବିଷୟ ଅବଗତ କରିଅଛନ୍ତି । ରାବଣ ବଡ ଆଦର ସହିତ ନିମନ୍ତ୍ରଣ ଗ୍ରହଣ କରିବା ପୂର୍ବରୁ ପଚାରୁଅଛନ୍ତି ହେ ମନ୍ତ୍ରୀ ପ୍ରବର ! ତୁମମାନଙ୍କର ପ୍ରଭୁ ମୋର ଶତ୍ରୁ ହୋଇଥିବାରୁ ସେ କିପରି ଏହି ପ୍ରକାର ବିରୋଧାତ୍ମକ ସନ୍ଦେଶ ପ୍ରେରଣ କଲେ ? ସେ ବର୍ତ୍ତମାନ ବନ ପ୍ରଦେଶରେ ଭ୍ରମଣ କରୁଅଛନ୍ତି । ଯଜ୍ଞ ନିମିନ୍ତ ଯେତେ ସବୁ ଉପଚାର ଆବଶ୍ୟକ ସେ ସବୁ କ'ଣ ସେ ଯୋଗାଡ କରିଅଛନ୍ତି ? ବୋଧହୁଏ ନଥିବ, ସେ ଯାହାହେଉ ତାଙ୍କର ନିମନ୍ତ୍ରଣ ଅବଶ୍ୟ ମୁଁ ଗ୍ରହଣ କରିବାକୁ ଦ୍ୱିଧାବୋଧ କରୁନାହିଁ । ମୁଁ ଜଣେ ଉତ୍ତମ ବଂଶଜ ବ୍ରାହ୍ମଣ ହୋଇଥିବାରୁ ନିଶ୍ଚିନ୍ତ ଭାବରେ ତୁମ ପ୍ରଭୁଙ୍କ ଆମନ୍ତ୍ରଣ ଗ୍ରହଣ କରି ସେତୁବନ୍ଧ ପ୍ରତିଷ୍ଠା କାର୍ଯ୍ୟ ନିର୍ବିଘ୍ନରେ ସମାପନ କରିବି । ଯେଉଁ ସବୁ ଆବଶ୍ୟକ ବସ୍ତୁର ଅଭାବ ରହିଛି ତାହା ମୁଁ ସଙ୍ଗରେ ନେଇ ଯିବି ।

ତାପରେ ରାବଣ ମେଘନାଦକୁ ଡାକି କହିଛି ମୁଁ ସେତୁବନ୍ଧ ପ୍ରତିଷ୍ଠା କାର୍ଯ୍ୟ କରିବା ପାଇଁ ଆସନ୍ତା କାଲି ପ୍ରାତଃ ସମୟରୁ ପ୍ରସ୍ଥାନ କରିବି । ତୁମେ ଅଶୋକ ବାଟିକାରେ ଥିବା ସୀତାଙ୍କୁ ଯାଇ ଏହି ସଂବାଦ ଦେବା ସଙ୍ଗେ କହିବ ଯଜ୍ଞରେ ସ୍ୱାମୀଙ୍କ ନିକଟରେ ପତ୍ନୀ ଉପବେଶନ କରିବା ନିହାତି ବୈଦିକ ସିଦ୍ଧାନ୍ତ ଅଟେ । ଏଣୁ ତୁମେ ତୁମ ସ୍ୱାମୀଙ୍କ କାର୍ଯ୍ୟରେ ଅଂଶ ଗ୍ରହଣ କରିବା ପାଇଁ ସେଠାକୁ ଯିବାପାଇଁ ପ୍ରସ୍ତୁତ ହୁଅ । ସୀତାଙ୍କୁ ଏକ ସୁରମ୍ୟ ରଥରେ ବସାଇ ଇନ୍ଦ୍ରଜିତ ପିତାଙ୍କ ପଛରେ ଯାଇ ସେଠାରେ ପହଞ୍ଚିଅଛନ୍ତି । ଯଥାବିଧି ଯଜ୍ଞ କରିବା ପୂର୍ବରୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାବଣ ଶ୍ରୀରାମଙ୍କୁ ପଚାରୁଅଛନ୍ତି ହେ ବନଚାରୀ ! ତୁମର ପତ୍ନୀ କେଉଁଠି ? ଯାଜ୍ଞିକ କର୍ମ କରିବା ସମୟରେ ନିଜର ଧର୍ମପତ୍ନୀ ତୁମ ନିକଟରେ ଉପବେଶନ କରିବା ଶାସ୍ତ୍ର ସମ୍ମତ ବିଧି ଅଟେ । ଶ୍ରୀରାମ କହିଲେ ଲଙ୍କାଧିପତି ରାବଣ ମୋର ଧର୍ମପତ୍ନୀଙ୍କୁ ଚୋରାଇ ନେଇଅଛନ୍ତି । ରାବଣ କହିଲେ ମୁଁ ତାହା ଜାଣିଛି ଏଣୁ ଆପଣ ଯେତେବେଳେ ମୋର ଯଜମାନ ଅଟନ୍ତି ଆପଣଙ୍କର ଅଭିଳାଷ ପୂରଣ କରିବା ନିମିତ୍ତ ମୋର ହୁଏଛି କର୍ତ୍ତବ୍ୟ । ଏଣୁ ମୁଁ ଆପଣଙ୍କର ପତ୍ନୀଙ୍କୁ ଧରି ଆସିଅଛି । ପୁତ୍ର ମେଘନାଦଙ୍କୁ ଇଶାରା କରିବା ମାତ୍ରେ ମା ଜଗତ ଜନନୀ ଆସି ଶ୍ରୀରାମଙ୍କ ବାମ ପାର୍ଶ୍ୱରେ ଉପବେଶନ କରିଅଛନ୍ତି । କିନ୍ତୁ ଶ୍ରୀରାମ କିମ୍ବା ମା ଜାନକୀଙ୍କ ମଧ୍ୟରେ କୌଣସି ବାର୍ତ୍ତାଳାପ ହୋଇନାହିଁ । ତତପରେ ରାବଣ ସେତୁବନ୍ଧୁ ପ୍ରତିଷ୍ଠା କାର୍ଯ୍ୟ ସମାପନ କରିଅଛନ୍ତି । ଶ୍ରୀରାମ ନିବେଦନ କରି କହୁଅଛନ୍ତି ହେ ଦଶାନନ ଏବେ ମୁଁ ଆପଣଙ୍କୁ ଦକ୍ଷିଣା ଦେବାକୁ ଚାହୁଁଅଛି । ଆପଣ କଣ ଚାହୁଁଅଛନ୍ତି । କି ପ୍ରକାର ଦକ୍ଷିଣା ପ୍ରଦାନ କଲେ ସନ୍ତୁଷ୍ଟ ହେବେ ଯଦ୍ୱାରା ମୋର ଅଭିଳାଷ ପୂର୍ଣ୍ଣ ହେବ ।

ରାବଣ କହିଲେ ହେ ଯଯମାନ ଆପଣଙ୍କ ନିକଟରେ କ'ଣ ବା ଅଛି ଯେ ମୋତେ ଦକ୍ଷିଣା ଦେବେ । ଆପଣ ସାମାନ୍ୟ ଜଣେ ବନଚାରୀ ପୁଣି କୌଣସି ବୈଭବ ଆପଣଙ୍କ ନିକଟରେ ନାହିଁ, ଅତଏବ ମୋର କୌଣସି ଦକ୍ଷିଣାର ଆବଶ୍ୟକତା ନାହିଁ । ମୁଁ ହେଉଛି ରାଜାଧିରାଜ ଲଙ୍କାଧିପତି ରାବଣ । ଶ୍ରୀରାମ କହିଲେ ହେ ଦଶଗ୍ରୀବ ! ହୋଇପାରେ ଆପଣ ଲଙ୍କାର ସମ୍ରାଟ କିନ୍ତୁ ବର୍ତ୍ତମାନ ପୁରୋହିତ ଭାବରେ ନିମନ୍ତ୍ରିତ ହୋଇ ମୋର ଅନୁଷ୍ଠାନିକ ଯଜ୍ଞକୁ ସଂପୂର୍ଣ୍ଣ କରିଥିବାରୁ ଦକ୍ଷିଣା ଦେବା ଯଜମାନର ଧର୍ମ । ଆପଣ କୁହନ୍ତୁ ନା କି ପ୍ରକାର ଦକ୍ଷିଣା ଅଭିଳାଷ କରିଅଛନ୍ତି । ରାବଣ କହିଲେ ହେ ରାମ ! ଅନ୍ତିମ ସମୟରେ ଆପଣ ଏବଂ ଆପଣଙ୍କ ଅନୁଜ ମୋ ସମ୍ମୁଖରେ ଆବିର୍ଭାବ ହୋଇ ମୋତେ ଦର୍ଶନ ଦେବେ । ଏହାହିଁ ମୋର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମଠାରୁ ଦକ୍ଷିଣା ।

-୩-

ତା'ପରେ ଘଟଣା ପ୍ରବାହରେ ଯାହା ଘଟିଲା ତାହା ମାନସରେ ବର୍ଣ୍ଣିତ ହୋଇଅଛି । ରାବଣର ପରାଜୟ ହୋଇଅଛି । ତେବେ ଏତେ ବଡ ଶକ୍ତିଶାଳୀ ସମ୍ରାଟ କିପରି ଭାବରେ ଶ୍ରୀରାମଙ୍କ ଠାରୁ ପରାଜୟ ବରଣ କଲେ ? ଶ୍ରୀରାମଙ୍କ ପାଖରେ ଯାହା ଥିଲା ତାହା ପର୍ଯ୍ୟାପ୍ତ ଥିଲା କିନ୍ତୁ ରାବଣ ନିକଟରେ ଅଭାବ ଥିଲା । ସେ ପାଇବାକୁ ଅବିରତ ଚେଷ୍ଟା କରୁଥିଲା ଅଥଚ ଶ୍ରୀରାମ ସଦାସର୍ବଦା ପରିପୂର୍ଣ୍ଣ ଥିଲେ । କିଛି ନଥାଇ ବି ସେ ବନସ୍ତରେ ଅତ୍ୟନ୍ତ ଆନନ୍ଦରେ ବିଚରଣ କରୁଥିଲେ । ସାମାନ୍ୟ ମାତ୍ର ବନବାସ ଜନିତ ଦୁଃଖ ବା ପୀଡା ତାଙ୍କର ନ ଥିଲା । ସୀତାଙ୍କୁ ହରାଇ ବି ସେ ସ୍ଥିତପ୍ରଜ୍ଞ ଥିଲେ । ରାବଣର ମୃତ୍ୟୁ ହୋଇଅଛି । ଶ୍ରୀରାମ ତାଙ୍କୁ ଯଥୋଚିତ ସମ୍ମାନ ପ୍ରଦାନ କରିଅଛନ୍ତି । ଯୁଦ୍ଧ ସଂପୂର୍ଣ୍ଣ ହୋଇଯାଇଛି । ଶ୍ରୀରାମ ଏକାନ୍ତରେ ଗୋଟିଏ ଶିଳା ଉପରେ ଉଦାସ ମନରେ ବସିଅଛନ୍ତି । ପ୍ରଭୁ ମନେମନେ ଚିନ୍ତା କରୁଅଛନ୍ତି ହାୟ କ'ଣ ନ ହେଲା ? ଅନେକ ସଂଖ୍ୟାରେ କେତେ ଯେ ମୃତାହତ ହେଲେ ତାହାର ହିସାବ ନାହିଁ । ପ୍ରଭୁଙ୍କ ହୃଦୟ ଅତ୍ୟନ୍ତ କୋମଳ । ଅନ୍ୟ କୌଣସି ବିକଳ୍ପ ନ ଥିଲା ତେଣୁ ଯୁଦ୍ଧ ଅବଶ୍ୟମ୍ଭାବୀ ହୋଇପଡିଲା ।

ମନ୍ଦୋଦରୀ ରାଜଉଆସରୁ ଅନ୍ୟ ବିଧବା ନାରୀମାନଙ୍କ ସହିତ ବିଳାପ କରି ଆସୁଅଛନ୍ତି । ଶ୍ରୀରାମଙ୍କର ନିକଟବର୍ତ୍ତୀ ହୋଇଗଲେଣି । ମନ୍ଦୋଦରୀଙ୍କର ପ୍ରତିଛବିକୁ ଶ୍ରୀରାମ ଦେଖିଲେ । ସଙ୍ଗେ ସଙ୍ଗେ ପ୍ରଭୁ ଉଠିପଡି ହାତଯୋଡି କହିଲେ ହେ ମା ! ତୁମେ କିଏ ? ଏହି ସମୟରେ ଏହି ଯୁଦ୍ଧ ଭୂମିରେ ଆପଣ ପଦାର୍ପଣ କରିଅଛନ୍ତି । ମୁଁ ବଡ ଦୁଃଖିତ ଯେ ଆପଣଙ୍କ ସ୍ୱାମୀଙ୍କୁ ହତ୍ୟା କରିଅଛି । ସେ ଜଣେ ବିଚକ୍ଷଣ ଏବଂ ଶକ୍ତିଶାଳୀ ସମ୍ରାଟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥିଲେ । କିନ୍ତୁ ହେ ମା ! ମୋ ନିକଟରେ ଆଉ କୌଣସି ଉପାୟ ନ ଥଲା ଯଦ୍ୱାରା ସେ ମୋ ଦ୍ୱାରା ନିହତ ହେଲେ । ମୋତେ ତୁମେ କ୍ଷମା କରିଦିଅ ମା । ଆଜି ମନ୍ଦୋଦରୀ ଆଖିରେ ଲୁହ ନାହିଁ । କେତେବେଳୁ ଶ୍ରୀରାମଙ୍କୁ ଦେଖିବା ସମୟରୁ ଲୁହ ଗୁଡାକ ସୁଖି ଗଲାଣି । ସେ ଶ୍ରୀରାମଙ୍କୁ ଦେଖିବାକୁ ଲାଗିଲେ ଆହା ଏପରି ଭୁବନ ମୋହନ ଅକୁତ୍ରିମ ଛଳନାହୀନ ପ୍ରଭୁଙ୍କ ନିକଟରୁ ଯେ ମୋ ସ୍ୱାମୀ ପରାଜୟ ବରଣ କରିଅଛନ୍ତି ଏ ପ୍ରକାର ଅନୁଶୋଚନା ତାଙ୍କର ରହିଲା ନାହିଁ ।

ମନ୍ଦୋଦରୀ କହୁଅଛନ୍ତି, "ହେ ରାମ ! ମୁଁ ଭାବୁଛି ବିଶ୍ୱବିଜୟୀ ମୋ ସ୍ୱାମୀଙ୍କୁ ଆପଣ କିପରି ମାରିଲେ । ରାବଣର ଶବକୁ ସାମାନ୍ୟ ଚାହିଁଦେଇ କହିଲେ –

ଜଗତ ବିଦିତ ତୁହ୍ମାରି ପ୍ରଭୁତାଇ ।
ସୁତ ପରିଜନ ବଲ ବରନି ନ ଜାଇ ॥
ରାମ ବିମୁଖ ଅସ ହାଲ ତୁହ୍ମାରା ।
ରହା ନ କୋଉ କୁଳ ରୋବନିହାରା ॥

ହେ ରାମ ! ମୋ ସ୍ୱାମୀଙ୍କର ପ୍ରଭୁତା ଜଗତ ବିଦିତ । ବରୁଣ, କୁବେର, ଅଗ୍ନି, ଇନ୍ଦ୍ର, ଦଶଦିଗପାଳ, ସୂର୍ଯ୍ୟ, ନବଗ୍ରହ ସମସ୍ତଙ୍କ ଉପରେ ସେ ବିଜୟଲାଭ କରିଅଛନ୍ତି । ଶେଷ ଏବଂ କଚ୍ଛପ ମଧ୍ୟ ତାଙ୍କର ଭାର ସହି ନ ପାରନ୍ତି ନାହିଁ । ବିଧାତାର ସମସ୍ତ ସୃଷ୍ଟି ତାଙ୍କ ନିକଟରେ ବଶୀଭୂତ । ଲୋକପାଳ ମାନେ ପ୍ରମାଦ ଗଣନ୍ତି । ଏତେ ବଡ ସମ୍ରାଟ ଏତେ ସହଜରେ କିପରି ଆପଣଙ୍କ ନିକଟରୁ ପରାଜୟ ବରଣ କଲେ । ତାହାର ଏକମାତ୍ର କାରଣ ହେଲା ମୋ ସ୍ୱାମୀଙ୍କ ନିକଟରୁ ଆପଣ ବହୁ ଉର୍ଦ୍ଧ୍ୱରେ । ତାଙ୍କ ନିକଟରେ ମୋ ପରି ରାଣୀ ଥାଇ ବି ସେ ପରସ୍ତ୍ରୀ ପ୍ରତି ଆସକ୍ତ ହୋଇଥିଲେ ଅଥଚ ଆପଣ ଏତେ ମହାନ ଯେ ମୋର ପ୍ରତିଚ୍ଛବିକୁ ଦେଖି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋତେ ମା ବୋଲି ସମ୍ବୋଧନ କଲେ । ଅର୍ଥାତ ଆପଣଙ୍କର ଏକମାତ୍ର ଜନକ ନନ୍ଦିନୀ ଜଗତ ଜନନୀ ସୀତାଙ୍କ ବ୍ୟତୀତ ଅନ୍ୟ ନାରୀ ପ୍ରତି ସାମାନ୍ୟତମ କୁବାସନା ନାହିଁ । ଏହି ଗୋଟିଏ ବିଚାର ହିଁ ମୋ ସ୍ୱାମୀଙ୍କ ନିକଟରେ ଅଭାବ ଥିଲା, ତେଣୁ ଆପଣ ତାଙ୍କୁ ବିନାଶ କରି ପାରିଲେ । ଆପଣ ପରନାରୀକୁ ମାତୃବତ ମନେ କରିଅଛନ୍ତି ଅଥଚ ମୋ ସ୍ୱାମୀଙ୍କର ଶହ ଶହ ରାଣୀ ଏବଂ ଉପରାଣୀ ଥାଇ ବି ସେ ଜଗତ ଜନନୀ ସୀତାଙ୍କୁ ଅପହରଣ କରିଲେ । ଏହାହିଁ ତାଙ୍କର ବିପର୍ଯ୍ୟୟର କାରଣ । ଧନ୍ୟ ହେ ରାମ ତୁମର ଅକୁଣ୍ଠିତ କରୁଣାର ପଟାନ୍ତର ନାହିଁ କି ରାବଣ ପରି ଅସାମାନ୍ୟ ଯୋଦ୍ଧା ବି ନାହିଁ । ଜୟ ଶ୍ରୀରାମ !

ବିଜୟ କୁମାର ସାହୁ,

ବିଜିଗୋଳ ,

ମୋ – ୮୭୬୩୧୪୮୭୨୩

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଡଃ ଶଙ୍କର ଦୟାଲ ଶର୍ମା



ଅକ୍ଷୟ କୁମାର ରାଉତ

ଭାରତର ନବମ ରାଷ୍ଟ୍ରପତି-ଡକ୍ଟର ଶଙ୍କର ଦୟାଲ୍ ଶର୍ମା

ଦେଶଭକ୍ତ, ଚିନ୍ତାନାୟକ, ମାତୃଭକ୍ତ, ପରୋପକାରୀ, ମାନବପ୍ରେମୀ, ନିର୍ଭିକ ସଂଗ୍ରାମୀ ଜନନାୟକ ଶଙ୍କର ଦୟାଲ ଭୋପାଳ ନଗରୀର ମଧ୍ୟଭାଗରେ ବାଲି ଗଳିର ପଣ୍ଡିତ ଖୁସୀଲାଲ ଶର୍ମା ଓ ସୁଭଦ୍ରା ଦେବୀଙ୍କ କୋଳ ମଣ୍ଡନ କରି ୧୯୧୮ ମସିହା ଅଗଷ୍ଟ ୧୯ ତାରିଖରେ ଜନ୍ମ ନେଲେ । ତାଙ୍କର ପିତା ଖୁସିଲାଲ ସବୁବେଳେ ଭଗବାନ ଶଙ୍କରଙ୍କୁ ପୂଜା ଆରାଧନା କରୁଥିବାରୁ ପ୍ରଥମ ପୁତ୍ରର ନାମ ଶଙ୍କର ଦୟାଲ ଦେଇଥିଲେ । ପୁତ୍ରର ଜାତକରୁ ପଣ୍ଡିତ ଖୁସିଲାଲ ଜାଣିଥିଲେ ଯେ ପୁଅ ଦିନେ ବଡ ମଣିଷ ହେବ ଓ ଜାତିର ନାମ ଟେକ ରଖିବ । ଶଙ୍କର ଛୋଟ ଥିବା ସମୟରେ ତାଙ୍କର ମା ସୁଭଦ୍ରା ଦେବୀ ଆଖି ବୁଜି ଦେଲେ । ଖୁସିଲାଲ ପରିବାରର ଦାୟିତ୍ୱ ସମ୍ଭାଳିବା ପାଇଁ ଲେଖାରେ ଶାଳୀ ସମ୍ପତ୍ ବାଇଙ୍କୁ ଦ୍ୱିତୀୟ ବିବାହ କରିଥିଲେ । ସମ୍ପତ୍ ବାଇ ଚାରୋଟି ପୁଅଜନ୍ମ ଦେଲେ ଶମ୍ଭୁ, ଶିବ, ଇଶ ଓ ସୋମେଶ ଘରର ବଡ ପୁଅ ଶଙ୍କର ପ୍ରତି ଟିକିଏ ହେଲେ ସ୍ନେହ ଶ୍ରଦ୍ଧା, ମା ସମ୍ପତ୍ ଊଣା କରୁ ନଥିଲେ ।

ଶଙ୍କର ଦୟାଲଙ୍କର ପିତା ବୈଷ୍ଣବ ଧର୍ମ ଗ୍ରହଣ କରିଥିବାରୁ, ପରିବାରରେ ସର୍ବଦା ପୂଜା-ପାଠ, ବ୍ରତ, ଉପବାସ, ନାମ କୀର୍ତ୍ତନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଚାଲିଥାଏ । ଏହି ଧାର୍ମିକ ଭାବନା ଶଙ୍କରଙ୍କ ଉପରେ ପଡିଥିଲା । ତେଣୁ ଶଙ୍କର କହୁଥିଲେ ଭୋଜନ ଓ ପୂଜା ଦୁଇଟିଯାକ ଜୀବନ ପାଇଁ ଆବଶ୍ୟକ । ଭୋଜନ ଶରୀରକୁ ଶକ୍ତି ଯୋଗାଏ ଓ ପୂଜା ପାଠ ଆତ୍ମାକୁ ସୁଦୃଢ କରିଥାଏ । ଭୋପାଳର ରାମକୃଷ୍ଣ ପାଠଶାଳାରେ ଶଙ୍କର ଦୟାଲ ପାଠପଢା ଆରମ୍ଭ କରିଥିଲେ । ପାଠପଢା ସହିତ ଖେଳକୁଦ ଓ କୁସ୍ତିରେ ସେ ଧୁରନ୍ଧର ଥିଲେ । ଭୋପାଳରେ ରହି ସେ ଆଇ.ଏ. ପରିକ୍ଷାରେ ଉତୀର୍ଣ୍ଣ ହେଲେ । ଆଗ୍ରାର ସେଣ୍ଟ୍ ଜୋନସ୍ କଲେଜରେ ନିଜର ପଢାପଢି ସହିତ ସାହିତ୍ୟ, କଳା ସଂସ୍କୃତି ବହିମାନ ପାଠାଗାରରୁ ଆଣି ପଢାପଢି କରୁଥିଲେ । ଆଗ୍ରାରୁ ବି.ଏ. ପାଶ୍ କରି ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟରେ ପାଠ ପଢିଲେ । ସେଠାରେ ସେ ହିନ୍ଦି, ଇଂରାଜୀ ଓ ସଂସ୍କୃତରେ ଏମ.ଏ ପାଶ୍ କରିଥିଲେ । ତାପରେ ସେ ଏଲ୍.ଏଲ୍.ବି. ଓ ଏଲ୍.ଏଲ୍.ଏମ୍. ଉପାଧି ଲାଭ କଲେ । ପାଠପଢା ପରେ ସେ ସେହି ବିଶ୍ୱବିଦ୍ୟାଳୟରେ ଅଧ୍ୟାପନ କରିଥିଲେ । ଚାକିରୀ ପରେ ତାଙ୍କ ପରିବାରର ଆର୍ଥିକ ସମସ୍ୟା ଟିକେ ଦୂର ହୋଇ ପାରିଲା । ଅଧିକ ପଢିବା ଓ ଜାଣିବା ପାଇଁ ଶଙ୍କର ଦୟାଲ ବିଦେଶ ଯାତ୍ରା କରିଥିଲେ । ଲଣ୍ଡନରୁ ବାରିଷ୍ଟରି ସାଧାରଣ ପ୍ରଶାସନରେ ଡିପ୍ଲୋମା, ଏଫ.ଆର.ସି ଉପାଧି ଲାଭ କରି କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ଆଇନ ଡକ୍ଟରେଟ ଉପାଧି ଲାଭ କଲେ । ହାର୍ଭାର୍ଡ଼ ବିଶ୍ୱବିଦ୍ୟାଳୟରୁ କେତେକ ଡିଗ୍ରୀ ପ୍ରାପ୍ତ ହୋଇଥିଲେ । ବିଦେଶରୁ ଉଚ୍ଚ ଶିକ୍ଷା ଲାଭ କରି ସେ ଭାରତକୁ ଫେରିଆସିଲେ । ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କଲେ ।

ଶଙ୍କର ଦୟାଲ ନିଜ ଜୀବନରେ ଦୁଇ ଥର ବିବାହ କରିଥିଲେ । ପ୍ରଥମେ ବାଲ୍ୟ ବିବାହ ସାବିତ୍ରୀ ଦେବୀଙ୍କ ସହିତ ହୋଇଥିଲା ଗୋଟିଏ ପୁତ୍ର ସନ୍ତାନ ଜନ୍ମ ଦେବା ପରେ ସାବିତ୍ରୀ ଦେବୀ ପ୍ରାଣ ତ୍ୟାଗ କରିଥିଲେ । ତେଣୁ ଶଙ୍କର ଦଲାଲ ଦ୍ୱିତୀୟ ବିବାହ ବିମଳା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦେବୀଙ୍କ ସହିତ କରିଥିଲେ । ବିମଳାଙ୍କ ଗର୍ଭରୁ ଗୋଟିଏ ପୁଅ ଓ ଦୁଇଟି ଝିଅ ଜନ୍ମ ହୋଇଥିଲେ । ବିମଳା ଦେବୀ ରଜସ୍ଥାନର ଏକ ଆଭିଜାତ୍ୟ ଶକ୍ଷିତ ପରିବାରୁ ଆସିଥିଲେ । ସେ ଜଣେ ଧର୍ମ ପରାୟଣା, ପତିବ୍ରତା ନାରୀ ଥିଲେ । ଶଙ୍କର ଦୟାଲଙ୍କ ରାଜନୈତିକ ଜୀବନ ସାଥୀ ଥିଲେ । ଶଙ୍କର ଦୟାଲ ବ୍ରାହ୍ମଣ ହୋଇପୂଜା ପାଠ ପ୍ରତିଦିନ କରୁଥିଲେ । ଖାଇବା ପୂର୍ବରୁ ଖାଦ୍ୟକୁ ଇଶ୍ୱରଙ୍କୁ ସମର୍ପଣ କରୁଥିଲେ । ଧର୍ମ ନାମରେ ଛୁଆଁ ଅଛୁଆଁକୁ ସେ ବିଶ୍ୱାସ କରନ୍ତି ନାହିଁ । ଛୋଟବେଳୁ ଶଙ୍କର ଦୟାଲ ଗୁରୁଜନ ମାନଙ୍କୁ ଭକ୍ତି କରୁଥିଲେ । ଯେଉଁ ସମୟରେ ଗାନ୍ଧି ଟୋପି ପନ୍ଧିବାକୁ ଲୋକେ ଭୟ କରୁଥିଲେ ସେହି ସମୟରୁ ସେ ଟୋପି ପିନ୍ଧୁଥିଲେ ।

ଭାରତ ସ୍ୱାଧୀନ ହେଲାପରେ କେତେଗୁଡିଏ ଛୋଟ ଛୋଟ ଦେଶୀୟ ରାଜ୍ୟ ସ୍ୱତନ୍ତ୍ର ଭାବରେ କାର୍ଯ୍ୟ କରୁଥାଆନ୍ତି । ଭୋପାଳରେ ଅତ୍ୟାଚାରି ନବାବ ହମୀଦ୍ ଉଲ୍ଲାହଖାଁ ଶାସନ କରୁଥିଲେ । ନବାବ ସ୍ୱାଧୀନତା ଆନ୍ଦୋଳନକୁ ବିରୋଧ ଓ ଇଂରେଜଙ୍କୁ ସମର୍ଥନ କରୁଥିଲେ । ଭି.ପି.ମେନନ୍ ମଧ୍ୟ ଭୋପାଳକୁ ଭାରତରେ ମିଶାଇ ପାରିଲେ ନାହିଁ । ଏହିଭଳି ପରିସ୍ଥିତି ଭିତରେ ପ୍ରଜାମଣ୍ଡଳ ଆନ୍ଦୋଳନ ଆରମ୍ଭ ହୋଇଗଲା । ଏହି ଆନ୍ଦୋଳନର ମୁଖ୍ୟ ପୁରୋଧା ଥିଲେ ଶଙ୍କର ଦୟାଲ । ଏହି ଖବର ପାଇ ମା ସମ୍ପତ୍ ବାଈ ଅଧିକ ବ୍ୟସ୍ତ ହୋଇ ପଡିଲେ । ଅତ୍ୟାଚାରି ନବାବର କଠୋର ଶାସନ ମା ମନକୁ ଶଙ୍କିତ କରୁଥିଲା । ଆନ୍ଦୋଳନରେ ଶଙ୍କର ଦୟାଲଙ୍କ ସହିତ ଲାଲ ସିଂହ, ଭୈରବ ପ୍ରସାଦ ଓ ଉଦ୍ଧବ ଦାସ, ମେହେଟ୍ଟା ମଧ୍ୟ ଆନ୍ଦୋଳନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ନବାବ ଆନ୍ଦୋଳନକାରୀଙ୍କ ଉପରେ ଦମନ ଲୀଳା ଆରମ୍ଭ କରିଦେଲେ । ପୋଲିସ୍ ଗୋଳି ମାଡରେ ଅନେକ ସହିଦ ହୋଇଗଲେ । ଅତ୍ୟାଚାରି ନବାବ ଲୋକ ଶକ୍ତି ଆଗରେ ହାର୍ ମାନିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶଙ୍କର ଦୟାଲ ଜେଲ ଗଲେ କିନ୍ତୁ ତାଙ୍କ ଜନ୍ମ ମାଟି ଭୋପାଳ ରାଜ ଶାସନରୁ ମୁକ୍ତ ହୋଇ ସବୁଦିନ ପାଇଁ ସ୍ୱାଧୀନ ଭାରତରେ ଯୋଗ ହୋଇଗଲା । ୧୯୪୯ ମସିହା ଜୁନ୍ ୧ ତାରିଖରେ ଭୋପାଳ ଦେଶୀୟ ରାଜ୍ୟଟି ବିଧିବଦ୍ଧ ଭାବରେ ଭାରତ ସହିତ ମିଶିଲା ।

ଶଙ୍କର ଦୟାଲ ଭୋପାଳ କଂଗ୍ରେସ କମିଟିର ଅଧ୍ୟକ୍ଷ ହୋଇ ବେସରିୟା ବିଧାନସଭା କ୍ଷେତ୍ରରୁ ନିର୍ବାଚିତ ହେଲେ । ଭୋପାଳର ନବଗଠିତ ମନ୍ତ୍ରୀ ମଣ୍ଡଳର ନେତା ଭାବେ ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କଲେ । ଶଙ୍କର ଦୟାଲ ମାତ୍ର ୩୪ ବର୍ଷ ବୟସରେ ଏଭଳି ସୌଭାଗ୍ୟ ପ୍ରାପ୍ତ ହୋଇଥିଲେ । ପରବର୍ତୀ ସମୟରେ ଶଙ୍କର ଦୟାଲ ମଧ୍ୟପ୍ରଦେଶ ରାଜ୍ୟର ଶିକ୍ଷା, ଲୋକନିର୍ମାଣ, ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରୀ ହୋଇଥିଲେ । ମଧ୍ୟପ୍ରଦେଶ କଂଗ୍ରେସ କମିଟିର ଅଧ୍ୟକ୍ଷ ଭାବେ ସେ ନିର୍ବାଚିତ ହେଲେ । ଏସ୍. ନିଜଲିଙ୍ଗପା ତାଙ୍କୁ କେନ୍ଦ୍ରିୟ କମିଟିର ମହାମନ୍ତ୍ରୀ ପଦରେ ଅବସ୍ଥାପିତ କରିଥିଲେ । ନିଜଲିଙ୍ଗପା ଓ ଇନ୍ଦିରାଗାନ୍ଧୀଙ୍କ ମଧ୍ୟରେ ମତପାର୍ଥକ୍ୟ ହେବାରୁ କଂଗ୍ରେସ ଦୁଇ ଭାଗ ହୋଇଗଲା । ଶଙ୍କର ଦୟାଲ ଇନ୍ଦିରା ଗାନ୍ଧୀଙ୍କ ନୀତିକୁ ସମର୍ଥନ କରି କଂଗ୍ରେସ(ଆଇ)ରେ ଯୋଗ ଦେଲେ । ଏପରି ସମୟ ଆସିଲା ଶଙ୍କର ଦୟାଲ ଦଳର ଅଧ୍ୟକ୍ଷ ହେଲେ । ଏହି ସମୟରେ ବ୍ୟାଙ୍କ ଗୁଡିକ ରାଷ୍ଟ୍ରୀୟକରଣ ହେଲା । ଅଧ୍ୟକ୍ଷ ପଦରେ ଦୁଇବର୍ଷ କାର୍ଯ୍ୟ କରି ଇନ୍ଦିରାଗାନ୍ଧୀଙ୍କ ମନ୍ତ୍ରୀ ମଣ୍ଡଳରେ ସଂଚାର ମନ୍ତ୍ରୀ ଭାବରେ କାର୍ଯ୍ୟ କଲେ ।

ମନ୍ତ୍ରୀ ଭାବରେ ପଂଚମ ପଂଚବାର୍ଷିକ ଯୋଜନାରେ ୩୧ ହଜାର ନୂଆ ଡାକଘର ଖୋଲାଇଥିଲେ । ଏହାପରେ ଶଙ୍କର ଦୟାଲ ଆନ୍ଧ୍ରପ୍ରଦେଶ, ପଞ୍ଜାବ ଓ ମହାରାଷ୍ଟ୍ରର ରାଜ୍ୟପାଳ ହୋଇ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିଲେ । ଆନ୍ଧ୍ରର ରାଜ୍ୟପାଳ ଥିବା ସମୟରେ ଉଗ୍ରପନ୍ଥିମାନେ ତାଙ୍କ ଝିଅ ଗୀତାଞ୍ଜଳି ଓ ଜ୍ୱାଇଁ ଲଳିତ ମାକନଙ୍କୁ ନିର୍ମମ ଭାବେ ହତ୍ୟା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିଥିଲେ । ଏହି ଦୁଃଖକୁ ସେ ଧୈର୍ଯ୍ୟର ସହିତ ସହିଗଲେ । ୧୯୮୭ ମସିହା ଜୁଲାଇ ମାସରେ ସେ ଭାରତର ଅଷ୍ଟମ ଉପରାଷ୍ଟ୍ରପତି ହେଲେ । ଏହି ସମୟରେ ଭାରତର ପ୍ରଧାନ ମନ୍ତ୍ରୀ ଥିଲେ ରାଜୀବ ଗାନ୍ଧୀ । ମାଆ ସମ୍ପତ୍ ଦେବୀଙ୍କ ମନରେ ଚିନ୍ତା ପଶିଛି । ସେ ଆଉ ପୁଅ ମନପସନ୍ଦର ଲଡୁ, ବାଇଗଣ ଭର୍ତା, ଆମ୍ବ ଓ ସୀତାଫଳ ଖୁଆଇ ପାରିବେନି । ସବୁ ଖାଦ୍ୟ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା ଓ ନୀରିକ୍ଷା ହେବ । ସେ ଅବୁଝା ମାଆର ପୁଅ ଆମ ଭାରତର ନବମ ରାଷ୍ଟ୍ରପତ ଡକ୍ଟର ଶଙ୍କର ଦୟାଲ ଶର୍ମା ।

ଶଙ୍କର ଦୟାଲ ଶର୍ମା ରାଷ୍ଟ୍ରପତି ନିର୍ବାଚନରେ ରାମ ଜେଠାମାଲିନୀ ଓ ଯୋଗିନ୍ଦର ସିଂହ ଧରତିପାପକଡଙ୍କ ସହିତ ଲଢିଲେ ଏବଂ ୬ ଲକ୍ଷ ୭୫ ହଜାର ୮ ଶହ ଚଉଷଠି ଭୋଟ ପାଇଁ ନବମ ରାଷ୍ଟ୍ରପତି ଭାବେ ୧୯୯୨ ମସିହା ଜୁଲାଇ ୨୫ ତାରିଖରେ ଶପଥ ଗ୍ରହଣ କରିଥିଲେ । ତାଙ୍କର ଅଗାଧ ଜ୍ଞାନ ପାଇଁ ଦେଶ ତଥା ବିଦେଶର ବହୁ ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନ ସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିଥିଲେ । ସମୟର ସଦୁପେଯୋଗ ସହିତ ଲେଖିବା ଓ ପଢିବା ଥିଲା ତାଙ୍କ ଜୀବନର ନିଶା । ସେ ଅଧିକ ଶୁଣନ୍ତି କମ୍ କଥା କୁହନ୍ତି । ସେ ସମସ୍ତ ବିଚାର ବିବେକ ଦ୍ୱାରା କାର୍ଯ୍ୟ କରୁଥିଲେ । ଶଙ୍କର ଦୟାଲ ଦେଶ କଥା ବୁଝିବା ସହିତ ନିଜ ପରିବାରର କଥା ମଧ୍ୟ ବୁଝୁଥିଲେ । ନିଜର ମାତୃଭୂମି ପାଇଁ ବହୁ କାର୍ଯ୍ୟ କରି ୧୧୯୭ ମସିହା ଜୁଲାଇ ୨୫ ତାରିଖ ସେ ରଷ୍ଟ୍ରପତି ପଦରୁ ଅବସର ଗ୍ରହଣ କଲେ । ସବୁଦିନ ପାଇଁ ରାଷ୍ଟ୍ରପତି ଭବନର ସୌନ୍ଦର୍ଯ୍ୟକୁ ପଛରେ ପକାଇ ଦିଲ୍ଲୀ ସ୍ଥିତ ତେଇଶି ସଫଦର୍ ଜଙ୍ଗ ବାସ ଭବନରେ  ନିଜର ପରିବାର ସହିତ ରହି ଦେଶ ସେବା ଜନହିତକର କାର୍ଯ୍ୟରେ ମନ ପ୍ରାଣ ଢାଳି ଦେଲେ ।

ସେଦିନ ଥିଲା ୧୯୯୯ ମସିହା ଡିସେମ୍ବର ମାସ ୨୬ ତାରିଖ ହଠାତ୍ ତାଙ୍କ ଦେହ ଅସୁସ୍ଥ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇପଡିଲା ।

ଡାକ୍ତରଙ୍କର ବହୁ ଚେଷ୍ଟା ସତ୍ତ୍ୱେ ତାଙ୍କର ପ୍ରାଣ ବାୟୁ ଉଡିଯାଇଥିଲା । ତାଙ୍କର ମର ଶରୀରକୁ ଯମୁନା ନଦୀକୂଳରେ ୨୧ ଥର ତୋପ ସଲାମୀ ଓ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାରେ ବେଦ ମନ୍ତ୍ର ପାଠ ଦ୍ୱାରା ଦାହ କରାଗଲା । ତାଙ୍କର ପୁତ୍ର ଆସୁତୋଷ ଶର୍ମା ମୁଖାଗ୍ନି ଦେବା ସମୟରେ ମାଆ ସମ୍ପତ୍ ଦେବୀ ଉପସ୍ଥିତ ଥିଲେ । ଶଙ୍କର ଦୟାଲ ହଜିଗଲେ ସତ ମାତ୍ର ତାଙ୍କର କାର୍ଯ୍ୟ ପାଇଁ ସେ ଚିରଦିନ ଭାରତମାତାର ବରପୁତ୍ର ଭାବେ ଅମର ହୋଇ ରହିଗଲେ ।

ପାରାଦ୍ୱୀପ ଗଡ, କୁଜଙ୍ଗ

ଜଗତ୍ସିଂହପୁର

ମୋ -୯୯୩୭୭୯୧୪୭୫

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସହିଦ୍ ଭଗତ ସିଂଙ୍କ ସ୍ୱପ୍ନର ଭାରତ



ଆଶୁତୋଷ ନାୟକ

ଏ ବର୍ଷ ଆମେ ୭୭ତମ ସ୍ୱାଧୀନତା ଦିବସ ପାଳନ କରିବାକୁ କରିଛୁ । ଏହା ଆମ ୧୪୦ କୋଟି ଭାରତୀୟ ମାନଙ୍କ ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ । ଦୀର୍ଘ ୨୦୦ ବର୍ଷରୁ ଅଧିକ ବର୍ଷ ପର୍ଯ୍ୟନ୍ତ ଅହଙ୍କାରୀ ନିଷ୍ଠୁର ଇଂରେଜ ମାନେ ଆମ ଦେଶରେ ଆଧିପତ୍ୟ ବିସ୍ତାର କରିଥିଲେ । ସେମାନଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା ଆମ ଦେଶର ଏକତା ଓ ଅଖଣ୍ଡତାକୁ କ୍ଷୁର୍ଣ୍ଣ କରିବା । ସେମାନେ ଜାଣି ଶୁଣି ବିଭିନ୍ନ ସମ୍ପ୍ରଦାୟ ଯେପରିକି ହିନ୍ଦୁ, ମୁସଲିମ, ଶିଖ ଓ ଖ୍ରୀଷ୍ଟିୟାନ୍ ମାନଙ୍କ ମଧ୍ୟରେ ବିବାଦର ସୂତ୍ରପାତ କରାଉଥିଲେ । ସେମାନଙ୍କ ମନ ଭିତରେ ହିଂସା ପ୍ରତିଶୋଧର ବହ୍ନି ପ୍ରଜ୍ୱଳିତ କରାଇବା ଓ ଧର୍ମ ଜାତି ଆଧାରରେ ଆମ ଦେଶକୁ ବିଭାଜିତ କରିବା, ସେମାନଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା । ନିଜର ମନ୍ଦ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ ଇଂରେଜମାନେ ସମସ୍ତ ନୀତି ନିୟମକୁ ଜଳାଞ୍ଜଳି ଦେଇ ନିଜର କଳ, ବଳ ଓ କୌଶଳ ପ୍ରୟୋଗ କରିଥିଲେ । ଅନେକାଂଶରେ ସେମାନେ ନିଜ ଯୋଜନାରେ ସଫଳ ହୋଇଥିଲେ । ସାମାନ୍ୟ କିଛି ଅର୍ଥ ଓ କ୍ଷମତା ଲୋଭରେ କିଛି ବ୍ୟକ୍ତି ବିଶ୍ୱାସଘାତ କରି ଆମ ସ୍ୱାଧୀନତା ପାଇବାର ଆଶାକୁ ଶିଥିଳ କରୁଥିଲେ । ସେହି ଦେଶଦ୍ରୋହୀ ମଧ୍ୟରେ ମୀରଜାଫର, ଜୟଚନ୍ଦ୍ର, ଜୟ ଗୋପାଳ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭଳି କିଛି ବିଶ୍ୱାସଘାତକ ଥିଲେ ଯାହା ନୃଶଂସ ଅଧର୍ମୀ ଆତ୍ମଗର୍ବୀ ଅହଙ୍କାରୀ ଇଂରେଜମାନଙ୍କୁ ଧରି ୨୦୦ ବର୍ଷ ଧରି ଆମ ଦେଶର ଲୋକମାନଙ୍କୁ ଗୁଲାମ ଓ ପରାଧୀନ କରି ରଖିବାରେ ସହାୟ ହୋଇଥିଲା । ସ୍ୱାଧୀନତା ସଂଗ୍ରାମୀଙ୍କର ତ୍ୟାଗ ଓ ବଳିଦାନ ଦ୍ୱାରା ମାତୃଭୂମି ଭାରତ ଅହଙ୍କାରୀ, ଅଧର୍ମୀ, ନିଷ୍ଠୁର, ହିଂସ୍ର ଓ ଅତ୍ୟାଚାରୀ ଇଂରେଜମାନଙ୍କର ଗୁଲାମୀରୁ ମୁକ୍ତ ହୋଇପାରିଛି । ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଠାରୁ ଆରମ୍ଭ କରି, ଭଗତ ସିଂ, ଜୟୀ ରାଜଗୁରୁ, ଶୁକଦେବ, ସୁବାଷ ବୋଷ, ତାନ୍ତିଆ ଟୋପେ, ରାଣୀ ଲକ୍ଷ୍ମୀବାଇଙ୍କ ଅବଦାନ ଅତୁଳନୀୟ ଯାହାକୁ ଶବ୍ଦରେ ପ୍ରକାଶ କରିବା ଅସମ୍ଭବ । ଇତିହାସର ପୃଷ୍ଠାକୁ ଆମେ ଯଦି ଅବଲୋକନ କରିବା ଦେଖିବା ଅନେକ ବିଦ୍ୱାନ ବ୍ୟକ୍ତି ଏହା ମତ ବ୍ୟକ୍ତ କରିଛନ୍ତି କି "ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ଅହିଂସା ନୀତିକୁ ପାଥେୟ କରି ଆମେ ସ୍ୱାଧୀନତା ହାସଲ କରିଥିଲୁ ଏବଂ ପରାଧୀନ ଶିକୁଳିରୁ ଆମେ ମୁକ୍ତ ହୋଇଥିଲୁ" । "କେବଳ ଗାନ୍ଧିଜୀଙ୍କର ଅହିଂସା ନୀତି ବଳରେ ଆମେ ସ୍ୱାଧୀନତା ହାସଲ କରିପାରିଥିଲୁ"ଏହା କହିବା ସହିଦ ଭଗବତ ସିଂ ଶୁକଦେବ, ରାଜଗୁରୁ, ସୁବାଷ ବୋଷଙ୍କ ଭଳି ସ୍ୱାଧୀନତା ସଂଗ୍ରାମୀଙ୍କର ବଳିଦାନର ଅପମାନ ହେବ ।

ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଠାରୁ ଆରମ୍ଭ କରି ସହିଦ ଭଗତ ସିଂ, ପର୍ଯ୍ୟନ୍ତ ସବୁ ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ଅପ୍ରାଣ ଉଦ୍ୟମ, ମାତୃଭୂମି ପାଇଁ ନିଃସ୍ୱାର୍ଥପର ଭଲପାଇବା, ତ୍ୟାଗ, ବଳିଦାନକୁ ପାଥେୟ କରି ଆମ ଦେଶ ଇଂରେଜମାନଙ୍କ ଗୁଲାମୀରୁ ମୁକ୍ତ ହୋଇଥିଲା । ଆମ ଦେଶକୁ ସ୍ୱାଧୀନ କରିବାରେ ଉଭୟ ଚରମପନ୍ଥୀ ଓ ନରମପନ୍ଥୀ ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ଅବଦାନ ରହିଛି ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ । ଇତିହାସର ପୃଷ୍ଠାକୁ ଅବଲୋକନ କଲେ ଯେଉଁ କେତେ ଜଣ ସ୍ୱାଧୀନତା ସଂଗ୍ରାମୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାନଙ୍କର ବୀରତ୍ୱ ଓ ସାହସୀକତାର ଗାଥା ସଦା ସର୍ବଦା ଯୁବ ସମାଜ ପାଇଁ ପ୍ରେରଣାଦାୟୀ ହୋଇ ରହିଛି, ସେମାନଙ୍କ ମଧ୍ୟରେ ସହୀଦ ଭଗତ ସିଂ ଅନ୍ୟତମ । ଭାରତୀୟ ସ୍ୱାଧୀନତା ସଂଗ୍ରାମୀଙ୍କ ମଧ୍ୟରୁ ସବୁଠାରୁ ବ୍ୟାପକ ଓ ଦୀର୍ଘସ୍ଥାୟୀ ପ୍ରଭାବ ବିସ୍ତାର କରିଥିବା ଏବଂ ଯୁବ ସମାଜ ପାଇଁ ପ୍ରେରଣାର ଉତ୍ସ ଥିଲେ ସହୀଦ ଭଗତ ସିଂ । ମାତ୍ର ୨୩ବର୍ଷର ଥିବା ସମୟରେ ସେ ନିଜର ଜୀବନକୁ ଦେଶମାତୃକାର ସେବା ପାଇଁ ଉତ୍ସର୍ଗୀକୃତ କରିଥିଲେ ଏବଂ ହସି ହସି ଫାଶୀ ଖୁଣ୍ଟରେ ଝୁଲି ଯାଇଥିଲେ । ମାନବ ସଭ୍ୟତା ଥିବା ପର୍ଯ୍ୟନ୍ତ ସହୀଦ ଭଗତସିଂଙ୍କ ବୀରତ୍ୱର ଗାଥା, ତ୍ୟାଗ ଓ ବଳିଦାନ ଇତିହାସର ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇ ହୋଇ ରହିବ ।

୨୩ବର୍ଷ ବୟସରେ ଅଧିକାଂଶ ଯୁବକ ନିଜ ଜୀବନର ଅର୍ଥ ଓ ଧନ ସମ୍ପତି ଖୋଜିବାରେ ବ୍ୟସ୍ତ ଥିବା ବେଳେ ଭଗତ ସିଂ ସେହି ବୟସ ବେଳକୁ ବୀରତ୍ୱ, ଦେଶପ୍ରେମ ଓ ବଳିଦାନର ସର୍ବୋତ୍ତମ ଉଦାହରଣ ସୃଷ୍ଟି କରି ଅମର ହୋଇ ସାରିଥିଲେ । ସେ ୧୯୦୭ ମସିହା ସେପ୍ଟେମ୍ବର ମାସ ୨୮ ତାରିଖରେ ପଞ୍ଜାବର ବଙ୍ଗା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତୁଳସୀ ଦୁଇ ପତ୍ରରୁ ବାସିଲା ପରି ତାଙ୍କର ଦେଶପ୍ରେମର ନିଦର୍ଶନ ବାଲ୍ୟ କାଳରୁ ପରିଲକ୍ଷିତ ହୋଇଥିଲା । ସେତେବେଳେ ସମସ୍ତେ ଉତ୍ତମ ଶିକ୍ଷା ପାଇଁ ଲାହୋରର ବ୍ରିଟିଶ ସ୍କୁଲରେ ପଢିବା ପାଇଁ ଆଗ୍ରହ ପ୍ରକାଶ କରୁଥିବା ବେଳେ, ଭଗବତ ସିଂ, ବ୍ରିଟିଶ ଶିକ୍ଷା ଅନୁଷ୍ଠାନରେ ପଢିବାକୁ ଅନିଚ୍ଛା ପ୍ରକାଶ କରିଥିଲେ ଏବଂ ଆର୍ଯ୍ୟ ସମାଜ ଦ୍ୱାରା ପରିଚାଳିତ ସ୍କୁଲ ଓ ପରେ ଲାଲା ଲାଜପତ ରାୟଙ୍କ ଦ୍ୱାରା ସ୍ଥାପିତ ନେସନାଲ କଲେଜରେ ଭର୍ତ୍ତି ହୋଇଥିଲେ । ମାତ୍ର ୧୨ବର୍ଷର ହୋଇଥିବା ବେଳେ, ସେ ଜାଲିଆନାବାଲା ବାଗ ଗଣହତ୍ୟାର କିଛି ଘଣ୍ଟା ପରେ ଦୀର୍ଘ ୫୦ କିମିର ଯାତ୍ରା ପାଦରେ ଚାଲି ଚାଲି ଘଟଣା ସ୍ଥଳେ ପହଂଚି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥିଲେ । ହଜାର ହଜାର ମୃତ ଦେହର ହୃଦୟ ବିଦାରକ ଦୃଶ୍ୟ ତାଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା । ସେ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନର ଘୋଷଣା ପରେ ଉତ୍ସାହିତ ହୋଇ ଅଂଶଗ୍ରହଣ କରିଥିଲେ ।

କିନ୍ତୁ ୧୯୨୨ର ଚଉରୀ ଚଉରା ଘଟଣା ପରବର୍ତ୍ତୀ, ଗାନ୍ଧିଜୀଙ୍କ ନିଷ୍ପତି ତାଙ୍କୁ ନିରାଶ କରିଥିଲା । ୧୯୨୮ରେ ଇଂରେଜ ମାନଙ୍କ ଲାଠି ମାଡ଼ରେ ଆହତ ହୋଇ ଲାଲା ଲାଜପତ ରାୟଙ୍କ ମୃତ୍ୟୁ ଘଟିବା ପରେ, ଭଗତସିଂ ଗାନ୍ଧିଜୀଙ୍କର ଅହିଂସାତ୍ମକ ନୀତି ପରିବର୍ତ୍ତେ, ହିଂସାତ୍ମକ ନୀତି ଆପଣେଇବା ଉଚିତ ବୋଲି ମନେ କରିଥିଲେ । ଲାଲା ଲଜପାତ ରାୟଙ୍କ ମୃତ୍ୟୁର ପ୍ରତିଶୋଧ ନେବାପାଇଁ, ଶିବରାମ ରାଜଗୁରୁ, ସୁଖଦେବ ଥପର ଓ ଚନ୍ଦ୍ରଶେଖରଙ୍କ ସହ ମିଶି ଏକ ବ୍ରିଟିଶ ପୋଲିସ ଅଧିକାରୀଙ୍କୁ ହତ୍ୟା କରିଥିଲେ । ଇଂରେଜ ମାନେ ଯୋଜନାବଦ୍ଧ ଭାବରେ ଷଡ଼ଯନ୍ତ୍ର କରି ଭଗତ ସିଂ, ସୁଖଦେବ, ରାଜଗୁରୁଙ୍କୁ ୨୩ମାର୍ଚ୍ଚ ୧୯୩୧ ମସିହା ସନ୍ଧ୍ୟା ପ୍ରାୟ ୭:୩୩ରେ ଫାଶୀ ଖୁଣ୍ଟରେ ଝୁଲାଇ ଦେଇଥିଲେ । ଫାଶୀ ଖୁଣ୍ଟ ଅଭିମୁଖେ ଯିବାବେଳେ, ସେମାନଙ୍କ ମୁଖରୁ ଇନକିଲାବ ଜିନ୍ଦାବାଦର ନାରା ଗୁଞ୍ଜରିତ ହୋଇଥିଲା ।

ଆମ ଦେଶକୁ ସ୍ୱାଧୀନ ହେବାର ୭୭ବର୍ଷ ଅତିକ୍ରାନ୍ତ ହୋଇସାରିଛି । ଆମ ଦେଶର ଶିକ୍ଷା, ସ୍ୱାସ୍ଥ୍ୟ, ବାଣିଜ୍ୟ, କଳକାରଖାନା ରାସ୍ତାଘାଟ, ରେଳପଥ ସଡ଼କପଥ, ବିମାନ, ଅତ୍ୟାଧୁନିକ, ଜ୍ଞାନକୌଶଳରେ ନିର୍ମିତ କୃଷି ଉପକରଣ, ପ୍ରତିରକ୍ଷା ବିଭାଗରେ ଉନ୍ନତ ଜ୍ଞାନକୌଶଳରେ ନିର୍ମିତ କ୍ଷେପଣାସ୍ତ୍ର, ଟ୍ୟାଙ୍କ, ରକେଟ, ଯୁଦ୍ଧ ବିମାନ, ଯେପରିକି ରାଫେଲ ଯାହାକି ଅତି ଉନ୍ନତ ଶକ୍ତିଶାଳୀ ଯୁଦ୍ଧ ବିମାନ, ଫ୍ରାନ୍ସରୁ ଆମ ଦେଶ କ୍ରୟ କରିଥିଲା, ଏହାଛଡା ଶକ୍ତିଶାଳୀ ଯୁଦ୍ଧ ବିମାନ କ୍ଷେପଣାସ୍ତ୍ର ଆମେରିକା ଭଳି ରାଷ୍ଟ୍ରରୁ ଆଣିବାରେ ସକ୍ଷମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇପାରିଛୁ । ଏହା ଆମ ପ୍ରତିରକ୍ଷା ଓ ସାମରିକ ଶକ୍ତି ବୃଦ୍ଧି କରିବାରେ ସହାୟ ହୋଇଛି । କୌଣସି ଶକ୍ତି ଆମ ଦେଶର ଅଖଣ୍ଡତା ଓ ନିରାପତ୍ତା ପ୍ରତି ବାଧା ସୃଷ୍ଟି କରିଲେ ଆମ ଲଢୁଆ ବୀର ତଥା ଶକ୍ତିଶାଳୀ ସେନା ଏହାକୁ ପ୍ରତିରୋଧ କରିବା ସହିତ ତାର ଉଚିତ୍ ଜବାବ୍ ଦେଉଛି । ଅଗଷ୍ଟ ୨୩, ସନ୍ଧ୍ୟା ୬ଟା ୪ମିନିଟରେ ଚନ୍ଦ୍ରଯାନ -୩ ସମ୍ପୂର୍ଣ୍ଣ ଭାବରେ ଚନ୍ଦ୍ର ପୃଷ୍ଠ ଅବତରଣ କରିଛି । ଆମ ଦେବଭୂମି, ପୁଣ୍ୟଭୂମି, ମାତୃଭୂମି ଭାରତ ବିଶ୍ୱ ଇତିହାସରେ ଆଉ ଏକ ବିରଳ ଦୃଷ୍ଟାନ୍ତ ପ୍ରଦର୍ଶନ କରିବାକୁ ଏକାକୀ ସକ୍ଷମ ହେଇଛି । ଏହା ୧୪୦କୋଟି ଭାରତୀୟ ଲୋକ ଙ୍କ ପାଇଁ ନିଶ୍ଚିତ ଭାବରେ ଐତିହାସିକ ମୁହୂର୍ତ୍ତ । ଆମ ଦେଶର ମହାକାଶ ଗବେଷଣା ସଂଗଠନ ଇସ୍ରୋର ବୈଜ୍ଞାନିକମାନେ ରେକର୍ଡ ପରେ ରେକର୍ଡ ସ୍ଥାପନ କରିବାକୁ ଯାଉଛନ୍ତି । ଚନ୍ଦ୍ରୟାନ -୩ ସଫଳ ହେବା ପରେ, ଆଦିତ୍ୟ -L୧ ମିଶନ (ସୂର୍ଯ୍ୟଙ୍କ ଗବେଷଣା କରିବାରେ), ଗଗନୟାନ (ଅନ୍ତରୀକ୍ଷ ଉପରେ ଗବେଷଣା) ଏବଂ ଶୁକ୍ରାୟାନ (ଶୁକ୍ର ଗ୍ରହ ଉପରେ ଗବେଷଣା), ମଙ୍ଗଳାୟାନ (ମଙ୍ଗଳଗ୍ରହ ଉପରେ ଗବେଷଣା)ର ଲକ୍ଷ୍ୟ ନେଇ ଆଗକୁ ଅଗ୍ରସର ହେଉଛନ୍ତି । ନିକଟ ଭବିଷ୍ୟତରେ ଇସ୍ରୋର ବୈଜ୍ଞାନିକ ମାନେ ଏହି ମିଶନ ଗୁଡ଼ିକର ସଫଳ ରୂପାୟନ କରିବେ, ଏହା ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ମୋର ବିନମ୍ର ପ୍ରାର୍ଥନା ।

ମାତ୍ର ୬୧୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଚନ୍ଦ୍ରୟାନ -୩ ସମଗ୍ର ବିଶ୍ୱକୁ ଆଚମ୍ବିତ କରିଛି । କିନ୍ତୁ ଅତି ଦୁଃଖ ପରିତାପର ବିଷୟ ଏହିକି ଯେ ମହାନ ଦେଶପ୍ରେମୀ ସହିଦ ଭାଗବତ ସିଂଙ୍କ ସୁନାର ଭାରତ ସ୍ୱପ୍ନ ଏବେବି ଅଧୁରା ଅଛି । ଏବେବି ସାଧାରଣ ଗରିବ ଓ ମଧ୍ୟବର୍ତ୍ତୀ ବର୍ଗ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ପ୍ରତି ମୁହୂର୍ତ୍ତରେ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ପାଇଁ ସଂଘର୍ଷ କରୁଛନ୍ତି । ତାଙ୍କ ସହିତ ହେଉଥିବା ଅନ୍ୟାୟକୁ ସହ୍ୟ କରିନପାରି ଆତ୍ମହତ୍ୟା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରିବା ପାଇଁ ବାଧ୍ୟ ହେଉଛନ୍ତି । ଏଥିପାଇଁ ଆମ ଦେଶର ସରକାରି କଳରେ ଉଦାସୀନତା ଓ ଭ୍ରଷ୍ଟ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଦାୟୀ ।

NIRB ର ୨୦୨୧ ରିପୋର୍ଟ ଅନୁସାରେ 'ମହିଳାଙ୍କ ପ୍ରତି ହେଉଥିବା ଅତ୍ୟାଚାର ଯେପରି ଧର୍ଷଣ, ଗଣ ଦୁଷ୍କର୍ମ, ମର୍ଡର, ଶାରୀରିକ ଓ ମାନସିକ ନିର୍ଯାତନା ହାର ୬୪.୫% (୧ଲକ୍ଷ ଜନସଂଖ୍ୟାର ପରିଧି ମଧ୍ୟରେ) । ଏହା ବିଂଶ ଶତାବ୍ଦୀର ସଭ୍ୟ ସମାଜରେ ବିକାଶର ପରିପନ୍ଥୀ ! NIRB ୨୦୨୧ର ଆଉ ଏକ ରିପୋର୍ଟ ଅନୁସାରେ ପ୍ରତିଦିନ ଆମ ଦେଶର ୮୬ ଜଣ ମହିଳା ଧର୍ଷଣର ଶିକାର ହେଉଛନ୍ତି ଏବଂ ୪୯ ଜଣ ମହିଳା ଦୁର୍ବ୍ୟବହାର ସାମ୍ନା କରୁଛନ୍ତି, ପ୍ରତି ଘଣ୍ଟାରେ ଭାରତରେ କୋଣ ଅନୁକୋଣରେ ଏପରି ଘଟୁଛି । ୨୦୨୦ରେ ଦିଲ୍ଲୀ ନିର୍ଭୟା ଗଣଦୁଷ୍କର୍ମ, ୨୦୧୯ରେ ହାଇଦ୍ରାବାଦରେ ୨୬ ବର୍ଷିଆ ମହିଳା ପଶୁ ଚିକିତ୍ସିକା ଗଣଧର୍ଷଣ ଓ ୧୯ ବର୍ଷିଆ ଉତ୍ତର ପ୍ରଦେଶର ହାଥରସ୍ ରେ ଜଣେ ମହିଳା ଗଣଧର୍ଷଣ ଭଳି ଅମାନୁଷିକ କାର୍ଯ୍ୟରେ ଶିକାର ହୋଇଥିଲେ । ଏହିପରି ଅନେକ ଘଟଣା ଆମ ଦେଶର ଜନସାଧାରଣଙ୍କୁ ସ୍ତବ୍ଧ କରିଦେଉଛି । ଏହି ସବୁ ଘଟଣା ଅତ୍ୟନ୍ତ ବିଭତ୍ସ ଓ ଲୋମହର୍ଷଣକାରୀ ଅଟେ । ଆମ ଦେଶରେ ବାରମ୍ବାର ଏହିପରି ଘଟଣର ପୁନରାବୃତ୍ତି ଘଟିବା ବିଡ଼ମ୍ବନାର ବିଷୟ । ଆମ ଦେଶର କ୍ଷମତା ଲୋଭି ରାଜନେତା ଆରୋପ ପ୍ରତ୍ୟାରୋପ କାଦୁଆ ଫିଙ୍ଗା ରାଜନୀତିରେ ବ୍ୟସ୍ତ । ଧର୍ଷଣ ଗଣଧର୍ଷଣ ମହିଳାଙ୍କ ପ୍ରତି ଅତ୍ୟାଚାର ଦିନକୁ ଦିନ କମିବା ବଦଳରେ ବଢିବାରେ ଲାଗିଛି । ନୂତନ ଭାରତ ଶିକ୍ଷିତ ଲୋକେ ଏଥିପ୍ରତି ଉଦାସୀନ ନହୋଇ ସଚେତନ ହେଲେ ଆମ ଦେଶର ସ୍ୱପ୍ନ ପୂରଣ ହେବ ।" ଯତ୍ର ପୂଜ୍ୟନ୍ତେ ନାରୀ ତତ୍ର ତିଷ୍ଠନ୍ତି ଦେବତା" ।।।

ଆମ ଦେଶର ପୂର୍ବତନ ଆଇନ ମନ୍ତ୍ରୀ କିରଣ ରିଜୁ ରାଜ୍ୟ ସଭାରେ ଦେଇଥିବା ମନ୍ତବ୍ୟ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଧାରରେ, ବର୍ତ୍ତମାନ ଆମ ଦେଶରେ ପାଖା ପାଖି ୫ କୋଟିରୁ ଅଧିକ ମାମଲା ବିଭିନ୍ନ କୋର୍ଟରେ ବିଚାରଧୀନ ଅଛି । ଭାରତର ସର୍ବୋଚ୍ଚ ଆଦାଲତରେ ୬୯୦୦୦ରୁ ଅଧିକ ମାମଲା ଏବେବି ବିଚାରଧୀନ ଅଛି । ଏହା ବ୍ୟତୀତ ଆମ ଦେଶର ୨୫ଟି ହାଇ କୋର୍ଟରେ ୫୯ ଲକ୍ଷ ମାମଲା ଏବେବି ବିଚାରଧୀନ ଅଛି । ଏହିସବୁ ମାମଲାର ତୁରନ୍ତ ବିଚାର ପାଇଁ ଆମ ସରକାରଙ୍କ ପକ୍ଷରୁ କୌଣସି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ବିଡ଼ମ୍ବନାର ବିଷୟ । ଆମ ବ୍ୟବସ୍ଥାର ତ୍ରୁଟି ପାଇଁ ଲକ୍ଷ ଲକ୍ଷ ଗରିବ ଓ ମଧ୍ୟବିତ୍ତ ସାଧାରଣ ଲୋକ ନ୍ୟାୟ ପାଇବାରୁ ବଂଚିତ ହେଉଛନ୍ତି । ଦିନକୁ ଦିନ ସାଧାରଣ ଜନ ସାଧାରଣ ଆମ ସରକାର ଓ ନ୍ୟାୟ ବ୍ୟବସ୍ଥା ଉପରୁ ଆସ୍ଥା ହରାଉଛନ୍ତି । ବର୍ତମାନ ଆମ ଦେଶର ମଣିପୁର ଘଟଣାକୁ ଯଦି ଆମେ ବିଚାରକୁ ନେବା ସେଠାରେ ୨ ସମୁଦାୟ ହିନ୍ଦୁ ବହୁଳ ମୈତି ଏବଂ ଅଳ୍ପ ସଂଖକ କୁକୀ ମଧ୍ୟରେ ବିବାଦ ଉଗ୍ର ରୂପ ଧାରଣ କରିଛି, ଯାହାକି ୧୮୧ ରୁ ଉର୍ଦ୍ଧ ନିରହ ଜନ ସାଧାରଣ ଙ୍କ ବହୁମୂଲ୍ୟ ଜୀବନ ଚାଲିଯାଇଛି । ଦୁଇ ଜନଜାତି ମଧ୍ୟରେ ହିଂସା କାରଣରୁ ମଣିପୁରରେ ଏବେବି ବିଭିନ୍ନ ରିଲିଫ କ୍ୟାମ୍ପରେ ୫୪,୪୮୮ରୁ ଉର୍ଦ୍ଧ ଲୋକ ରହୁଛନ୍ତି । ସେମାନଙ୍କ ଦୁର୍ଦ୍ଦଶା ନ କହିବା ଭଲ, ସେମାନେ ପ୍ରତି ମୁହୁର୍ତ୍ତରେ, ଭୟଭୀତ ଅବସ୍ଥାରେ ରହୁଛନ୍ତି ।

୭ଜଣ କୁକୀ ଆଦିବାସୀ ସମ୍ପ୍ରଦାୟର ମହିଳା ମଣିପୁରରେ ଧର୍ଷଣର ଶିକାର ହୋଇଛନ୍ତି । ଦୀର୍ଘ ୭୭ ଦିନ ପରେ ମଣିପୁର ସରକାର ଓ ପୁଲିସ ପ୍ରଶାସନର କୁମ୍ଭକର୍ଣ୍ଣ ନିଦ୍ରା ଭଙ୍ଗ ହୋଇଥିଲା ଏବଂ ଧର୍ଷଣ ଘଟାଇଥିବା ମୁଖ୍ୟ ଖଳନାୟକକୁ ପୁଲିସ ଧରିବାରେ ସକ୍ଷମ ହୋଇଥିଲା । ବିଭିନ୍ନ ଜାତୀୟ ଗଣ ମାଧ୍ୟମ ରିପୋର୍ଟ ଅନୁସାରେ କିଛି ରାଜନୀତିକ ଦଳର ବ୍ୟକ୍ତିବିଶେଷ ମଣିପୁରର ଏହି ଦୁଇ ଆଦିବାସୀ ଜନଜାତି ମଧ୍ୟରେ ହିଂସାକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଉସୁକେଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ନିଜର ରାଜନୈତିକ ଫାଇଦା ହାସଲ ପାଇଁ ଏହିପରି କୁକର୍ମ କରିବାକୁ କିଛି କ୍ଷମତା ପିପାସୁ ରାଜନେତା ପଛଘୁଞ୍ଚା ଦେଉ ନାହାଁନ୍ତି । ଏହା ସତରେ ଅତ୍ୟନ୍ତ ନିନ୍ଦନୀୟ ଏବଂ ଦୁଃଖଦାୟକ । ବର୍ତମାନ ଆମ ଦେଶର ରାଜନୀତିର ସ୍ତର ଧୀରେ ଧୀରେ ଅତି ନିମ୍ନଗାମୀ ହେଉ ଚାଲିଛି । ସାମାନ୍ୟ କିଛି ଟଙ୍କା କ୍ଷମତା ଲୋଭରେ, ଆଜିର ରାଜନେତା ଯେ ଯେକୌଣସି ସ୍ତରକୁ ଯାଇ ପାରନ୍ତି, ଏଥିରେ ସନ୍ଦେହର ଅବକାଶ ନାହିଁ । ସ୍ୱାଧୀନତା ପୂର୍ବରୁ ଲାଲବାହୁଦୂର ଶାସ୍ତ୍ରୀଙ୍କ ଭଳି ରାଜନେତା ଏବଂ ବର୍ତମାନର ରାଜନେତାଙ୍କ ମଧ୍ୟରେ ଆକାଶ ପାତାଳର ଫରକ ଦୃଶ୍ୟମାନ ହୁଏ । ସ୍ୱାଧୀନତା ପୂର୍ବରୁ ରାଜନେତା ତ୍ୟାଗ ଓ ଦେଶ ପ୍ରେମର ଜ୍ୱଳନ୍ତ ଉଦାହରଣ ଥିଲେ, ବର୍ତମାନର ରାଜନେତା ସାମାନ୍ୟ ଅର୍ଥ ଓ କ୍ଷମତା ହାସଲ କରିବା ପାଇଁ, ଦଙ୍ଗାକୁ ଉସକାଇବା ଓ ନିଜର ରାଜନୀତିଜ୍ଞ ବିରୋଧୀଙ୍କୁ ମାରିବାକୁ ମଧ୍ୟ ପଛ ଘୁଞ୍ଚା ଦେଉନାହାନ୍ତି । ମିଛ ପ୍ରତିଶୃତି, ମିଛ ଆଶ୍ୱସନା ଦେଇ ଭୋଟ ହାତେଇବାରେ ସେମାନେ ସିଦ୍ଧହସ୍ତ ।

ପରିଶେଷରେ ଆମ ଦେଶର ସମସ୍ତ ରାଜନେତାମାନଙ୍କୁ ମୋର ହାତ ଯୋଡି ବିନମ୍ର ଅନୁରୋଧ ଯେ ନିଜର ରାଜନୈତିକ ମହତ୍ୱାକାଙ୍କ୍ଷାଂରୁ ଉପରକୁ ଉଠି ମିଳିମିଶି ସମସ୍ତେ ଆମର ଦେଶର ବିକାଶ ଓ ପ୍ରଗତି ପାଇଁ ଯଥାସମ୍ଭବ ଚେଷ୍ଟାକରନ୍ତୁ ଏବଂ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟରୁ ବଞ୍ଚିତ ହେଉଥିବା ଅସହାୟ ନୀରିହ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକମାନଙ୍କର କଲ୍ୟାଣ ପାଇଁ ସବୁପ୍ରକାରର ଉଦ୍ୟମ କରନ୍ତୁ । ଯାହାଦ୍ୱାରା ଆମ ଦେଶ ବିକାଶ ପଥରେ ଅଗ୍ରସର ହେବ ଏବଂ ବିଶ୍ୱବାସୀଙ୍କ ଲାଗି ଶ୍ରେଷ୍ଠ ଉଦାହରଣ ସୃଷ୍ଟି କରିବ ନ ହେଲେ ଦେଶପ୍ରେମୀ ସହିଦ ଭଗତ ସିଂ ଭଳି ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ତ୍ୟାଗ ଓ ବଳିଦାନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରତି ଏହା ଅପମାନ ହେବ । ସହିଦ ଭଗତ ସିଂହଙ୍କ ସୁନାର ଭାରତର ସ୍ୱପ୍ନ ସେତେବେଳେ ସାକାର ହେବ ଯେତେବେଳେ ସମସ୍ତ ଗରିବ, ସାଧାରଣ ମଧ୍ୟବିତ୍ତ ପରିବାରମାନଙ୍କୁ ନ୍ୟାୟ ମିଳିବ ଏବଂ ସେମାନଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା, ଉଚ୍ଚକୋଟିର ଶିକ୍ଷା, ଉତ୍ତମ ପୃଷ୍ଟିକର ଖାଦ୍ୟ, କର୍ମନିଯୁକ୍ତିର ସୁଯୋଗ ସରକାରୀ ଏବଂ ବେସରକାରୀ ପକ୍ରିୟାରେ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ରସରକାର ମିଳିତ ଉଦ୍ୟମରେ କାର୍ଯ୍ୟ କରିବେ । ଏହା ସମସ୍ତଙ୍କ ମିଳିତ ସହଯୋଗରେ ସମ୍ଭବ ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ ।

ଆଶୁତୋଷ ନାୟକ
ଗୋପାଳପୁର, ବାଲେଶ୍ୱର,
ମୋ -୭୦୨୦୬୧୧୩୦୦

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# କେ ନୁହେଁ ସାହା ବିପ୍ରବର



ପଙ୍କଜ କୁମାର ପାଣିଗ୍ରାହୀ

କେ ନୁହେଁ ସାହା ବିପ୍ରବର,

ନିଜକୁ ନିଜେ ରକ୍ଷାକର(୧)

ଏ ସଂସାର ଦୁଃଖ ଅପାର, ଅଜ୍ଞାନେ ଅପ୍ରାପ୍ତ ହରି, ଚେତନାକୁ ସୁଧାର !

ଲଭିବ ସୁଖ ନିଜ ଜ୍ଞାନେ, ଜଡମାନସଙ୍କୁ କର ତିରସ୍କାର !

ସ୍ୱାର୍ଥବାଦୀ କୁହେଳିକା ପ୍ରତ୍ୟାହାର, ନିଜ ଅନ୍ତର୍ଜ୍ଞାନ ଉଦୟ କର !

ଦେଖିବ କରୁଛ କ'ଣ, କ'ଣ ଉଚିତ ବିଚାର ... ? ! !

ଲେଖାଟିକୁ ସମ୍ପୂର୍ଣ୍ଣ ଶେଷ ପର୍ଯ୍ୟନ୍ତ ପଢିଲେ ହିଁ ବୁଝି ହେବ ତାହାର ମହତ୍ୱ କ'ଣ/କେତେ ? କୁହେଳିକାର କୁହୁଡି ପହଁରି ଜ୍ଞାନିର ଚରମ ଶିର୍ଷରେ ନିଜକୁ ଅବସ୍ଥାପିତ କରୁଥିବା ସାଧାରଣ ମଣିଷଙ୍କ ବକ୍ତବ୍ୟ ଗୁଡିକ ଏକ ଭିନ୍ନ ରୁଚି ଦେଉଥିବା ବେଳେ ଚାଟୁକାରିତାର ଅନ୍ତରାଳେ ନିଜକୁ ଜଣେ ଦକ୍ଷ ମଣିଷର ପରିଚିତି ସୃଷ୍ଟି କରୁଥିବା ମଣିଷଙ୍କ ଭାବାବେଗର ସମୀକ୍ଷା କରିବା ଅତ୍ୟନ୍ତ ଜଟିଳ ! ଉପସ୍ଥିତ ସମୟରେ ଯାହାସବୁ ସାମାଜିକ ପ୍ରେରଣା ଦିଆଯାଉଅଛି ତଥା ବିଭିନ୍ନ ସ୍ତର, କ୍ଷେତ୍ରକୁ ନେଇ ଭିନ୍ନ ଭିନ୍ନ ବିଷୟ ଆଧାରିତ ସାମାଜିକ ପ୍ରଗତିର କୁହେଳିକା ସୃଷ୍ଟି କରାଯାଉଅଛି ସେଗୁଡିକ ମଧ୍ୟରେ ୧ ପ୍ରତିଶତ ମଧ୍ୟ ପ୍ରଗତିର ଉତ୍ସ ନୁହେଁ ବୋଲି ବୁଝନ୍ତି କେତେକ, କି'ନ୍ତୁ ଅଧିକାଂଶ ସେସବୁ ବିଷୟରେ ଅଜ୍ଞ । ଅଧିକନ୍ତୁ ନିର୍ବୋଧ ଭାବୁଛନ୍ତି ସତେ ଯେମିତି ଆକାଶ ମାର୍ଗରୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦେବଦୂତ ସମୂହ ଉପସ୍ଥିତ ରହି ପ୍ରଚଳନ କରୁଛନ୍ତି ଆମ ସମାଜକୁ । କେବେ କେଉଁ ସମୟରେ ଦେବଦୁତ ସାଜି ଧରାବତରଣ କରିଥିବା ଶାସକ ରାଜାଙ୍କ କାହାଣୀ ଏବଂ ଉପସ୍ଥିତ ସମୟର ଶାସକଙ୍କ କୁହେଳିକା, ପ୍ରଚାର, ପ୍ରସାର ମଧ୍ୟରେ ପ୍ରଭେଦକୁ ଭେଦ କରିବା ଜ୍ଞାନ ବିହୀନ ମଣିଷଙ୍କ ସ୍ଥିତି ଯାହା ଅକଥନୀୟ । ମାଗଣା ଖାଇବା, ଅଧିକ ପାଇବା ଆଶା ଏକ ଜଡମାନସ, ଅକର୍ମଣ୍ୟର ଚେତନା ଯାହା ଆଜିର ସାମାଜିକ ଶିକ୍ଷାରେ ଜଡିତ ଏକ ବ୍ୟାପକ ମାନବିକ ଅଧିକାର ବୋଲି ଭାବନା ଗ୍ରାସ କରିଛି ସମସ୍ତଙ୍କୁ । ଏହି ପ୍ରେରଣା ଦେଉଥିବା ମଣିଷଟି ମଧ୍ୟ ସେହି ଜଡ଼ମାନସ, ଅକର୍ମଣ୍ୟ ଅଜ୍ଞାନ ଚତୁରଟିଏ ବୋଲି ବୁଝି ନାହାନ୍ତି ସାଧାରଣ ନିର୍ବୋଧ । ମାନବଧର୍ମ ବହିର୍ଭୁତ ସାମାଜିକ ଶୀର୍ଷକ୍ଷେତ୍ର ଜଡିତ ମଣିଷ ଗୁଡିକୁ ଅନୁକରଣ କରି ସେମାନଙ୍କ ସହିତ ନିଜକୁ ସମାନ୍ତରାଳ କରି ·ଲିଥିବା ସାଧାରଣ ନିର୍ବୋଧଙ୍କ ବିଷୟ ଭାବିଲେ ସେହି ଜଡ ମାନସିକତାର ପରିସରଭୁକ୍ତ ହୋଇଯାଉଛି ଆମର ଚେତନା ଜ୍ଞାନ ।

ଆମ ଦେଶରେ ଅନେକ ସମ୍ପ୍ରଦାୟ, ବିଭିନ୍ନ ଦଳ, କେତେ ସଂଗଠନ, ଅନୁଷ୍ଠାନ, ମାଳ ମାଳ ପ୍ରତିଷ୍ଠାନ, ଜାତି, ଧର୍ମ, ବର୍ଣ୍ଣ ଇତ୍ୟାଦିର ସୀମା ନାହିଁ ! ଆମେ ସମସ୍ତେ କିଏ କେଉଁ ଗୋଷ୍ଠିଗତ ଆନୁଗତ୍ୟ ସ୍ୱୀକାର କରି ମଧ୍ୟ ଏକକ ରାଷ୍ଟ୍ରର ସଭ୍ୟ ସଦସ୍ୟ ଭାବେ ନିଜର ପରିଚୟ ଦେଇ ଆସୁଅଛୁ । ଏହି ଏକକ ରାଷ୍ଟ୍ର ମଧ୍ୟରେ ବିଭିନ୍ନତା ସୃଷ୍ଟି ହେବା ପଛରେ ରହିଥିବା ରହସ୍ୟର କାରଣ ଖୋଜି ନାହାନ୍ତି କେହି, କେବେ । ବିଭିନ୍ନତାବାଦର କଳା ଫର୍ଦ୍ଦ ମଧ୍ୟରେ କେତେଯେ କେଳେଙ୍କାରୀ କାରନାମା, ସେଗୁଡିକୁ ବୁଝିବା କେବଳ କଷ୍ଟ ନୁହେଁ ବରଂ ଅସମ୍ଭବ କହିଲେ ଅତ୍ୟୁକ୍ତି ହେବନାହିଁ । ହେଲେ ସାଧାରଣ ନିର୍ବୋଧ ମଣିଷ ଗୁଡିକ କାହିଁକି ଅବା ବୁଝିବାକୁ ପାଇବେ ଯେ ସେହି ବିଭିନ୍ନତା ମଧ୍ୟରେ ରହିଥିବା ରହସ୍ୟ ଗୁଡିକ କ'ଣ ? ତେଣୁ ପ୍ରତ୍ୟେକ ଗୋଷ୍ଠୀର ମୁଖିଆ ମାନେ ସମସ୍ତେ ଗୋଟିଏ ବାଟର ବାଟୋଇ ହୋଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନିଜ ନିଜ ମଧ୍ୟରେ ବୁଝାମଣା ସମ୍ବନ୍ଧ ରଖି ନିରୀହ ଜନସାଧାରଣଙ୍କୁ କେବଳ ନିଷ୍ପେସିତ, ପ୍ରତାରିତ କରି ନିଜସ୍ୱ ସ୍ୱାର୍ଥ ହାସଲ ଦିଗରେ ଲାଗିପଡ଼ି ଥା'ନ୍ତି ସବୁ ସମୟରେ । ଅତ୍ୟନ୍ତ ହୀନମନ୍ୟତାର ସହିତ ସାଧାରଣ ଲୋକଙ୍କୁ କିଛି ଭୁଆଁବୁଲା କଥା କହି କେବଳ ଭବିଷ୍ୟତ ଉଜ୍ଜ୍ୱଳର ନାରା ଦେଇ ·ଲିଛନ୍ତି ବର୍ଷ ବର୍ଷ ଧରି ଯାହାର ଅନ୍ତ କେଉଁଠି କେହି ଜାଣି ନାହାନ୍ତି । ସବୁବେଳେ ଆଶାୟୀ ହୋଇ ରହିଥିବା ସାଧାରଣ ଜନମାନସ, କ୍ଷଣ କ୍ଷଣ ଅପେକ୍ଷାରତ ଅବସ୍ଥାରେ ରହିଛନ୍ତି ଯେ ଆମର ଭଲଦିନ ଆସିବ କେବେ, ଆଉ ଆମେ ବିକଶିତ ହେବୁ କେବେ ? ଏହି ମର୍ମରେ କେବଳ ବର୍ଷ ନୁହେଁ ବରଂ ଦଶନ୍ଧି ଦଶନ୍ଧି ଧରି ସମୟ ସାପେକ୍ଷ ପ୍ରବଚନ ଦେଇ ପ୍ରତାରିତ କରିଥା'ନ୍ତି ସେମାନେ ପିଢ଼ିକୁ ପିଢ଼ି । ତଥାପି ଚେତନା ଜ୍ଞାନ ଉଦୟ ହୋଇ ପାରୁନାହିଁ ଆମର ଯେ ଆମେ ଆଉ ବୁଝିବା କେବେ ସେମାନଙ୍କ ଷଡ଼ଯନ୍ତ୍ରର ରହସ୍ୟ ?!!

କେତେବେଳେ ଜାତିପ୍ରଥା, କେତେବେଳେ ମହାମାରୀ, କେତେବେଳେ ସାମ୍ପ୍ରଦାୟୀକ ହିଂସାତ୍ମକ ଭାବଧାରା ତ ଆଉ କେତେବେଳେ ନିଶାକୁ ବ୍ୟାପକ କରି ପେଶାକୁ ବିକ୍ଷିପ୍ତ କରିବା ଭଳି ସାମାଜିକ ବିଭୀଷିକା ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି କ୍ଷେତ୍ର ଗୁଡିକର ଯଥେଷ୍ଟ ଅବନତି କରି ସାଧାରଣ ଲୋକଙ୍କ ଉପାର୍ଜନକୁ ନିଜ କରାୟତ କରିବା ତଥା ରାଷ୍ଟ୍ରୀୟ ସାମୁହିକ ସମ୍ପତ୍ତିକୁ ନିଜସ୍ୱ ଇଛାଧିନ ଭାବେ ପରିଚାଳିତ କରିବା ତ ଆଉ କେତେବେଳେ ସେଗୁଡିକୁ ବ୍ୟକ୍ତିଗତ ସ୍ତରକୁ ହସ୍ତାନ୍ତରିତ କରି ସ୍ୱାର୍ଥ ହାସଲ କରି ଆସୁଥିବା ମଣିଷ ମାନଙ୍କୁ ବିଶ୍ୱାସର ଏକ କୋମଳମତି ଭାବ ମଧ୍ୟରେ ରଖି ଅନୁମାନ କରିଚାଲିଛୁ ଆମେ ଯେ କେଉଁଦିନ ନିଶ୍ଚିତ ଏକ ବିକଶିତ ରାଷ୍ଟ୍ରର ମାନ୍ୟତା ପାଇବୁ । ରାତ୍ରି ଶୟନରେ ସ୍ୱପ୍ନ ଆସିଥାଏ ଆପେ କେତେକ ବିଷୟର ଭାବକୁ ନେଇ ତ କେତେବେଳେ ଅଭାବେ ମଧ୍ୟ । କିନ୍ତୁ ଏହି ଦିବା ସ୍ୱପ୍ନ ଯେ ଆମ ପାଇଁ ଦିନକୁ ଦିନ କଠୋର ପରିସ୍ଥିତି ସୃଷ୍ଟି କରି ଚାଲିଛି ସେକଥା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବର୍ତ୍ତମାନ ପଶୁନାହିଁ କାହା ମନରେ କି ଜ୍ଞାନରେ । କାରଣ କେଳେଙ୍କାରୀ ଷଡ଼ଯନ୍ତ୍ରକାରୀ ଏତେ ଉଲା ନୁହନ୍ତି ଯେ ସହଜରେ ଲୋକଙ୍କୁ ସେସବୁ ଭାବିବା ପାଇଁ ସମୟ ଦେବେ । ତେଣୁ କ'ଣ କଲେ ସମସ୍ତଙ୍କୁ ଅସ୍ଥିର ମସ୍ତିଷ୍କ କରି ରଖିହେବ ଏବଂ କିଂଚିତ ସମୟସାପେକ୍ଷ ସୁଖଦାୟୀ ବ୍ୟବସ୍ଥା କରିହେବ ସେଗୁଡିକୁ ନେଇ ବ୍ୟାପକ କୋଳାହଳ ସୃଷ୍ଟି କରି ମସ୍ତିଷ୍କ ବିଚଳନ କରାଯାଉଥିବା ବିଷୟ ମଧ୍ୟ ଜାଣୁନାହାନ୍ତି କେହି । ସେଗୁଡିକୁ ମଧ୍ୟ ବିକାଶର ଏକ ମାଧ୍ୟମ ବୋଲି ବିଚାରୁଛନ୍ତି ସମସ୍ତେ ଯାହା ଧୂଆଁବାଣ କେବଳ । ଏ ପ୍ରଚଣ୍ଡ ଅସାମଞ୍ଜସ୍ୟ କୁହେଳିକା ତଥା ଅଜ୍ଞାନ ଜଡ଼ ମାନସର ପ୍ରତାରଣାପୂର୍ଣ୍ଣ ବାର୍ତ୍ତାଗୁଡିକୁ ନିଃସନ୍ଦେହରେ ପ୍ରତ୍ୟାଖ୍ୟାନ କରି ଥରେ ଦେଖିଲେ ଜାଣିପାରିବା ଯେ ସତ୍ୟର ପଥ କେଉଁ ଦିଗରେ ଆଉ ଆମେ କେମିତି ମିଥ୍ୟାଗ୍ରାହୀ, ମିଥ୍ୟାଚାରୀଙ୍କ ଭଳି ପ୍ରତାରିତ ହୋଇଚାଲିଛେ ମିଥ୍ୟାବାଦୀଙ୍କ ବିପଦମୁଖୀ ପଥ ଅନୁସରଣ କରି । ଆମେ ଭାବୁଛେ କେବଳ ସେମାନଙ୍କ ପ୍ରରୋଚନା କାରଣରୁ ଯାହାସବୁ ହେବ ବୋଲି ସେସବୁ କେବଳ ପାଣିରେ ଗାର ସଦୃଶ୍ୟ ଛଡା କୌଣସି ବାସ୍ତବତା ନାହିଁ ସେମାନଙ୍କ ବକ୍ତବ୍ୟରେ ।

ବିଭିନ୍ନ ଗୋଷ୍ଠୀ, ସମ୍ପ୍ରଦାୟ ତଥା ଦଳଗତ ବିଚାର ମଧ୍ୟରେ କେତେ ଯେ ରହସ୍ୟମୟ କାରୁକାର୍ଯ୍ୟ ରହିଥାଏ, ସାଧାରଣ ସ୍ତରରେ ରହିଥିବା ମଣିଷଙ୍କୁ ସେଗୁଡିକ ଆଦୌ ଅଂତରଣୀୟ ହେବା ସମ୍ଭାବନା ନାହିଁ । ଏଠାରେ ଗୋଟିଏ ଉଦାହରଣ ଦେଇ କହିବାକୁ ଚାହେଁ ଯେ ଗୋଟିଏ ଗୋଷ୍ଠୀ ମଧ୍ୟରେ ରହିଥିବା ମଣିଷଙ୍କ ଭାବଧାରା ଗୁଡିକ ମଧ୍ୟରୁ କାହା ମନରେ କିଭଳି ବିଚାର ଆସିଥାଏ ଏବଂ ସେଗୁଡିକୁ ନେଇ କେମିତି ଚାଲିଥାଏ ସେମାନଙ୍କ ସମ୍ପ୍ରଦାୟ ! ଆଉ ଅଜ୍ଞାନ ନିର୍ବୋଧ ମାନଙ୍କୁ ତା ମଧ୍ୟରେ କେମିତି ନିଷ୍ପେସିତ କରି ରଖି ଚଳାଇଥା'ନ୍ତି ସେମାନଙ୍କ ଗୋଷ୍ଠୀ ତାହାର ଏକ ନମୁନା ପରୀକ୍ଷା କରିବା...

ଥରେ ମୋର ସମ୍ପର୍କୀୟ ଗୁରୁଜନଙ୍କ ଜଣେ ବନ୍ଧୁ ମତେ କହିଲେ ତୁମେ ଆମ ଗୋଷ୍ଠିରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

(କୌଣସି ଏକ ଧର୍ମ ସଂପ୍ରଦାୟ ଗୋଷ୍ଠୀ) ମିଶ । ମୁଁ ପ୍ରଶ୍ନ କଲି କାହିଁକି, ଆଉ ତା'ଦ୍ୱାରା ମୋର କ'ଣ ଉପକାର ହେବ ? ସେ ମୋତେ କହିଲେ, ଦେଖ ଏହି ଗୋଷ୍ଠିରେ ମୁଁ ଅନେକ ବର୍ଷ ହେବ ସଂଶ୍ଳିଷ୍ଟ ରହିଛି । ସମ୍ପୃକ୍ତ ଗୋଷ୍ଠୀ ମଧ୍ୟରେ ମୋ ଭଳି ଆହୁରି ହଜାର ହଜାର ଲୋକଙ୍କ ସମ୍ପୃକ୍ତି ରହିଛି । ଅନ୍ତତଃ ପକ୍ଷେ ଏହି ଗୋଷ୍ଠୀକୁ ଆମ ସମସ୍ତଙ୍କୁ କିଛି ଅନୁଦାନ ସ୍ୱରୂପ ଦେବାକୁ ପଡିଥାଏ ଯାହାଦ୍ୱାରା ଗୋଷ୍ଠୀର ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳିତ ହୋଇଥାଏ । ହେଲେ ଆମେ କ'ଣ ପାଇବା ସେଇଥିରୁ ବୋଲି ପ୍ରଶ୍ନ କରନ୍ତେ ସେ ଉତ୍ତର ଦେଲେ ଯେ ମୁଁ ଜଣେ ଜୀବନ ବୀମା ପ୍ରତିନିଧି ଭଳି କାର୍ଯ୍ୟ କରୁଛି । ଗୋଷ୍ଠୀର ହଜାର ହଜାର ଲୋକଙ୍କ ଜୀବନବୀମା କରାଇଦେବା ଭଳି ବ୍ୟାପକ ଲାଭ ମୋତେ ମିଳୁଛି ଏହିଠାରୁ । ସେମିତି ଅନ୍ୟ କେହି ଅନ୍ୟାନ୍ୟ ବ୍ୟବସାୟରେ ଲିପ୍ତ ଅଛନ୍ତି ମୋ ଭଳି ସେମାନେ ଯଥେଷ୍ଟ ଲାଭ ପାଉଛନ୍ତି ଏଠାରୁ । ମୁଁ ପ୍ରଶ୍ନ କଲି ଯେଉଁମାନେ କୌଣସି ବ୍ୟବସାୟ କରନ୍ତି ନାହିଁ ସେମାନେ କ'ଣ ପାଉଛନ୍ତି ? ସେ କହିଲେ ସେମାନେ କେବଳ ଯାହା ପ୍ରବଚନ ଶୁଣୁଛନ୍ତି ତାହା ପାଉଛନ୍ତି । ସେମିତି ତୁମର ଯାହା ବ୍ୟବସାୟ କରିବାର ଅଛି ସେସବୁ ଗୋଷ୍ଠୀ ମାଧ୍ୟମରେ ବହୁତ ଲାଭପ୍ରଦ ବ୍ୟବସାୟ କରିହେବ । ତେଣିକି ଆମର ଆଉ କ'ଣ ଦରକାର ? ପ୍ରବଚନ ଶୁଣିବା ସଂଗେ ସଂଗେ ଆମେ ଆର୍ଥିକ ଲାଭ ଉଠାଇ ପାରିବା । ଉତ୍ତରରେ ମୁଁ ବିଚାର କରି କହିବି ବୋଲି ମନ୍ତବ୍ୟ ପ୍ରକାଶ କରି ସମ୍ପୃକ୍ତ ଗୋଷ୍ଠୀର କଳା କାରନାମା ଗୁଡିକ ବିଷୟରେ ଆହୁରି ଗବେଷଣାତ୍ମକ ଅନୁସନ୍ଧିତ୍ସୁ ଲକ୍ଷ୍ୟ ରଖି ଜାଣିବାକୁ ପାଇଲି ଅନେକ କଥା ଯାହା ଏଠାରେ ପ୍ରକାଶ କରିହେବ ନାହିଁ ! ଅଧିକନ୍ତୁ ସେହି ଗୋଷ୍ଠୀ ମଧ୍ୟରେ ରହିଥିବା ୯୦ ଶତକଡା ନିରୀହ ନିର୍ବୋଧ ସେଗୁଡିକୁ ବୁଝି ନପାରି ପ୍ରତାରଣାର ଶିକାର ହୋଇଥା'ନ୍ତି ନିତ୍ୟ । ଆଉ କଥା ରହିଲା ପ୍ରବଚନର ଯାହା ଆମ ଦେଶରେ ଲକ୍ଷ ଲକ୍ଷ ପୁସ୍ତକ ମାଧ୍ୟମରେ ଉପଲବ୍ଧ ହେଉଥିବା ବେଳେ ଏହିଭଳି ବ୍ୟବସାୟୀକ ଗୋଷ୍ଠୀ ମଧ୍ୟରେ ନିଜର ଜୀବନ ନିକ୍ଷେପିତ କରି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାଲିବା ପାଇଁ କାହିଁକି ଆକୃଷ୍ଟ ହୋଇଥା'ନ୍ତି ଆମ ଦେଶର ସାଧାରଣ ନିର୍ବୋଧ ବୁଝିହେବ ନାହିଁ ସହଜରେ !

ଏମାନଙ୍କ ଭଳି ହଜାର ହଜାର ଗୋଷ୍ଠୀର ସମାହାର ଦେଖିବାକୁ ମିଳେ ଆମ ସମାଜରେ ସମୟ, କ୍ଷେତ୍ରକୁ ନେଇ ଯାହାଙ୍କ ଉପସ୍ଥିତି କେବଳ ସେଇଥିରେ ସମ୍ପୃକ୍ତ ରହିଥିବା ମଣିଷ ହିଁ ଜାଣନ୍ତି । ଯିଏ ଯେଉଁ ଗୋଷ୍ଠୀ ସହିତ ସଂଶ୍ଳିଷ୍ଟ ହୋଇଥାଏ ସିଏ ସେହି ଗୋଷ୍ଠିରେ ରହି ନିଜ ନିକଟ ସମ୍ପର୍କିତ ଲୋକଙ୍କୁ ତନ୍ମଧ୍ୟରେ ଯୋଡ଼ିଦେଇ ଗୋଷ୍ଠୀ ସଦସ୍ୟ ବୃଦ୍ଧି କରିବାରେ ନ୍ୟସ୍ତ ରହିଥା'ନ୍ତି ସବୁବେଳେ । ଏହି କ୍ରମରେ ଦେଖିବାକୁ ଗଲେ ବିଭିନ୍ନ ରାଜନୈତିକ ଗୋଷ୍ଠୀ, ସାମ୍ପ୍ରଦାୟୀକ ଗୋଷ୍ଠୀ, ବ୍ୟବସାୟୀକ ଗୋଷ୍ଠୀ, ଅସାମାଜିକ କାର୍ଯ୍ୟରେ ଲିପ୍ତ ଗୋଷ୍ଠୀ, ଭ୍ରଷ୍ଟାଚାରୀ ଗୋଷ୍ଠୀ, ଶ୍ରମିକ ଗୋଷ୍ଠୀ ଇତ୍ୟାଦି ମାଳ ମାଳ ଗୋଷ୍ଠୀ ଯାହା ସବୁ ସେମାନଙ୍କ ସଦସ୍ୟଙ୍କ ମଧ୍ୟରେ ସମାହିତ । ସେମାନଙ୍କ ଗୋଷ୍ଠିଗତ ଆନୁଗତ୍ୟ ସ୍ୱୀକାର କରିଥିବା ୧୦୦ ମଧ୍ୟରୁ ୯୯ ଲୋକଙ୍କୁ କେବଳ ଦିବାସ୍ୱପ୍ନରେ ଭସାଇ ଲୁଣ୍ଠିତ, ପ୍ରତାରିତ କରି ଚାଲିଛନ୍ତି ୧ ଯାହା ନିର୍ବୋଧ ବୁଝିନପାରି କେବଳ ସେହି ଗୋଷ୍ଠୀ ମାଧ୍ୟମରେ ନିଜର ଅଧୁରା ସ୍ୱପ୍ନକୁ ପୁରା କରିବାର ସ୍ୱପ୍ନ ଦେଖିଥା'ନ୍ତି ସବୁବେଳେ ଯାହା କେବେହେଲେ ସମ୍ପୂର୍ଣ୍ଣ ହୋଇନଥାଏ ପିଢ଼ିକୁ ପିଢ଼ି । ତଥାପି ନିରାଶର ବାର୍ତ୍ତା ଆଦୌ ନାହିଁ! କାରଣ ଷଡ଼ଯନ୍ତ୍ରକାରୀଙ୍କ ପ୍ରବଚନକୁ ପରଖି ସତ୍ୟକୁ ଉନ୍ମୋଚନ କରିବା ଏତେ ସହଜ ନୁହେଁ ଯାହା ସମ୍ପୃକ୍ତ ଗୋଷ୍ଠୀର ମୁଖିଆ ପ୍ରବର୍ତ୍ତାଇ ଥା'ନ୍ତି । ଏମାନଙ୍କ ମୁଖରୁ ନିଜକୁ ମୁକୁଳାଇ ସାଧାରଣ ନିରୀହ ନିର୍ବୋଧ ମଣିଷ ସମୂହ କେବଳ ନିଜ ଗୋଡ଼ରେ ନିଜକୁ ଛିଡା ହେବା ବିଚାର ନକଲେ ଯେ ଆଜୀବନ କେବଳ ଅସନ୍ତୁଳିତ ଅବସ୍ଥାରେ ରହି ଜୀବନ ତ୍ୟାଗ କରିବାକୁ ପଡିବ ସେଇଥିରେ ତିଳେ ହେଲେ ସନ୍ଦେହ ନାହିଁ ।

ଉପସ୍ଥିତ ସମୟର ସାମାଜିକ ବିଭୀଷିକା ଗୁଡିକୁ ସଂକୁଚିତ କରି ଏକ ଉତ୍ତମ ମଣିଷ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମାଜ ପ୍ରତିଷ୍ଠା ପାଇଁ କେଉଁ ପରିରାଇଜରୁ କେବେ ଦେବ ନାଗରିକଙ୍କ ଆବିର୍ଭାବ ହେବ ବୋଲି ବିଚାର ରଖିଥିବା ମଣିଷ ମଧ୍ୟ ଅନେକ ଅଛନ୍ତି ଆମ ସମାଜରେ ! ସେମାନଙ୍କ ଭାବନା ଯେ ଆମେ ପଢିଥିବା ଜାଣିଥିବା ରାମାୟଣ, ମହାଭାରତର କାହାଣୀ ସଦୃଶ୍ୟ ଉପସ୍ଥିତ ସମୟରେ ମଧ୍ୟ କେତେବେଳେ କୌଣସି ଦେବନଗରୀରୁ ଦୂତ କେହି ଆସି ଆମକୁ ଉଦ୍ଧାର କରିବେ ନିଶ୍ଚିତ, ଯାହା ଏକ ଅଲୌକିକ ବିଚାର ଛଡା ଆଉ କିଛି ନୁହେଁ ! ଆମେ ଜାଣିଥିବା କାହାଣୀ ଗୁଡିକ କେବଳ ପୃଥିବୀ ପୃଷ୍ଠର ସର୍ବସାଧାରଣଙ୍କୁ ମାନବିକ ମୂଲ୍ୟବୋଧ ପ୍ରଦାନ କରିବା ପାଇଁ ରଚିତ ବାସ୍ତବବାଦୀ କାହାଣୀରେ ଅବାସ୍ତବ ଚେହେରା ବ୍ୟତୀତ ଆଉ କିଛି ନୁହେଁ । ସେହି କାହାଣୀ ଗୁଡିକରେ ରଚିତ ଚେହେରା ଗୁଡିକ କେବଳ ମାନବିକ ଚରିତ୍ରର ଗୋଟିଏ ଗୋଟିଏ ଆନୁମାନିକ ପଟ୍ଟଚିତ୍ର ମାତ୍ର ଯାହାକୁ ନେଇ ବ୍ୟାପକ କାହାଣୀମାନ ରଚନା କରାଯାଇଥିଲା । ତା'ର ଉଦ୍ଦେଶ୍ୟ ରହିଥିଲା ଯେ ନିର୍ବୋଧଙ୍କୁ ଏହିଭଳି କାହାଣୀ ମାଧ୍ୟମରେ ମଣିଷ ଭଳି ମଣିଷ କରି ଗଢି ତୋଳିବା । କି'ନ୍ତୁ ଏହି ଅଜ୍ଞାନ ଚତୁର ସେଗୁଡିକୁ କଦର୍ଥ କରି ବିଭିନ୍ନ ପୂଜାର୍ଚ୍ଚନା ତଥା ଭଗବାନଙ୍କ ରୁପଦେଇ ସାଧାରଣ ଲୋକଙ୍କ ଠାରୁ ଅମାପ ସ୍ୱାର୍ଥ ଲୁଣ୍ଠନ କରିବେ ବୋଲି ଜାଣିଥିଲେ ହୁଏତ ସେହି ସ୍ୱଚ୍ଛ ଦାର୍ଶନିକ ଗଣ ଏସବୁ ମାନବିକ ଚେତନାକୁ ଏହିଭଳି କାହାଣୀ ମାଧ୍ୟମରେ ଲିପିବଦ୍ଧ କରିନଥା'ନ୍ତେ । ଲୋକଙ୍କୁ ସାମାଜିକ ଚେତନରେ ଅଭିଷିକ୍ତ କରି ମଣିଷ କରିବା ବିପରୀତେ ଯାହାସବୁ ଅମାନୁଷିକ ଭୟାତୁର ପ୍ରେରଣା ଦେଇ·ଲିଛନ୍ତି ଉପସ୍ଥିତ ସମୟର କେଳେଙ୍କାରୀ ସେଗୁଡିକୁ ମଧ୍ୟ ସୁଧାରି ସତ୍ୟର ଉପସ୍ଥାପନା କରାଯିବା ଅସମ୍ଭବ ଭଳି ମନେ ହେଉଛି ଆଜି ସମୟର ପରିବେଶ ପରିସ୍ଥିତି ଦେଖିଲେ, ଅନୁଧ୍ୟାନ କଲେ !

ଅନ୍ୟ ଏକ ଦିଗେ ଦେଖିବାକୁ ଗଲେ ରାଜନୈତିକ ଦଳ ବୋଲି କହି ସମାଜକୁ ପାତାଳମୁଖି କରିଚାଲିଥିବା କେତେକ ଅଜ୍ଞାନ ଚତୁର ସମାଜରେ ଯାହାସବୁ ବିଭୀଷିକା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପ୍ରେରଣ କରିଚାଲିଛନ୍ତି ସେଇଥିରେ ମଧ୍ୟ କୋଟି କୋଟି ଲୋକଙ୍କ ଜୀବନ ବିପନ୍ନ ଅବସ୍ଥାରେ ରହିବା ସହିତ ସମଗ୍ର ରାଷ୍ଟ୍ରର ସର୍ବସାଧାରଣ ପୀଡିତ ଅବସ୍ଥାରେ ରହି ଆସୁଛନ୍ତି ଦଶନ୍ଧି ଦଶନ୍ଧି ଧରି । ସେମାନଙ୍କ ମିଥ୍ୟା ପ୍ରବଚନ ତଥା ମିଛି ମିଛିକା ସାମାଜିକ ଉନ୍ନତି ମଣିଷ ସମାଜକୁ ଅନ୍ଧ ଗହ୍ୱର ମଧ୍ୟରେ ରଖି ଏତେ ମାତ୍ରାରେ ଶୋଷଣ କରିଚାଲିଛନ୍ତି ସମାଜକୁ ଯେ ତାହାର ମାପ ମିଳିବ ନାହିଁ ସମୀକ୍ଷା କରିବାକୁ ଗଲେ । ସାଧାରଣ ଲୋକଙ୍କୁ କେତେବେଳେ କେଉଁ ପରିସ୍ଥିତିରେ ବିଭିନ୍ନ ପ୍ରକାର ଲୋଭାସକ୍ତ କରି ରଖି ଭିତରେ ଯାହାସବୁ କେଳେଙ୍କାରୀ କରୁଛନ୍ତି ସାଧାରଣ ନିର୍ବୋଧ ସେଗୁଡିକୁ ବୁଝିବାକୁ ହେଲେ ହୁଏତ କେତକ ଜନ୍ମ ନେବାକୁ ପଡିବ ଭାବି ହେଉନାହିଁ ! କେବଳ ଯେଉଁମାନେ ସେମାନଙ୍କ ସହିତ ସଂଶ୍ଲିଷ୍ଟ ରହି କାର୍ଯ୍ୟ କରିଥା'ନ୍ତି ସେମାନଙ୍କ ବ୍ୟତୀତ ସାଧାରଣ ମଣିଷ ସମାଜରୁ ମଧ୍ୟ କୋଟି କୋଟି ଲୋକଙ୍କ ମନକୁ କିଣିବା ପାଇଁ ଅଜସ୍ର ମିଥ୍ୟା ପ୍ରବଚନ, କୁହେଳିକା ସୃଷ୍ଟି କରି ସାଧାରଣ ଲୋକଙ୍କ ଆସ୍ଥାକୁ ଏମିତି ଢଙ୍ଗରେ ରଙ୍ଗେଇଥା'ନ୍ତି ଯେ ସମସ୍ତେ ସେମାନଙ୍କ ନିଜ ନିଜ ଗୋଷ୍ଠିଗତ ଆନ୍ତରିକ ଭାବ ରହିଥିବା ଦଳଗୁଡିକ ପ୍ରତି ଏକ ରକମ ମୋହିତ ଅବସ୍ଥାରେ ରହି ପରୋକ୍ଷରେ ପ୍ରତାରିତ ହୋଇଥା'ନ୍ତି ।

କଥାରେ କହନ୍ତି କୁଲେ ପାଛୁଡ଼ିଲେ ଗୋଟେ ନାହିଁ, ଭଳି ବର୍ଷ ବର୍ଷ ଧରି ସେମାନଙ୍କ ପଛରେ ଦୌଡ଼ି ଅଜସ୍ର ଧନ ସମ୍ପତ୍ତି ନଷ୍ଟ କରି ଶେଷରେ ନିଜକୁ ନିଶ୍ୱାନ୍ତ କରି ପ୍ରତାରିତ ହଉଥିବା ନମୁନା ମଧ୍ୟ କିଛି କମ୍ ଦେଖିବାକୁ ମିଳେ ନାହିଁ ଆମ ସମାଜରେ ! ତଥାପି ପ୍ରତ୍ୟେକ ଥର ପୁଣି ନୂତନ ପିଢ଼ିକୁ ପିଢ଼ି ସେମାନଙ୍କ ସହିତ ସମାନ ଭାବରେ ସାମିଲ ହୋଇ କାର୍ଯ୍ୟ କରୁଥିବା ଲୋକଙ୍କ ଅଭାବ ନାହିଁ ଆମ ସମାଜରେ ! ସମାଜର ସର୍ବନିମ୍ନରେ ରହିଥିବା ସମ୍ପୂର୍ଣ୍ଣ ଅଜ୍ଞାନ ଏବଂ ଅସାମାଜିକ ଚରିତ୍ରରେ ଭରପୁର ଅମାନବୀୟ ଚେହେରା ଗୁଡିଏ ଦେଖିବାକୁ ମିଳନ୍ତି ସବୁ ଦଳରେ ଯାହାଙ୍କୁ ଆମର ରାଷ୍ଟ୍ରୀୟ ପରିଚାଳନା ଭାର ନ୍ୟସ୍ତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରାଯାଇ ଥାଏ ସବୁଠାରେ !

ବ୍ୟବସାୟୀ ଗୋଷ୍ଠୀଙ୍କ ସାମାଜିକ ଶୋଷଣର ସୀମା ନାହିଁ ଯାହା ପ୍ରତିଦିନ ପ୍ରତ୍ୟେକ ସମୟରେ ସମଗ୍ର ଜନସମାଜକୁ ଲୁଟି ଥା'ନ୍ତି ବିଭିନ୍ନ ଉତ୍ପାଦ ହେଉକି କାଳ୍ପନିକ ଉଚ୍ଚ ଆଶା ଦେଖାଇ ବିଭିନ୍ନ ସ୍ତର, ପର୍ଯ୍ୟାୟରେ । ଲୋକଙ୍କ ଆବଶ୍ୟକତାକୁ ଆଧାର କରି ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରିଥା'ନ୍ତି କେତେକ ବ୍ୟବସାୟୀକ ସଂସ୍ଥା ତ ଆଉ କେତେକ ଲୋକଙ୍କ ରୋଜଗାରକୁ ଅନେକ ରାସ୍ତାରେ ଲୁଣ୍ଠନ କରିଥା'ନ୍ତି କେବଳ ଭବିଷ୍ୟତର ଉଜ୍ଜ୍ୱଳତା ଦର୍ଶାଇ ବୀମା ମାଧ୍ୟମରେ ଯାହା ସବୁ ପାଣିରେ ଗାରଭଳି ବ୍ୟବହାର ହୋଇଥାଏ । ସାଧାରଣ ନିର୍ବୋଧ ସେମାନଙ୍କ କଥାରେ ଉପର ଦୁଇ ଗୋଷ୍ଠୀଙ୍କ ଭଳି କେବଳ ବିଶ୍ୱାସ କରି ଯେତେ ମୂଲ୍ୟ ହେଲେ ମଧ୍ୟ ଉତ୍ପାଦ ଗୁଡିକୁ କିଣି ବ୍ୟବହାର କରିବା ପାଇଁ ବାଧ୍ୟ ହୋଇଥା'ନ୍ତି ତ ଆଉ କେତେବେଳେ ନିଜର ଏବଂ ପରିବାର ଭବିଷ୍ୟତ କାମନା କରି ଅଜସ୍ର ଟଙ୍କା ସଂଚୟ ଆକାରରେ ପ୍ରଦାନ କରିଥା'ନ୍ତି ବ୍ୟବସାୟୀଙ୍କୁ ଯାହାର କୌଣସି ନିୟନ୍ତ୍ରଣ କିମ୍ବା ସାମ୍ବିଧାନିକ ଆଇନ ସ୍ୱତନ୍ତ୍ରତା ନଥାଏ । ଏହିଭଳି ପରିବେଶରେ ସାଧାରଣ ନିର୍ବୋଧ ନିଜର ଝାଳ ବୁହା ଅର୍ଥକୁ ଏମିତି ନଷ୍ଟ କରିଥା'ନ୍ତି କୌଣସି କାରଣ ନଥାଇ ଯେ ତାହାର ସମୀକ୍ଷା କରବା ଜ୍ଞାନ ନାହିଁ କାହାର ।

ଅନୁରୂପ ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଯେତେସବୁ ଗୋଷ୍ଠୀ ଦଳବାନ୍ଧି ରହିଛନ୍ତି ସେମାନଙ୍କ ମୂଳରୁ ଚୁଳ ପର୍ଯ୍ୟନ୍ତ କିଛି କମ୍ ଶୋଷଣ କରିନଥା'ନ୍ତି ସାଧାରଣ ନିର୍ବୋଧଙ୍କୁ । ଅକାରଣରେ ବ୍ୟାପକ ଭୟାବହତା ମନରେ ସୃଷ୍ଟି କରି କେତେବେଳେ ସ୍ୱାସ୍ଥ୍ୟ ବିଭାଗର ଶିକାର ହେଉଛନ୍ତି କେଉଁ ପରିବାର ତ ଆଉ କେତେବେଳେ ଉଚ୍ଚ ଶିକ୍ଷାର ଗୁଣାତ୍ମକ ମାନ ଉପରେ ଆଧାରିତ ଲୁଣ୍ଠନ ସାଧାରଣ ଲୋକଙ୍କ ରୋଜଗାର ଅର୍ଥକୁ ପାଣିପରି ପିଇ ଯାଉଥିବା କହିବା ଆବଶ୍ୟକ ନାହିଁ ଏଠାରେ ଯାହା ସମସ୍ତଙ୍କୁ ଗ୍ରାସ କରିଛି । କୃଷକଙ୍କୁ ଦେଶର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପ୍ରାଣରକ୍ଷାକାରୀ ମର୍ଯ୍ୟାଦା କେବଳ ବାକ୍ୟରେ ଟେକିଦେଇ ଯେତିକି ମାତ୍ରାରେ ଲୁଣ୍ଠନ କରିଥା'ନ୍ତି ବ୍ୟାପାରୀ ସେଗୁଡିକ ସାଧାରଣ ଲୋକେ ବୁଝିବା କ୍ଷମତା ରଖିନଥାଇ ପରୋକ୍ଷରେ ଶୋଷଣର ଶିକାର ହେଉଥିବା ବିଷୟ ବୁଝିପାରନ୍ତି ନାହିଁ କେହି । ଶିଳ୍ପାୟନର ନାରା ଦେଇ କୋଟି କୋଟି ଲୋକଙ୍କ ସ୍ଥାବର ସମ୍ପତ୍ତିକୁ ବିକ୍ରିକରି ଗୋଟି ଗୋଟି ଲୋକଙ୍କୁ ପ୍ରାଚୁର୍ଯ୍ୟ ପ୍ରଦାନ କରିବାରେ ଧୁରନ୍ଧର କେଳେଙ୍କାରୀ ଶାସକଙ୍କ ମିଥ୍ୟା ପ୍ରରୋଚନାରେ ସାଧାରଣ ଲୋକେ ଯେଉଁଭଳି ବୁଝୁଛନ୍ତି ସେସବୁର ପ୍ରକୃତ ରୂପରେଖ ତାହା ନୁହେଁ । ତଦ୍ୱାରା ସମାଜ ଦିନକୁ ଦିନ କ୍ରୀତଦାସ ଅବସ୍ଥାକୁ ଚାଲିଆସୁଥିବା କ୍ରମନ୍ୱୟତା ଉପରେ ଉପଯୁକ୍ତ ଜ୍ଞାନ ନାହିଁ କାହାର ।

ଏମାନଙ୍କ ବ୍ୟତୀତ କେତେକ ଗୋଷ୍ଠୀ ଦିନକୁ ଦିନ ଗୋଟିଏ ଗୋଟିଏ ନୂତନ ଅନୁଷ୍ଠାନ ସୃଷ୍ଟି କରି କେତେବେଳେ ଜନସେବା ତ ଆଉ କେତେବେଳେ ସମାଜ ସଂସ୍କାରକ ଭାବେ ଦଣ୍ଡାୟମାନ ହୋଇ କେମିତି ଲୁଣ୍ଠନର ଶିକାର କରିଥା'ନ୍ତି ସାଧାରଣ ନିର୍ବୋଧଙ୍କୁ ସେ ବିଷୟରେ ମଧ୍ୟ ଭାବିବା ସମୟ ନାହିଁ କାହାର । ସମ୍ପୃକ୍ତ ସଂସ୍ଥା ଗୁଡିକ ସମାଜର ବିଭିନ୍ନ ସ୍ତରରେ ରହିଥିବା ଗରିବ ଅକର୍ମଣ୍ୟଙ୍କୁ ସେବା ଯୋଗାଇଦେବା ନାଁ'ରେ ବ୍ୟାପକ ଅର୍ଥ ଆତ୍ମସାତ କରିଥା'ନ୍ତି ନିଜର ଭୋଗ ଦଖଲ କରି ଯଦ୍ୱାରା ସମାଜ ଆର୍ଥିକ ଦୁର୍ବଳତାର ପରିସରଭୁକ୍ତ ହୋଇଥାଏ । ବୀମା ନାମରେ ଠକେଇର ସୀମା ନାହିଁ । ଅନେକ ସଂସ୍ଥା ସାଧାରଣ ଲୋକଙ୍କ ଭବିଷ୍ୟତ ଦର୍ଶାଇ ବ୍ୟାପକ ଅର୍ଥ ଲୁଣ୍ଠନ କରି ସାଧାରଣ ଲୋକଙ୍କ ରୋଜଗାରକୁ ଆତ୍ମସାତ କରିବାରେ ନିଘା ନାହିଁ କାହାର । ଏମିତି ମଧ୍ୟ କେତେକ ଦଳ ଅଛନ୍ତି ସାଧାରଣ ଲୋକଙ୍କୁ ସ୍ୱତଃ ପ୍ରବୃତ୍ତ ଭାବେ ଜୋର ଜବରଦସ୍ତି ବ୍ୟକ୍ତିଗତ ଋଣ ଯୋଗାଇଦେଇ ସୁଦ୍ଧ ମାଧ୍ୟମରେ ସମାଜରୁ ଲକ୍ଷ ଲକ୍ଷ କୋଟି ଟଙ୍କା ଆତ୍ମସାତ କରୁଥିବା ବିଷୟର କୌଣସି ସରକାରୀ ଆକଳନ କିମ୍ବା ନିୟନ୍ତ୍ରଣ ନାହିଁ ଯାହା ସାଧାରଣ ଲୋକଙ୍କ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ରୋଜଗାର ଅର୍ଥକୁ ବ୍ୟାପକ କ୍ଷତି ପହଞ୍ଚାଇ ସମାଜକୁ ଦୁର୍ବଳ କରିବାରେ ଲାଗିଛି । ବିଶାଳ ପୃଥିବୀର ଲକ୍ଷ ଲକ୍ଷ ବର୍ଗ କିଲୋମିଟର ଜମିରେ ଉପସ୍ଥିତ ସମୟର ୧୦୦୦ ଗୁଣ ମଣିଷଙ୍କ ପାଇଁ ଯଥେଷ୍ଟ ସ୍ଥାନ ରହିଥିବା ବେଳେ ଜମି ମାଫିଆ ହୋଇ ଗୃହପଯୋଗୀ ବାସସ୍ଥଳମାନ ପ୍ରସ୍ତୁତ କରି ଯେତିକି ଲୁଟୁଛନ୍ତି, ନିର୍ବୋଧ ସେମାନଙ୍କ ଛଳନାରେ ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ଥ ହୋଇ ସମାଜକୁ ଦୁର୍ବଳ କରିବାରେ ଲିପ୍ତ । ସୁନା ବୋଲି ଗୋଟିଏ ସ୍ଥାବର ସମ୍ପତ୍ତିର ଲୋଭ କାରଣରୁ ସୁନା ବ୍ୟବସାୟୀ ଗୋଷ୍ଠୀ ଏମିତି କିଛି ଚମତ୍କାର କରିଛନ୍ତି ଯେ ଆଜି ସମୟରେ ହଜାର ହଜାର କ୍ୱିଣ୍ଟାଲ ସୁନା ଉତ୍ପାଦନ ହେବାରେ ଲାଗିଛି ଯାହା ସମଗ୍ର ବିଶ୍ୱବ୍ୟାପୀ ବିକ୍ରି ହୋଇଚାଲିଛି । ଏତେ ସୁନା ଉତ୍ପାଦନ ହେଉଛି କିପରି ଆଉ ଆଗରୁ ହେଉନଥିବା କାରଣରୁ ତାକୁ ଏକ ଅନ୍ତର୍ଦେଶୀୟ ଆର୍ଥିକ ସାମାଜିକ ମାନ୍ୟତା ଦିଆଯାଇଥିବା ବେଳେ ଆଜି ତାହାର ରୂପରେଖ କ'ଣ ହୁଏତ କେହି ଜାଣନ୍ତି ନାହିଁ । ସେମାନଙ୍କ ଲୁଣ୍ଠନର ଶିକାର ହୋଇଥା'ନ୍ତି, ଯେଉଁମାନେ ସମାଜକୁ ଅନ୍ୟାନ୍ୟ ଦିଗରୁ ଲୁଣ୍ଠନ କରି ନିଜର କୋଷ ବୃଦ୍ଧି କରୁଛନ୍ତି । ତଦ୍ୱାରା ସାମାଜିକ ଆର୍ଥିକ ଦୁର୍ବଳତା ସୃଷ୍ଟି ହେବା ମଧ୍ୟ ଏକ ଜଟିଳ ପଥ । କେତେକ ଗୋଷ୍ଠୀ ଯୁଗପୋଯୋଗୀ ଦୂରସଂ.ର ଏବଂ ଅନ୍ ଲାଇନ୍ ବ୍ୟାପାର ମାଧ୍ୟମରେ କୋଟି କୋଟି ଟଙ୍କା ଲୁଟୁଥିବା ଅଭିଜ୍ଞତା କହିବା ଆବଶ୍ୟକ ନାହିଁ ଏଠାରେ ଯାହା ଆବାଳ ବୃଦ୍ଧ ବନୀତାଙ୍କ ବ୍ୟକ୍ତିଗତ ଅନୁଭୂତି ରହିଛି ଆଜି ସମୟରେ । ବିଭିନ୍ନ ପ୍ରକାର ନାଚ ଗୀତ ତଥା ଖେଳକୁଦ ଇତ୍ୟାଦିରେ ସଂଶ୍ଲିଷ୍ଟ କେତେକ ଗୋଷ୍ଠୀଙ୍କ ହେତୁ ଯେତିକି ଆର୍ଥିକ, ଶାରୀରିକ, ସାମାଜିକ ମାନସିକ ସ୍ତରରେ ଆନନ୍ଦ ମିଳିଥାଏ ତାହାଠାରୁ କାହିଁ ଲକ୍ଷେ ଗୁଣ ଅଧିକ କ୍ଷତିର ଶିକାର ହୋଇଥା'ନ୍ତି ସାଧାରଣ ନିର୍ବୋଧ ତାହାର ସମୀକ୍ଷା କରିହେବ ନାହିଁ । ନିଶାଦ୍ରବ୍ୟ ବ୍ୟପାରୀଙ୍କ ବିଷୟ ଆଲୋଚନା ନକରିବା ଭଲ, କାରଣ ସମୁଦ୍ର ଗର୍ଭରେ ରହିଥିବା ଜଳ ଠାରୁ ମଧ୍ୟ ଆହୁରି ଗଭୀର ସେମାନଙ୍କ ସାମାଜିକ ଶୋଷଣ ନୀତି ଯଦ୍ୱାରା ଲୋକଙ୍କ ଅବସ୍ଥା ଯାହା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆମେ ସମସ୍ତେ ଦେଖୁଛେ । ଜୀବନ ରକ୍ଷକ ଔଷଧ ବ୍ୟବସାୟର ନୀତି ଗୁଡିକୁ ଜାଣିମଧ୍ୟ ଅଜଣାର ଅଭିନୟ କରିଥା'ନ୍ତି ସର୍ବସାଧାରଣ କେବଳ ଭୟାତୁରତା କାରଣରୁ ଯାହା ସେହି ସମ୍ପର୍କିତ ମଣିଷ ମାନଙ୍କ ପ୍ରହେଳିକା ସବୁ ସୃଷ୍ଟି କରାଯାଉଅଛି ସମୟ ସମୟକୁ ନେଇ । କି'ନ୍ତୁ ସେମାନଙ୍କ ଦ୍ୱାରା ଯଥେଷ୍ଟ ମାତ୍ରାରେ ଲୁଣ୍ଠନର ଶିକାର ହେଉଛନ୍ତି ସବୁ ବର୍ଗର ମଣିଷ ଯାହା ସାମାଜିକ ଆର୍ଥିକ ବ୍ୟବସ୍ଥାକୁ ଅତ୍ୟନ୍ତ ପ୍ରଭାବିତ କରି·ଲିଛି ଦିନକୁ ଦିନ ।

ଏମିତିକି ଆହୁରି ଅଜସ୍ର ଗୋଷ୍ଠୀଙ୍କ ସହିତ ଭାବପୂର୍ଣ୍ଣ ମିତବ୍ୟୟୀତା କରି ସମାଜରେ ଅପାର କ୍ଷତିର ଶିକାର ହୋଇ ନିଜ ଜୀବନକୁ ଅସନ୍ତୁଳିତ କରି ବଂଚୁଥିବା ମଣିଷଙ୍କ ସଂଖ୍ୟା ୯୯ ପାରି ଦେଖିବାକୁ ମିଳିବ ଅନୁଧ୍ୟାନ କଲେ । କିଏ କେତେବେଳେ କାହା ହାତରେ ନିକ୍ଷେପିତ ହୋଇ କେମିତି ମାର୍ଗରେ ନିଜର ରୋଜଗାର ଅର୍ଥକୁ କ୍ଷତି କରିଥା'ନ୍ତି ତାହାର କୌଣସି ସୂତ୍ର ଧରି ହେବନାହିଁ କେତେ ଚେଷ୍ଟା କଲେ ।

ସାଧାରଣ ଲୋକଙ୍କ ଅଜ୍ଞାନତାର ସୁଯୋଗ ନେଇ ଚତୁର କେଳେଙ୍କାରୀ ସମାଜରେ ଏମିତି ପ୍ରାଦୁର୍ଭାବ ବିସ୍ତାର କରି ରଖିଛନ୍ତି ଯାହା ସବୁ ନିର୍ମୁଳ କରିବାକୁ ହେଲେ ଅସଂଖ୍ୟ ଜ୍ଞାନୀଙ୍କୁ ଅଜସ୍ର ସମୟ ଲାଗିବ ଆଜିଠାରୁ ଚେଷ୍ଟା ଆରମ୍ଭ କଲେ ଯାହା ଚେଷ୍ଟା କରାଯିବା ତ ଦୂର, ସେକଥା କାହାର ଚେତନାରେ ହିଁ ପଶୁନାହିଁ ଅଦ୍ୟାବଧି ! କେତେବେଳେ କିଏ କୌଣସି ଅସୁବିଧାର ସମ୍ମୁଖୀନ ହେଲେ କେବଳ ଭଗବାନ ଭରସା ବୋଲି ବିଚାର କରି ଯେଉଁ ପଥ ଅନୁସରଣ କରିଥା'ନ୍ତି ତାହା ସମ୍ପୃକ୍ତ ମଣିଷର ବ୍ୟକ୍ତିଗତ ଭାବଧାରା ମଧ୍ୟରେ ସମାପ୍ତ ହୋଇଥାଏ ଯାହା ଆଉ କାହାକୁ ଅନୁଭବ ମଧ୍ୟ ହୁଏନାହିଁ । ନିଜେ ନିଜେ ନିଜର ସମସ୍ୟାକୁ ନେଇ ଦୁଃଖରେ କାଳାତିପାତ କରୁଛନ୍ତି ସମଗ୍ର ମଣିଷ ସମାଜ ବିଶ୍ୱବ୍ୟାପୀ । କାରଣ ଏହି ଗୋଷ୍ଠୀ ଗୁଡିକ ଦ୍ୱାରା ମଣିଷ ମାନଙ୍କୁ ଏମିତି ପଥରୁଦ୍ଧ କରି ରଖାଯାଇଅଛି ଯେ କିଏ କାହା ସହିତ ଉପଯୁକ୍ତ ଭାବର ଆଦାନ ପ୍ରଦାନ କରିବାରେ ମଧ୍ୟ ସମର୍ଥ ହୁଅନ୍ତି ନାହିଁ । ପରସ୍ପର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହିଂସାତ୍ମକ ଭାବ ସୃଷ୍ଟି କରି ସମାଜରେ ଶତ୍ରୁତା ଭାବ ବଜାୟ ରଖିବା ପାଇଁ ଏହି ସବୁ ଗୋଷ୍ଠୀ ମାନଙ୍କ ଏକ ସ୍ୱତନ୍ତ୍ର ଦଳ କାର୍ଯ୍ୟ କରିଥା'ନ୍ତି ଯିଏ ସବୁବେଳେ ଆଭ୍ୟନ୍ତରୀଣ ବିଶଭାବ ସୃଷ୍ଟି କରିବା ଦିଗରେ ଯଥେଷ୍ଟ କାର୍ଯ୍ୟରତ ରହିଥା'ନ୍ତି । ସେହି କାରଣରୁ ସମାଜରେ ସାଧାରଣ ଲୋକଙ୍କ ମଧ୍ୟରେ ଭାତୃଭାବ ନହୋଇ କେବଳ ଶତ୍ରୁତା ଆଚରଣ ସେମାନଙ୍କୁ ଅତ୍ୟନ୍ତ ପଥ ପରିଷ୍କାର କରି ରଖିଛି ତାଙ୍କର ଶାସନ ଚଳାଇବା ପାଇଁ ନିଜ ନିଜ କ୍ଷେତ୍ର ପରିସରକୁ ନେଇ ।

ଅଧିକନ୍ତ କେତେବେଳେ କେବଳ ସାମୁହିକ ଆଲୋଚନା କରାଗଲେ କିଛି ବୁଝି ପାରୁଥିବା ଲୋକଙ୍କ ମନ ଭାବକୁ ବୁଝି ହୁଏକି ସମସ୍ତେ ଚାହିଁ ରହିଛନ୍ତି କାଳେ କେତେବେଳେ ସେହି ପରିରାଇଜର କାହାଣୀ ଭଳି ହେଉ, କି ବିଭିନ୍ନ ଶାସ୍ତ୍ରୀୟ ମର୍ଯାଦାରେ ପରିପୂର୍ଣ୍ଣ କାହାଣୀ ପୁସ୍ତକରେ ରଚିତ ଭଗବାନଙ୍କ ଦୂତ କେହି ଆସି ହୁଏତ ସମାଜକୁ ବିପଥରୁ ଉଦ୍ଧାର କରିବ । କି'ନ୍ତୁ ଏହି ବିଚାର କେବଳ ଅଲୌକିକ ଚେତନା ମଧ୍ୟରେ ରହିବା ଛଡା ତାହାର କୌଣସି ସତ୍ୟ ପ୍ରମାଣ ସାପେକ୍ଷ ଘଟଣା ଘଟିବା ସମ୍ଭାବନା ଅସମ୍ଭବ ମାତ୍ର । କାରଣ କେହି କୌଣସି ସ୍ଥାନରୁ ରହି ଆମକୁ ନିୟନ୍ତ୍ରଣ କରିନଥା'ନ୍ତି ଯାହା ସବୁ ଆମେ ମନରେ ବିଶ୍ୱାସ ଭରି ଚାଲିଛେ । କେବଳ ଆମରି ମଧ୍ୟରୁ ଯଦି କେହି ସହୃଦୟ ବ୍ୟକ୍ତିଗଣ ବାହାରି ଆମକୁ ରକ୍ଷା କରିବା ଦିଗରେ କାର୍ଯ୍ୟ କରିବେ ତାହେଲେ ଯାଇ କିଛି ପରିବର୍ତ୍ତନ ହେବାଛଡା ଏହି ଅମାନୁଷିକ ବ୍ୟକ୍ତିଗଣଙ୍କ ମିଥ୍ୟା ଅଲୌକିକ ପ୍ରବଚନରେ ଭାସୁଥିବା ପର୍ଯ୍ୟନ୍ତ ଆମେ ଧିରେ ଧିରେ ନିମ୍ନ ମୁଖି ହୋଇ ପାତାଳରେ ପଶିବା ବ୍ୟତୀତ କୌଣସି ସ୍ୱର୍ଗ ଅନୁଭବ କରିବା ଭ୍ରାନ୍ତ ଚିନ୍ତନ । ତେଣୁ ନିଜକୁ ନିଜେ ସୁଧାରି ସତ୍ୟର ପଥଗ୍ରହୀ ହୋଇ ସମାଜରେ ସମସ୍ତ କେଳେଙ୍କାରୀ ମିଥ୍ୟା ପ୍ରବଚନକୁ ପ୍ରତ୍ୟାଖ୍ୟାନ ପୂର୍ବକ ନିଜର ଅନ୍ତର୍ଜ୍ଞାନ ବିସ୍ତାର କରିବାକୁ ଚେଷ୍ଟା କଲେହିଁ ସବୁକିଛି ବୁଝି ହେବ ଯାହା ଆମେ ଜାଣି ପାରୁନାହୁଁ । ଅଥବା ଏମିତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରତାରିତ ନିଷ୍ପେସିତ ହୋଇ ବଂଚିବା ଛଡା ମନୁଷ୍ୟ ଜୀବନର ପ୍ରକୃତ ମର୍ମକୁ ନବୁଝି ଜନ୍ମ ମରଣର ବ୍ୟବଧାନ ମଧ୍ୟରେ ପଥ ଅତିକ୍ରମ କରୁଥିବା ପିଢ଼ିକୁ ପିଢ଼ି । କାରଣ ଏହି ସମସ୍ତ ଗୋଷ୍ଠୀ ନିଜ ନିଜ ମଧ୍ୟରେ ଆପୋଷ ବୁଝାମଣା କରି ଜୀବନର ସବୁ ସମୟରେ ବିଭିନ୍ନ ସୂତ୍ରରେ ସାଧାରଣ ଲୋକଙ୍କ ରୋଜଗାରର ଅନ୍ୟୁନ ତିନି ଚତୁର୍ଥାଂଶ ଆତ୍ମସାତ କରିଥା'ନ୍ତି ଯଦ୍ୱାରା ସାଧାରଣ ଲୋକେ ଗରିବ ହୋଇ ରହିବା ଛଡା ଦୈନନ୍ଦିନ ଜୀବନରେ ଭଲ ଭାବେ ଗଣ୍ଡେ ଖାଇବା, ଖଣ୍ଡେ ପିନ୍ଧିବାକୁ ମଧ୍ୟ ପାଉନାହାନ୍ତି ଅଥବା ବ୍ୟକ୍ତିଗତ ସ୍ତରରେ ମାନସିକ ସମାଧାନ କରି ନିଜକୁ ନିଜେ ଆଶ୍ୱାସନା ଦେଇ ବଂଚୁଥିବା କେହି ଅସ୍ୱୀକାର କରି ପାରିବେ ନାହିଁ ।

ପ୍ରକୃତି ଆରମ୍ଭରୁ ଏହିସବୁ ଗୋଷ୍ଠୀ ମାନଙ୍କର କୌଣସି ସାମାଜିକ ଭୂମିକା ନଥାଇ ମଧ୍ୟ ପିଢ଼ିକୁ ପିଢ଼ି ମଣିଷ ସୃଷ୍ଟି ହୋଇ ଆଜି ଆମେ ଏହି ସମୟରେ ପହଂଚିଛେ । ଏସବୁର ଅନୁପସ୍ଥିତିରେ ଆମେ ସତେ ଯେମିତି ଅମଣିଷ ହୋଇଯିବା ବୋଲି ଯେଉଁ ଭାବନା ସୃଷ୍ଟି ହେଉଛି ମନରେ ସେହି ଭାବନା ସୃଷ୍ଟି କରୁଥିବା ମଧ୍ୟ ଏହି ଗୋଷ୍ଠୀ ସମୂହର ଏକ ଏକ ଅବିଚ୍ଛେଦ୍ୟ ଅଙ୍ଗ ଭଳି କାର୍ଯ୍ୟ କରିଥାଏ । ପାରିବାରିକ ବିଚ୍ଛେଦ ତଥା ଏକକ ପରିବାରକୁ ଖଣ୍ଡବିଖଣ୍ଡିତ କରି ସ୍ୱାର୍ଥବାଦୀ ମଣିଷ ସୃଷ୍ଟି କରିବାରେ ମଧ୍ୟ ଯଥେଷ୍ଟ ସହାୟକ ହୋଇଥାଏ ଏହି ଗୋଷ୍ଠିଗତ ଆନୁଗତ୍ୟ ବିଚାରଧାରା । ଏମିତିକି ଜନ୍ମ ଦେଇଥିବା ପିତା ମାତାଙ୍କୁ ଅଗ୍ରାହ୍ୟ କରି ସନ୍ତାନ ମାନେ ଅଲଗା ହୋଇ ରହିବା ଭାବନାର ମଧ୍ୟ ମୂଳ ସୂତ୍ରଧର ଭାବେ କାର୍ଯ୍ୟ କରିଥାଏ ଏହିସବୁ ଗୋଷ୍ଠିଗତ ଅନୁଗତ୍ୟତା ଯାହା ଏତେ ସହଜରେ ବୁଝି ହେବ ନାହିଁ । ଏସମସ୍ତଙ୍କୁ ବାଜ୍ୟାପ୍ତ କରି କିଏ ହେଲେ କୌଣସି ଗୋଷ୍ଠିଗତ ଆନୁଗତ୍ୟକୁ ଅସ୍ୱୀକାର କରି ବଂଚିବା ଶିକ୍ଷା କଲେ ଯେ ଆମର ଜୀବନ ଯାପନ ଶୈଳୀରେ ଏତେ ମାତ୍ରାରେ ଶୁଦ୍ଧି ଆସିବ ଏବଂ ସାଧାରଣ ମଣିଷ ସମୂହ ଏକ ନିରୋଳା ଜୀବନ ଯାପନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରିବାରେ ସମର୍ଥ ହୋଇପାରିବେ ସେଇଥିରେ କୌଣସି ସନ୍ଦେହ ନାହିଁ । ଏହି ଗୋଷ୍ଠିଗତ ଆନୁଗତ୍ୟ ହେତୁ ମଣିଷ ଯେ କେବଳ ଆର୍ଥିକ ଭାରାକ୍ରାନ୍ତ, ପ୍ରତାରିତ ହୋଇ ବଞ୍ଚୁଛି ତା ନୁହେଁ । ଏମାନଙ୍କ ପ୍ରକୋପ କାରଣରୁ ସାଧାରଣ ମଣିଷଙ୍କ ମାନସିକ ଅସ୍ଥିରତା, ସାମାଜିକ ଦୁର୍ବଳତା, ହିଂସାଭାବ ଇତ୍ୟାଦି ଅମାନୁଷିକ ଆଚରଣ ଗୁଡିଏ ବୃଦ୍ଧି ହେବା ସହିତ ବିଭିନ୍ନ ରୋଗ ଗ୍ରସ୍ଥ ହେବା ତଥା ଆୟୁଷ କ୍ଷୀଣ ହେବା ଭଳି ସମସ୍ୟା ମଧ୍ୟ ବୃଦ୍ଧି ପାଇଥାଏ ଯାହା ସାଧାରଣ ନିର୍ବୋଧ ଆଦୌ ବୁଝି ପାରନ୍ତି ନାହିଁ କି ଭାବି ମଧ୍ୟ ପାରିବେ ନାହିଁ । ଏହିସବୁ ଅନାବଶ୍ୟକ ମନୁଷ୍ୟକୃତ ଅପ୍ରାକୃତିକ ଜୀବନ ଶୈଳୀକୁ ଆଦରି ନେଇ ମଣିଷ କେବଳ ଭାବୁଛି ଯେ ଆମେ ସୁଖରେ ରହୁଛୁ । କିଂନ୍ତୁ ଥରେ ଏମାନଙ୍କ ଗୋଷ୍ଠିଗତ ଅନୁଗତ୍ୟକୁ ପ୍ରତ୍ୟାଖ୍ୟାନ କରି ଦେଖନ୍ତୁ ଜୀବନ କେତେ ସରଳ ସୁଗମ ଅନୁଭବ ହେବ ଯାହା ଉପସ୍ଥିତ ସମୟରେ ଭାବିବା ମଧ୍ୟ ସମ୍ଭବ ହେଉନାହିଁ । କିଂନ୍ତୁ ନିରାଟ ସତ୍ୟ ! ପ୍ରକୃତିର କୋଳରେ ଜନ୍ମିତ ପ୍ରାକୃତିକ ମନୁଷ୍ୟ ଯେ ଦିନେ ସବୁ ଛାଡି ମାଟିରେ ମିଶିଯିବ ଏହି ଭାବନାରୁ ଦୁରେଇ ରଖି ଏହିସବୁ ଗୋଷ୍ଠୀର ଅଜ୍ଞାନ ଚତୁର ସର୍ବସାଧାରଣଙ୍କୁ ଦିନରେ ଯେଉଁ ଜହ୍ନ ଦେଖାଉଛନ୍ତି ସେଗୁଡିକ ବର୍ଜନୀୟ ନିଶ୍ଚୟ ଯଦି ଆମେ ପ୍ରକୃତ ମନୁଷ୍ୟ ଜୀବନର ସ୍ୱାଦକୁ ଅନୁଭବ କରିବାକୁ ଇଛୁକ ।

ସମସ୍ତେ ଏକ ମନ ଏକ ପ୍ରାଣ ହୋଇ ଏହି ଗୋଷ୍ଠିଗତ ଆନୁଗତ୍ୟକୁ ପ୍ରତ୍ୟାଖ୍ୟାନ କରି ଏକ ସାମାଜିକ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରି ନିଜକୁ ନିଜେ ରକ୍ଷା କରିବା ବ୍ୟତୀତ କୌଣସି ଭଗବାନ ଆମକୁ ରକ୍ଷା କରି ପୃଥିବୀ ପୃଷ୍ଠରେ ସୁଖ ଶାନ୍ତି ଫେରାଇ ଆଣିବେ ବୋଲି ଭାବନା କେବଳ ଭାବନା ମଧ୍ୟରେ ରହିବା ଛଡା ଆଦୌ ଫଳପ୍ରଦ ହେବନାହିଁ ଜନ୍ମ ଜନ୍ମ ଧରି ଗ୍ରହଣ କରିଚାଲିଥିଲେ ମଧ୍ୟ । ତେଣୁ ହେ ମନୁଷ୍ୟ ସମାଜ ସମସ୍ତେ ଏକ ହୋଇ ଏହି ଗୋଷ୍ଠିଗତ ଆନୁଗତ୍ୟକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ ପୂର୍ବକ କେବଳ ସାଧାରଣ ମଣିଷ ସମାଜ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗଠନ କରିବା ଦିଗରେ ଏକତ୍ରିତ ହୋଇ କାର୍ଯ୍ୟ କରନ୍ତୁ ଯାହା ଆମକୁ ହୁଏତ ଟିକେ କଷ୍ଟରେ ହେଲେ ମଧ୍ୟ କିଛି ଦିନ ମଧ୍ୟରେ ସୁଖ ଶାନ୍ତି ଫେରାଇ ଆଣିବାରେ ସାହାଯ୍ୟ କରିପାରେ ଯାହା ପୃଥିବୀରେ ମନୁଷ୍ୟ ସୃଷ୍ଟି ହେବା ସମୟରେ ଥିଲା । ନତୁବା କେହି ଆମକୁ ରକ୍ଷା କରିପାରିବେ ନାହିଁ ଯାହା ଆସନ୍ତା ସମୟରେ ପ୍ରକୃତିର ସମୟ ପୂର୍ବରୁ ସମଗ୍ର ମଣିଷ ସମାଜ ବିଲୁପ୍ତ ହେବ !

ପଙ୍କଜ କୁମାର ପାଣିଗ୍ରାହୀ
ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ-୭୬୧୦୨୦.
ଦୂରଭାଷ.: ୯୪୩୭୩୨୪୯୧୭.

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ଶ୍ରୀକୃଷ୍ଣ ଗୋବିନ୍ଦ ହରେ ମୁରାରେ



ସଞ୍ଜୀବ କୁମାର ଦାସ

ସନାତନ ହିନ୍ଦୁ ଧର୍ମର ମହାନ ପର୍ବ ମାନଙ୍କ ମଧ୍ୟରୁ ଶ୍ରୀ କୃଷ୍ଣ ଜନ୍ମାଷ୍ଟମୀ ଅନ୍ୟତମ । ଏହି ଉତ୍ସବର ପାଳନ ଏକ ମହାନ ବିଶେଷତ୍ୱ ବହନ କରେ । ଯୁଗ ଯୁଗ ଧରି ପାଳିତ ହୋଇ ଆସୁଥିବା ଏହି ଉତ୍ସବରେ ଭକ୍ତଗଣ ଅତ୍ୟନ୍ତ ଶ୍ରଦ୍ଧାରେ ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା ସ୍ମରଣ କରି ତାଙ୍କ କୃପା ଓ ସାନ୍ନିଧ୍ୟରେ ନିଜକୁ ଧନ୍ୟ ମନେ କରନ୍ତି ।

ଶ୍ରୀକୃଷ୍ଣଙ୍କ ଜନ୍ମ ବୃତ୍ତାନ୍ତ କାହାକୁ ବା ଅଛପା ! ଆମ ପୁରାଣ କହେ, କୃଷ୍ଣ ଭାଦ୍ରପଦ ଅଷ୍ଟମୀ ତିଥିରେ ଦେବକୀଙ୍କ ଅଷ୍ଟମ ଗର୍ଭରୁ ଧରାବତାରଣ କରିଥିଲେ ଶ୍ରୀକୃଷ୍ଣ । ହିନ୍ଦୁମାନଙ୍କ ଏହି ଆରାଧ୍ୟ ଦେବତା ଶ୍ରୀକୃଷ୍ଣଙ୍କ ଜନ୍ମତିଥିକୁ ଜନ୍ମାଷ୍ଟମୀ ଭାବେ ପାଳନ କରାଯାଏ ।

ପୌରାଣିକ ତଥ୍ୟ ଅନୁଯାୟୀ ଭଗବାନ ବିଷ୍ଣୁଙ୍କ ଅଷ୍ଟମ ଅବତାର ରୂପେ ଶ୍ରୀକୃଷ୍ଣ ଧରାପୃଷ୍ଠରେ ଆବିର୍ଭୁତ ହୋଇଥିଲେ । ଏହା ପଛରେ ଏକ ମହତ ଉଦ୍ଦେଶ୍ୟ ନିହିତ ଥିଲା । ପୃଥିବୀରେ ଯେତେବେଳେ ଅଧର୍ମର ଭାର ବଢିଯାଏ, ଧର୍ମ ସଂସ୍ଥାପନ ପାଇଁ ସ୍ୱୟଂ ଭଗବାନ ଭିନ୍ନ ଭିନ୍ନ ଅବତାରରେ ଜନ୍ମ ନେଇଥାନ୍ତି । ମଥୁରା ରାଜକୁମାରୀ ଦେବକୀ ଓ ରାଜା ବସୁଦେବଂକ ଔରସରୁ ଜନ୍ମିତ କୃଷ୍ଣଙ୍କୁ ମହାପ୍ରତାପୀ କଂସର ରୋଷରୁ ରକ୍ଷା କରିବା ନିମନ୍ତେ ସେମାନେ ତାଙ୍କ ସମ୍ପର୍କୀୟ ଭାଇ ନନ୍ଦ ରାଜା ଏବଂ ଭାଉଜ ଯଶୋଦାଙ୍କୁ ସମର୍ପି ଦେଇଥିଲେ । ନିଜ ଭଣଜାକୁ ଜୀବନରେ ମାରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେବାକୁ ପଣ କରିଥିବା କଂସରାଜର ଏହି ମହତ୍ୱ ଆକାଂକ୍ଷା ପୂରଣ ହୋଇ ପାରି ନଥିଲା । ଭଉଣୀ ଦେବକୀର ଅଷ୍ଟମ ଗର୍ଭରୁ ଜାତ ପୁତ୍ର ସନ୍ତାନ ତା ମୃତ୍ୟୁର କାରଣ ହେବାର ଆକାଶବାଣୀ କଂସକୁ ବହୁ ମାତ୍ରାରେ ଭୟଭୀତ କରି ଦେଇଥିଲା । ତେଣୁ ସେ ଭଉଣୀ ଓ ଭିଣୋଇଙ୍କୁ କାରାଗାରରେ ବନ୍ଦୀ ରଖି ସେମାନଙ୍କ ସପ୍ତମ ଗର୍ଭ ପର୍ଯ୍ୟନ୍ତ ସମସ୍ତ ସନ୍ତାନକୁ ମାରି ପକାଇଥିଲା ।  ହେଲେ, ଅଷ୍ଟମ ସନ୍ତାନଟିକୁ ସେମାନେ ମାରିବାକୁ ଦେଇ ନ ଥିଲେ । କଂସର ଅତ୍ୟାଚାରକୁ ପ୍ରତିହତ କରିବା ପାଇଁ କୃଷ୍ଣରୂପୀ ବିଷ୍ଣୁ ସେହି ଅସୁରକୁ ସଂହାର କରି ଉତ୍ପୀଡ଼ିତ ପ୍ରଜାଙ୍କ ଆଶା ଓ ଆକାଂକ୍ଷା ପୂରଣ କରିପାରିଥିଲେ । ପୁରାଣ ବର୍ଣ୍ଣିତ ଦ୍ୱାପର ଯୁଗର ଏହି ଗାଥା କୃଷ୍ଣ ଲୀଳାର ଭିନ୍ନ ଭିନ୍ନ ଅଧ୍ୟାୟରେ ଆମ ପୁରାଣରେ ସୁନ୍ଦର ଭାବରେ ଲିପିବଦ୍ଧ । ଜନ୍ମାଷ୍ଟମୀ ଅବସରରେ ସେଥିରୁ କିଛି ଆଲୋଚନା ପାଇଁ ଏହି ପ୍ରବନ୍ଧର ଅବତାରଣା ।

ଭଗବାନ କୃଷ୍ଣ ସୁରକ୍ଷା, କୋମଳତା, କରୁଣା ଓ ପ୍ରେମର ପ୍ରତୀକ । ହିନ୍ଦୁ ଧର୍ମର ପ୍ରମୁଖ ଦେବତା ଭାବେ ପରିଚିତ ଶ୍ରୀକୃଷ୍ଣ ହିନ୍ଦୁ ଦେବତାଙ୍କ ମଧ୍ୟରେ ଅଧିକ ଲୋକପ୍ରିୟ ଏବଂ ପୂଜନୀୟ ।

ବିଶ୍ୱ ବ୍ରହ୍ମାଣ୍ଡର ଦିବ୍ୟ ଶିକ୍ଷକ ଶ୍ରୀକୃଷ୍ଣ ସଦାସର୍ବଦା ଆମ ସହିତ ରହିଥାନ୍ତି । ସ୍ୱଷ୍ଟତା, ଆନନ୍ଦ, ଆତ୍ମବିଶ୍ୱାସ ଓ ଆଶା ନେଇ ଜୀବନ ଜୀଇଁବାର ମାର୍ଗଦର୍ଶନ ତାଙ୍କଠୁ ପ୍ରାପ୍ତ ହୋଇଥାଏ । ତାଙ୍କ ଜୀବନ କାଳ ଭିତରେ ଉଲ୍ଲେଖନୀୟ ଘଟଣା ଗୁଡିକୁ 'କୃଷ୍ଣ ଲୀଳା' ଭାବେ ଚିତ୍ରିତ କରାଯାଇଛି । ସେ ହିଁ ମହାଭାରତ, ଭାଗବତ ପୁରାଣ, ବ୍ରହ୍ମ ବୈବର୍ତ୍ତ ପୁରାଣ ଏବଂ ଭଗବତ ଗୀତାର ମୁଖ୍ୟ ବା କେନ୍ଦ୍ରୀୟ ପାତ୍ର ରୂପେ ବିବେଚିତ ହୁଅନ୍ତି । ସେ ସର୍ବ ସମ୍ମୁଖରେ ଦୃଶ୍ୟ ହୁଅନ୍ତି - ଏକ ଈଶ୍ୱର ସନ୍ତାନ, ଏକ ଆଦର୍ଶ ପ୍ରେମୀ, ଏକ ଦିବ୍ୟ ନାୟକ ଏବଂ ସର୍ବୋପରି ଏକ ସାର୍ବଜନୀନ ସର୍ବୋଚ୍ଚ ମାନବ ଭଳି । ତାଙ୍କ ସତ୍ତା ଭିତରେ ଝଲସି ଉଠେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କିମ୍ବଦନ୍ତୀମାନଙ୍କର ଭିନ୍ନ ଭିନ୍ନ ରୂପ, ଯେମିତି ଶିଶୁଟିଏ ଲହୁଣୀ ଖାଇବା ଢଙ୍ଗରେ, ଯୁବକଟିଏ ବଂଶୀସ୍ୱନରେ ମଗ୍ନ ରୂପରେ, ଅପରୂପା ରାଧାଙ୍କ ଅବା ଗୋପାଙ୍ଗନାଙ୍କ ମଧ୍ୟରେ ରାସ କ୍ରୀଡା ମୁଦ୍ରାରେ ଅଥବା ସାରଥୀ ହୋଇ ଧନୁର୍ଦ୍ଧରଙ୍କୁ ଉପଦେଶ ପ୍ରଦାନର ଏକ ଗୁରୁ ଗମ୍ଭୀର ଠାଣିରେ ।

ଏସବୁ ଉପରେ କ୍ରୁର କଂସର ବାରମ୍ବାର ସମସ୍ତ ମନ୍ଦ ପ୍ରୟାସ ସତ୍ତ୍ୱେ ସେଇ ଜଣ କଲ୍ୟାଣକାରୀ ଗୋବିନ୍ଦ ପୃଥିବୀ ପୃଷ୍ଠରେ ଜନ୍ମ ନେଇ ଅତ୍ୟାଚାରୀ ରାଜାକୁ ଯେଉଁ ଦଣ୍ଡ ବିଧାନ କରିଥିଲେ ତାହା ଯୁଗ ଯୁଗକୁ ଏକ ସମ୍ପୂର୍ଣ୍ଣ ଏବଂ ଉଦାହାରଣୀୟ ବାର୍ତ୍ତା ଦେଇଥାଏ : କ୍ରୁରତା ଓ ଉତ୍ପୀଡ଼ନର ଅବସାନ ଅବ୍ୟଶମ୍ଭାବୀ; ଏଥକୁ ତ୍ରାହି ନାହିଁ ତିଳେ ମାତ୍ର ।

ଶ୍ରୀକୃଷ୍ଣଙ୍କ ନିଜ କଥାରେ, 'ଅତୀତରେ ଯାହା ଘଟି ଯାଇଛି, ଭଲ ପାଇଁ ହୋଇଛି; ବର୍ତ୍ତମାନ ଯାହା ଘଟୁଛି ତାହା ଭଲ ପାଇଁ ଘଟୁଛି ଏବଂ ଭବିଷ୍ୟତରେ ଯାହା ବି କିଛି ଘଟିବ ତାହା ବି ଭଲ ପାଇଁ ଘଟିବ' । ଏତାଦୃଶ ସନ୍ଦେଶ ଆଜି ଦିନରେ ବି ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ।

ଉତ୍ସବ ପାଳନ ସମୟରେ ଏ ସବୁକୁ ହୃଦୟଙ୍ଗମ ପୂର୍ବକ ନିଜ ଜୀବନକୁ ଆମେ ଈଶ୍ୱରୀୟ ପ୍ରେମରେ ନିମଜ୍ଜିତ କରି ପାରିବା । ଏହାହିଁ କୃଷ୍ଣ ନାମର ଅନେକ ବିଶେଷଣାତ୍ମକ ଅର୍ଥ ଯଥା ଶ୍ୟାମ ବା କଳା ବା ଗଭୀରତାକୁ ଯଥାର୍ଥ କରିପାରିବ । ଜନ୍ମାଷ୍ଟମୀର ପୁଣ୍ୟ ତିଥିରେ ତାଙ୍କ ପାଦ ପଦ୍ମରେ ବିନୀତ ପ୍ରାର୍ଥନା କଲାବେଳେ ସ୍ୱତଃ ପ୍ରବୃତ୍ତ ହୋଇ ଯେଉଁ ମଧୁର ଝଙ୍କାର ଭାସି ଆସେ ତାହା ଆଉ କିଛି ନୁହେଁ, ବରଂ .....

ଶ୍ରୀକୃଷ୍ଣ ଗୋବିନ୍ଦ ହରେ ମୁରାରେ, ହେ ନାଥ ନାରାୟଣ ବାସୁଦେବ ।

ଜିହ୍ୱେ ପିବସ୍ୱାମୃତମେତଦେବ, ଗୋବିନ୍ଦ ! ଦାମୋଦର !! ମାଧବେତି !!!

ସ୍ତମ୍ଭକାର, ମର୍କତ ନଗର

କଟକ - ୭୫୩୦୧୪, ମୋ :୬୩୭୧୬୧୯୦୦୫

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମମତାମୟୀ ମାଆ



ରାମଚନ୍ଦ୍ର ପ୍ରଧାନ

ଯିଏ ହଜି ଯାଇଥିଲେ ଖୋଜେଇ ଦିଏ, ଭାଙ୍ଗି ଯାଇଥିଲେ ଗଢେଇ ଦିଏ, ଖୁଦ କଣିକାରେ ପେଟ ପୁରେଇ ଦିଏ, ପଣତରେ ଢାଙ୍କି ଭୟ ଦୁରେଇ ଦିଏ... ସେ ମାଆ.. କେବଳ ସେ ହିଁ ମାଆ । ଯାହାର "ଆହା " ପଦର ତୁଳନା ନାହିଁ, ଯାହାର ଭଲ ପାଇବାର ପଟାନ୍ତର ନାହିଁ... ସେ ମାଆ.. କେବଳ ସେ ହିଁ ମାଆ । ସେ ମମତାର ମଧୁସ୍ରାବୀ ସ୍ରୋତ, ସେ ଅସରନ୍ତି ସ୍ନେହର ପତିତପାବନୀ ଗଙ୍ଗା ଆଉ ସେ ବାତ୍ସଲ୍ୟ ପ୍ରେମର ସୀମାହୀନ ସାଗର । ଯିଏ କିଛି ଲୋଡେନା ଖାଲି ଦେଇ ଚାଲେ, ଯିଏ କିଛି ମାଆଗେନା ଖାଲି ବାଣ୍ଟି ଚାଲେ... ସେ ମାଆ.. କେବଳ ସେ ମାଆ । ଶିଶୁର ଦାରୋଟିରେ ପଡଟୁ ଥିବା ଆଦ୍ୟ ଅକ୍ଷର ମାଆ, ପ୍ରଣବ ଓଁ କାରର ପବିତ୍ର ପ୍ରତିଧ୍ୱନି ମାଆ, ସେ ମାଆ... କେବଳ ସେ ମାଆ ।' ମାଆ.. ବାସ... କେବଳ ଏତିକି ହିଁ ଯଥେଷ୍ଟ; ଦୁନିଆର ସବୁ ସୁଖ, ସବୁ ସମ୍ପତି, ସବୁ ଐଶ୍ୱର୍ଯ୍ୟ ଊଣା ପଡ଼ି ଯାଏ... ସେଇ ଏକାକ୍ଷର ସମ୍ବୋଧନ (ମାଆ) ନିକଟରେ । କିଏ ବା ତୁଳନୀୟ ଏଇ ମଧୁବୋଳା'ମାଆ ସମ୍ବୋଧନ ସହିତ ! ମାଆ ଡ଼ାକର ମାଧୁର୍ଯ୍ୟ ଆଉ ବାରି ହୁଅନି କେଉଁଠାରୁ !! ସେଥିପାଇଁ କୁହାଯାଏ -"ରସଗୋଲା ରସାବଳି, ମାଆ ଡାକ ପରା ତାଙ୍କୁ ବଳି । " ସେ ସନ୍ତାନ ରଂକୁଣି, ପ୍ରେମ ବାୟାଣୀ ଆଉ ପୁଣି ଶିଶୁର ଅତି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆପଣାର ।

ସଂସାରର ସବୁଠାରୁ ଦାମୀ ଶବ୍ଦଟିଏ ମାଆ । ସବୁଠାରୁ ନିଜର ଲାଗୁଥିବା ଶବ୍ଦଟିଏ ମାଆ । ପୁଅ ଝୁଣ୍ଟି ପଡିଲେ, ଯାହାର କଟା କାଳୀଜା କହେ 'ଆହା' । ସେ ଅସରନ୍ତି ସ୍ନେହ, ଅଫୁରନ୍ତ ମମତା, ଅଦ୍ୟମ ସାହସ ଆଉ ଅସୀମ ଧର୍ଯ୍ୟର ମୂର୍ତ୍ତିମନ୍ତ ପ୍ରତୀକ । ସେ ପ୍ରେମର ସରିତା, କରୁଣାର କସ୍ତୁରୀ ବାତ୍ସଲ୍ୟର ବାୟାଣୀ, କୃପାର ସାଗର ଆଉ ଦୟାର ଦୋରସା । ଖାଲି ସେତିକି ନୁହଁ ସେ ଧରିତ୍ରୀ ପରି ସର୍ବସଂହା, ମରୁତ ଭଳି ଅଟଳ, ନିର ପରି ନିର୍ମଳ, ଗଗନଠୁ ବିଶାଳ, ଅଗ୍ନିଠୁ ତେଜ ଆଉ ବାୟୁଠୁ ବି ଚଞ୍ଚଳ । ବାସ୍ତବରେ ମାଆଠୁ ବଳି ଦୁନିଆରେ ଆଉ କିଛି ନାହିଁ । ସୃଷ୍ଟି, ସମ୍ଭାବନା ଆଉ ସହନଶିଳତାର ଅନ୍ୟନାମ ହେଉଛି ମାଆ । ସେ ଅତୁଲ୍ୟ, ଅପରାଜେୟ, ମଧୁର ମୂର୍ଚ୍ଛନା ଆଉ ସୁଆଦର ଶିହରଣ । ଓଃ... କି ଶାନ୍ତି... କି ତୃପ୍ତି !

ସେଇ ମମତାମୟୀ ମାଆ ଡାକରେ !! ସତରେ ଯା'ର ମାଆ ନାହିଁ, ତା'ର ସାହା ନାହିଁ । ସେଇ ମାଆଙ୍କୁ ମୋର ଅନନ୍ତକୋଟି ପ୍ରଣାମ ।

ରାମ ଚନ୍ଦ୍ର ପ୍ରଧାନ, ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ : ୯୮୬୧୬୩୮୭୩୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନାରୀ ସମାନତା ଦିବସ



ରଶ୍ମିତା ପାତ୍ର

ସମାନତାର ଅର୍ଥ କେବଳ ଏହା ନୁହେଁ ଯେ, ନାରୀଟି ପୁରୁଷ ସହିତ ସମକକ୍ଷ ହେବା ପାଇଁ ଅହରହ ପ୍ରୟାସ କରିବା । ସବୁଠାରୁ ବଡ କଥା ହେଉଛି, ଝିଅକୁ ବିବାହ ପରେ ତା' ଶାଶୁ ଘରେ ପ୍ରକୃତ ଅଧିକାର ମିଳେ ନାହିଁ । ତେଣୁ ସେ ଶୋଷଣର ଶିକାର ହୁଏ ପ୍ରତି ମୁହୂର୍ତ୍ତରେ । ବୋହୂଟି ଯେବେ ସ୍ୱର ଉତ୍ତୋଳନ କରେ ତେବେ ସୃଷ୍ଟି ହୁଏ ଅପ୍ରୀତିକର ପରିସ୍ଥିତି । ତେଣୁ ସେ ନିଜ ପିତା ମାତାଙ୍କୁ ସାହାଯ୍ୟ ଲୋଡେ ।

ଆଉ ନିଜ ଅଧିକାର ପାଇଁ ଆପଣା ପରିବାରରେ ସୁଚାରୁ କର୍ତ୍ତବ୍ୟ କରି ସନ୍ତୁଳନ ବଜାୟ ରଖିଲେ, ନିଜ ଅଧିକାର ଓ ସମ୍ମାନ ହାତ ମୁଠାକୁ ଆପଣା ଛାଏଁ ମିଳିଥାଏ... ଝିଅକୁ ସଂସ୍କାରିତ କରି ଉଚିତ ଶିକ୍ଷା ଦେବା ହେଉଛି, ପ୍ରତ୍ୟେକ ମାତାପିତାଙ୍କର ପରମ କର୍ତ୍ତବ୍ୟ । ହେଲେ ଆଜି ସମାଜରେ ତାହାର ବିପରୀତ ପ୍ରତିଫଳନ ଦେଖିବାକୁ ମିଳେ । ଅନେକ କ୍ଷେତ୍ରରେ ଝିଅର ମାତା ପିତା ଝିଅକୁ କୁଶିକ୍ଷା ବା କୁମନ୍ତ୍ରଣା ଦେଇ ତା'ର ଶାଶୁ ଘରେ ବିଶୃଙ୍ଖଳା ସୃଷ୍ଟି କରନ୍ତି । ସେ ଭଳି ହୀନ ମାନସିକତାର ପିତା ମାତା ମାନେ ଭୁଲି ଯାଆନ୍ତି କି, ସେ ଆଉ ସେଇ ପ୍ରଜାପତି ଧରିବା ପାଇଁ ଉଡୁଥିବା କୁନିଝିଅଟିଏ ନୁହେଁ । ସେ ମଧ୍ୟ ଏକ ପରିବାରର କର୍ତ୍ତୀ । ବିବାହ ପରେ ଅନେକ ଦାୟିତ୍ୱ ତା'ର ବଢ଼ିଯାଇଥାଏ ତା' ନିଜ ପରିବାର

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ପ୍ରତି । ତେଣୁ ପ୍ରକୃତ ବୋହୂର ପରିଚୟ ଓ ମର୍ଯ୍ୟାଦା ନେଇ ତାକୁ ଉତ୍ତମ ଭାବରେ ଗଢି ତୋଳିବା ଲାଗି ସର୍ବଦୈବ ପ୍ରଯତ୍ନଶୀଳ ହେବା ଉଚିତ । ବ୍ୟକ୍ତିରୁ ପରିବାର, ପରିବାରରୁ ସମାଜ ଗଠିତ ହୋଇଥାଏ । ପରିବାରରେ ଶାନ୍ତି ବଜାୟ ରହିଲେ, ତା'ର ସକରାତ୍ମକ ପ୍ରଭାବ ଆମ ସମାଜ ଉପରେ ପଡେ । ନିଜ ଝିଅ ଅନ୍ୟ କାହା ଘର ବୋହୂ ହୋଇଥବା ବେଳେ, ଅନ୍ୟ କାହାଘର ଝିଅଟି ପୁଣି ଏଇ ଘର ବୋହୂଟିଏ ହୁଏ । ପୁଣି ଆଜି ଯିଏ ଶାଶୁ ସିଏ ଦିନେ କେବେ ସେ ବୋହୂଟିଏ ଥିଲେ, ଆଜି ଯିଏ ବୋହୂଟିଏ, ସେ ଆଗାମୀ କାଲିର ଉତ୍ତମ ଶାଶୁଟିଏ ହେବା ପାଇଁ ପ୍ରସ୍ତୁତ ରହିବା ଉଚିତ ।

ତେଣୁ ଉଭୟେ ନାରୀ ଓ ପୁରୁଷ ସମାନତା ରକ୍ଷା କରି ଏ ସମାଜକୁ ଏକ ସୁସ୍ଥ ସମାଜ ଗଠନ କରିବାର ସଂକଳ୍ପ ନେବା ବିଧେୟ ଅଟେ । ସର୍ବପରି ପ୍ରଚ୍ଛଦ ପଟର  ମହାନ ନାୟକ ନାୟିକା ହୋଇ ଏ ସମାଜର ଆଗାମୀ ସୂତ୍ରଧାର ଭାବେ ।

ରଶ୍ମିତା ପାତ୍ର,
ବାରିପଦା, ମୟୂରଭଞ୍ଜ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପାରିବେଶିକ ଅପଚୟ, ଚିନ୍ତାର କାରଣ



ଶଙ୍କର ବିଶ୍ୱାଳ

ସାମ୍ପ୍ରତିକ ପରିସ୍ଥିତିରେ ପାରିବେଶିକ ଅପଚୟ ଏକ ଚିନ୍ତାର କାରଣ

ଆମର ଭବିଷ୍ୟତ ପିଢ଼ି ପାଇଁ ନିରନ୍ତର ଜୀବନ ଅବସ୍ଥା ନିଶ୍ଚିତ କରିବାକୁ ଆମେ ଆମର ଜାତୀୟ ସମ୍ବଳକୁ ପ୍ରଦୂଷିତ କରିବା ଏବଂ ଚ୍ୟାଲେଞ୍ଜ କରିବା ବନ୍ଦ କରିବା ଉଚିତ୍ । ଅଣ-ପାରମ୍ପାରିକ ଶକ୍ତି ଉତ୍ସଗୁଡିକର ବ୍ୟବହାରକୁ ଉତ୍ସାହିତ କରାଯିବା ଉଚିତ୍ ।

ଜୀବାଶ୍ମ ଇନ୍ଧନ ବ୍ୟବହାର ଏବଂ ପ୍ରଦୂଷଣ ନିୟନ୍ତ୍ରଣ ଆଇନ ଉପରେ କଡା ନିୟମ ଲାଗୁ କରାଯିବା ଉଚିତ୍ । ଗ୍ଲୋବାଲ ୱାର୍ମିଂ ବିପଦରୁ ଆମ ପରିବେଶକୁ ବଞ୍ଚାଇବା ପାଇଁ ଆମକୁ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନକୁ ନିୟନ୍ତ୍ରଣ କରିବାକୁ ପଡିବ ।

ଆମେ ପ୍ରକୃତରେ ପରିବେଶର ପ୍ରକୃତ ମୂଲ୍ୟ ବୁଝିପାରୁ ନାହୁଁ । କିନ୍ତୁ ଆମେ ଏହାର କିଛି ମହତ୍ତ୍ୱ ଅନୁମାନ କରିପାରିବା ଯାହା ଆମକୁ ଏହାର ମହତ୍ତ୍ୱ ବୁଝିବାରେ ସାହାଯ୍ୟ କରିବ । ଜୀବଜନ୍ତୁଙ୍କୁ ପରିବେଶରେ ସୁସ୍ଥ ରଖିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

ବିଜ୍ଞାନ ସମ୍ମତ ସ୍ୱଚ୍ଛତା

ଲୋକମାନେ ପୃଥିବୀର ସବୁଠାରୁ ବୁଦ୍ଧିମାନ ପ୍ରାଣୀ ଭାବରେ ପରିଗଣିତ ହୁଅନ୍ତି, ଯେଉଁମାନେ ବ୍ରହ୍ମାଣ୍ଡରେ ନୂତନ ଜିନିଷ ଶିଖିବାକୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସକ୍ଷମ ଅଟନ୍ତି ଯାହା ସେମାନଙ୍କୁ ବୈଷୟିକ ପ୍ରଗତିକୁ ନେଇପାରେ । ଏହା ବିନା ଅର୍ଥରେ ଅର୍ଥନୀତି ପାଇଁ ବୈଷୟିକ ବିକାଶରେ ଅନେକ ଲାଭ ଅଛି କିନ୍ତୁ ଏହା ଆମ ପରିବେଶକୁ ଧୀରେ ଧୀରେ ନଷ୍ଟ କରିଦିଏ । ଆମ ଜୀବନକୁ ଉନ୍ନତ କରିବା ପାଇଁ ଆମେ ଟେକ୍ନୋଲୋଜି ଏବଂ ବିଜ୍ଞାନର ବିକାଶ କରୁ କିନ୍ତୁ ନିକଟ ଭବିଷ୍ୟତରେ ଆମକୁ ଘେରି ରହିଥିବା ସବୁକିଛି ନଷ୍ଟ କରିପାରେ ବୋଲି ଆମେ ଭାବିବାରେ ପଡ଼ୁନାହୁଁ । ବିନାଶକାରୀ ମାନବ କାର୍ଯ୍ୟକଳାପ ପରିବେଶ ଉପରେ ଅନେକ ପ୍ରତିକୂଳ ପ୍ରଭାବ ପକାଇଥାଏ । ପ୍ରଦୂଷଣର ପ୍ରଭାବ ଭୟଙ୍କର ଅଟେ । ଆମ ଗ୍ରହକୁ ସମସ୍ତ ଜୀବଜନ୍ତୁଙ୍କ ଅଭିବୃଦ୍ଧି ଏବଂ ବିକାଶ ପାଇଁ ଏକ ସୁରକ୍ଷିତ ସ୍ଥାନ କରିବା ପାଇଁ ବିଭିନ୍ନ ପ୍ରକାରର ପ୍ରଦୂଷଣ ଏବଂ ଏହାର ପ୍ରତିରୋଧର ସମସ୍ତ ସମ୍ଭାବ୍ୟ ଉପାୟ ଅନୁସନ୍ଧାନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଜଳ ସ୍ୱଚ୍ଛତା

ଆଜିକାଲି ଜଳ ପ୍ରଦୂଷଣ ହେଉଛି ଏକ ପ୍ରମୁଖ ସମସ୍ୟା । ଅନେକ ଅଳିଆକୁ ସିଧାସଳଖ ପାଣିରେ ଫୋପାଡି ଦିଆଯାଏ । ଅଧିକନ୍ତୁ, ଅନେକ କାରଖାନା, ମିଲ୍ ଏବଂ ଉଦ୍ଭିଦଗୁଡିକ ବିଶୋଧିତ ଶିଳ୍ପ ବର୍ଜ୍ୟବସ୍ତୁ ଏବଂ ଅନ୍ୟାନ୍ୟ ଅସୁରକ୍ଷିତ ପଦାର୍ଥକୁ ଜଳ ଶରୀରରେ ନିର୍ଗତ କରନ୍ତି । ଜଳ ମଧ୍ୟ ସାର ଏବଂ କୀଟନାଶକ ଦ୍ୱାରା ପ୍ରଦୂଷିତ ହୁଏ ଯାହା କୃଷିରେ ବହୁଳ ଭାବରେ ବ୍ୟବହୃତ ହୁଏ । ଜୀବନ୍ତ ପରିବେଶର ପ୍ରଦୂଷଣ ସମଗ୍ର ପ୍ରାକୃତିକ ଇକୋସିଷ୍ଟମର ମୃତ୍ୟୁକୁ ନେଇଥାଏ । ଅଳିଆ ବ୍ୟବହାର ପାଇଁ ଅନେକ ପନ୍ଥା ଅଛି କିନ୍ତୁ ଅଧିକାଂଶ ଗରିବ ଦେଶମାନଙ୍କରେ ଏହିପରି ଅତ୍ୟାଧୁନିକ ଜ୍ଞାନ କୌଶଳ ପ୍ରବର୍ତ୍ତନ ପାଇଁ ପର୍ଯ୍ୟାପ୍ତ ଅର୍ଥ ନାହିଁ ।

ବାୟୁ ସ୍ୱଚ୍ଛତା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାୟୁ ପ୍ରଦୂଷଣ ହେଉଛି ଅନ୍ୟ ଏକ ମାନବିକତାର ଆହ୍ୱାନ । କ୍ଷତିକାରକ ଯାନବାହାନ ଏବଂ ଶିଳ୍ପ ଧୂଆଁର ଅନିୟନ୍ତ୍ରିତ ମୁକ୍ତ ହେତୁ ଆମେ ନିଶ୍ୱାସ ନେଉଥିବା ବାୟୁ ଦୂଷିତ ହୋଇଛି । ଜଳୁଥିବା ଇନ୍ଧନ, ନାଇଟ୍ରୋଜେନ୍ ଅକ୍ସାଇଡ୍, ସଲଫର୍ ଡାଇଅକ୍ସାଇଡ୍, କାର୍ବନ ମନୋକ୍ସାଇଡ୍ ଏବଂ ରାସାୟନିକ ବାଷ୍ପ ବାୟୁର ପ୍ରମୁଖ ପ୍ରଦୂଷକ । ସଲଫର୍ ଡାଇଅକ୍ସାଇଡ୍ ଏବଂ କାର୍ବନ ଡାଇଅକ୍ସାଇଡ୍ ଗ୍ଲୋବାଲ୍ ୱାର୍ମିଂ ନାମକ ଏକ ପରିସ୍ଥିତି ସୃଷ୍ଟି କରେ ଯେତେବେଳେ ବିକିରଣ ଅବଶୋଷିତ ହୁଏ ଯେତେବେଳେ ଉତ୍ତାପରୁ ରକ୍ଷା ପାଇଥାଏ । ଆମ ପରିବେଶ ମଧ୍ୟ ଶବ୍ଦ ପ୍ରଦୂଷଣରେ ପୀଡିତ, ଯାହା ଲୋକ ଏବଂ ବନ୍ୟ ପ୍ରଜାତି ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ । ଗ୍ରହରେ ଆମର ଅସ୍ତିତ୍ୱ ସମ୍ଭବ କରିବାରେ ପରିବେଶ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ପୂର୍ଣ୍ଣ ଜୀବନ ବଞ୍ଚିବା ପାଇଁ ଆମେ ବ୍ୟବହାର କରୁଥିବା ସମସ୍ତ ଜିନିଷ ପରିବେଶ ଅଧୀନରେ ଆସେ । ଆମେ କେବଳ ବାୟୁ, ଜଳ, ସ୍ଥଳ, ସୂର୍ଯ୍ୟ କିରଣ, ପ୍ରାଣୀ ଏବଂ ଅନ୍ୟାନ୍ୟ ପ୍ରାକୃତିକ ଜିନିଷ ବିନା ବଞ୍ଚିପାରିବା ନାହିଁ । ପରିବେଶ ପ୍ରଦୂଷଣ ଆମ ଜୀବନକୁ ଶାରୀରିକ, ଭାବନାତ୍ମକ, ସାମାଜିକ, ଅର୍ଥନୈତିକ ଏବଂ ବୌଦ୍ଧିକ ଭାବରେ ପ୍ରଭାବିତ କରୁଛି । ଏହା ବିଶ୍ୱର ଏକ ପ୍ରମୁଖ ପ୍ରସଙ୍ଗ ହୋଇପାରିଛି ଯାହା ଗୋଟିଏ ପ୍ରୟାସ ଦ୍ୱାରା ସମାଧାନ ହୋଇପାରିବ ନାହିଁ । ପୃଥିବୀର ସମସ୍ତ ଜୀବଜନ୍ତୁଙ୍କ ଅସ୍ତିତ୍ୱକୁ ଶେଷ ନକରିବା ପାଇଁ ଆମେ ଯଥାସମ୍ଭବ ଚେଷ୍ଟା କରିବା ଉଚିତ୍ । ଆମ ଗ୍ରହର ପ୍ରତ୍ୟେକ ବ୍ୟକ୍ତି ଆମ ପରିବେଶକୁ ବଞ୍ଚାଇବା ଏବଂ ଏହାର ମୌଳିକତା ବଜାୟ ରଖିବା ପାଇଁ ଟିକିଏ ପଦକ୍ଷେପ ନେବା ଉଚିତ୍ । ଆମେ ଜଳ ଅପଚୟକୁ ହ୍ରାସ କରିବା, ଶକ୍ତି ସଞ୍ଚୟ କରିବା, ରିଚାର୍ଜ ଯୋଗ୍ୟ ବ୍ୟାଟେରୀ ବ୍ୟବହାର କରିବା, ଆମର ପୁରୁଣା ଜିନିଷକୁ ନୂତନ ଉପାୟରେ ପୁନଃ ବ୍ୟବହାର କରିବା ଏବଂ ବର୍ଜ୍ୟବସ୍ତୁକୁ କେବଳ ନିଜ ସ୍ଥାନରେ ପକାଇବା ଉଚିତ୍ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲୋକମାନେ ସେମାନଙ୍କର ମୌଳିକ ଆବଶ୍ୟକତାକୁ ପୂର୍ଣ୍ଣ କରିବା ପାଇଁ ପରିବେଶର ଉପାଦାନଗୁଡିକ ବ୍ୟବହାର କରନ୍ତି ।

ଅର୍ଥନୈତିକ ସ୍ୱଚ୍ଛତା

ଅର୍ଥନୈତିକ ବର୍ଜ୍ୟବସ୍ତୁ "ହେଉଛି ଏକ ଆଇନଗତ ସୁରକ୍ଷା ଯାହା ଏକ ତ୍ରୁଟି ସୁଧାରିବା ପାଇଁ ଆର୍ଥିକ ସମ୍ବଳର ଅନାବଶ୍ୟକ ବ୍ୟବହାରକୁ ରୋକିଥାଏ । ରଙ୍ଗୀନ ଇଟା ଏବଂ ମୋର୍ଟାର ସହିତ, କଣ୍ଟ୍ରାକ୍ଟର ନିଶ୍ଚିତ ଭାବରେ ଇଟାକୁ ଅପସାରଣ ଏବଂ ବଦଳାଇବା ଉଚିତ୍ କି ? ଯଦି ମୋର୍ଟାରଟି କେବଳ ରଙ୍ଗୀନ ନୁହେଁ ବରଂ ଗଠନମୂଳକ ଦୁର୍ବଳ ମଧ୍ୟ ହେବ ? ଅର୍ଥନୈତିକ କ୍ଷତି ହେଉଛି ଏକ ଶବ୍ଦ ଯେତେବେଳେ ବ୍ୟକ୍ତି କିମ୍ବା ସଂସ୍ଥା ଟଙ୍କା ହରାନ୍ତି ପରିସ୍ଥିତିକୁ ବର୍ଣ୍ଣନା କରିବା ପାଇଁ ବ୍ୟବହୃତ ହୁଏ । ଏହି ଶବ୍ଦ ଆର୍ଥିକ କ୍ଷତିକୁ ଅନ୍ତର୍ଭୁକ୍ତ କରେ ଯାହା ସାଧାରଣତଃ ଏକ ବାଲାନ୍‌ସ ସିଟ୍ କିମ୍ବା ଅନ୍ୟାନ୍ୟ ଆର୍ଥିକ ବିବରଣୀରେ ଦେଖାଯାଏ । ଆବର୍ଜନା ଅର୍ଥନୀତିର  ଅଂଶ - ଏହା ବ୍ୟବସାୟ, ସରକାରୀ ଏବଂ ପରିବାର ଦ୍ୱାରା ଅର୍ଥନୈତିକ କାର୍ଯ୍ୟକଳାପର ଏକ ଉପ-ଉତ୍ପାଦ (ଉତ୍ପାଦନ) ଅଟେ । ବସ୍ତୁ କିମ୍ବା ଶକ୍ତି ପୁନରୁଦ୍ଧାର ମାଧ୍ୟମରେ ବର୍ଜ୍ୟବସ୍ତୁ ଅର୍ଥନୈତିକ କାର୍ଯ୍ୟକଳାପ ପାଇଁ କାର୍ଯ୍ୟଦକ୍ଷତା ସୃଷ୍ଟି କରେ ।

ରାଜନୈତିକ ସ୍ୱଚ୍ଛତା

ଲୋକମାନେ ମଧ୍ୟ ପଚାରନ୍ତି ।

ଭାରତର ରାଜନୈତିକ ପରିସ୍ଥିତି କ'ଣ ?

ଭାରତରେ ଏକ ସଂଘୀୟ ସରକାର ଅଛି, ତେଣୁ ପ୍ରତ୍ୟେକ ରାଜ୍ୟର ମଧ୍ୟ ନିଜସ୍ୱ ସରକାର ଅଛି । ପ୍ରତ୍ୟେକ ରାଜ୍ୟର କାର୍ଯ୍ୟନିର୍ବାହୀ ହେଉଛନ୍ତି ରାଜ୍ୟପାଳ (ଭାରତର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ରାଷ୍ଟ୍ରପତିଙ୍କ ସହ ସମାନ), ଯାହାର ଭୂମିକା ଆନୁଷ୍ଠାନିକ ଅଟେ । ପ୍ରକୃତ ଶକ୍ତି ମୁଖ୍ୟମନ୍ତ୍ରୀ (ପ୍ରଧାନମନ୍ତ୍ରୀଙ୍କ ସହ ସମାନ) ଏବଂ ରାଜ୍ୟ ମନ୍ତ୍ରୀ ପରିଷଦ ସହିତ ରହିଥାଏ । ନୀତିଗତ ପୋଲାରାଇଜେସନ୍ (ବ୍ରିଟିଶ୍ ଇଂରାଜୀରେ ପୋଲାରାଇଜେସନ୍ ବନାନ) ହେଉଛି ରାଜନୈତିକ ମନୋଭାବର କେନ୍ଦ୍ରଠାରୁ ଦୂରରେ, ଆଦର୍ଶଗତ ଚରମ ଦିଗରେ । ସଙ୍କଟ, ଡିଜିଟାଲ ଅସମାନତା, ସମ୍ବଳ ପାଇଁ ଭୌଗୋଳିକ ରାଜନୈତିକ ପ୍ରତିଯୋଗିତା, ପ୍ରାକୃତିକ ବିପର୍ଯ୍ୟୟ ଏବଂ ଅତ୍ୟଧିକ ପାଣିପାଗ ଘଟଣା ଭାରତ ପାଇଁ ସ୍ୱଳ୍ପ ଏବଂ ମଧ୍ୟମ ସମୟ ମଧ୍ୟରେ ସବୁଠାରୁ ବଡ ବିପଦ ବୋଲି ବୁଧବାର ଏକ ବିଶ୍ୱ ଅର୍ଥନୈତିକ ଫୋରମ୍ ରିପୋର୍ଟରେ କୁହାଯାଇଛି । ଭାରତର ରାଜନୈତିକ ବିପଦ କମ୍ । ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚାଲିଥିବା କାଶ୍ମୀର ବିବାଦ ଜାରି ରହିଥିବା ସାମରିକ ବିପଦ ସୃଷ୍ଟି କରୁଥିବାବେଳେ ଚୀନ୍ ସହ ଦୀର୍ଘ ଦିନ ଧରି ଚାଲିଆସୁଥିବା ସୀମା ପ୍ରସଙ୍ଗ ପ୍ରମୁଖ ରହିଛି ।

ବାଣିଜ୍ୟିକ ସ୍ୱଚ୍ଛତା

ବାଣିଜ୍ୟିକ କାରବାର ସାଧାରଣତଃ ଏକ ଭଲ କିମ୍ବା ସେବା ପାଇଁ ଏକ ପ୍ରକାର ଦେୟ ଭାବରେ ବ୍ୟାଖ୍ୟା କରାଯାଇଥାଏ । ବାଣିଜ୍ୟିକ କାରବାରର ଅନେକ ପ୍ରକାରର ଅଛି, ଯେଉଁଥିରେ ଦୁଇଟି ଅଲଗା ବ୍ୟବସାୟ, ଗ୍ରାହକ ଏବଂ ବ୍ୟବସାୟ, ବ୍ୟବସାୟ ଏବଂ ସରକାରୀ ସଂସ୍ଥା ମଧ୍ୟରେ ଏବଂ ଏକ କମ୍ପାନୀର ଆଭ୍ୟନ୍ତରୀଣ ବିଭାଗ ମଧ୍ୟରେ ଘଟିଥାଏ । ରେଡ଼ିଓ, ଟେଲିଭିଜନ ବିଜ୍ଞାପନ, ଇଣ୍ଟରନେଟ୍ ଏବଂ ଖବରକାଗଜ ବିଜ୍ଞାପନଗୁଡିକ ଆମେ ଜାଣୁ ଯେପରି ବିଶ୍ୱରେ ପରିବର୍ତ୍ତନ ଆଣିଛି । ବିଭିନ୍ନ ମାର୍କେଟିଂ କୌଶଳ ବିନା ବ୍ୟବସାୟ ସେତେଟା ସଫଳ ହେବ ନାହିଁ, ଏବଂ ଆପଣ ବିଭିନ୍ନ ପ୍ରକାରର ଉତ୍ପାଦ/ସେବା ପାଇପାରିବେ ନାହିଁ ଯାହା କେବଳ ଲୋକପ୍ରିୟ ରଣନୀତି ଉପରେ ଆଧାରିତ । ସଂକ୍ଷେପରେ, ବ୍ୟବସାୟିକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାରବାର ହେଉଛି ବ୍ୟବସାୟ କାରବାର । ଅନେକ ପ୍ରକାରର ବାଣିଜ୍ୟିକ କାରବାର ବିଦ୍ୟମାନ ଅଛି, ଏକ-ଅଫ୍ କାରବାର ଠାରୁ ଆରମ୍ଭ କରି ବିକ୍ରୟ ପରି, ଏକ ବ୍ୟବସାୟରେ ପୁଞ୍ଜି ବିନିଯୋଗ କିମ୍ବା ବିନିଯୋଗ ସହିତ ଜଡିତ ଚୁକ୍ତିନାମା ପର୍ଯ୍ୟନ୍ତ । ସେଗୁଡିକ ଏକ ବଡ଼ କିମ୍ବା ଛୋଟ ମାପରେ ହୋଇପାରେ ।

- ଶଙ୍କର ବିଶ୍ୱାଳ

ବି.ଏ ବି.ଏଡ୍ ଲୋକ ପ୍ରଶାସନ ବିଭାଗ , ଭୋପାଳ ବିଶ୍ୱବିଦ୍ୟାଳୟ

ଗୁଡିଆଳୀ , କବିସୂର୍ଯ୍ୟ ନଗର , ଗଞ୍ଜାମ

@Shankarbiswal2319@gmail.com

ମୋ -୬୩୭୨୭୬୯୯୬୬

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଗୀତାରେ ଧର୍ମର ସଂଜ୍ଞା



ଅମରନାଥ ବାରିକ

ନାରାୟଣଂ ନମସ୍କୃତ୍ୟ ନରଂ ଚୈବ ନରୋତ୍ତମମ୍ ।
ଦେବୀଂ ସରସ୍ୱତୀଂ ବ୍ୟାସଂ ତତୋଜୟମୁଦୀରୟେତ୍ ॥
ମୂକଂ କରୋତି ବାଚାଳଂ ପଙ୍ଗୁଂ ଲଙ୍ଘୟତେ ଗିରିମ୍ ।
ଯତ୍କୃପା ତମହଂ ବନ୍ଦେ ପରମାନନ୍ଦମାଧବମ୍ ॥

ଶ୍ରୀମଦ୍ ଭଗବତ୍ ଗୀତାକୁ ଯେତେ ବଖାଣିଲେ ସମୟର ଅଭାବ ରହିଯିବ, ଏହା ପାଠ କରିବା ପାଇଁ କୌଣସି ଜାତି କିମ୍ବା ଧର୍ମର ଆବଶ୍ୟକ ପଡିନଥାଏ । କେବଳ ପବିତ୍ର ମନ ହିଁ ଯଥେଷ୍ଟ । ଗୀତାର ସାରମର୍ମ ବୁଝିବା ତେବେ ସହଜ ହୋଇଥାଏ, ଯେତେବେଳେ ବିଶ୍ୱାସ ଓ ଭକ୍ତି ଉତ୍ପନ୍ନ ହୁଏ । ଶବ୍ଦର ସଂଖ୍ୟା ସୀମିତ ରହିଥିବାରୁ ତଥାପି ସମ୍ୟକ ମାତ୍ର ଆଲୋଚ୍ୟ ପ୍ରସଙ୍ଗ ଓ ଶ୍ରୀମଦ୍ଭଗବତ ଗୀତାର ଅଂଶ ବିଶେଷ କୁ ନେଇ, ଗୀତାରେ ଧର୍ମର ସଜ୍ଞା କହିଲେ ସତ୍ତ୍ୱ, ରଜଃ, ତମଃ-ଏହି ତିନିଗୁଣକୁ ବୁଝାଏ ତଥା ସେମାନଙ୍କର ପାର୍ଥକ୍ୟ ବିଷୟରେ ଆଲୋଚନା କରିବାକୁ ଗଲେ ସତ୍ତ୍ୱ, ରଜଃ, ତମଃ-ଏହି ତିନିଗୁଣ ପ୍ରକୃତିରୁ ଜାତ ଏବଂ ଜୀବାତ୍ମାକୁ - ସଂସାରରେ ବାନ୍ଧି ରଖେ । ସତ୍ତ୍ୱ ଗୁଣର ଧର୍ମ ପ୍ରକାଶ ବା ଜ୍ଞାନ । ଏଥିରେ ମନୁଷ୍ୟ ସୁଖ ଭୋଗକରେ । ରଜଃ ଗୁଣର ଧର୍ମ ରାଗାତ୍ମକ । ତାହା ତୃଷ୍ଣା ଓ ଆସକ୍ତି ବଢାଏ ଏବଂ ଜୀବାତ୍ମାକୁ କର୍ମବନ୍ଧନରେ ପକାଏ । ତମଃ ଗୁଣର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧର୍ମ ଅଜ୍ଞାନ ଓ ମୋହ । ତାହା ନିଦ୍ରା, ଆଳସ୍ୟ ଓ ପ୍ରମାଦ ବଢାଏ । ପ୍ରତ୍ୟେକ ଜୀବଠାରେ ଏହି ତିନୋଟିଯାକ ଗୁଣ ଥାଆନ୍ତି । ମନୁଷ୍ୟ ସତ୍ତ୍ୱଗୁଣର ଆଧିକ୍ୟରେ ସାତ୍ତ୍ୱିକ, ରଜଃ ଗୁଣର ଆଧିକ୍ୟରେ ରାଜସିକ ଓ ତମଃ ଗୁଣର ଆଧିକ୍ୟରେ ତାମସିକ ବୋଲି କଥିତ ହୁଅନ୍ତି । ସତ୍ତ୍ୱ ଗୁଣର ବୃଦ୍ଧିକାଳରେ ମୃତ୍ୟୁ ହେଲେ ଜୀବାତ୍ମା ସ୍ୱର୍ଗାଦି ଉଚ୍ଚସ୍ଥାନ ଲାଭ କରେ । ରଜଃ ଗୁଣର ବୃଦ୍ଧିକାଳରେ ମୃତ୍ୟୁ ହେଲେ ମନୁଷ୍ୟ ଯୋନି ଏବଂ ତମଃ ଗୁଣର ବୃଦ୍ଧିକାଳରେ ମୃତ୍ୟୁ ହେଲେ ପଶୁପକ୍ଷୀ ପ୍ରଭୃତି ନୀଚ ଯୋନି ପ୍ରାପ୍ତ ହୁଏ ।

ସତ୍ତ୍ୱଗୁଣର ବୃଦ୍ଧିରେ ସ୍ୱର୍ଗଲାଭ ହୁଏ ସତ ହେଲେ ମୁକ୍ତି ମିଳେ ନାହିଁ । ତ୍ରିଗୁଣାତୀତ ହୋଇପାରିଲେ ଜୀବାତ୍ମା ମୁକ୍ତି ଲାଭ କରେ । ଦେହ ଥିବାଯାଏ ପ୍ରକୃତିର କାର୍ଯ୍ୟ ଚାଲିଥାଏ । ଯେଉଁ ବ୍ୟକ୍ତି ପ୍ରକୃତିର କାର୍ଯ୍ୟରେ ଉଦାସୀନ ହୋଇ ସୁଖଦୁଃଖରେ ସମ, ମାଟି ପଥର ସୁନାରେ ସମଜ୍ଞାନ (ନିର୍ଲୋଭ), ନିନ୍ଦା ପ୍ରଶଂସାରେ ସମ, ପ୍ରିୟ ଅପ୍ରିୟରେ ସମ, ଶତ୍ରୁମିତ୍ରରେ ସମ ତଥା ମାନ ଅପମାନରେ ସମଚିତ୍ତ ରହନ୍ତି ତାଙ୍କୁ ଗୁଣାତୀତ କୁହାଯାଏ । ଅଚଳା ଭକ୍ତିରେ ପରମେଶ୍ୱରଙ୍କର ଶରଣାପନ୍ନହେଲେ ବ୍ୟକ୍ତି ସହଜରେ ତ୍ରିଗୁଣାତୀତ ହୋଇପାରେ । ବାସୁଦେବ ଶ୍ରୀକୃଷ୍ଣ ନିର୍ଗୁଣ ବ୍ରହ୍ମଙ୍କର, ଅବ୍ୟୟମୋକ୍ଷର ସନାତନ ଧର୍ମର ଓ ସମସ୍ତ ସୁଖର ସାକାର ମୂର୍ତ୍ତି । ତାଙ୍କୁ ଅଚଳା ଭକ୍ତିରେ ପୂଜା ଅର୍ଚ୍ଚନା କଲେ ମନୁଷ୍ୟ ତ୍ରିଗୁଣାତୀତ ହୋଇ ମୁକ୍ତି ଲାଭ କରେ । ଯେଉଁମାନେ ଶ୍ରୀମଦ୍ ଭଗବତ ଗୀତା ପାଠ କରିଛନ୍ତି ସେମାନେ ସମସ୍ତେ ଜାଣିଛନ୍ତି ବା ଭଗବାନ୍ ଶ୍ରୀକୃଷ୍ଣ ନିଜେ କହିଛନ୍ତି ଯାହା ସର୍ବଶ୍ରେଷ୍ଠ ମୂଳକାରଣ ବା ଅବିନାଶୀ ଭାବ ତାହାହିଁ ବ୍ରହ୍ମତତ୍ତ୍ୱ । ସ୍ୱଭାବ ବା ମୂଳଭାବ ଜୀବ(ଆତ୍ମା) ରୂପରେ ଦେହ ମଧ୍ୟରେ ପ୍ରକାଶିତ-ତାହା ଆଧ୍ୟାତ୍ମତତ୍ତ୍ୱ । ବିଶ୍ୱସୃଷ୍ଟି ହିଁ କର୍ମ । ଭଗବାନଙ୍କ ସୃଷ୍ଟ ବିନଶ୍ୱର ଭାବ ହିଁ ଅଧିଭୂତ(ଦେହ) । ଦେବତାମାନଙ୍କର ଅଧିପତି ଭୂତସ୍ରଷ୍ଟା ହରିଣ୍ୟ ଗର୍ଭ ବ୍ରହ୍ମା ହିଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଧିଦୈବ । ସୃଷ୍ଟିରକ୍ଷା ପାଇଁ ଜୀବ ଯେଉଁ କର୍ମ କରେ ତାହା ଯଜ୍ଞ ଏବଂ ନିଜେ ଭଗବାନ୍ ସମସ୍ତ ଜୀବ ମଧ୍ୟରେ ନିୟନ୍ତା ଓ ଫଳଦାତା ରୂପେ ରହିଛନ୍ତି-ସେ ହେଉଛନ୍ତି ଅଧିଯଜ୍ଞ ।

ପ୍ରଭୁଙ୍କର ଜନ୍ମ ନାହିଁ, ଆଦି ନାହିଁ, ଅନ୍ତ ବି ନାହିଁ । ତାଙ୍କୁ ଯେଉଁ ବ୍ୟକ୍ତି ସର୍ବଲୋକ ମହେଶ୍ୱର ବୋଲି ଜାଣନ୍ତି ସେ ସମସ୍ତ ପାପରୁ ମୁକ୍ତ ହୁଅନ୍ତି । ବୁଦ୍ଧି, ଜ୍ଞାନ, କ୍ଷମା, ଅସଂମୋହ, ସତ୍ୟ, ଦମ, ଶମ, ସୁଖ, ଦୁଃଖ ଭବ, ଅଭାବ, ଭୟ, ଅଭୟ, ଅହିଂସା, ସମତା, ତୁଷ୍ଟି, ତପ, ଦାନ, ଯଶ, ଅଯଶ-ଏ କୋଡିଏଟି ଭାବ ଜୀବମାନଙ୍କଠାରେ ଅଲଗା ଅଲଗା ଦେଖାଯାଇଥିଲେ ହେଁ ଏ ସବୁ ତାଙ୍କଠାରୁ ସୃଷ୍ଟ । ତାଙ୍କର ବିଭୂତି (ଐଶ୍ୱର୍ଯ୍ୟ) ଓ ଯୋଗ (କର୍ମକୌଶଳ) ଯେ ଯଥାର୍ଥ ଭାବରେ ଜାଣନ୍ତି, ସେ ପ୍ରକୃତରେ ତାଙ୍କୁ ଜାଣିପାରନ୍ତି । ସେ ସମସ୍ତ ଜଗତର ଉତ୍ପତ୍ତିର କାରଣ ଓ ତାଙ୍କଠାରୁ ସବୁ ଉତ୍ପତ୍ତି ହୋଇଅଛି ଏହା ଜାଣି ଜ୍ଞାନୀମାନେ ତାଙ୍କୁ ଉପାସନା କରନ୍ତି, ତାଙ୍କ ବିଷୟରେ ପରସ୍ପର ମଧ୍ୟରେ ଆଲୋଚନା କରନ୍ତି । ତାଙ୍କଠାରେ ସର୍ବଦା ଆସକ୍ତ ଚିତ୍ତ ବ୍ୟକ୍ତିମାନେ ପ୍ରୀତିପୂର୍ବକ ତାଙ୍କୁ ଭଜନ କରୁଥିବାରୁ ସେ ଆମମାନଙ୍କୁ ସଦବୁଦ୍ଧି ଦିଅନ୍ତି ଯାହା ଫଳରେ ଆମେମାନେ ମୁକ୍ତିଲାଭ କରନ୍ତି । ସେ ସମସ୍ତ ଜୀବମାନଙ୍କ ହୃଦୟରେ ଆତ୍ମା ଏବଂ ସମସ୍ତ ଜୀବଙ୍କର ଆଦି, ମଧ୍ୟ ଓ ଅନ୍ତ ବି । ସେ ଆଦିତ୍ୟମାନଙ୍କ ମଧ୍ୟରେ ବିଷ୍ଣୁ, ଜ୍ୟୋତିମାନଙ୍କ ମଧ୍ୟରେ ସୂର୍ଯ୍ୟ (ରବି), ବାୟୁମାନଙ୍କ ମଧ୍ୟରେ ମରୀଚ, ନକ୍ଷତ୍ରମାନଙ୍କ ମଧ୍ୟରେ ଶଶୀ, ବେଦମାନଙ୍କ ମଧ୍ୟରେ ସାମବେଦ, ଦେବତାମାନଙ୍କ ମଧ୍ୟରେ ଇନ୍ଦ୍ର, ଇନ୍ଦ୍ରିୟମାନଙ୍କ ମଧ୍ୟରେ ମନ, ଜୀବମାନଙ୍କ ମଧ୍ୟରେ ଚେତନା, ରୁଦ୍ରମାନଙ୍କ ମଧ୍ୟରେ ଶଙ୍କର, ପୁରୋଧାମାନଙ୍କ ମଧ୍ୟରେ ବୃହସ୍ପତି, ସରସିମାନଙ୍କ ମଧ୍ୟରେ ସାଗର, ମହର୍ଷିମାନଙ୍କ ମଧ୍ୟରେ ଭୃଗୁ, ଦେବର୍ଷିମାନଙ୍କ ମଧ୍ୟରେ ନାରଦ, ସିଦ୍ଧମାନଙ୍କ ମଧ୍ୟରେ କପିଳ, ମୁନିମାନଙ୍କ ମଧ୍ୟରେ ବ୍ୟାସ, ବୃଷ୍ଣିମାନଙ୍କ ମଧ୍ୟରେ ବସୁଦେବଙ୍କ ପୁତ୍ର ବାସୁଦେବ,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଣ୍ଡବମାନଙ୍କ ମଧ୍ୟରେ ଅର୍ଜୁନ, ପଦମାନଙ୍କ ମଧ୍ୟରେ 'ଓଁ' କାର, ଅକ୍ଷରମାନଙ୍କ ମଧ୍ୟରେ 'ଅ', ବିଦ୍ୟାମାନଙ୍କ ମଧ୍ୟରେ ଅଧ୍ୟାତ୍ମ (ବ୍ରହ୍ମ) ବିଦ୍ୟା, ଯଜ୍ଞମାନଙ୍କ ମଧ୍ୟରେ ଜପଯଜ୍ଞ, ସଂଯମକାରୀମାନଙ୍କ ମଧ୍ୟରେ ଯମ, ସର୍ବସଂହର୍ତ୍ତା ମୃତ୍ୟୁ ମଧ୍ୟ । ସମସ୍ତ ଜୀବମାନଙ୍କର ସେ ମୂଳକାରଣ ଅଟନ୍ତି । ସମସ୍ତ ଜୀବ ବା ବସ୍ତୁ ତାଙ୍କଠାରୁ ଉତ୍ପନ୍ନ ବା ତାଙ୍କଠାରେ ଅବସ୍ଥିତ । ତାଙ୍କ ବିଭୂତିର ବର୍ଣ୍ଣନା କରୁଥିଲେ ସରିବ ନାହିଁ । ଐଶ୍ୱର୍ଯ୍ୟଯୁକ୍ତ, ଶ୍ରୀଯୁକ୍ତ ବା ପ୍ରଭାବ ସମ୍ପନ୍ନ ଯେଉଁ ଯେଉଁ ଜୀବ ବା ପଦାର୍ଥ ଦେଖୁଛନ୍ତି ସେସବୁ ତାଙ୍କ ଅଂଶରୁ ସଂଭୂତ ।

ଶ୍ରୀମଦ୍ ଭଗବତ୍ ଗୀତାର ସମଗ୍ର ଗୀତା ଶାସ୍ତ୍ରର ତଥା ବେଦାର୍ଥର ସାରସଂକଳନ ବୋଲି ପୂଜ୍ୟପାଦ ଆଚାର୍ଯ୍ୟ ଶଙ୍କର ଓ ଶ୍ରୀଧର ସ୍ୱାମୀ କହିଛନ୍ତି । ଯେଉଁ ବ୍ୟକ୍ତି ଅନନ୍ୟ ଭାବରେ ଭଗବାନଙ୍କର ଉପାସନା କରିବେ ସେ ସଂସାରର ମାୟା ଜାଲକୁ ଛିନ୍ନ କରି ପାରିବେ । ତ୍ରିଗୁଣାତୀତ ନହେଲେ କେହି ମୁକ୍ତି ପାଇପାରିବେ ନାହିଁ । ଏ ସଂସାରକୁ ଗୋଟିଏ ଅଶ୍ୱତ୍ଥ ବୃକ୍ଷ ବୋଲି ଉପନିଷଦ ମାନଙ୍କରେ ମଧ୍ୟ ବର୍ଣ୍ଣିତ ଅଛି । ଏ ବୃକ୍ଷର ମୂଳ ଊର୍ଦ୍ଧ୍ୱରେ - ପରଂବ୍ରହ୍ମ ଏହାର ମୂଳ । ଏହାର ଶାଖା ସବୁ ଉପର ଓ ତଳ ଆଡେ ବିସ୍ତୃତ । ଦେବତାମାନେ, ମନୁଷ୍ୟମାନେ ଓ  ନାନାପ୍ରକାର ପଶୁପକ୍ଷୀ ଏ ବୃକ୍ଷର ଶାକ୍ଷା ରୂପେ କଳ୍ପିତ ହୋଇଅଛି । ପତ୍ର ସାହାଯ୍ୟରେ ବୃକ୍ଷ ପୁଷ୍ଟିଲାଭ କଲାପରି ଏ ସଂସାର ବୃକ୍ଷ ବେଦସବୁର ନିର୍ଦ୍ଦେଶାନୁସାରେ କର୍ମାନୁଷ୍ଠାନ କରି ତିଷ୍ଠି ରହିଛି । ଯେତେକାଳ ଜୀବ ବିଷୟବାସନାର ମାୟାରେ ଆବଦ୍ଧଥାଏ, ସେତେଦିନ ଯାଏ ତାର ଜ୍ଞାନ ଲାଭ ହୁଏ ନାହିଁ । ତୀବ୍ର ବୈରାଗ୍ୟ ଦ୍ୱାରା ସଂସାରର ମାୟା ଜାଲକୁ କାଟି ପାରିଲେ ମନୁଷ୍ୟ ପରମପଦ ଲାଭ କରିବାରେ ଅଗ୍ରସର ହୁଏ । ଜୀବାତ୍ମା ପରମାତ୍ମାଙ୍କ ଅଂଶ । କର୍ମଫଳ ଭୋଗ କରିବା ପାଇଁ ସେ ଉଚ୍ଚ ବା ନୀଚ ଯୋନି ଲାଭ କରେ । ସେ ମନ ଓ ଇନ୍ଦ୍ରିୟମାନଙ୍କ ସହିତ ପୁରାତନ ଶରୀର ତ୍ୟାଗ କରି ନୂତନ ଶରୀରକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯାଏ । ନୂତନ ଶରୀର ଲାଭକରି ପୁଣି ବିଷୟ ଭୋଗରେ ମାତିଯାଏ । ଜୀବାତ୍ମାର ଦେହ ତ୍ୟାଗ, ପୁନଃ ନୂତନ ଶରୀର ଲାଭ ଓ ଶରୀରରେ ଅବସ୍ଥାନ ମୂଢବ୍ୟକ୍ତିମାନେ ଜାଣି ପାରନ୍ତି ନାହିଁ, ଜ୍ଞାନୀବ୍ୟକ୍ତି ଜାଣିପାରନ୍ତି ।

ସୂର୍ଯ୍ୟଙ୍କର ଆଲୋକରେ ଜଗତ ଉଦ୍ଭାସିତ ହୁଏ । ସେହିପରି ଚନ୍ଦ୍ର ଓ ଅଗ୍ନିର ଆଲୋକରେ ମଧ୍ୟ । ମାତ୍ର ଏ ସମସ୍ତ ତେଜ ଜଗତକୁ ଧରି ରଖିଛନ୍ତି । ସେ ମଧ୍ୟ ପୃଥିବୀକୁ ଧାରଣ କରିବା ସଙ୍ଗେ ସଙ୍ଗେ ଔଷଧାଦିର ପୁଷ୍ଟି ବିଧାନ କରୁଛନ୍ତି - ଯାହା ଖାଇ ଜୀବଜଗତ ବଞ୍ଚିରହିଛି । ସେ ସମସ୍ତଙ୍କ ଦେହରେ ଜଠରାଗ୍ନି ରୂପରେ ସମସ୍ତ ଖାଦ୍ୟ ପଦାର୍ଥକୁ ହଜମ କରି ଶରୀରକୁ ପୁଷ୍ଟ କରୁଛନ୍ତି । ପରମାତ୍ମା ସମସ୍ତ ବେଦର ଜ୍ଞାତବ୍ୟ ତତ୍ତ୍ୱ, ବେଦାନ୍ତକୃତ୍ ଓ ବେଦବିତ୍ ଅଟନ୍ତି । ସମସ୍ତ ଭୂତଗଣ କ୍ଷରପୁରୁଷ ଏବଂ ସେମାନଙ୍କ ଶରୀରରେ ଥିବା ଆତ୍ମା ଅକ୍ଷର ପୁରୁଷ ଅଟନ୍ତି । ପରମାତ୍ମା କ୍ଷର ଓ ଅକ୍ଷର ପୁରୁଷଙ୍କଠାରୁ ଶ୍ରେଷ୍ଠ ଅଟନ୍ତି । ତାଙ୍କୁ ସମସ୍ତ ଲୋକ ଓ ସମସ୍ତ ବେଦରେ ପୁରୁଷୋତ୍ତମ କୁହାଯାଏ । ସେ ସମସ୍ତ ଜଗତର ରକ୍ଷକ, ପାଳକ, ଶାସକ ଅଟନ୍ତି । ମୋହତ୍ୟାଗ କରି ବୁଦ୍ଧିମାନ୍ ସାଧକ ପୁରୁଷୋତ୍ତମଙ୍କୁ ସର୍ବତୋ ଭାବରେ ପୂଜାକଲେ ସର୍ବଜ୍ଞ ଓ କୃତାର୍ଥ ହୋଇଥାନ୍ତି । ଏ ତ ଥିଲା ଗୀତାମୃତ ସ୍ୱୟଂ ମାଧବଙ୍କ ବାଣୀ । ଏତତ୍ ବ୍ୟତୀତ ମନୁଷ୍ୟକୁ କର୍ମ ଅନୁସାରେ ସଂସାରରେ ସମସ୍ତଙ୍କୁ ଆବଶ୍ୟକୀୟ ବିଭାଗ ବଣ୍ଟନ କରାଯାଇଥିଲା ଅଥବା ବୃତ୍ତି କରିବା ପାଇଁ ମାର୍ଗ ଦେଖାଇ ଦିଆଯାଇଥିଲା । ତାହା କୌଣସି ଜାତି କି ଧର୍ମକୁ ନେଇ ନୁହେଁ, ବରଂ ସମାଜର କଲ୍ୟାଣ ଓ ମଙ୍ଗଳ ପାଇଁ । ଯେମିତି ବ୍ରାହ୍ମଣକୁ ଦେବାଦେବୀଙ୍କ ସେବା କରିବା ପାଇଁ, ଗୋପାଳ(ଗୌଡ)ଙ୍କୁ ଗୋମାତାଙ୍କ ସେବା କରିବା ପାଇଁ, ନାପିତ ଓ ଧୋବାଙ୍କୁ ଜନସେବା କରିବା ପାଇଁ ଏମିତି ଆହୁରି ଅନେକ କିନ୍ତୁ ତାହା ପରବର୍ତ୍ତୀ କାଳରେ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଲୋକମାନେ ପୃଥକ୍ ପୃଥକ୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଗଲେ । ଉଚ୍ଚ ନୀଚ ବାଛ ବିଚାର ମନୋଭାବ ପ୍ରବୃତି ଆସିଲା । ବେଳେବେଳେ ମନରେ ପ୍ରଶ୍ନ ଉଠେ ମୁଁ ନୀଚ ଜାତିର ଲୋକେ କାହିଁକି ହେଲି ? କିନ୍ତୁ ମନୁଷ୍ୟଙ୍କୁ ସର୍ବଦା ଏହା ମନେ ରଖିବା ଉଚିତ୍ କି କେହି ଉଚ୍ଚ କି କେହି ନୀଚ ଜାତିର ନୁହେଁ ଆମ୍ଭେ ମାନେ ସମସ୍ତେ ଈଶ୍ୱରଙ୍କ ବରଦାନରୁ ସର୍ବଶ୍ରେଷ୍ଠ ପ୍ରାଣୀ ଅଟୁ । ପରମାତ୍ମା ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖନ୍ତି । କେବଳ କର୍ମ ଘେନି ଫଳ ପ୍ରାପ୍ତ ହୋଇଥାଏ ଆମ୍ଭମାନଙ୍କୁ । ଉଦାହରଣ ସ୍ୱରୂପ -:

ଭଗବାନଙ୍କୁ ଦିନେ ଅର୍ଜୁନ ପ୍ରଶ୍ନ କଲେ- ସମସ୍ତଙ୍କର ଶାସ୍ତ୍ର ଜ୍ଞାନ ନଥାଏ । ଅନ୍ୟ ମାନଙ୍କଠାରୁ ଶୁଣି ଯେଉଁ ବ୍ୟକ୍ତି ଶ୍ରଦ୍ଧାର ସହିତ ଉପାସନା କରନ୍ତି ତାଙ୍କୁ କ'ଣ କୁହାଯିବ- ସାତ୍ତ୍ୱିକ, ରାଜସିକ ଅଥବା ତାମସିକ ? ଏହି ଉତ୍ତର ପାଇଥିଲେ ସେ, ଜନ୍ମସଂସ୍କାର ବା ସାଧନାନୁସାରେ ବ୍ୟକ୍ତି ବିଶେଷର ଶ୍ରଦ୍ଧା ଭିନ୍ନ ହୋଇଥାଏ । ସାତ୍ତ୍ୱିକ ପ୍ରକୃତିର ବ୍ୟକ୍ତିମାନେ ଦେବତାମାନଙ୍କୁ ପୂଜା କରନ୍ତି, ରାଜସିକ ପ୍ରକୃତିର ବ୍ୟକ୍ତିମାନେ ଯକ୍ଷ ରାକ୍ଷଙ୍କ ପୂଜା କରନ୍ତି ଏବଂ ତାମସିକ ପ୍ରକୃତିର ବ୍ୟକ୍ତିମାନେ ଭୂତପ୍ରେତାଦିର ପୂଜା କରନ୍ତି । ତାମସିକ ବ୍ୟକ୍ତିମାନେ ଦମ୍ଭ ଅହଂକାର ଓ ରାଗାନ୍ୱିତ ହୋଇ ଶରୀରକୁ କଷ୍ଟଦେଇ ନାନା ପ୍ରକାର ତପ ସାଧନା କରିଥାନ୍ତି । କିନ୍ତୁ ସିଦ୍ଧିଲାଭ କରିନପାରି ଦୁଃଖ ଭୋଗ କରିଥାନ୍ତି । ପ୍ରକୃତି ଭେଦରେ ମନୁଷ୍ୟର ପ୍ରିୟ ଆୟୁ, ବଳ, ସ୍ୱାସ୍ଥ୍ୟ, ସୁଖ ଓ ଆନନ୍ଦ ବର୍ଦ୍ଧକ ରସଯୁକ୍ତ, ସ୍ନେହସିକ୍ତ, ସାରବାନ୍ ଖାଦ୍ୟର ପ୍ରିୟ ଅଟନ୍ତି । ରାଜସ ପ୍ରକୃତିର ବ୍ୟକ୍ତି ଅତି କଟୁ, ଅତିଖଟା, ଅତି ଲୁଣିଆ, ଅତି ଗରମ, ଅତିତୀକ୍ଷ୍ଣ, ଅତି ରୁକ୍ଷ ଓ ଅତି ବିଦାହୀ ଖାଦ୍ୟ ଖାଇବାକୁ ଭଲ ପାଆନ୍ତି । ତାମସିକ ବ୍ୟକ୍ତିମାନେ ରସହୀନ ଦୁର୍ଗନ୍ଧ, ବାସି ଅଇଁଠା ଓ ଅମେଧ୍ୟ ପ୍ରଭୃତି ଖାଦ୍ୟ ଖାଇବାକୁ ଭଲ ପାଆନ୍ତି । ସେହିପରି ଯଜ୍ଞ, ଦାନ ଓ ତପ ମଧ୍ୟ ତିନିପ୍ରକାର । ଶାରୀରିକ, ମାନସିକ ଓ ବାଚିକ ଭେଦରେ ତପ ମଧ୍ୟ ତିନି ପ୍ରକାର ହୁଏ । ଓଁ ତତ୍ ସତ୍ – ଏହି ତିନୋଟି ଶବ୍ଦ ବ୍ରହ୍ମଙ୍କୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୁଝାଏ । ଏଥିରୁ ବ୍ରାହ୍ମଣ, ବେଦ ଓ ଯଜ୍ଞର ସୃଷ୍ଟି । 'ଓଁ' ବ୍ରହ୍ମଙ୍କର ଏହି ନାମ ଉଚ୍ଚାରଣ କରି ବ୍ରହ୍ମଜ୍ଞମାନେ ଧର୍ମାନୁଷ୍ଠାନ କରିଥାନ୍ତି । ସେହିଭଳି ମୁକ୍ତିକାମୀମାନେ 'ତତ୍' ଶବ୍ଦ ଉଚ୍ଚାରଣ କରି ନିଷ୍କାମ ଭାବରେ ସମସ୍ତ କର୍ମ କରିଥାନ୍ତି । ' ସତ୍ ' ଶବ୍ଦ ବ୍ରହ୍ମଙ୍କୁ ବୁଝାଏ । ଏଣୁ ଶୁଭକର୍ମ ମାନଙ୍କରେ ମଧ୍ୟ ଏହାର ବ୍ୟବହାର ପ୍ରଚଳିତ ଅଛି । ଶ୍ରଦ୍ଧା ବା ଆସ୍ତିକ୍ୟବୁଦ୍ଧି ସମସ୍ତ ଧର୍ମକାର୍ଯ୍ୟର ପ୍ରାଣସ୍ୱରୂପ । ଶ୍ରଦ୍ଧା ସହିତ ଅନୁଷ୍ଠିତ କର୍ମ ମଙ୍ଗଳଦାୟକ ହୋଇଥାଏ । ଅଶ୍ରଦ୍ଧାରେ କରାଯାଉଥିବା ଯଜ୍ଞ, ଦାନ ଓ ତପ ନିଷ୍ଫଳ ହୁଏ । ଅଶ୍ରଦ୍ଧ କର୍ମ ଇହଲୋକ ଓ ପରଲୋକ ଉଭୟରେ ଅସତ୍ ରୂପରେ ପ୍ରତିଷ୍ଠା ଲାଭ କରେ ।

ବ୍ରହ୍ମାନନ୍ଦଂ ପରମ ସୁଖଦଂ କେବଳଂ ଜ୍ଞାନମୂର୍ତ୍ତିମ୍
ଦ୍ୱନ୍ଦ୍ୱାତୀତଂ ଗଗନସଦୃଶଂ ତତ୍ତ୍ୱମସ୍ୟାଦି ଲକ୍ଷ୍ୟମ୍
ଏକଂ ନିତ୍ୟଂ ବିମଳମଚଳଂ ସର୍ବଧୀ ସାକ୍ଷୀଭୂତମ୍
ଭାବାତୀତଂ ତ୍ରିଗୁଣରହିତଂ ସଦ୍ ଗୁରୁଂ ତ୍ୱାଂ ନମାମି ।

ଗ୍ରା/ପୋ-କୟାଁ, ଥା-ମଙ୍ଗଳପୁର, ଜି-ଯାଜପୁର
ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୯
ଦୂରଭାଷା - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସମୟ ହାତରେ ଡୋରି



ଆଲୋକ ମେହେର

କିଛି ପାଇବାକୁ ହେଲେ କିଛି ହରେଇବାକୁ ପଡ଼ିଥାଏ । ଦେଖ କଥାଟା ସତ୍ୟ ହୋଇପାରେ, କିନ୍ତୁ ମୁଁ ମୋର ନିଜସ୍ୱ ମତରୁ କିଛି କହୁଛି ତାକୁ ବୁଝିବାକୁ ଟିକେ ଚେଷ୍ଟା କରିବ, ଖରାପ ଭାବିବନି ।

ପ୍ରିୟେ ଶୁଣ ! ଭଗବାନ ମଣିଷକୁ ଗଢ଼ିଛନ୍ତି ଏବଂ ଏହି ସଂସାରରେ ତାକୁ ଦୁଇଟି ଜିନିଷର ସ୍ୱାଧୀନତା ଦେଇଛନ୍ତି । ଗୋଟେ ପ୍ରେମ କରିବାର ଏବଂ ଅନ୍ୟଟି କର୍ମ କରିବାର । ଏହି ଦୁଇଟି ତା'ର ନିଜସ୍ୱ ବୋଲି ମୁଁ ବିଚାର କରେ ।

ପ୍ରେମର ମାଧ୍ୟମରେ ସେ ଅନେକ ଲୋକଙ୍କର ହୋଇଯାଏ । ଏହି ପ୍ରେମ କହିଲେ ବର୍ତ୍ତମାନ ସମୟର ପ୍ରେମ (ଘନଘନ-ବ୍ୟବଧାନ-ଅନ୍ତର୍ଦ୍ଧାନ) କୁ ବୁଝାଏ ନାହିଁ, ଏ ପ୍ରେମ ସେ ପ୍ରେମ ଅଟେ ଯାହା ସଭିଙ୍କୁ ନେଇକି ହୋଇଥାଏ, ସେ ଯିଏ ବି ହେଇଥାଉ, ମଣିଷ ହେଉ କି ପଶୁ କି ପ୍ରାକୃତିକ ପରିବେଶ ତଥା ଭିନ୍ନ ଭିନ୍ନ ଦ୍ରବ୍ୟ । ଏହି ପ୍ରେମ ବଳରେ ତାଙ୍କୁ ଆମେ ଆମ ପାଖେ ପାଖେ ସବୁବେଳେ ରଖିଥାଉ ମନରେ ନହେଲେ ଆଖି ସାମ୍ନାରେ, ତେଣୁ କରିତ ତାକୁ ଯଦି ଆମଠାରୁ କିଏ ନେଇଯାଏ କି ସେ ଆମଠୁ ଦୂରକୁ ଯାଏ ତାହେଲେ ମନଟା ଚାହୁଁ ନ ଥିଲେ ମଧ୍ୟ ତାଠାରୁ ଦୂରେଇ ଯିବାକୁ ହୁଏ । ଏହି କାରଣରୁ ଅନେକ ବିଷାଦ, ହତାଶ ଆଦି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାବ ଜନ୍ମେ; କିନ୍ତୁ କଣ କରିବା, ଏହା ସେହି ଭଗବାନଙ୍କ ପ୍ରକୃତିର ଗୋଟାଏ ଧରାବନ୍ଧା ନିୟମ, ଏହି ନିୟମ ସମସ୍ତଙ୍କୁ ପାଳନ କରିବାକୁ ପଡ଼ିଥାଏ । ଏହି ନିୟମରେ ଆମରି ହିଁ ମଙ୍ଗଳ ଚାହିଥାନ୍ତି ସେ । କାରଣ ଗୋଟିଏ ନିରାଶା ହିଁ ଗୋଟିଏ ବଡ଼ କରିବାର ଆଶାକୁ ଜନ୍ମ ଦିଏ । ଯଦି ଗୋଟିଏ ମଣିଷ ଜୀବନରେ ଅସଫଳ ନ ହେଲେ କେବେ ସଫଳ ହେବାର ମୂଲ୍ୟକୁ ବୁଝି ପାରେନା, ଠିକ୍ ତୁମେ ବି ଟିକେ ବୁଝିବାକୁ ଚେଷ୍ଟା କର; ଯଦି ସେ ଜିନିଷ ଟା ତମଠୁ ଦୂରେଇ ଯାଉଛି, କିଛି କଥା ନାହିଁ; ସମୟ ଆସିଲେ ସେ ପୁଣି ଫେରି ଆସିବ ଗୋଟିଏ ବଡ଼ ଏବଂ ସୁନ୍ଦର ଅନୁଭୂତି ନେଇ । ତେଣୁକରି କହି ପାରିବା –

"ସମୟ ହାତରେ ଡୋରୀ
କେଉଁଠୁ କାହାକୁ ହସାଏ
କେଉଁଠୁ କାହାକୁ କନ୍ଦାଏ
ସବୁଠି ରହିଛି ପୁରି
ସମୟ ହାତରେ ଡୋରୀ ।"

ଅସୁମାରୀ କୋହକୁ ଚାପିଧରି
ମନରେ ଖେଳୁଥାଏ ହୁରି
ସର୍ବତ୍ର ଥାଏ ସେ ପୁରି
ସମୟ ହାତରେ ଡୋରୀ ।

କେତେ ଅଭିମାନୀ ମନ
ନିଜ ଅଭିମାନରେ ହୁଏ ଗର ଗର
ମାନ ଭାଙ୍ଗିଲେ ପାରେ ସେ ଧରି
ସମୟ ହାତରେ ଡୋରୀ ।

ଘନ ଘନ ଆସିଥାଏ
ମଧ୍ୟ ଅନ୍ତରରେ ବିଚାରେ
ଧିରେ ଧିରେ ବ୍ୟବଧାନରେ ଯାଏ ସେ ସରି
ସମୟ ହାତରେ ଡୋରୀ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଅକ୍ଟୋବର ୨୦୨୩

ଲେଖା ପଠାଇବାର ଶେଷ ତାରିଖ : ୩ ଅକ୍ଟୋବର ୨୦୨୩

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ମୋତେ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁ ଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଅନେକ ବନ୍ଧୁ ଲେଖା ପଠାଇବା ବେଳେ ଲେଖାକୁ ଇମେଲ୍‌ର ସବଜେକ୍ଟ ଲାଇନ୍‌ରେ ଲେଖି ଦେଉଛନ୍ତି, ଏଥିପ୍ରତି ସତର୍କ ରହିବେ । ଲେଖା ମେସେଜ୍ ବକ୍ସରେ ହିଁ ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ଅନେକଥର ଅନୁରୋଧ କରିବା ସତ୍ତ୍ୱେ ଯେଉଁ ଲେଖକ ଲେଖିକାମାନେ ନିଜର ଏକାଧିକ ଲେଖା ଆମ ଇମେଲ୍ ଠିକଣାରେ ପ୍ରେରଣ କରୁଛନ୍ତି ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦେବାକୁ ଉଚିତ୍ ମନେ କରୁଛି ଯେ ଯଦି କୌଣସି ଇମେଲ୍ ଠିକଣାରୁ ବାରମ୍ବାର ଅନେକ ଲେଖା ଆମ ଇମେଲକୁ ଆସେ, ତା ହେଲେ ଗୁଗୁଲ୍ ମେଲ୍ ବକ୍ସ ସେଇ ସବୁ ଲେଖାକୁ ସ୍ପାମ୍ ବା ଅନାବଶ୍ୟକ ଲେଖା ଭାବି ଆମର ମୁଖ୍ୟ ଇନବକ୍ସରୁ ହଟେଇ ଦେଇପାରେ ଯାହା ଫଳରେ ଆପଣଙ୍କ ଲେଖା ଆଦୌ ପ୍ରକାଶିତ ହୋଇ ପାରିବ ନାହିଁ । ତେଣୁ କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପ୍ରତ୍ୟେକ ମାସରେ ପ୍ରେରଣ କରନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**


ଆମ ଇମେଲ୍ ଠିକଣା :


**aahwaan@gmail.com**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ୍ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।







ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି ଇମେଲ୍ କିମ୍ବା Microsoft Word File ରେ ହିଁ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

**https://anchor.fm/aahwaan**

Listen to Odia Podcast on https://anchor.fm/aahwaan